# ଧରିତ୍ରୀ
DHARITRI

ଭୁବନେଶ୍ୱର, ରବିବାର, ଜାନୁୟାରୀ ୨୨/୨୦୨୩ (୧୬ ପୃଷ୍ଠା+ଛୁଟିଦିନ) | Bhubaneswar, Sunday, January 22/2023 | Page 16 | ₹ 7.00

୪୯ଶ ଭାଗ ୬୦ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 49 ISSUE 60 | ମୂଲ୍ୟ₹୭/-




**ଶାମିଙ୍କ ପ୍ରଭାବୀ ବୋଲିଂ**

ନ୍ୟୁଜିଲାଣ୍ଡ ବିପକ୍ଷ ଦ୍ୱିତୀୟ ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟରେ ପ୍ରଭାବୀ ବୋଲିଂ କରି ମହମ୍ମଦ ଶାମି ପ୍ଲେୟର ଅଫ୍ ଦି ମ୍ୟାଚ ହୋଇଛନ୍ତି।

୧୬

୦୨

**କ୍ରିସ୍ ହିପ୍‌କିନ୍ସ ହେବେ ନ୍ୟୁଜିଲାଣ୍ଡ ପ୍ରଧାନମନ୍ତ୍ରୀ**

ଜେସିଣ୍ଡା ଆର୍ଡେର୍ନଙ୍କ ଇସ୍ତଫା ପରେ ନ୍ୟୁଜିଲାଣ୍ଡର ଶିକ୍ଷାମନ୍ତ୍ରୀ କ୍ରିସ୍ ହିପ୍‌କିନ୍ସ ପରବର୍ତ୍ତୀ ପ୍ରଧାନମନ୍ତ୍ରୀ ହେବାକୁ ଯାଉଛନ୍ତି।



# ଅନୁଦାନପ୍ରାପ୍ତ କଲେଜ ଶିକ୍ଷକଙ୍କ ଦରମା ବଢ଼ିଲା

## କ୍ୟାବିନେଟରେ ୧୨ ପ୍ରସ୍ତାବକୁ ମୋହର

ଭୁବନେଶ୍ୱର,୨୧।୧(ବ୍ୟୁରୋ)

ରାଜ୍ୟର ଅନୁଦାନପ୍ରାପ୍ତ ବେସରକାରୀ କଲେଜ, ମାଧ୍ୟମିକ ସ୍କୁଲ ଶିକ୍ଷକ ଓ କର୍ମଚାରୀଙ୍କ ପାଇଁ ରାଜ୍ୟ ସରକାର ସଂଶୋଧିତ ସପ୍ତମ ବେତନ କମିଶନ ହାରରେ ଅନୁଦାନ ବ୍ୟବସ୍ଥା ଲାଗୁ କରିଛନ୍ତି। ଶିକ୍ଷକ ଓ କର୍ମଚାରୀମାନେ ସଂଶୋଧିତ ହାରରେ ଦରମା ପାଇବେ। ୨୦୨୨ ଜାନୁୟାରୀ ପହିଲାରୁ ଏହାକୁ ପିଛିଲା ଭାବେ ଲାଗୁ କରାଯାଇଛି। ଏଥିରେ ରାଜ୍ୟର ୧୫,୭୭୧ ଜଣ ଶିକ୍ଷକ ଓ କର୍ମଚାରୀ ଉପକୃତ ହେବେ। ଏଥିପାଇଁ ସରକାର ବାର୍ଷିକ ୨୯୦ କୋଟି ଟଙ୍କା ବ୍ୟୟ କରିବେ। ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଦିଆଯାଇଥିବା ଏହି ପ୍ରସ୍ତାବକୁ ଶନିବାର ରାଜ୍ୟ କ୍ୟାବିନେଟର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଅନୁମୋଦନ କରାଯାଇଛି।

ଅନୁଦାନପ୍ରାପ୍ତ ବେସରକାରୀ କଲେଜ, କନିଷ୍ଠ ମହାବିଦ୍ୟାଳୟ ଓ ମାଧ୍ୟମିକ ବିଦ୍ୟାଳୟ ଶିକ୍ଷକ ଓ କର୍ମଚାରୀମାନେ ଓଡ଼ିଶା ସହାୟକ ଅନୁଦାନ ଆଦେଶ -୨୦୧୭ ଜରିଆରେ ଓଡ଼ିଶା ସଂଶୋଧିତ ବେତନ ହାର ନିୟମ-୨୦୦୮ ଅନୁଯାୟୀ ଅନୁଦାନ ପାଇଆସୁଥିଲେ। ସେମାନଙ୍କ ପାଇଁ ୨୦୧୮ ଜାନୁୟାରୀ ପହିଲାରୁ ଅନୁଦାନ (ସଂଶୋଧନ) ନୀତି-୨୦୨୨ ଦ୍ୱାରା ଓଡ଼ିଶା ସଂଶୋଧିତ ବେତନ ହାର ନିୟମ-୨୦୧୭କୁ ଲାଗୁ କରାଯାଇଥିଲା। ମାତ୍ର ଉକ୍ତ ଶିକ୍ଷକ ଓ କର୍ମଚାରୀମାନେ ୨୦୨୨ ଜାନୁୟାରୀ ପହିଲାରୁ ସଂଶୋଧିତ ହାରରେ ଦରମା ପାଉଥିଲେ। ଏହାଦ୍ୱାରା ୬୬୨ ବର୍ଗ

- **ସପ୍ତମ ବେତନ କମିଶନ ହାରରେ ମିଳିବ ଦରମା**
- **ଉପକୃତ ହେବେ ୧୫,୭୭୧ କର୍ମଚାରୀ**
- **୨୦୨୨ ଜାନୁୟାରୀ ପହିଲାରୁ ଲାଗୁ ହେବ**
- **ବାର୍ଷିକ ଖର୍ଚ୍ଚ ହେବ ୨୯୦ କୋଟି**

କଲେଜ କର୍ମଚାରୀ ଓ ୪୮୮ ବର୍ଗ କଲେଜ ଅଧ୍ୟାପକ ଓ କର୍ମଚାରୀ କ୍ଷତିଗ୍ରସ୍ତ ହେଉଥିଲେ। ଏହାକୁ ନେଇ କର୍ମଚାରୀ ମହଲରେ ତୀବ୍ର ଅସନ୍ତୋଷ ଦେଖାଦେଇଥିଲା। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଓଡ଼ିଶା ସଂଶୋଧିତ ବେତନ ହାର ନିୟମ-୨୦୧୭କୁ ଆଧାର କରି ୨୦୧୮ ଜାନୁୟାରୀ ପହିଲା ପରିବର୍ତ୍ତେ ୨୦୨୨ ଜାନୁୟାରୀ ପହିଲାରୁ ସଂଶୋଧିତ ହାରରେ ବେତନ ଦେବାକୁ ନିଷ୍ପତ୍ତି ନେଇଛନ୍ତି। ଏହାଦ୍ୱାରା ୨୦୧୮ ପରିବର୍ତ୍ତେ ପ୍ରକୃତ ବର୍ଦ୍ଧିତ ହାର ୨୦୨୨ ଜାନୁୟାରୀ ପହିଲାରୁ ଲାଗୁ କରାଯାଇଛି। ଏହି ସଂଶୋଧିତ ନୀତି ଲାଗୁ ହେବା ପରେ ପୂର୍ବରୁ କ୍ୟାବିନେଟରେ ନିଆଯାଇଥିବା ଓଡ଼ିଶା ଅନୁଦାନ(ସଂଶୋଧନ) ନୀତି-୨୦୨୨କୁ ବାତିଲ କରାଯାଇଛି। ଏଥିସହିତ ଶନିବାର ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ ବୈଠକରେ ମୋଟ ୧୨ଟି ପ୍ରସ୍ତାବ ଉପରେ ମୋହର ଲାଗିଛି।

## ୩ ଜିଲାରେ ହେବ ୯ ମେଗା ପାନୀୟ ଜଳ ପ୍ରକଳ୍ପ

ଭୁବନେଶ୍ୱର,୨୧।୧(ବ୍ୟୁରୋ)

ଜଳ ଜୀବନ ମିଶନ (ଜେଜେଏମ୍) ଯୋଜନାରେ ରାଜ୍ୟର ଗ୍ରାମାଞ୍ଚଳରେ ବାସ କରୁଥିବା ଜନସାଧାରଣଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବାକୁ ରାଜ୍ୟ ସରକାର ପ୍ରାଥମିକତା ଦେଉଛନ୍ତି। ରାଜ୍ୟର ଯାଜପୁର, ମାଲକାନଗିରି ଓ ନୟାଗଡ଼ ଜିଲାରେ ୯ଟି ବୃହତ୍ ପାନୀୟ ଜଳ ପ୍ରକଳ୍ପ ନିର୍ମାଣ ହେବ। ଏଥିପାଇଁ ରାଜ୍ୟ ସରକାର ୧୩୪୧.୮୫ କୋଟି ଟଙ୍କା ଖର୍ଚ୍ଚ କରିବେ। ଏହି ପ୍ରକଳ୍ପ କାର୍ଯ୍ୟକ୍ଷମ ହେଲେ ୩ ଜିଲାର ୯ ବ୍ଲକ ଅଧୀନ ୧୩୨୨ ଗ୍ରାମର ୭ ଲକ୍ଷ ୫୪ ହଜାର ଲୋକଙ୍କୁ ବିଶୁଦ୍ଧ ପାନୀୟ ଜଳ

- **ଖର୍ଚ୍ଚ ହେବ ୧୩୪୧.୮୫ କୋଟି**
- **୭ ଲକ୍ଷ ୫୪ ହଜାର ଲୋକଙ୍କୁ ମିଳିବ ବିଶୁଦ୍ଧ ପାନୀୟ ଜଳ**
- **୨ ବର୍ଷରେ ପ୍ରକଳ୍ପ କାର୍ଯ୍ୟ ଶେଷ କରିବାକୁ ଲକ୍ଷ୍ୟ**

ମିଳିବ। ପ୍ରକଳ୍ପଗୁଡ଼ିକ ୨ ବର୍ଷ ମଧ୍ୟରେ ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି। ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ଦିଆଯାଇଥିବା ଏହି ପ୍ରସ୍ତାବକୁ ଶନିବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ☞ପୃଷ୍ଠା-୪

## ଏସ୍‌ଇବିସିରେ ସାମିଲ ହେବେ ୨୨ ଜାତି

ଓବିସି କମିଶନ ଆଇନରେ ସଂଶୋଧନ ପାଇଁ ଆସିଥିବା ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟ ମଞ୍ଜୁରୀ ମିଳିଛି। ଏହାଦ୍ୱାରା ରାଜ୍ୟର ୨୨ ଜାତିକୁ ସାମାଜିକ ଓ ଅର୍ଥନୈତିକ ପଛୁଆ ବର୍ଗ(ଏସ୍‌ଇବିସି) ତାଲିକାରେ ଅନ୍ତର୍ଭୁକ୍ତ କରାଯାଇପାରିବ। ବର୍ତ୍ତମାନ ଓଡ଼ିଶାରେ ୨୨ଟି ଜାତି କେନ୍ଦ୍ର ସରକାରଙ୍କ ବିଭିନ୍ନ ବିଜ୍ଞପ୍ତି ମାଧ୍ୟମରେ ଓଡ଼ିଶା ପାଇଁ ଅନ୍ୟାନ୍ୟ ପଛୁଆ ବର୍ଗ (ଓବିସି) ତାଲିକାଭୁକ୍ତ ହୋଇଥିଲେ ମଧ୍ୟ ରାଜ୍ୟର ସାମାଜିକ ଓ ଅର୍ଥନୈତିକ ପଛୁଆ ବର୍ଗ(ଏସ୍‌ଇବିସି) ତାଲିକାରେ ଅନ୍ତର୍ଭୁକ୍ତ ହୋଇପାରିନାହାନ୍ତି। ଏସ୍‌ଇବିସିରେ ଉକ୍ତ ଜାତିଗୁଡ଼ିକୁ ସାମିଲ କରିବା ପାଇଁ ଓଡ଼ିଶା ପଛୁଆ ବର୍ଗ ଆୟୋଗ ଅଧିନିୟମ-୧୯୯୩ର ଧାରା-କ ଅଧୀନରେ ଥିବା ଉପଧାରା-୩କୁ ସଂଶୋଧନ କରାଯିବ।



ତାମିଲନାଡୁର ଧରମପୁରୀରେ ଶନିବାର ଆୟୋଜିତ ପାରମ୍ପରିକ କ୍ରୀଡ଼ା 'ଜାଲିକାଲ୍ଲୁ'ରେ ଭାଗନେଇଥିବା ଏକ ଷଣ୍ଢକୁ ନିୟନ୍ତ୍ରଣ କରିବାକୁ ଲୋକେ ଉଦ୍ୟମ କରୁଛନ୍ତି।

## ଆଜି ଭାରତ-ନ୍ୟୁଜିଲାଣ୍ଡ କ୍ରସ୍ ଓଭର

ଭୁବନେଶ୍ୱର, ୨୧।୧ (କ୍ରୀଡ଼ା ପ୍ରତିନିଧି)

**ହକି ବିଶ୍ୱକପ୍**




ଚଳିତ ହକି ବିଶ୍ୱକପ୍‌ର ଗ୍ରୁପ୍ ପର୍ଯ୍ୟାୟ ଶେଷ ହୋଇଛି। ୪ଟି ଗ୍ରୁପ୍‌ରେ ଶୀର୍ଷସ୍ଥାନରେ ରହି ଅଷ୍ଟ୍ରେଲିଆ, ବେଲ୍‌ଜିୟମ, ନେଦରଲାଣ୍ଡ୍ସ ଓ ଇଂଲଣ୍ଡ ସିଧାସଳଖ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ନିୟମ ଅନୁସାରେ ଅନ୍ୟ ୪ଟି ସ୍ଥାନ କ୍ରସ୍ ଓଭର ମ୍ୟାଚରୁ ପୂରଣ ହେବ। ଏହି ପର୍ଯ୍ୟାୟର ମ୍ୟାଚ ରବିବାର ଓ ସୋମବାର ଅନୁଷ୍ଠିତ ହେବ। ପୁଲ୍ 'ଡି'ରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବାରୁ ଭାରତ ସିଧାସଳଖ କ୍ୱାର୍ଟର ଫାଇନାଲ ଯୋଗ୍ୟତା ପାଇନାହିଁ। ତେଣୁ ରବିବାର ଘରୋଇ ଦଳକୁ କ୍ରସ୍ ଓଭର ମ୍ୟାଚରେ ପୁଲ୍ 'ସି'ର ତୃତୀୟ ସ୍ଥାନୀୟ ଦଳ ନ୍ୟୁଜିଲାଣ୍ଡ ସହ ମୁକାବିଲା କରିବାକୁ ପଡ଼ିବ। ନ୍ୟୁଜିଲାଣ୍ଡକୁ ହରାଇ ପାରିଲେ ଭାରତ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିବ। ସୋମବାର ଅନ୍ୟ ଏକ କ୍ରସ୍ ଓଭର ମ୍ୟାଚ ପୁଲ୍ 'ସି'ର ଦ୍ୱିତୀୟ ମାଲେସିଆ ଓ ପୁଲ୍ 'ଡି'ର ତୃତୀୟ ଦଳ ସ୍ପେନ୍ ମଧ୍ୟରେ ଅନୁଷ୍ଠିତ ହେବ। ଏହି ମ୍ୟାଚର ବିଜେତା ମଧ୍ୟ କ୍ୱାର୍ଟର ଫାଇନାଲ ଯୋଗ୍ୟତା ପାଇବ।

ଗ୍ରୁପ୍ ପର୍ଯ୍ୟାୟରେ ଧିମା ଖେଳ ଭାରତର ଅଗ୍ରଗତିକୁ ଜଟିଳ କରିଛି। ବିଶେଷ କରି ଗୋଲ ସ୍କୋରିଂରେ ବିଫଳତା ଦଳକୁ ବ୍ୟାକ୍‌ଫୁଟ୍‌ରେ ରଖିଛି। ସ୍ପେନ୍ ବିପକ୍ଷରେ ୨-୦ ଗୋଲରେ ବିଜୟ ସହ ଭାରତ ଅଭିଯାନ ଆରମ୍ଭ କରିଥିଲା। ଅନେକ ସୁଯୋଗ ପାଇ ମଧ୍ୟ ଦଳ ଏହାର ସଦୁପଯୋଗ କରିପାରି ☞ପୃଷ୍ଠା-୪

## ହାତରେ ଲାଗିଲା ଗୋଡ଼ ଆଙ୍ଗୁଠି

**ଏସ୍‌ସିବି ମେଡିକାଲରେ ବିରଳ ଅସ୍ତ୍ରୋପଚାର**

କଟକ ଅଫିସ,୨୧।୧

କଟକ ଏସ୍‌ସିବି ମେଡିକାଲରେ ଏକ ବିରଳ ଅସ୍ତ୍ରୋପଚାର କରାଯାଇଛି। ଡାହାଣ ହାତର ବୁଢ଼ା ଆଙ୍ଗୁଠି ହରାଇଥିବା ଜଣେ ଯୁବକଙ୍କର ପ୍ଲାଷ୍ଟିକ ସର୍ଜରି ମାଧ୍ୟମରେ ଗୋଡ଼ ଆଙ୍ଗୁଠି ରୋପଣ କରାଯାଇଛି। ଯୁବକ ଜଣକ ହେଲେ ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ବାଲିମେଦ ପଞ୍ଚାୟତ ଅଧୀନ ପାଇକସାହି ଗ୍ରାମର ପୁରୁଷୋତ୍ତମ ବାରିକଙ୍କ ପୁତ୍ର ସୀତାକାନ୍ତ ବାରିକ(୨୬)। ଏସ୍‌ସିବି ମେଡିକାଲର ପ୍ଲାଷ୍ଟିକ ସର୍ଜରି ବିଭାଗରେ ଏଭଳି ବିରଳ ଅସ୍ତ୍ରୋପଚାର ମାଗଣା କରାଯାଇଛି। ଯାହାକି ଘରୋଇ ଭାବେ କରାଗଲେ ୨ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇପାରେ ବୋଲି ଜଣାଯାଇଛି। ଗତ ୧୨ ତାରିଖରେ ଏହି ଅସ୍ତ୍ରୋପଚାର ହୋଇଥିବାବେଳେ ୬ ସପ୍ତାହ ପରେ ଏହାର କାର୍ଯ୍ୟକାରିତା ଜଣାଯିବ ବୋଲି ବିଭାଗୀୟ ମୁଖ୍ୟ ପ୍ରଫେସର ଡା. ବିଭୂତି ଭୂଷଣ ନାୟକ ଶନିବାର ଏସ୍‌ସିବି ମେଡିକାଲ ପରିସରରେ ଆୟୋଜିତ ☞ପୃଷ୍ଠା-୪



ସୀତାକାନ୍ତ ବାରିକ

## ଡାକ୍ତରୀମାଇନା ପାଇଁ ୧୨ ଘଣ୍ଟା ଅପେକ୍ଷା

କେନ୍ଦୁଝର,୨୧।୧(ସ୍ୱ.ପ୍ର.)

**ମହିଳାଙ୍କୁ ଗଣବଳାତ୍କାର ମାମଲା**

କେନ୍ଦୁଝର ଆନନ୍ଦପୁର ଉପଖଣ୍ଡ ଅନ୍ତର୍ଗତ ସୋସୋ ଥାନା ଅଞ୍ଚଳରେ ମହିଳାଙ୍କୁ ଗଣବଳାତ୍କାର ଘଟଣାରେ ଡାକ୍ତରୀମାଇନା ପାଇଁ ପୀଡ଼ିତାଙ୍କୁ ୧୨ଘଣ୍ଟା ଅପେକ୍ଷା କରିବାକୁ ପଡ଼ିଥିଲା। ଡାକ୍ତରଖାନାର ସୀମା ବିବାଦକୁ ନେଇ ସେ ପୋଲିସ ଭ୍ୟାନ୍‌ରେ ଦିନ ସାରା ବସି ରହିବାକୁ ନେଇ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ଏଭଳି ଘଟଣାକୁ ନେଇ ବିଭିନ୍ନ ମହଲରେ ଉଦ୍‌ବେଗ ପ୍ରକାଶ ପାଇଛି। ପ୍ରକାଶଯୋଗ୍ୟ, ଗତ ୧୯ ତାରିଖ (ଗୁରୁବାର) ସକାଳେ ପୀଡ଼ିତାଙ୍କୁ ଧରି ପୋଲିସର ଏକ ଟିମ୍ ଆନନ୍ଦପୁର ଉପଖଣ୍ଡ ଡାକ୍ତରଖାନାକୁ ଡାକ୍ତରୀ ମାଇନା ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ଖାଲି ଡ୍ରାମା**

## ୧.୨୫ ଲକ୍ଷ କୋଟିର ଜିଏସ୍‌ଟି ଜାଲିଆତି ଅଭିଯୋଗ

କୋଲକାତା,୨୧।୧

- **ଟ୍ୟାକ୍ସ ବ୍ୟବସ୍ଥାର ଭବିଷ୍ୟତକୁ ନେଇ ଚିନ୍ତାବ୍ୟକ୍ତ କଲେ ଅର୍ଥନୀତିଜ୍ଞ**
- **ମାତ୍ରାଧିକ ବିଜ୍ଞପ୍ତି ଜିଏସ୍‌ଟି ଜାଲିଆତି ମାମଲାକୁ ଜଟିଳ କରିଛି**

ଦ୍ରବ୍ୟ ଏବଂ ସେବା ଟିକସ (ଜିଏସ୍‌ଟି) କାର୍ଯ୍ୟକାରୀ ହେବାଠାରୁ ଏପର୍ଯ୍ୟନ୍ତ ୧.୨୫ ଲକ୍ଷ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଜାଲିଆତି ହୋଇଥିବା ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀଙ୍କ ମୁଖ୍ୟ ଉପଦେଷ୍ଟା ଅର୍ଥନୀତିଜ୍ଞ ଅମିତ୍ ମିତ୍ର ଅଭିଯୋଗ କରିଛନ୍ତି। କୋଲକାତାସ୍ଥିତ ପଶ୍ଚିମବଙ୍ଗ ନ୍ୟାଶନାଲ ୟୁନିଭର୍ସିଟି ଅଫ୍ ଜୁରିଡିକାଲ ସାଇନ୍ସ (ଡବ୍ଲୁବିଏନ୍‌ୟୁଜେଏସ୍)ରେ ଆୟୋଜିତ ଜାତୀୟ ସମ୍ମିଳନୀକୁ ଉଦ୍‌ବୋଧନ ଦେବାବେଳେ ମିତ୍ର ଜିଏସ୍‌ଟି ସଫଳତାକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ୟୁଆଇଡିଏଆଇର ପୂର୍ବତନ ଅଧ୍ୟକ୍ଷ ନନ୍ଦନ ନିଲେକାନିଙ୍କ ସୂଚନାକୁ ଆଧାର କରି ସେ କହିଥିଲେ, ୨୦୨୦ ସୁଦ୍ଧା ୭୦ ହଜାର କୋଟି ଟଙ୍କା ଜିଏସ୍‌ଟି ଜାଲିଆତି ହୋଇଥିଲା। ୨୦୨୦ ପରେ ୫୫ ହଜାର କୋଟି ଟଙ୍କାର ଜାଲିଆତି ହୋଇଥିବା ଜଣାପଡ଼ିଛି। ୨୦୨୦ ପର୍ଯ୍ୟନ୍ତ ହୋଇଥିବା ଜାଲିଆତିରୁ ୩୮,୭୭୧ କୋଟି ଟଙ୍କା ଇନ୍‌ପୁଟ୍ ଟ୍ୟାକ୍ସ କ୍ରେଡିଟ୍ ଜାଲିଆତି ହୋଇଥିବାବେଳେ ଅବଶିଷ୍ଟ ଜାଲିଆତି ମାମଲା ଅଘୋଷିତ ରହିଛି। ଟ୍ୟାକ୍ସ କ୍ରେଡିଟ୍ ଜାଲିଆତିକୁ ନେଇ ୪୨,୦୦୦ ମାମଲା ରହିଥିବାବେଳେ ଅଘୋଷିତ ମାମଲା ସଂଖ୍ୟା ୨୨,୩୦୦। ଜିଏସ୍‌ଟିରେ ଅନେକ ବିଜ୍ଞପ୍ତି ଏହି ମାମଲାଗୁଡ଼ିକୁ ଜଟିଳ କରିଥିବା ମିତ୍ର କହିଛନ୍ତି। ବର୍ତ୍ତମାନ ସୁଦ୍ଧା ଜିଏସ୍‌ଟିକୁ ନେଇ ୭୪୧ ବିଜ୍ଞପ୍ତି ଜାରି ହୋଇଛି। ସେଥିରୁ ୩୯୫ଟି କେନ୍ଦ୍ରୀୟ ଟିକସ ବିଜ୍ଞପ୍ତି। ବାରମ୍ବାର ଟିକସ ହାରରେ ପରିବର୍ତ୍ତନ ଏବଂ ଏକାଧିକ ଫର୍ମ ମଧ୍ୟ ଟ୍ୟାକ୍ସ ବ୍ୟବସ୍ଥାକୁ ଜଟିଳ କରିଦେଇଛି। ଜିଏସ୍‌ଟି ପାଇଁ ମୋଟ ୧୭୮ ପ୍ରକାର ଫର୍ମ ରହିଛି। ଏମ୍‌ଏସ୍‌ଏମ୍‌ଇ ସେକ୍ଟର ଭାରତୀୟ ଅର୍ଥନୀତିର ଅନ୍ୟତମ ମେରୁଦଣ୍ଡ ହୋଇଥିବାବେଳେ ଅନେକ ଏମ୍‌ଏସ୍‌ଏମ୍‌ଇ ସେକ୍ଟର ପଞ୍ଜୀକରଣରୁ ବାଦ୍ ପଡ଼ିବା ଆଶ୍ଚର୍ଯ୍ୟ କରିଛି। ଜିଏସ୍‌ଟି କାଉନ୍‌ସିଲ ଏକ ସଂଘୀୟ ବ୍ୟବସ୍ଥା ଦ୍ୱାରା ପରିଚାଳିତ ହେବା ଉଚିତ ବୋଲି ପଶ୍ଚିମବଙ୍ଗର ପୂର୍ବତନ ଅର୍ଥମନ୍ତ୍ରୀ ମିତ୍ର ମତ ଦେଇଛନ୍ତି। ଏବେ ସେଠାରେ ବହୁମତ ଦୃଷ୍ଟିକୋଣ ରହିଛି, ଯାହା ଭବିଷ୍ୟତରେ ବିଷମୟ ଏବଂ ଉଗ୍ର ହୋଇପାରେ ବୋଲି ମିତ୍ର ଆଶଙ୍କା ବ୍ୟକ୍ତ କରିଛନ୍ତି। ୨୦୧୭ରେ ନୂଆ ଟିକସ ବ୍ୟବସ୍ଥା ଜିଏସ୍‌ଟି ଆରମ୍ଭ ହୋଇଥିଲା। ୫ ବର୍ଷରେ ଜିଏସ୍‌ଟି କାଉନସିଲ୍‌ର କାର୍ଯ୍ୟ ପରିବର୍ତ୍ତନ ହୋଇଗଲା। ଏବେ ଜିଏସ୍‌ଟି କାଉନସିଲ୍ ଦେଶର ଏକମାତ୍ର ସଂସ୍ଥା ଯାହା ସମ୍ପୂର୍ଣ୍ଣ ସଂଘୀୟ, ଯେଉଁଥିରେ କେନ୍ଦ୍ର ଅର୍ଥମନ୍ତ୍ରୀ ଅଧ୍ୟକ୍ଷ ଥିବାବେଳେ ୩୧ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ମନ୍ତ୍ରୀ ସଦସ୍ୟ ରହିଛନ୍ତି। ଅନ୍ୟ ସଂଘୀୟ ସଂସ୍ଥାଗୁଡ଼ିକ ଅବକ୍ଷୟ ଚିନ୍ତାଜନକ ବୋଲି ମିତ୍ର କହିଛନ୍ତି।




## ପୁରୁଣା ପାର୍ଲାମେଣ୍ଟ ବିଲ୍ଡିଂରେ ଉଦ୍‌ବୋଧନ ଦେବେ ରାଷ୍ଟ୍ରପତି

ପାର୍ଲାମେଣ୍ଟର ବଜେଟ ଅଧିବେଶନ ଜାନୁୟାରୀ ୩୧ରୁ ହେବାକୁ ଯାଉଥିବାବେଳେ ପ୍ରଥମ ଦିନରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଉଭୟ ଗୃହର ମିଳିତ ଅଧିବେଶନକୁ ସମ୍ବୋଧିତ କରିବେ। ଏହା ପୁରୁଣା ପାର୍ଲାମେଣ୍ଟ ଭବନରେ ହେବ ବୋଲି ଲୋକ ସଭା ବାଚସ୍ପତି ଓମ୍ ବିର୍ଲା ସୂଚନା ଦେଇଛନ୍ତି। ଅବଶିଷ୍ଟ ଅଧିବେଶନ ନୂଆ ବିଲ୍ଡିଂରେ ହେବ କି ନାହିଁ ତାହା ସେ ସ୍ପଷ୍ଟ କରିନାହାନ୍ତି। ନୂଆ ପାର୍ଲାମେଣ୍ଟ ବିଲ୍ଡିଂ ଏବେ ନିର୍ମାଣାଧୀନ ଥିବା ବିର୍ଲା ଟୁଇଟ୍ କରିଛନ୍ତି।

## ସଂକ୍ଷେପରେ

### ଜମ୍ମୁରେ ବିସ୍ଫୋରଣ: ୭ ଆହତ

**ନରୱାଲ,୨୧ା୧:** ଜମ୍ମୁ-କଶ୍ମୀରର ନରୱାଲରେ ଶନିବାର ଲଗାତର ୨ଟି ବିସ୍ଫୋରଣ ଘଟି ୭ ଜଣ ଆହତ ହୋଇଛନ୍ତି। ସକାଳ ପ୍ରାୟ ୧୧ଟା ସମୟରେ ପ୍ରଥମ ବିସ୍ଫୋରଣ ହୋଇଥିବାବେଳେ ଏଥିରେ ୫ ଜଣ ଆହତ ହୋଇଥିବା କୁହାଯାଉଛି। ଏହାର ଅଧଘଣ୍ଟା ପରେ ଆଉ ଏକ ବିସ୍ଫୋରଣ ହୋଇଥିଲା, ଯେଉଁଥିରେ୨ ଜଣ ଆହତ ହୋଇଥିଲେ। ବିସ୍ଫୋରଣ ପଛରେ ଆତଙ୍କୀ ସଙ୍ଗଠନ ଲଶ୍କର-ଇ-ତୋଇବାର ହାତ ଥିବା ପୋଲିସ ସନ୍ଦେହ କରୁଛି। ପ୍ରତି ଆହତଙ୍କୁ ୫୦,୦୦୦ ଟଙ୍କାର ସହାୟତା ରାଶି ପ୍ରଦାନ କରାଯିବା ନେଇ ସରକାର ଘୋଷଣା କରିଛନ୍ତି। ତେବେ ବିସ୍ଫୋରଣ ଭିଆଇଥିବା ବ୍ୟକ୍ତିଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଉପରାଜ୍ୟପାଳ ମନୋଜ ସିହ୍ନା କହିଛନ୍ତି।

### ବୋମା ଭୟ: ଉଜ୍‌ବେକିସ୍ତାନ ଗଲା ମସ୍କୋ-ଗୋଆ ବିମାନ

**ନୂଆଦିଲ୍ଲୀ,୨୧ା୧:** ରୁଷିଆ ରାଜଧାନୀ ମସ୍କୋରୁ ୨୪୦ ଯାତ୍ରୀଙ୍କୁ ନେଇ ଗୋଆ ଅଭିମୁଖେ ଆସୁଥିବା ଏକ ବିମାନରେ ବୋମା ରହିଥିବା ଇ-ମେଲ୍‌ରେ ସୂଚନା ମିଳିବା ପରେ ଏହାକୁ ଶନିବାର ଭୋର ସମୟରେ ଉଜ୍‌ବେକିସ୍ତାନକୁ ନିଆଯାଇଥିଲା। ଦକ୍ଷିଣ ଗୋଆର ଡାବୋଲିମ୍ ବିମାନବନ୍ଦରରେ ଆଜୁର ଏୟାରର ଉକ୍ତ ବିମାନ ଭୋର ୪ଟା ୧୫ ମିନିଟ ସମୟରେ ଅବତରଣ କରିଥାନ୍ତା। ରାତି ୧୨ଟା ୩୦ ମିନିଟ ସମୟରେ ବିମାନ ବନ୍ଦର ନିର୍ଦ୍ଦେଶକଙ୍କ ପାଖକୁ ଏକ ଇ-ମେଲ୍ ଆସିଥିଲା। ବିମାନରେ ବୋମା ଖଞ୍ଜାଯାଇଥିବା ଏଥିରେ ଉଲ୍ଲେଖ ଥିଲା। ଏହି ଖବର ପାଇବା ପରେ ବିମାନଟି ଭାରତୀୟ ବାୟୁସୀମାରେ ପ୍ରବେଶ କରିବା ପୂର୍ବରୁ ଏହାର ଦିଗ ବଦଳାଇ ଉଜ୍‌ବେକିସ୍ତାନ ନିଆଯାଇଥିଲା। ଏହାର ଦୁଇ ସପ୍ତାହ ପୂର୍ବରୁ ବୋମା ଭୟ ଯୋଗୁ ଅନ୍ୟ ଏକ ମସ୍କୋ-ଗୋଆ ବିମାନ ଗୁଜରାଟର ଜାମନଗର ବିମାନବନ୍ଦରରେ ଅବତରଣ କରାଯାଇଥିଲା।

### ସାଧାରଣତନ୍ତ୍ର ଦିବସରେ ଆକ୍ରମଣ ଧମକ ଦେଲେ ଖଲିସ୍ତାନୀ

**ନୂଆଦିଲ୍ଲୀ, ୨୧ା୧:** ୭୬ତମ ସାଧାରଣତନ୍ତ୍ର ଦିବସ ଅବସରରେ ଖଲିସ୍ତାନୀ ଦଳ ଶିଖ୍ ଫର ଜଷ୍ଟିସ୍ (ଏସ୍‌ଜେଏଫ୍) ଆକ୍ରମଣ ଧମକ ଦେଇଛି। ଏ ନେଇ ଆତଙ୍କବାଦୀ ଗୁରୁପତୱନ୍ତ ସିଂ ପନ୍ନୁ ସୋସିଆଲ ମିଡିଆରେ ଏକ ଭିଡିଓ ଶେୟାର କରିଛନ୍ତି। ୦୨୩ରେ ପଞ୍ଜାବକୁ ଭାରତରୁ ମୁକ୍ତ କରିବା ନେଇ ସେ ଦାବି କରିଛନ୍ତି। ଖଲିସ୍ତାନୀଙ୍କ ଟାର୍ଗେଟ୍‌ରେ ଦିଲ୍ଲୀ ଥିବାବେଳେ ସାଧାରଣ ନାଗରିକ ଘର ଭିତରେ ରୁହନ୍ତୁ। ଜାନୁୟାରୀ ୨୬ରେ ଲାଲକିଲ୍ଲାରେ ଯେଉଁବ୍ୟକ୍ତି ଖଲିସ୍ତାନୀ ପତାକା ଉଡ଼ାଇପାରିବେ ତାଙ୍କୁ ୫,୦୦,୦୦୦ ଡଲାର ଦିଆଯିବ। ଏ ନେଇ ଆଇନଜୀବୀ ବିନୀଥ୍ ଜିନ୍ଦଲ ଏସ୍‌ଜେଏଫ୍ ଏବଂ ପନ୍ନୁଙ୍କ ବିରୋଧରେ ସୁପ୍ରିମକୋର୍ଟରେ ଅଭିଯୋଗ କରିଛନ୍ତି।

### ୟୁକ୍ରେନ୍‌ରେ ଆମେରିକା ସିଲ୍‌ର ପୂର୍ବତନ ସଦସ୍ୟ ନିହତ



ଡାନିଏଲ୍ ଡବ୍ଲ୍ୟୁ. ସ୍ୱିଫ୍ଟ

**ୱାଶିଂଟନ,୨୧ା୧:** ଆମେରିକାର ସ୍ୱତନ୍ତ୍ର ବାହିନୀ ନେଭି ସିଲ୍‌ର ପୂର୍ବତନ ସଦସ୍ୟ ଡାନିଏଲ୍ ଡବ୍ଲ୍ୟୁ. ସ୍ୱିଫ୍ଟ ୟୁକ୍ରେନ୍‌ରେ ନିହତ ହୋଇଛନ୍ତି। ସେ ସେଠାରେ ଆନୁଷ୍ଠାନିକ ଭାବେ ଯୁଦ୍ଧ ଲଢୁ ନ ଥିଲେ ବୋଲି ଜଣେ ଆମେରିକୀୟ ଅଧିକାରୀ କହିଛନ୍ତି। ୨୦୧୯ ମାର୍ଚ୍ଚରୁ ଆମେରିକା ସୈନ୍ୟବାହିନୀ ରେକର୍ଡରେ ସ୍ୱିଫ୍ଟଙ୍କ ସମ୍ପର୍କରେ କିଛି ସୂଚନା ନ ଥିଲା। ତେବେ ସେ କ'ଣ ପାଇଁ ୟୁକ୍ରେନ୍‌ରେ ଥିଲେ ତାହା ଜଣା ନାହିଁ ବୋଲି ଅଧିକାରୀ ଜଣକ କହିଛନ୍ତି। ସ୍ୱିଫ୍ଟଙ୍କୁ ଗତ ବୁଧବାର ହତ୍ୟା କରାଯାଇଛି। ଯୁଦ୍ଧ ବେଳେ ସ୍ୱିଫ୍ଟଙ୍କ ବ୍ୟତୀତ ୟୁକ୍ରେନ୍‌ରେ ଅନ୍ୟ ୫ ଜଣ ଆମେରିକୀୟଙ୍କ ମୃତ୍ୟୁ ଘଟିଲାଣି ବୋଲି ପରରାଷ୍ଟ୍ର ବିଭାଗ ପକ୍ଷରୁ କୁହାଯାଇଛି।

# କ୍ରିସ୍ ହିପ୍‌କିନ୍ସ ନ୍ୟୁଜିଲାଣ୍ଡର ପରବର୍ତ୍ତୀ ପ୍ରଧାନମନ୍ତ୍ରୀ

**ୱେଲିଂଟନ୍,୨୧ା୧**



ନ୍ୟୁଜିଲାଣ୍ଡ ପ୍ରଧାନମନ୍ତ୍ରୀ ପଦରୁ ଇସ୍ତଫା ଦେବା ଲାଗି ଜେସିଣ୍ଡା ଆର୍ଡେର୍ନ ଘୋଷଣା କରିବା ପରେ ଦେଶର ଶିକ୍ଷାମନ୍ତ୍ରୀ କ୍ରିସ୍ ହିପ୍‌କିନ୍ସ ପରବର୍ତ୍ତୀ ପ୍ରଧାନମନ୍ତ୍ରୀ ହେବାକୁ ଯାଉଛନ୍ତି। ପ୍ରଧାନମନ୍ତ୍ରୀ ପଦ ପାଇଁ ସେ ଏକମାତ୍ର ପ୍ରାର୍ଥୀ ଭାବେ ଦୌଡ଼ରେ ପ୍ରବେଶ କରିଛନ୍ତି। ତଥାପି ୪୪ ବର୍ଷୀୟ ହିପ୍‌କିନ୍ସଙ୍କୁ ରବିବାର ପାର୍ଲାମେଣ୍ଟରେ ଲେବର ପାର୍ଟି ସଦସ୍ୟମାନଙ୍କ ସମର୍ଥନ ହାସଲ କରିବାକୁ ହେବ, ଯାହାକି ଏବେ ଏକ ଔପଚାରିକତା। ନ୍ୟୁଜିଲାଣ୍ଡ ପ୍ରଧାନମନ୍ତ୍ରୀ ପଦରେ ୫ ବର୍ଷରୁ ଊର୍ଦ୍ଧ୍ୱ ସମୟ ରହିବା ପରେ ଆର୍ଡେର୍ନ ଗୁରୁବାର ଇସ୍ତଫା ଘୋଷଣା କରି ସମସ୍ତଙ୍କୁ ସ୍ତବ୍ଧ କରିଦେଇଥିଲେ। ସେ ଏବେ ଦେଶର ନେତୃତ୍ୱ ନେବା ଲାଗି ସମର୍ଥ ନୁହନ୍ତି ବୋଲି କହିଥିଲେ। ପ୍ରଧାନମନ୍ତ୍ରୀ ପଦ ପାଇଁ ଅନ୍ୟ କେହି ପ୍ରାର୍ଥୀ ହୋଇ ନ ଥିବାରୁ ଲେବର ପାର୍ଟି ସଦସ୍ୟମାନେ ହିପ୍‌କିନ୍ସଙ୍କୁ ସମର୍ଥନ ଦେବା ସୂଚନା ମିଳୁଛି। ଦେଶରେ ସାଧାରଣ ନିର୍ବାଚନ ପୂର୍ବରୁ ହିପ୍‌କିନ୍ସ ପ୍ରଧାନମନ୍ତ୍ରୀ ପଦରେ ୮ ମାସରୁ କମ୍ ସମୟ ରହିବେ। ଲେବର ପାର୍ଟି ମୁଖ୍ୟ ବିରୋଧୀ ଦଳ ନ୍ୟାଶନାଲ ପାର୍ଟିକୁ ପରାସ୍ତ କରିବ ବୋଲି ଜନମତ ସର୍ଭେରୁ ସୂଚନା ମିଳିଛି।



ସାଧାରଣତନ୍ତ୍ର ଦିବସ ପୂର୍ବରୁ ଜମ୍ମୁକଶ୍ମୀରର କିସ୍ତିୱାରା ଜିଲାର ବରଫାବୃତ୍ତ ଚାତ୍ରୁ ଅଞ୍ଚଳରେ ଯବାନମାନେ ଶନିବାର ପାଟ୍ରୋଲିଂ କରୁଛନ୍ତି।

**ବିବିସି ଡକ୍ୟୁମେଣ୍ଟାରି ଶେୟାର**

# ଟୁଇଟ୍, ୟୁଟ୍ୟୁବ୍ ଭିଡିଓ ବ୍ଲକ୍ କଲା କେନ୍ଦ୍ର

**ନୂଆଦିଲ୍ଲୀ,୨୧ା୧(ପି.ଟି.)**




୨୦୦୨ ଗୁଜରାଟ ଦଙ୍ଗା ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଉପରେ ବିବିସି ପ୍ରସ୍ତୁତ କରିଥିବା ଡକ୍ୟୁମେଣ୍ଟାରି 'ଇଣ୍ଡିଆ: ଦି ମୋଦି କୋଶ୍ଚିନ୍' ଲିଙ୍କ୍‌ର ୟୁଟ୍ୟୁବ୍ ଭିଡିଓ ଏବଂ ଟୁଇଟର ପୋଷ୍ଟ ବ୍ଲକ୍ କରିବାକୁ କେନ୍ଦ୍ର ସରକାର ନିର୍ଦ୍ଦେଶ ଦେଇଛନ୍ତି। ସୂଚନା ପ୍ରଯୁକ୍ତି ନିୟମାବଳୀ, ୨୦୨୧ରେ ଦିଆଯାଇଥିବା ଜରୁରୀ କ୍ଷମତା ଅନୁଯାୟୀ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ସଚିବ ଅପୂର୍ବ ଚନ୍ଦ୍ରା ଶୁକ୍ରବାର ୫୦ଟି ଟୁଇଟ୍‌କୁ ବ୍ଲକ କରିବା ଲାଗି ନିର୍ଦ୍ଦେଶନାମା ଜାରି କରିଛନ୍ତି। ବିବିସିର ଉକ୍ତ ବିବାଦୀୟ ଡକ୍ୟୁମେଣ୍ଟାରିକୁ ଭାରତ ସମାଲୋଚନା କରିବା ପରେ ବ୍ରିଟିଶ ପ୍ରଧାନମନ୍ତ୍ରୀ ଋଷି ସୁନକ ନିଜକୁ ଏଥିରୁ ଦୂରେଇ ରଖିଥିଲେ। ତେବେ ଉକ୍ତ ଡକ୍ୟୁମେଣ୍ଟାରିକୁ ଅନେକ ଟୁଇଟ୍ କରିବା ସହ ୟୁଟ୍ୟୁବ୍ ଭିଡିଓ ଶେୟାର କରିଥିଲେ। ସେମାନଙ୍କ ମଧ୍ୟରେ ତୃଣମୂଳ କଂଗ୍ରେସ ଏମ୍‌ପି ଡେରେକ୍ ଓ'ବ୍ରିଏନ୍ ଏବଂ କେତେଜଣ ବିରୋଧୀ ଦଳ ନେତା ରହିଛନ୍ତି। କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶ ପରେ ସେହି ଟୁଇଟ୍ ଏବଂ ୟୁଟ୍ୟୁବ୍ ଭିଡିଓଗୁଡ଼ିକୁ ହଟାଇ ଦିଆଯାଇଛି।

**ବିଭେଦର ମଞ୍ଜି ବୁଣିବା ପାଇଁ ଉଦ୍ୟମ: ସରକାର**

ବହିର୍ବ୍ୟାପାର, ସ୍ୱରାଷ୍ଟ୍ର ଏବଂ ସୂଚନା ପ୍ରସାରଣ ସମେତ ବିଭିନ୍ନ ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀମାନେ ବିବିସି ଡକ୍ୟୁମେଣ୍ଟାରିକୁ ଅନୁଧ୍ୟାନ କରିବା ପରେ ଏହା ସରକାରଙ୍କ ସଚ୍ଚୋଟତା ଏବଂ ସୁପ୍ରିମକୋର୍ଟଙ୍କ ବିଶ୍ୱସନୀୟତା ଉପରେ ଆକ୍ଷେପ ଏବଂ ବିଭିନ୍ନ ସମ୍ପ୍ରଦାୟ ମଧ୍ୟରେ ବିଭେଦର ମଞ୍ଜି ବୁଣିବା ପାଇଁ ଉଦ୍ୟମ ବୋଲି ଜାଣିବାକୁ ପାଇଛନ୍ତି। ଭାରତରେ ବିଦେଶୀ ସରକାରଙ୍କ କାର୍ଯ୍ୟ ନିରାଧାର ଅଭିଯୋଗ ଆଣିଥିବା ସେମାନେ ମତ ଦେଇଛନ୍ତି। ଉକ୍ତ ଡକ୍ୟୁମେଣ୍ଟାରୀ ଭାରତର ସାର୍ବଭୌମତ୍ୱ ଏବଂ ସଂହତିକୁ ଅବମାନନା କରିବା ସହ ବିଦେଶୀ ରାଷ୍ଟ୍ର ସହିତ ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କକୁ ପ୍ରଭାବିତ କରିବା ପାଇଁ ଉଦ୍ଦିଷ୍ଟ ବୋଲି ସେମାନେ ଅଭିଯୋଗ କରିଛନ୍ତି। ପ୍ରଧାନମନ୍ତ୍ରୀ ମୋଦିଙ୍କ ଉପରେ ବିବିସିର ଡକ୍ୟୁମେଣ୍ଟାରିକୁ ୩୦୨ ଜଣ ପୂର୍ବତନ ବିଚାରପତି, ପୂର୍ବତନ ପ୍ରଶାସନିକ ଅଧିକାରୀ ଏବଂ ବରିଷ୍ଠ ନାଗରିକ ନିନ୍ଦା କରିଛନ୍ତି। ଏହା ଆମ ନେତାଙ୍କ ବିରୋଧରେ ଏକ ଅଭିପ୍ରେରିତ ଅଭିଯୋଗ ଫର୍ଦ୍ଦ ବୋଲି ସେମାନେ କହିଛନ୍ତି।

## ଚାଇନା ଜନସଂଖ୍ୟାର ୮୦% କୋଭିଡ୍ ସଂକ୍ରମିତ

**ନୂଆଦିଲ୍ଲୀ,୨୧ା୧(ପି.ଟି.)**

ଚାଇନାରେ ପୂର୍ବରୁ ଜିରୋ କୋଭିଡ୍ କଟକଣା ଯୋଗୁ ଲୋକେ ସେମାନଙ୍କ ପରିବାର ସଦସ୍ୟ ଓ ସମ୍ପର୍କୀୟମାନଙ୍କୁ ଭେଟିପାରୁ ନ ଥିଲେ। କଟକଣା ହଟିବା ପରେ ଲୁନାର ନୂଆବର୍ଷ ଲାଗି ଲକ୍ଷ ଲକ୍ଷ ଚାଇନିଜ୍ ସେମାନଙ୍କ ପରିବାର ସଦସ୍ୟଙ୍କୁ ଭେଟିବା ଲାଗି ବିଭିନ୍ନ ଅଞ୍ଚଳକୁ ଗସ୍ତ କରୁଛନ୍ତି। ତେଣୁ ଗ୍ରାମାଞ୍ଚଳରେ ସଂକ୍ରମଣ ଅତ୍ୟଧିକ ବଢ଼ିବା ଆଶଙ୍କା ସୃଷ୍ଟି ହୋଇଛି। ଜନସଂଖ୍ୟାର ୮୦% କୋଭିଡ୍‌ରେ ସଂକ୍ରମିତ ହୋଇଥିବା ଜଣେ ବୈଜ୍ଞାନିକ ଶନିବାର କହିଛନ୍ତି। ତେବେ ନିକଟରେ କୋଭିଡ୍‌ର ଆଉ ଏକ ଲହର ଆସିବା ସମ୍ଭାବନା ନ ଥିବା ଚାଇନା ସେଣ୍ଟର ଫର୍ ଡିଜିଜ୍ କଣ୍ଟ୍ରୋଲ ଆଣ୍ଡ ପ୍ରିଭେନଶନର ମୁଖ୍ୟ ମହାମାରୀ ବିଜ୍ଞାନୀ ୟୁ ଜୁନ୍ୟୁ କହିଛନ୍ତି।




କୋଲକାତାର ଏସ୍‌ପ୍ଲାନେଡ୍‌ଠାରେ ପୋଲିସ ଉପରକୁ ଆଇଏସ୍‌ଏଫ୍ କର୍ମୀ ଟେକା ଫିଙ୍ଗୁଛନ୍ତି।

# ପୋଲିସ-ଆଇଏସ୍‌ଏଫ୍ କର୍ମୀ ସଂଘର୍ଷ

**କୋଲକାତା,୨୧ା୧**

**ଅନେକେ ଆହତ, ୧୭ ଗିରଫ**

କେନ୍ଦ୍ରୀୟ କୋଲକାତାରେ ଇଣ୍ଡିଆନ୍ ସେକୁଲାର ଫ୍ରଣ୍ଟ (ଆଇଏସ୍‌ଏଫ୍) କର୍ମୀ ଏବଂ ସିଟି ପୋଲିସ ମଧ୍ୟରେ ଶନିବାର ଅପରାହ୍ନରେ ସଂଘର୍ଷ ଘଟି ଉଭୟ ପକ୍ଷରୁ ଅନେକେ ଆହତ ହୋଇଛନ୍ତି। ଆହତଙ୍କ ମଧ୍ୟରେ ୩ ବରିଷ୍ଠ ଆଇପିଏସ୍ ଅଫିସରଙ୍କ ସମେତ ୧୯ ପୋଲିସ କର୍ମଚାରୀ ଅଛନ୍ତି। ଏହି ଘଟଣା ପରେ ଆଇଏସ୍‌ଏଫ୍ ବିଧାୟକ ନୌଶାଦ ସିଦ୍ଦିକିଙ୍କ ସମେତ ୧୭ ଜଣଙ୍କୁ ପୋଲିସ ଗିରଫ କରିଛି। ଉତ୍ତ୍ୟକ୍ତ ଆଇଏସ୍‌ଏଫ୍ କର୍ମୀଙ୍କୁ ଘଉଡ଼ାଇବା ପାଇଁ ପୋଲିସ ଲାଠିଚାର୍ଜ କରିବା ସହ ଲୁହବୁହା ବାଷ୍ପ ପ୍ରୟୋଗ କରିଥିଲା।

ପୂର୍ବ କୋଲକାତାର ଭାଙ୍ଗୋରଠାରେ ଦଳୀୟ ପତାକା ଉତ୍ତୋଳନକୁ ନେଇ ଆଇଏସ୍‌ଏଫ୍ ଏବଂ ଶାସକ ତୃଣମୂଳ କଂଗ୍ରେସ କର୍ମୀଙ୍କ ମଧ୍ୟରେ ପ୍ରଥମେ ସଂଘର୍ଷ ଘଟିଥିଲା। ରାଲିରେ ଯାଉଥିବା ଆଇଏସ୍‌ଏଫ୍ କର୍ମୀଙ୍କ ଉପରେ ଶାସକ ଦଳର କର୍ମୀ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଆକ୍ରମଣ ପାଇଁ ଦାୟୀ ଟିଏମ୍‌ସି ନେତା ଓ କର୍ମୀଙ୍କୁ ଗିରଫ କରିବା ଦାବିରେ ଅପରାହ୍ନରେ ଆଇଏସ୍‌ଏଫ୍ କର୍ମୀ ଏସ୍‌ପ୍ଲାନେଡଠାରେ ରାସ୍ତା ଅବରୋଧ କରିଥିବାବେଳେ ପୋଲିସ ସେମାନଙ୍କୁ ହଟାଇବାକୁ ଯାଇ ଲାଠିଚାଳନା କରିବାରୁ ଉତ୍ତେଜନା ଦେଖାଦେଇଥିଲା। ଆଇଏସ୍‌ଏଫ୍ କର୍ମୀମାନେ ପୋଲିସ ଉପରକୁ ଟେକାମାଡ଼ କରିଥିଲେ।

## ହସ୍ପିଟାଲରେ ମୃତଦେହରୁ ଆଖି ଗାଏବ

**ଭୋପାଳ,୨୧ା୧**

ମଧ୍ୟପ୍ରଦେଶର ସାଗର ଜିଲାର ଡିଷ୍ଟ୍ରିକ୍ଟ ହସ୍ପିଟାଲର ଶବଗୃହରେ ଥିବା ୨ଟି ମୃତଦେହର ଗୋଟିଏ ଲେଖା ଆଖି ଗାଏବ ହୋଇଯାଇଛି। ମୂଷାମାନେ ଏପରି କରିଥିବା କୁହାଯାଉଛି। ଜାନୁୟାରୀ ୪ ତାରିଖରେ ଏ ନେଇ ପ୍ରଥମ ଘଟଣା ସାମ୍ନାକୁ ଆସିଥିବାବେଳେ ଗତ ୧୯ ତାରିଖରେ ସମାନ ଅଭିଯୋଗ ଆସିଥିଲା। ୩୨ ବର୍ଷୀୟ ମୋତିଲାଲଙ୍କୁ ଚିକିତ୍ସା ପାଇଁ ତାଙ୍କ ଘରଲୋକେ ଜିଲା ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ଡାକ୍ତରଖାନାରେ ପହଞ୍ଚିଲାବେଳକୁ ତାଙ୍କ ମୃତ୍ୟୁ ଘଟିସାରିଥିଲା। ମୋତିଲାଲଙ୍କ ପୋଷ୍ଟମର୍ଟମ୍ କରିବା ସମୟରେ ତାଙ୍କର ଗୋଟିଏ ଆଖି ନ ଥିବା ଡାକ୍ତର ଦେଖିବାକୁ ପାଇଥିଲେ। ସେହିପରି ୨୫ ବର୍ଷୀୟ ରମେଶ ଅହିୱାର ଜାନୁୟାରୀ ୧୬ରେ ଡାକ୍ତରଖାନାରେ ଆଡ୍‌ମିଟ୍ ହୋଇଥିଲେ। ତା' ପରଦିନ ତାଙ୍କ ମୃତ୍ୟୁ ଘଟିଥିଲା। ଫ୍ରିଜର ଭିତରୁ ଯେତେବେଳେ ରମେଶଙ୍କ ମୃତଦେହ କଢ଼ାଯାଇଥିଲା ସେତେବେଳେ ତାଙ୍କର ଗୋଟିଏ ଆଖି ନ ଥିଲା। ଏ ନେଇ ରେସିଡେଣ୍ଟ ମେଡିକାଲ ଅଫିସର ଡା. ଅଭିଷେକ ଠାକୁର କହିଛନ୍ତି, ମୂଷା ଏପରି କରିଥାଇପାରେ ବୋଲି ସନ୍ଦେହ କରାଯାଉଥିବାବେଳେ ଘଟଣାର ଯାଞ୍ଚ ଚାଲିଛି।

# ପାକିସ୍ତାନକୁ ବିଦେଶ ଜାହାଜ ସେବା ବନ୍ଦ ହୋଇପାରେ

**ଇସ୍‌ଲାମାବାଦ,୨୧ା୧(ପି.ଟି.)**

ପାକିସ୍ତାନ ସରକାର ଗୁରୁତର ଆର୍ଥିକ ସଙ୍କଟର ସମ୍ମୁଖୀନ ହୋଇଥିବାବେଳେ ଡଲାର ଅଭାବରୁ ବ୍ୟାଙ୍କଗୁଡ଼ିକ ଭଡ଼ା ଅର୍ଥ ପଠାଇବାକୁ ମନା କରିଦେଲେଣି। ତେଣୁ ଇସ୍‌ଲାମାବାଦକୁ ଜାହାଜ ସେବା ବନ୍ଦ କରିବା ଲାଗି ବିଦେଶୀ ଜାହାଜ ଚଳାଚଳ ସଂସ୍ଥାଗୁଡ଼ିକ ଚେତାବନୀ ଦେଇଛନ୍ତି। ଫଳରେ ସେଠାକୁ ସମସ୍ତ ରପ୍ତାନି ବନ୍ଦ ହେବାକୁ ଯାଉଥିବା ଏକ ଗଣମାଧ୍ୟମ ରିପୋର୍ଟରେ ପ୍ରକାଶ ପାଇଛି। ସୀମାବର୍ତ୍ତୀ ଦେଶଗୁଡ଼ିକ ବ୍ୟତୀତ ପାକିସ୍ତାନରୁ ସମସ୍ତ ଅନ୍ତର୍ଜାତୀୟ ଲଜିଷ୍ଟିକ୍ସ ସମୁଦ୍ର ପଥ ଦେଇ ହୋଇଥାଏ। ଏଥିରେ ପ୍ରତିବନ୍ଧକ ହେଲେ ଦେଶର ଅନ୍ତର୍ଜାତୀୟ ବାଣିଜ୍ୟ ପାଇଁ ଗୁରୁତର ପ୍ରସଙ୍ଗ ସୃଷ୍ଟି ହୋଇପାରେ ବୋଲି ପାକିସ୍ତାନ ଶିପ୍‌ସ ଏଜେଣ୍ଟସ ଆସୋସିଏଶନ (ପିଏସ୍‌ଏଏ)ର ଅଧ୍ୟକ୍ଷ ଅବଦୁଲ ରୌଫ୍ ପତ୍ର ଲେଖି ଅର୍ଥମନ୍ତ୍ରୀ ଇଶାକ ଦର୍‌ଙ୍କୁ ଜଣାଇଛନ୍ତି। ଯଦି ଅନ୍ତର୍ଜାତୀୟ ବାଣିଜ୍ୟ ବନ୍ଦ ହୋଇଯାଏ, ତେବେ ପାକିସ୍ତାନର ଆର୍ଥିକ ସ୍ଥିତି ଆହୁରି ଗମ୍ଭୀର ହୋଇଯିବ ବୋଲି ଆସୋସିଏଶନ ସତର୍କ କରାଇଦେଇଛି। ମାଲ୍ ପରିବହନ କମୁଥିବାରୁ ବିଦେଶୀ ଜାହାଜ ଚଳାଚଳ ସଂସ୍ଥାଗୁଡ଼ିକ ସେବା ବନ୍ଦ କରିବାକୁ ମନସ୍ଥ କରିସାରିଲେଣି। ପିଏସ୍‌ଏଏ ଅଧ୍ୟକ୍ଷ ଷ୍ଟେଟ୍ ବ୍ୟାଙ୍କ ଅଫ୍ ପାକିସ୍ତାନର ଗଭର୍ନର ଜମିଲ ଅହମଦ, ବାଣିଜ୍ୟ ମନ୍ତ୍ରୀ ସୟେଦ ନାଭିଦ ନମାର ଏବଂ ସମୁଦ୍ର ବ୍ୟାପାର ମନ୍ତ୍ରୀ ଫୈଜଲ ସବଜ୍ୱାରିଙ୍କୁ ପତ୍ର ଲେଖି ସେମାନଙ୍କ ହସ୍ତକ୍ଷେପ ଲୋଡ଼ିଛନ୍ତି।



# ୨୫୬ ଡାଇନୋସର ଅଣ୍ଡା ଜୀବାଶ୍ମ ଠାବ

**ଇନ୍ଦୋର,୨୧ା୧**

ମଧ୍ୟପ୍ରଦେଶର ଧରରୁ ବୈଜ୍ଞାନିକମାନେ ୨୫୬ଟି ଟାଇଟାନୋସର (ଉଦ୍ଭିଦ ଖାଉଥିବା ଡାଇନୋସର)ର ଜୀବାଶ୍ମ ଅଣ୍ଡା ଠାବ କରିଛନ୍ତି। ପାଖାପାଖି ୯୨ଟି ସ୍ଥାନରୁ ଏହି ଅଣ୍ଡା ମିଳିଛି। ଡାଇନୋସର ବିଶାଳ ଆକାରର ହୋଇଥିବାବେଳେ ବସବାସ କରୁଥିବା ସ୍ଥାନଠାରୁ ଦୂରରେ ଏମାନେ ଅଣ୍ଡା ଦେଇଥାନ୍ତି। ୧୦୦.୫ରୁ ୬୬ ନିୟୁତ ବର୍ଷ ପୂର୍ବେ ଏହି ଉଭୟଚର ପ୍ରାଣୀ ଦେଖିବାକୁ ମିଳୁଥିଲେ। ଉକ୍ତ ସ୍ଥାନର ସିଟିସ୍କାନ କରିବା ଲାଗି ବୈଜ୍ଞାନିକମାନଙ୍କ ପକ୍ଷରୁ ଯୋଜନା କରାଯାଉଛି। ଡାଇନୋସରଙ୍କ ଅଣ୍ଡାର ଆକୃତି କୁମ୍ଭୀର ଓ ଚଢ଼େଇଙ୍କ ଅଣ୍ଡା ସଦୃଶ ହୋଇଥିବା ଦିଲ୍ଲୀ



ୟୁନିଭର୍ସିଟି ପ୍ରଫେସର ହର୍ଷ ଧିମାନ କହିଛନ୍ତି। କୁମ୍ଭୀର ଅଣ୍ଡ ଦେଇସାରି ତାକୁ ପୋତି ଦେଉଥିବାବେଳେ ଡାଇନୋସର ମଧ୍ୟ ଏ ପରି କରୁଥିବା ଦେଖାଯାଇଛି। ତେବେ ଡାଇନୋସର ଶରୀର କୌଣସି ଅଙ୍ଗ ବା ହାଡ଼ ମିଳି ନ ଥିବାବେଳେ ବୈଜ୍ଞାନିକମାନେ ଏହାର ସନ୍ଧାନ ଚଳାଇଛନ୍ତି।

**ଆର୍‌ଏସ୍‌ଏସ୍‌ର ନେତାଜୀ ଜୟନ୍ତୀ ପାଳନ ଯୋଜନା**

# ଲିଗାସି ଫାଇଦା ଉଠାଇବାକୁ ଉଦ୍ୟମ

**କୋଲକାତା,୨୧ା୧(ପି.ଟି.)**

- ଝିଅ ଅନୀତା ବୋଷଙ୍କ ଅଭିଯୋଗ
- ନେତାଜୀଙ୍କ ନୀତି ଭାଜପା, ଆର୍‌ଏସ୍‌ଏସ୍ ବିଚାରଧାରାରେ ପ୍ରତିଫଳିତ ହେଉନାହିଁ

ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ୨୩ ତାରିଖରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜନ୍ମବାର୍ଷିକୀ ଧୁମ୍‌ଧାମରେ ପାଳନ କରିବା ଲାଗି ଯୋଜନା କରିଥିବାବେଳେ ତାଙ୍କ ଝିଅ ଅନୀତା ବୋଷ-ଫାଫ୍ ଏହାକୁ ସମାଲୋଚନା କରିଛନ୍ତି। ତାଙ୍କ ବାପାଙ୍କ ଲିଗାସିରୁ ଫାଇଦା ଉଠାଇବା ପାଇଁ ଆର୍‌ଏସ୍‌ଏସ୍ ଏଭଳି ଯୋଜନା କରିଥିବା ଅନୀତା କହିଛନ୍ତି। ଆର୍‌ଏସ୍‌ଏସ୍‌ର ବିଚାରଧାରା ଏବଂ ଜାତୀୟତାବାଦୀ ନେତା ସୁଭାଷ ବୋଷଙ୍କ ଧର୍ମନିରପେକ୍ଷ ଏବଂ ସମାବେଶୀ ଚିନ୍ତାଧାରା ମଧ୍ୟରେ ଆକାଶ ପାତାଳ ତଫାତ୍। ଦୁଇ ସମ୍ପୂର୍ଣ୍ଣ ଭିନ୍ନ ବିଚାରଧାରା



ଅନୀତା ବୋଷ-ଫାଫ୍

କେବେ ଏକାଠି ରହିପାରିବ ନାହିଁ। ନେତାଜୀଙ୍କ ଚିନ୍ତାଧାରା ଏବଂ କଂଗ୍ରେସର ବିଚାରଧାରା ମଧ୍ୟରେ ସାମଞ୍ଜସ୍ୟ ରହିଛି, ଯାହା ଅନ୍ୟ ଦଳରେ ବିଶେଷ ଦେଖାଯାଇ ନ ଥାଏ ବୋଲି ଅନୀତା ମତ ଦେଇଛନ୍ତି।

କୋଲକାତାର ଶହୀଦ ମିନାର ପଡ଼ିଆରେ ଆର୍‌ଏସ୍‌ଏସ୍ ମୁଖ୍ୟ ମୋହନ ଭାଗବତ ନେତାଜୀଙ୍କୁ ତାଙ୍କ ଜନ୍ମବାର୍ଷିକୀରେ ଶ୍ରଦ୍ଧାଞ୍ଜଳି ଦେବା ସହ ଏକ ସାଧାରଣ ସଭାରେ ଉଦ୍‌ବୋଧନ ଦେବା କାର୍ଯ୍ୟକ୍ରମ ରହିଛି। ନେତାଜୀ ଧର୍ମନିଷ୍ଠ ହିନ୍ଦୁ ଥିଲେ ମଧ୍ୟ ସେ ସବୁ ଧର୍ମକୁ ସମ୍ମାନ ଦେଉଥିଲେ, ଯାହା ଭାଜପା ଏବଂ ଆର୍‌ଏସ୍‌ଏସ୍‌ର ବିଚାରଧାରାରେ ପ୍ରତିଫଳିତ ହେଉନାହିଁ। ବିଭିନ୍ନ ଧର୍ମାବଲମ୍ବୀଙ୍କ ମଧ୍ୟରେ ଫଳପ୍ରଦ ସହଯୋଗ ସପକ୍ଷରେ ନେତାଜୀ ଥିଲେ। ନେତାଜୀ ବାମପନ୍ଥୀ ବିଚାରଧାରାର ହୋଇଥିବାବେଳେ ଆର୍‌ଏସ୍‌ଏସ୍ ଏବଂ ଭାଜପା ଦକ୍ଷିଣପନ୍ଥୀ ବୋଲି ଜର୍ମାନୀରୁ ଅନୀତା ଫୋନ୍ ଯୋଗେ ଏକ ଗଣମାଧ୍ୟମକୁ କହିଛନ୍ତି।

ନେତାଜୀଙ୍କ ଜନ୍ମବାର୍ଷିକୀକୁ ବିଭିନ୍ନ ସଙ୍ଗଠନ ଭିନ୍ନ ଭିନ୍ନ ଉପାୟରେ ପାଳନ କରିବାକୁ ଚାହୁଁଥିବାବେଳେ ସେମାନେ ତାଙ୍କ ବିଚାରଧାରା ସହ ସହମତ ହେବା ଆବଶ୍ୟକ। ତାଙ୍କ ବାପାଙ୍କ ଜନ୍ମବାର୍ଷିକୀକୁ ପାଳନ ଲାଗି ହେଉଥିବା ଜୋର୍‌ଦାର ପ୍ରଚାର ତାଙ୍କ ଲିଗାସୀକୁ ଉପଯୋଗ କରିବା ଲାଗି ଉଦ୍ଦିଷ୍ଟ ବୋଲି ଅନୀତା କହିଛନ୍ତି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ୨୨ ଜାନୁୟାରୀ, ୨୦୨୩



## ଶ୍ୟାମାଭକ୍ତ ମିଶ୍ର ଓପିଏସ୍‌ସି ସଦସ୍ୟ ନିଯୁକ୍ତ

ଭୁବନେଶ୍ୱର,୨୧।୧(ବ୍ୟୁରୋ): ରାଜ୍ୟ ସରକାର ବରିଷ୍ଠ ଓଏଏସ୍ ଅଫିସର ତଥା ବୟନିକାର ପରିଚାଳନା ନିର୍ଦ୍ଦେଶକ ଏବଂ ହସ୍ତତନ୍ତ ନିର୍ଦ୍ଦେଶକ ଦାୟିତ୍ୱରେ ଥିବା ଶ୍ୟାମାଭକ୍ତ ମିଶ୍ରଙ୍କୁ ଓଡ଼ିଶା ପବ୍ଲିକ ସର୍ଭିସ କମିଶନ(ଓପିଏସ୍‌ସି) ସଦସ୍ୟ ଭାବେ ନିଯୁକ୍ତ କରିଛନ୍ତି। ଶନିବାର ଏ ନେଇ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ସେ ଏହି ପଦବୀରେ ୬ ବର୍ଷ କିମ୍ବା ସର୍ବାଧିକ ୬୨ ବର୍ଷ ପର୍ଯ୍ୟନ୍ତ ରହିପାରିବେ।

# ବୁଝାମଣା ପାଇଁ ରାଜି ଅଛୁ: ଶ୍ରୀୟା

**ହ୍ୟୁମାନ ସାଗରଙ୍କ ଘରୋଇ କଳି ପ୍ରସଙ୍ଗ**

**ମଙ୍ଗଳବାର ମହିଳା ଥାନାରେ ହାଜର ହେବେ**




କଟକ ଅଫିସ,୨୧।୧

ଓଲିଉଡ୍ କଣ୍ଠଶିଳ୍ପୀ ହ୍ୟୁମାନ ସାଗର ଓ ତାଙ୍କ ସ୍ତ୍ରୀ ଶ୍ରୀୟା ମିଶ୍ରଙ୍କ ଘରୋଇ କଳି ପ୍ରସଙ୍ଗ ପୁଣିଥରେ ରୋଚକ ହୋଇଛି। ଶୁକ୍ରବାର ହ୍ୟୁମାନ ଓ ତାଙ୍କ ମା' ଶେଫାଳୀ ସୁନା ଗଣମାଧ୍ୟମରେ ବୟାନ ଦେଇ ଶ୍ରୀୟାଙ୍କୁ ଫେରାଇ ଆଣିବାକୁ ଚାହୁଁଛୁ ବୋଲି କହିଥିବାବେଳେ ଶନିବାର ଶ୍ରୀୟା ଗଣମାଧ୍ୟମରେ ମୁହଁ ଖୋଲିଛନ୍ତି। ସେ ବି କମ୍ପ୍ରମାଇଜ ବା ବୁଝାମଣା କରିବାକୁ ରାଜି ଅଛନ୍ତି କହିବା ସହ ସେପଟୁ (ହ୍ୟୁମାନଙ୍କ ପଟୁ) ସେତିକି ହାତ ବଢ଼ିବା ଦରକାର ବୋଲି କହିଛନ୍ତି। ଅପରପକ୍ଷରେ ୨ ଦିନର ମହଲତ ପରେ କଟକ ମହିଳା ଥାନାରେ ଉଭୟେ ହାଜର ହେବାକୁ ନିଷ୍ପତ୍ତି ହୋଇଥିବାରୁ ରବିବାର ସେମାନେ ହାଜର ହୋଇଥାନ୍ତେ। ହେଲେ ରବିବାର ସାପ୍ତାହିକ ଛୁଟିଦିନ ଓ ସୋମବାର ନେତାଜୀ ଜୟନ୍ତୀ ପାଇଁ ମୁଖ୍ୟମନ୍ତ୍ରୀ କଟକ ଆସୁଥିବାରୁ ପୋଲିସ ପକ୍ଷରୁ ମଙ୍ଗଳବାରକୁ ଏହି ମାମଲା ରଖାଯାଇଥିବା ସୂଚନା ମିଳିଛି।

ଶ୍ରୀୟାଙ୍କୁ ମନାଇବା ଲାଗି ହ୍ୟୁମାନ ଓ ତାଙ୍କ ମା' ଶେଫାଳୀ ଶୁକ୍ରବାର ଗଣମାଧ୍ୟମରେ ଯେଉଁ ବୟାନ ଦେଇଥିଲେ, ତାହାକୁ ଶ୍ରୀୟା ପୁଣି ଥରେ ଖଣ୍ଡନ କରିଛନ୍ତି। କମ୍ପ୍ରମାଇଜ୍ ପାଇଁ ରାଜି ଅଛୁ କହିଥିଲେ ବି ତାଙ୍କର ମନର କଥାକୁ ନିଃସଙ୍କୋଚରେ ପ୍ରକାଶ କରିବାକୁ କୁଣ୍ଠାବୋଧ କରିନାହାନ୍ତି। ହ୍ୟୁମାନ ଖ୍ରୀଷ୍ଟିଆନ ହୋଇଥିବାବେଳେ ଶ୍ରୀୟା ହିନ୍ଦୁ ବ୍ରାହ୍ମଣ ପରିବାରର କନ୍ୟା। ଶ୍ରୀୟାଙ୍କ କହିବାନୁସାରେ ସେ ସିନ୍ଦୂର, ଅଳତା ପିନ୍ଧିବାକୁ ଚାହୁଁଥିବାବେଳେ ତାଙ୍କୁ ପିନ୍ଧିବାକୁ ଦିଆଯାଉ ନ ଥିଲା। ଜଗନ୍ନାଥଙ୍କୁ ପୂଜା କରିବା ଓ ଅବଢ଼ା ଖାଇବାକୁ ଚାହୁଁଥିବାବେଳେ ଶାଶୁଘରେ ମନା କରନ୍ତି। ଧର୍ମ ପରିବର୍ତ୍ତନ କରିବାକୁ ଶାଶୁଘର ଲୋକ ବାଧ କରନ୍ତି। ଶ୍ରୀୟାଙ୍କ କନ୍ୟାସନ୍ତାନକୁ ନେଇ ଶାଶୁଘର ଲୋକ ଖୁସି ନ ଥିବା ସେ କହିଛନ୍ତି। ଝିଅ ହେବାରୁ ଶାଶୁଙ୍କର ବହୁତ ଅବସୋସ ହୋଇଥିଲା। ହ୍ୟୁମାନ ବି ଖୁସି ନ ଥିଲେ। ଯେଉଁଥିପାଇଁ ସେ ଝିଅ ସହ ଭଲ ସମ୍ପର୍କ ରଖନ୍ତି ନାହିଁ ଓ ମାଡ଼ ମାରନ୍ତି। ଏହାବାଦ ଆମ ଦୁହିଁଙ୍କ ମଧ୍ୟରେ ତୃତୀୟ ଲୋକ ବି ଅଛନ୍ତି। ତୃତୀୟ ଲୋକଙ୍କ ସହ ତାଙ୍କ ସମ୍ପର୍କର ପ୍ରତ୍ୟକ୍ଷଦର୍ଶୀ ମୁଁ ନିଜେ। ହ୍ୟୁମାନ ଓ ତାଙ୍କ ମା' ଉଭୟେ ନିର୍ଯାତନା ଦିଅନ୍ତି। ମୋ ସ୍ୱାମୀ ଜଣେ ସେଲିବ୍ରିଟି। ସେ ଏବେ ବଡ଼ ଗାୟକ, ତାଙ୍କ ନାଁରେ ଏତେବଡ଼ ଅଭିଯୋଗ ଆଣିବି। ମୁଁ ଚାହୁଁ ନ ଥିଲି ତାଙ୍କ ନାଁ ପଡୁ ବୋଲି। କିନ୍ତୁ ନିର୍ଯାତନା ଅସହ୍ୟ ହେବାରୁ ଥାନାକୁ ଗଲି। ସେଦିନ ବି ମହିଳା ଥାନାରେ କାଉନ୍‌ସେଲିଂକୁ ଯାଇଥିବାବେଳେ ସାଙ୍ଗରେ ଏଫ୍‌ଆଇଆର୍ ନେଇଥିଲି। ମାତ୍ର ସେଠାରେ ଏସିପି ସାର୍ ବୁଝାଇବା ପରେ ଫେରାଇ ଆଣିଛି। ହ୍ୟୁମାନ ମୋତେ ସ୍ତ୍ରୀର ମାନ୍ୟତା ଦେଇ ଫେରାଇ ନେଲେ ମୁଁ ନିଶ୍ଚିତ ତାଙ୍କ ପାଖକୁ ଯିବି ବୋଲି ଶ୍ରୀୟା କହିଛନ୍ତି।




# ୨୮ରେ ଅଭିଭାବକ-ଶିକ୍ଷକ ବୈଠକ

ଭୁବନେଶ୍ୱର, ୨୧।୧(ବ୍ୟୁରୋ)

ରାଜ୍ୟରେ ଆସନ୍ତା ୨୮ତାରିଖରେ ସମସ୍ତ ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ଉଚ୍ଚ ମାଧ୍ୟମିକ ସ୍କୁଲରେ ଅଭିଭାବକ-ଶିକ୍ଷକ ବୈଠକ ଅନୁଷ୍ଠିତ ହେବ। ଏ ନେଇ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ କମିଶନର ତଥା ସଚିବ ଅଶ୍ୱଥୀ ଏସ୍. ଶନିବାର ସମସ୍ତ ଜିଲା ଶିକ୍ଷାଧିକାରୀ ଏବଂ ଉଚ୍ଚ ମାଧ୍ୟମିକ ସ୍କୁଲ ଅଧ୍ୟକ୍ଷଙ୍କୁ ଚିଠି ଲେଖି ଜଣାଇଛନ୍ତି। ତେବେ ଏହି ବୈଠକକୁ କିପରି ସୁରୁଖୁରୁରେ ଆୟୋଜନ କରାଯିବ ସେ ନେଇ ମଧ୍ୟ ଚିଠିରେ ଉଲ୍ଲେଖ କରାଯାଇଛି। ଅଭିଭାବକ-ଶିକ୍ଷକ ବୈଠକ(ପିଟିଏମ୍) ପୂର୍ବରୁ ଏହାର ସୁପରିଚାଳନା ପାଇଁ ଶିକ୍ଷାନୁଷ୍ଠାନ କର୍ମଚାରୀ ଓ ଗଭର୍ଣ୍ଣିଂ ବଡି ପ୍ରଭୃତି ବୈଠକ କରିବେ। ପିଟିଏମ୍ ୨ଘଣ୍ଟା ଧରି ଫିଜିକାଲ ମୋଡ୍‌ରେ ହେବ। କିନ୍ତୁ ଯେତେ ସମ୍ଭବ ହେବ ସେଠାରେ ଅଭିଭାବକଙ୍କୁ ଭର୍ଚୁଆଲରେ ଅଂଶଗ୍ରହଣ କରିବା ପାଇଁ ଏକ ଲିଙ୍କ୍ ପଠାଇପାରିବେ। ସମସ୍ତ ଉଚ୍ଚ ମାଧ୍ୟମିକ ସ୍କୁଲ ଏହି ବୈଠକ ପାଇଁ ଏକ ବ୍ୟାନର କରିବେ। ପିଟିଏମ୍‌ର ଉପସ୍ଥାନ ଓ ପ୍ରୋସିଡିଙ୍ଗ ଆଦି ରେଜିଷ୍ଟରରେ ରହିବ। ଆର୍‌ଡିଇ, ଡିଇଓ, ଏଡିଇଓ, ଡିପିଓ ଏବଂ ବିଇଓ ପିଟିଏମ୍‌କୁ ମନିଟରିଂ କରିବେ। ବିଇଓମାନେ ଅଧ୍ୟକ୍ଷଙ୍କଠାରୁ ଅପରାହ୍ନ ୩ଟାସୁଦ୍ଧା ଉଚ୍ଚ ମାଧ୍ୟମିକ ସ୍କୁଲ ସ୍ତରର ରିପୋର୍ଟ ଡିଇଓଙ୍କୁ ପ୍ରଦାନ କରିବେ ଏବଂ ଡିଇଓମାନେ ରାଜ୍ୟକୁ ୪ଟା ସୁଦ୍ଧା ପଠାଇବେ। ଜିଲାସ୍ତରୀୟ ମନିଟରିଂ ପାଇଁ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ, ଓପେପା ଓ ସିଏଚ୍‌ଏସ୍‌ଇକୁ ଦାୟିତ୍ୱ ନ୍ୟସ୍ତ କରାଯାଇଛି। ଏ ସମସ୍ତ ନିର୍ଦ୍ଦେଶାବଳୀକୁ ପାଳନ କରି ଅଭିଭାବକ-ଶିକ୍ଷକ ବୈଠକକୁ ସୁରୁଖୁରୁରେ କରିବା ପାଇଁ ବିଭାଗ ପକ୍ଷରୁ କୁହାଯାଇଛି।

## ଇଟାଭାଟିରେ ନାବାଳକଙ୍କ ଉପରେ ଚଢ଼ିଗଲା ଟ୍ରାକ୍ଟର

- **ହତ୍ୟା ଅଭିଯୋଗ ଆଣିଲେ ମା'ବାପା**
- **ଉତ୍ତେଜନା, ପୋଲିସ ମୁତୟନ**

ଜଳେଶର, ୨୧।୧(ଡି.ଏନ.ଏ.)

ବାଲେଶ୍ୱର ଜିଲା ଜଳେଶ୍ୱର ତହସିଲ ଅଧୀନରେ ଗଢ଼ି ଉଠିଥିବା ବେଆଇନ ଇଟାଭାଟି ଅଞ୍ଚଳରେ ଶନିବାର ଖେଳୁଥିବା ବେଳେ ଏକ ୮ବର୍ଷର ବାଳକଙ୍କ ଉପରେ ଟ୍ରାକ୍ଟର ମାଡ଼ିଯାଇଥିଲା। ଏହି ଘଟଣାକୁ ନାବାଳକଙ୍କ ମା' ବାପା ସହଜରେ ଗ୍ରହଣ କରିପାରି ନ ଥିଲେ। ତାଙ୍କ ଉପରେ ଟ୍ରାକ୍ଟର ମଡାଇ ହତ୍ୟା କରାଯାଇଥିବା ଅଭିଯୋଗ କରି ଉତ୍ତେଜନା ସୃଷ୍ଟି କରିଥିଲେ। ପୋଲିସ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିବା ସହ ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି ପଠାଇଛି। ଏହାସହ ଟ୍ରାକ୍ଟର ଜବତ କରାଯାଇ ଘଟଣାସ୍ଥଳରେ ପୋଲିସ ମୁତୟନ ହୋଇଛନ୍ତି।

ଜଳେଶ୍ୱର ଥାନା ଶିଖରପୁରଠାରେ ଥିବା ଉକ୍ତ ଇଟାଭାଟିରେ ନାବାଳକଙ୍କ ମା' ବାପା ଶ୍ରମିକ ଭାବେ କାମ କରୁଥିଲେ। ଏମାନଙ୍କ ଘର ଝାଡ଼ଖଣ୍ଡରେ। ସକାଳ ପ୍ରାୟ ସାଢେ ୮ଟା ବେଳେ ପରମଜିତ ଓ ତାଙ୍କ ସ୍ତ୍ରୀ ଇଟାଭାଟିରେ କାମ ବ୍ୟସ୍ତ ଥିବା ବେଳେ ତାଙ୍କ ପୁଅ ଶୀବମ ପାଖରେ ଖେଳୁଥିଲେ। ଏହି ସମୟରେ ଏକ ମାଟି ବୋଝେଇ ଟ୍ରାକ୍ଟର ଚଢିଯାଇଥିଲା। ଘଟଣାସ୍ଥଳରେ ନାବାଳକଙ୍କ ମୃତ୍ୟୁ ହୋଇଯାଇଥିଲା।










## କ୍ୟାବିନେଟ ନିଷ୍ପତ୍ତିକୁ ସମନ୍ୱୟ ସମିତିର ସ୍ୱାଗତ

ଭୁବନେଶ୍ୱର,୨୧।୧(ବ୍ୟୁରୋ): ଅନୁଦାନପ୍ରାପ୍ତ ବେସରକାରୀ କଲେଜ ଅଧ୍ୟାପକ ଓ କର୍ମଚାରୀମାନଙ୍କୁ ୨୦୨୨ ଜାନୁୟାରୀ ପହିଲାରୁ ସଂଶୋଧିତ ସପ୍ତମ ବେତନ କମିଶନ ହାରରେ ଦରମା ଦେବାକୁ ଶନିବାର ରାଜ୍ୟ କ୍ୟାବିନେଟରେ ନିଷ୍ପତ୍ତି ନିଆଯାଇଛି । ଏହାଦ୍ୱାରା ୧୫ ହଜାରରୁ ଊର୍ଦ୍ଧ୍ୱ ଶିକ୍ଷକ ଓ କର୍ମଚାରୀ ଉପକୃତ ହେବେ। ରାଜ୍ୟ ସରକାରଙ୍କ ଏହି ନିଷ୍ପତ୍ତିକୁ ଅଧ୍ୟାପକ, କର୍ମଚାରୀ ସମନ୍ୱୟ ସମିତି ସଭାପତି ପବିତ୍ର ମହଲା ସ୍ୱାଗତ କରିଛନ୍ତି। ଏଥିପାଇଁ ସେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ବିଜେଡି ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ଉଚ୍ଚଶିକ୍ଷା ମନ୍ତ୍ରୀ ରୋହିତ ପୂଜାରୀ, ମୁଖ୍ୟ ଶାସନ ସଚିବ, ଉନ୍ନୟନ କମିଶନର, ଉଚ୍ଚଶିକ୍ଷା ପ୍ରମୁଖ ସଚିବଙ୍କୁ ସମିତି ପକ୍ଷରୁ ଧନ୍ୟବାଦ ଦେବା ସହ କୃତଜ୍ଞତା ଜ୍ଞାପନ କରିଛନ୍ତି ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଉଦୟ ବେଳେ ଅସ୍ତ ନାହିଁ**
**କି ଅସ୍ତ ବେଳେ ଉଦୟ ନାହିଁ।**

ସମୟ ଓ ପରିସ୍ଥିତି କେତେବେଳେ କାହାକୁ ନେଇ କେଉଁଠି ପହଞ୍ଚାଇ ଦେଇଥାଏ ତାହା କହି ହୋଇ ନ ଥାଏ। ସମୃଦ୍ଧି ବେଳେ ପତନ ଓ ପତନ ବେଳେ ସମୃଦ୍ଧିର ଅଭାବ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଉଡ଼ିଗଲେ ଗେଣ୍ଡାଳିଆ**
**ଝାଡ଼ିଦେଲେ ପର**
**ତୁ ଛାଡ଼ିଲୁ ବାପ, ଭାଇ**
**ମୁଁ ଛାଡ଼ିଲି ଘର।**

କୁହାଯାଏ ପ୍ରେମ ଦୁଇ ମନର ପବିତ୍ର ମିଳନ। ଏହା ମାନେନା ଆଙ୍କଟ, ବାଧା କିମ୍ବା ବନ୍ଧନ। ପାରିବାରିକ ସ୍ୱୀକୃତି ଥାଉ ବା ନ ଥାଉ ଦୁଇ ପ୍ରେମୀ ମୁକ୍ତ ବିହଙ୍ଗ ହୋଇ ଉଡ଼ିବାକୁ ହୋଇ ଉଠନ୍ତି ବ୍ୟାକୁଳ। ସମସ୍ତ ସୀମା ସରହଦ ଡେଇଁ ଦୁଇ ପ୍ରେମୀ ପରସ୍ପର ସାନ୍ନିଧ୍ୟ ପାଇଁ ବ୍ୟାକୁଳ ହୋଇ ଉଠୁଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ:

# ସରକାରୀ ଖାତାକୁ ଫେରିଲା ଜେଏସ୍‌କୋର ୫୦୬ ଏକର ଜମି

**ରାୟଗଡ଼ା ଅଫିସ/ ରାୟଗଡ଼ା(ସ୍ୱ.ପ୍ର.),୨୧।୧**

- ହାଇକୋର୍ଟ, ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶରେ ଦଖଲ ପ୍ରକ୍ରିୟା ଆରମ୍ଭ
- ବିକାଶ କାର୍ଯ୍ୟରେ ହେବ ସହାୟକ

ରାୟଗଡ଼ା ଜିଲାବାସୀଙ୍କ ପାଇଁ ଶନିବାର ଏକ ଐତିହାସିକ ଦିନ। ଜୟପୁର ସୁଗାର କମ୍ପାନୀ(ଜେଏସ୍‌କୋ) ଲିମିଟେଡ୍ ଦଖଲରେ ଥିବା ୫୦୬ ଏକର ସିଲିଂ ଜମି ପ୍ରଶାସନ ନିଜ ଦଖଲକୁ ନେଇଛି। ଦଖଲ ପାଇଁ ଚିହ୍ନଟ ହୋଇଥିବା ଜମିଗୁଡ଼ିକରେ ପ୍ରଶାସନ ପକ୍ଷରୁ ନାଲିପତାକା ଲଗାଯିବା ସହ ଦଖଲ ପ୍ରକ୍ରିୟା ଆରମ୍ଭ ହୋଇଛି। ଏଥିସହ ରାଜସ୍ୱ ବିଭାଗର ଲ୍ୟାଣ୍ଡ ରେକର୍ଡ ମଧ୍ୟ ପରିବର୍ତ୍ତନ କରାଯାଇଛି। ଏବେ ସମସ୍ତ ଜମି ରାୟଗଡ଼ା ତହସିଲ ରେକର୍ଡରେ ସ୍ଥାନ ପାଇଛି। ଅତିରିକ୍ତ ଜିଲାପାଳ ସୋମନାଥ ପ୍ରଧାନଙ୍କ ନେତୃତ୍ୱରେ ରାୟଗଡ଼ା ଉପଜିଲାପାଳ ଭୀମସେନ ଶବର, ତହସିଲଦାର ତାପସ ରାଉତ ଏବଂ ଆର୍‌ଆଇଙ୍କ ସମେତ ତହସିଲ କାର୍ଯ୍ୟାଳୟର କର୍ମଚାରୀଙ୍କ ଉପସ୍ଥିତିରେ କମ୍ପାନୀ ଅଧୀନରେ ଥିବା ୧୦ ମୌଜାର ୫୦୬ ଏକର ଜମିକୁ ଦଖଲକୁ ନିଆଯାଇଛି। ଜେଏସ୍‌କୋ ଅଧୀନରେ ୧୦ ମୌଜାରେ ଜମି ରହିଥିବାବେଳେ ବାରିଝୋଲା ମୌଜାରେ ସର୍ବାଧିକ ୨୬୨.୯୨ ଏକର ଜମି ରହିଛି। ସେହିପରି ଶିରିଗୁଡ଼ାରେ ୧୧.୬୪ ଏକର, ଶିରିକଣା ୧୦.୧୮ ଏକର, ଚେକାଗଡ଼ା ୬.୦୯ ଏକର, ତୁମ୍ବିଗୁଡା ୧୫.୦୯ ଏକର, ଜୟରାମଗୁଡ଼ା ୨୦.୨ ଏକର, ରାଣୀଗୁଡ଼ା ୩୯.୭୨ ଏକର, ଖଲିଗୁଡ଼ା ୩.୩୪ ଏକର, ପିତାମହଲ ୨.୩୮ ଏକର ଏବଂ କୁମୁତଲପେଟା ମୌଜାରେ ୧୩୫.୧୩ ଏକରକୁ ମିଶାଇ ସର୍ବମୋଟ ୫୦୬.୬୯ ଏକର ଜମି ସରକାରୀ ଖାତାକୁ ଫେରିଛି। ପ୍ରକାଶଯୋଗ୍ୟ, ଜୟପୁର ସୁଗାର କମ୍ପାନୀ ଅଧୀନରେ ୭୮୭ ଏକର ଜମି ରହିଥିବା ବେଳେ କମ୍ପାନୀ ବନ୍ଦ ପଡ଼ିଛି। ତଥାପି ଜମି ଫେରାଇବା ବଦଳରେ କମ୍ପାନୀ କର୍ତ୍ତୃପକ୍ଷ କୋର୍ଟ କଚେରି କରି ଜମି ଫେରାଉ ନ ଥିଲେ। ରାୟଗଡ଼ାର ବିକାଶକୁ ଦୃଷ୍ଟିରେ ରଖି ସମସ୍ତ ସ୍ତରରେ ଉଦ୍ୟମ ପରେ ଶେଷରେ ପ୍ରଶାସନ ଜମି ସରକାରୀ ଖାତାକୁ ଫେରାଇ ଆଣିବାରେ ସଫଳ ହୋଇଛି। ସୂଚନାଯୋଗ୍ୟ, ୧୯୭୪ରେ ଚିନି କାରଖାନା ପାଇଁ ୭୮୭ ଏକର ଜମି ଅଧିଗ୍ରହଣ ହୋଇଥିଲା। ତେବେ ସେଥିମଧ୍ୟରୁ କମ୍ ଜମି ବ୍ୟବହାର କରି ଜେଏସ୍‌କୋ କାରଖାନା ପ୍ରତିଷ୍ଠା କରିଥିଲା। ବଳକା ଜମିରେ ବ୍ୟବସାୟିକ ଚାଷ କରାଯାଉଥିଲା। ବଳକା ଜମି ଫେରାଇବାକୁ ଜିଲା ପ୍ରଶାସନ ଜେଏସ୍‌କୋକୁ ଅବଗତ କରାଇବା ପରେ ମଧ୍ୟ ଜମି ଛାଡ଼ି ନ ଥିଲା। ଫଳରେ ଉଭୟ ଜେଏସ୍‌କୋ ଏବଂ ଜିଲା ପ୍ରଶାସନ ଅଦାଲତଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ଓ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ପରେ ୫୦୬.୬୯ ଏକର ଜମି ଏବେ ତହସିଲ ରେକର୍ଡ ଅନ୍ତର୍ଭୁକ୍ତ ହୋଇଛି। ସହରରେ ଜମି ଅଭାବରୁ ବିକାଶମୂଳକ କାର୍ଯ୍ୟରେ ବାଧା ଉପୁଜୁଥିଲା। ଏହି ଜମି ସରକାରୀ ଖାତାକୁ ଆସିବା ପରେ ମେଡିକାଲ କଲେଜ ଓ ଏୟାରପୋର୍ଟ ଭଳି ବୃହତ୍ ପ୍ରକଳ୍ପ ନିର୍ମାଣରେ ବ୍ୟବହାର କରାଯିବ ବୋଲି ସୂଚନା ମିଳିଛି।

# କ୍ୟାନ୍‌ସର ରୋଗୀ ରହଣି ପାଇଁ ୨ ଏକର ମାଗଣା ଜମି

**ଭୁବନେଶ୍ୱର,୨୧।୧(ବ୍ୟୁରୋ)**

କ୍ୟାନ୍‌ସର ରୋଗୀଙ୍କ ରହଣି ପାଇଁ ରାଜ୍ୟ ସରକାର ବାଗ୍‌ଚୀ ଶ୍ରୀଶଙ୍କର କ୍ୟାନ୍‌ସର କେୟାର ସେଣ୍ଟର ଓ ଗବେଷଣା ଅନୁଷ୍ଠାନକୁ ଖୋର୍ଦ୍ଧା ଜିଲା ଜଟଣୀ ତହସିଲ ଅନ୍ତର୍ଗତ ଚାନ୍ଦିହାତ ମୌଜାରେ ୨ ଏକର ଜମି ମାଗଣାରେ ଯୋଗାଇଦେବେ। ଚିକିତ୍ସା ବେଳେ ରୋଗୀ ରହିବା ପାଇଁ ଏହି ଜମିରେ ଘର ନିର୍ମାଣ କରାଯିବ। ଏହାଦ୍ୱାରା ରୋଗୀମାନେ କମ୍ ମୂଲ୍ୟରେ ଅଧିକ ଦିନ ରହି ଚିକିତ୍ସିତ ହୋଇପାରିବେ। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଦିଆଯାଇଥିବା ଏହି ପ୍ରସ୍ତାବକୁ ଶନିବାର ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ ବୈଠକରେ ଅନୁମୋଦନ କରାଯାଇଛି। ଅନ୍ୟପକ୍ଷରେ ବାଲେଶ୍ୱର ଜିଲାର ଜଳେଶ୍ୱର ସୁବର୍ଣ୍ଣରେଖା ନଦୀର ଗୋବରୀ ଘାଟଠାରେ ଏକ ସେତୁ ନିର୍ମାଣ ହେବ। ଏଥିପାଇଁ ଆହ୍ୱାନ କରାଯାଇଥିବା ୧୦୧ କୋଟି ୬୬ ଲକ୍ଷ ୩୪ ହଜାର ଟଙ୍କାର ଟେଣ୍ଡରକୁ କ୍ୟାବିନେଟ୍ ବୈଠକରେ ଅନୁମୋଦନ କରାଯାଇଛି।

- ଜଳେଶ୍ୱର ସୁବର୍ଣ୍ଣରେଖା ନଦୀରେ ହେବ ସେତୁ
- ୧୦୧.୬୬ କୋଟିର ଟେଣ୍ଡରକୁ ଅନୁମୋଦନ
- ୪ ଅଧିନିୟମ ସଂଶୋଧନ ପ୍ରସ୍ତାବକୁ କ୍ୟାବିନେଟ ମଞ୍ଜୁରୀ

ଏହାଦ୍ୱାରା ବାଲେଶ୍ୱର ଜିଲାର ଜଳେଶ୍ୱର ମ୍ୟୁନିସିପାଲିଟିଠାରୁ ଜଳେଶ୍ୱର ବ୍ଲକର ରାଇବଣିଆ ଏବଂ ମୟୂରଭଞ୍ଜ ଜିଲାର ରାସଗୋବିନ୍ଦପୁର ବ୍ଲକ ମଧ୍ୟରେ ଯାତାୟାତ ସୁବିଧା ହୋଇପାରିବ।

ସେହିପରି ଓଡ଼ିଶା ଗ୍ରୁପ୍-ବି କର୍ମଚାରୀ ନିଯୁକ୍ତି ଓ ସେବା ସର୍ତ୍ତରେ ସଂଶୋଧନ, ବାଣିଜ୍ୟ କର ଓ ଜିଏସ୍‌ଟି କମିଶନର ଏବଂ ଏହା ଅଧୀନରେ ଥିବା କାର୍ଯ୍ୟାଳୟଗୁଡ଼ିକରେ କାର୍ଯ୍ୟରତ ଡାଟାଏଣ୍ଟ୍ରି ଅପରେଟର ନିଯୁକ୍ତି ଅଧିନିୟମରେ ସଂଶୋଧନ ପ୍ରସ୍ତାବକୁ କ୍ୟାବିନେଟ ଅନୁମୋଦନ ଲାଭ କରିଛି। ହାଇକୋର୍ଟଙ୍କ ନିର୍ଦ୍ଦେଶାନୁସାରେ ରାଜ୍ୟ ସରକାର ଓଡ଼ିଶା ଡାଟାଏଣ୍ଟ୍ରି ଅପରେଟର୍ସ( ବାଣିଜ୍ୟ କର ତଥା ଦ୍ରବ୍ୟ ଓ ସେବା ଟିକସ ସଂଗଠନ) ସେବା ସର୍ତ୍ତ ନିୟମାବଳୀ-୨୦୨୩ କାର୍ଯ୍ୟକାରୀ କରିଛନ୍ତି। ଏହି ଅନୁଯାୟୀ ଡାଟାଏଣ୍ଟ୍ରି ଅପରେଟର୍ସ(ଡିଇଓ)ମାନଙ୍କର ସର୍ଭିସ ବାଣିଜ୍ୟ କର ଓ ଜିଏସ୍‌ଟି କମିଶନର କଟକଙ୍କ ନିୟନ୍ତ୍ରଣରେ ରହିବ। ଏହାଦ୍ୱାରା ଡିଇଓମାନେ ଏଣିକି ଅନ୍ୟ କାର୍ଯ୍ୟାଳୟକୁ ବଦଳି ହୋଇପାରିବେ। ଓଡ଼ିଶା ଖାଦ୍ୟ ପରୀକ୍ଷଣ ବିଜ୍ଞାନାଗାର(ନିଯୁକ୍ତି ପଦ୍ଧତି ଏବଂ ସେବା ସର୍ତ୍ତାବଳୀ) ସଂଶୋଧନ-୨୦୨୨କୁ କ୍ୟାବିନେଟ ମଞ୍ଜୁରୀ ମିଳିଛି। ପୂର୍ବରୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଓଡ଼ିଶା ଖାଦ୍ୟ ବିଜ୍ଞାନାଗାର କ୍ୟାଡର ନିୟମ -୨୦୨୧ ଅନୁଯାୟୀ କନିଷ୍ଠ ଲାବୋରେଟୋରି ସହାୟକ ପଦବୀଗୁଡ଼ିକ ଓଡ଼ିଶା ଅଧସ୍ତନ ଚୟନ ଆୟୋଗ ମାଧ୍ୟମରେ ନିଯୁକ୍ତି ଦେବାର ବ୍ୟବସ୍ଥା ରହିଥିଲା। ଏହି ସଂଶୋଧନ ପରେ ଓଡ଼ିଶା କର୍ମଚାରୀ ଚୟନ ପ୍ରବେଶ ଆୟୋଗ ମାଧ୍ୟମରେ ନିଯୁକ୍ତି କରାଯିବ। ଓଡ଼ିଶା ସଂଶୋଧନ ନିୟୋଜନ ସେବା, ବର୍ଗ-୨ ନିୟମ (ନିଯୁକ୍ତି ଏବଂ ସେବା ସର୍ତ୍ତାବଳୀ)-୧୯୯୦ ସଂଶୋଧନ ପ୍ରସ୍ତାବକୁ ମଧ୍ୟ କ୍ୟାବିନେଟ ମଞ୍ଜୁରୀ ମିଳିଛି। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ଓଡ଼ିଶା ସୁପ୍ରିମୋ ଜୁଡିସିଆଲ ସର୍ଭିସ୍ ଏବଂ ଓଡ଼ିଶା ଜୁଡିସିଆଲ ସର୍ଭିସ ନିୟମ-୨୦୦୭ ସଂଶୋଧନ ପ୍ରସ୍ତାବକୁ କ୍ୟାବିନେଟ ଅନୁମୋଦନ ମିଳିଛି। ଅଧିନିୟମରେ ସଂଶୋଧନ ଏବଂ ଖଣି, ଭୂତତ୍ତ୍ୱ ସେବା ନିର୍ଦ୍ଦେଶାଳୟର ୫ଟି କ୍ୟାଡର ନିଯୁକ୍ତିରେ ସଂଶୋଧନ ସମ୍ପର୍କିତ ପ୍ରସ୍ତାବକୁ କ୍ୟାବିନେଟ ମଞ୍ଜୁରୀ ମିଳିଛି।

# ନକଲି ସୁନାଶଙ୍ଖ ବିକ୍ରି କରି ଅଡୁଆରେ ଯୁବକ

**ପାପଡ଼ାହାଣ୍ଡି,୨୧।୧ (ଡି.ଏନ୍.ଏ.)**

ନକଲି ସୁନାଶଙ୍ଖକୁ ଅସଲି କହି ମଧ୍ୟପ୍ରଦେଶର ଗ୍ରାହକଙ୍କୁ ବିକ୍ରି କରି ଦେଇଥିଲେ। ଏଥିପାଇଁ ପୂର୍ବରୁ ୫୦ ହଜାର ଅଗ୍ରିମ ଦିଆଯାଇଥିଲା। ବଳକା ଟଙ୍କା ମଧ୍ୟପ୍ରଦେଶରେ ଦେବାକୁ କହି ଶଙ୍ଖ ବିକ୍ରି କରିଥିବା ଯୁବକଙ୍କୁ ଗ୍ରାହକ ଡାକିନେଇ ଥିଲେ। କିନ୍ତୁ ସେଠାରେ ଶଙ୍ଖ ନକଲି ବୋଲି ଜାଣିବା ପରେ ତାହାକୁ ବିକିଥିବା ଯୁବକଙ୍କୁ ଅପହରଣ କରି ବନ୍ଧକ ରଖି ତାଙ୍କ ପରିବାର ଲୋକଙ୍କୁ ଟଙ୍କା ମାଗିବା ସହ ଧମକ ଦେଲେ। ପରିବାର ଲୋକ ଏ ନେଇ ଥାନାରେ ଜଣାଇଲେ। ପୋଲିସ ଘଟଣାର ତଦନ୍ତ କରି ମଧ୍ୟପ୍ରଦେଶରୁ ଦୁଇ ଯୁବକଙ୍କୁ ଉଦ୍ଧାର କରିଛି। ଏଥିସହ ଉଭୟଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ନେଇ ପାପଡ଼ାହାଣ୍ଡି ଏସ୍‌ଡିପିଓ ଆଦିତ୍ୟ ସେନ୍ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଗିରଫ ଅଭିଯୁକ୍ତ ହେଲେ ସୁନାଶଙ୍ଖ ବିକିଥିବା ନବରଙ୍ଗପୁର ଜିଲା ମଇଦଲପୁର ଥାନା ଚନ୍ଦ୍ରପୁର ଗ୍ରାମର ରବୀନ୍ଦ୍ର ମିର୍ଗାନ ଓ ତାଙ୍କୁ ବନ୍ଧକ ରଖିଥିବା ମଧ୍ୟପ୍ରଦେଶର ବାବା ବିଦ୍ୟା ଶଙ୍କର ଦୁବେ। ଏହି ସୁନାଶଙ୍ଖ କାରବାରରେ ସମ୍ପୃକ୍ତ ଅନ୍ୟମାନଙ୍କୁ ଗିରଫ କରାଯିବ ବୋଲି ଏସ୍‌ଡିପିଓ କହିଛନ୍ତି। ରବୀନ୍ଦ୍ରଙ୍କ ନାମରେ ପୂର୍ବରୁ ଏକାଧିକ ମାମଲା ରହିଥିବା ପୋଲିସ ସୂଚନା ଦେଇଛି।

ସୂଚନାନୁଯାୟୀ, ରବୀନ୍ଦ୍ର ସୁନାଶଙ୍ଖ ଦେବାକୁ କହି ମଧ୍ୟପ୍ରଦେଶ ଅଞ୍ଚଳର ବାବା ବିଦ୍ୟା ଶଙ୍କର ଓ ତାଙ୍କର କେତେଜଣ ସାଥୀଙ୍କଠାରୁ ୫୦ ହଜାର ଟଙ୍କା ଅଗ୍ରିମ ଆଣିଥିଲେ। କିନ୍ତୁ ରବୀନ୍ଦ୍ର ସେମାନଙ୍କୁ ସୁନାଶଙ୍ଖ ନ ଦେଇ ଦିନ ଗଡ଼ାଇ ଚାଲିଥିଲେ। ଶଙ୍ଖ




ଗିରଫ ଅଭିଯୁକ୍ତମାନେ । ନକଲି ସୁନାଶଙ୍ଖ ।

- ମଧ୍ୟପ୍ରଦେଶରୁ ଉଦ୍ଧାର କଲା ମଇଦଲପୁର ପୋଲିସ

ପାଇବା ଆଶାରେ ଟଙ୍କା ଦେଇଥିବା ବ୍ୟକ୍ତିମାନେ ମଇଦଲପୁର ଅଞ୍ଚଳକୁ ବାରମ୍ବାର ଆସୁଥିଲେ। ଶେଷରେ ରବୀନ୍ଦ୍ର ସେମାନଙ୍କୁ ନକଲି ସୁନାଶଙ୍ଖ ଦେଇଥିଲେ। ଏହି ସମୟରେ କିନ୍ତୁ ମଧ୍ୟପ୍ରଦେଶର ଗ୍ରାହକମାନେ ଆଉ ଟଙ୍କା ଦେଇ ନ ଥିଲେ। ବାକି ଟଙ୍କା ମଧ୍ୟପ୍ରଦେଶରେ ଦେବାକୁ କହି ସେମାନେ ରବୀନ୍ଦ୍ରଙ୍କୁ ସାଙ୍ଗରେ ନେଇ ଯାଇଥିଲେ। ରବୀନ୍ଦ୍ର ୨/୩ ଦିନ ଧରି ଘରକୁ ନ ଫେରିବାରୁ ତାଙ୍କ ସ୍ତ୍ରୀ ବନ୍ଦିତା ୧୫ ତାରିଖରେ ଏ ନେଇ ମଇଦଲପୁର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ୧/୨୩ରେ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଥିଲା। ସେପଟେ ମଧ୍ୟପ୍ରଦେଶରେ ଗ୍ରାହକମାନେ ଶଙ୍ଖ ଯାଞ୍ଚ ବେଳେ ତାହା ସୁନା ନୁହେଁ, ନକଲି ବୋଲି ଜାଣିବାପରେ ସେମାନେ ରବୀନ୍ଦ୍ରଙ୍କୁ ଅପହରଣ କରି ତାଙ୍କୁ ସେଠାରେ ବନ୍ଧକ ରଖିଥିଲେ। ସେମାନେ ରବୀନ୍ଦ୍ରଙ୍କ ସ୍ତ୍ରୀଙ୍କୁ ୧୬ ତାରିଖରେ ଫୋନ୍ କରି ୬ ଲକ୍ଷ ଟଙ୍କା ଦେବାକୁ ଦାବି କରିଥିଲେ। ଫୋନ୍ ଆସିବା ପରେ ବନ୍ଦିତା ମଇଦଲପୁର ଥାନାରେ ଏ ନେଇ ପୁଣି ଜଣାଇଥିଲେ। ଏହାପରେ ପୋଲିସ ୬/୨୩ରେ ମାମଲା ରୁଜୁ କରିଥିଲା। ନବରଙ୍ଗପୁର ଏସ୍‌ପି ଏସ୍. ସୁଶ୍ରୀଙ୍କ ନିର୍ଦ୍ଦେଶକ୍ରମେ ଏସ୍‌ଡିପିଓ ଆଦିତ୍ୟ ସେନ୍, ଥାନାଧିକାରୀ ନଟବର ନନ୍ଦ, ଏସ୍‌ଆଇ ଶିବାଜୀ ପଣ୍ଡା କେତେଜଣ ପୋଲିସ କର୍ମଚାରୀଙ୍କୁ ନେଇ ଗଠିତ ଟିମ୍ ମଧ୍ୟପ୍ରଦେଶ ଯାଇଥିଲା। ମଧ୍ୟପ୍ରଦେଶ ବେତୁଲ ଅଞ୍ଚଳର ଚିଛୋଲିରୁ ରବୀନ୍ଦ୍ରଙ୍କୁ ପୋଲିସ ଉଦ୍ଧାର କରିଥିଲା। ଏଥିସହ ରବୀନ୍ଦ୍ର ଓ ତାଙ୍କ ସହ ବାବା ବିଦ୍ୟା ଶଙ୍କର ଦୁବେଙ୍କୁ ଗିରଫ କରାଯାଇଛି ବୋଲି ଖବରଦାତା ସମ୍ମିଳନୀରେ ପୋଲିସ କହିଛି। ଖବରଦାତା ସମ୍ମିଳନୀରେ ମଇଦଲପୁର ଥାନାଧିକାରୀ ଡି. ଦେବୀ କୁମାର ଓ ପୋଲିସ କର୍ମଚାରୀମାନେ ଉପସ୍ଥିତ ଥିଲେ।

# କ୍ୟାବିନେଟ ନିଷ୍ପତ୍ତିକୁ ୬୬୨ ବର୍ଗ କଲେଜ ସଂଘର ବିରୋଧ

**ଭୁବନେଶ୍ୱର,୨୧।୧(ବ୍ୟୁରୋ)**

ରାଜ୍ୟ କ୍ୟାବିନେଟ୍ ବୈଠକରେ ଅଧ୍ୟାପକ ଓ କର୍ମଚାରୀଙ୍କ ପାଇଁ ସ୍ଥିରୀକୃତ ପଦ୍ଧତିକୁ ନିଖିଳ ଓଡ଼ିଶା ୬୬୨ ବର୍ଗ ବେସରକାରୀ କଲେଜ ଅଧ୍ୟାପକ କର୍ମଚାରୀ ସଂଘ ତୀବ୍ର ବିରୋଧ କରିଛି। ୬୬୨ ବର୍ଗର ଅଧ୍ୟାପକ ଓ କର୍ମଚାରୀଙ୍କୁ ଉପେକ୍ଷା କରାଯାଇଥିବା ଅଭିଯୋଗ ଆଣି ଏହି କ୍ୟାବିନେଟ୍ ନିଷ୍ପତ୍ତିର ପୁନର୍ବିଚାର କରିବାକୁ ସଂଘ ଦାବି କରିଛି। ଏହା ବିରୋଧରେ ସଂଘ ବ୍ୟାପକ ଆନ୍ଦୋଳନ ପାଇଁ ନିଷ୍ପତ୍ତି ନେଇଛି। ଅଧ୍ୟାପକ ଓ କର୍ମଚାରୀମାନେ ଶନିବାରଠାରୁ କଳାବ୍ୟାଜ ପିନ୍ଧି କଲେଜରେ କାର୍ଯ୍ୟ କରୁଛନ୍ତି। ୨୫ ତାରିଖରେ ଜିଲାପାଳଙ୍କ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯିବ। ଫେବୃୟାରୀ ୩ରେ ମହାସମାବେଶ ଓ ଆମରଣ ଅନଶନ ଆରମ୍ଭ ହେବ। ଆବଶ୍ୟକସ୍ଥଳେ ଯୁକ୍ତ୨ ଓ ଯୁକ୍ତ୩ ପରୀକ୍ଷାରେ ଅସହଯୋଗ ଓ ମୂଲ୍ୟାୟନ ବର୍ଜନ କରାଯିବ ବୋଲି ସଂଘ ଚେତାଇ ଦେଇଛି। ସଂଘ ପକ୍ଷରୁ କୁହାଯାଇଛି, ପୂର୍ବରୁ ଅନୁଷ୍ଠିତ କ୍ୟାବିନେଟ୍ ବୈଠକରେ ଅବିକଳ ୭ମ କମିଶନ ବେତନ ଆଧାରରେ ଦରମା ପ୍ରଦାନ ପାଇଁ ନିଷ୍ପତ୍ତି ହୋଇଥିଲା। ଏହାକୁ ଭିତ୍ତି କରି ଉଚ୍ଚଶିକ୍ଷା ବିଭାଗ ବିଜ୍ଞପ୍ତି ପ୍ରକାଶ କରିଥିଲା। ଦୀର୍ଘ ୧ ବର୍ଷ ଧରି ସମାନ ହାରରେ ଅଧ୍ୟାପକଙ୍କୁ ସମାନ ଦରମା ଦେଉଥିଲେ। ଶନିବାରର କ୍ୟାବିନେଟ୍ ନିଷ୍ପତ୍ତିରେ କିଛି କର୍ମଚାରୀ ଓ ଅଧ୍ୟାପକଙ୍କୁ ଅହେତୁକ ଅନୁକମ୍ପା ଦେଖାଇ ପ୍ରାୟ ୧୦ହଜାର ଟଙ୍କାର ଦରମା ତାରତମ୍ୟ ଘୋଷଣା କରାଯାଇଛି। ୪୨୦୦ ଗ୍ରେଡ୍ ପେ’ ପାଉଥିବା ୪୮୮ ବର୍ଗର ପିଇଟି, ଲାଇବ୍ରେରିଆନ୍ ଓ ଡେମୋନଷ୍ଟ୍ରେଟରଙ୍କଠାରୁ ୪୬୦୦ ଗ୍ରେଡ୍ ପେ’ ପାଉଥିବା ୬୬୨ କଲେଜ ବର୍ଗର ଅଧ୍ୟାପକଙ୍କୁ କମ୍ ଦରମା ଦିଆଯିବ। ନିଯୁକ୍ତିରେ ବରିଷ୍ଠ ଓ ସମାନ ପଦ୍ଧତିରେ ନିଯୁକ୍ତି ପାଇଥିଲେ ମଧ୍ୟ ୬୬୨ ବର୍ଗର ଅଧ୍ୟାପକ ଓ କର୍ମଚାରୀଙ୍କୁ ଉପେକ୍ଷା କରାଯାଇଛି। ମୁଖ୍ୟମନ୍ତ୍ରୀ ଏହା ଉପରେ ହସ୍ତକ୍ଷେପ କରନ୍ତୁ। ଯଦି ଏହି ନିଷ୍ପତ୍ତିର ଶୀଘ୍ର ପରିବର୍ତ୍ତନ କରା ନଯାଏ ତା’ହେଲେ ଫେବୃୟାରୀ ପ୍ରଥମ ସପ୍ତାହରୁ ବିଶାଳ ଆନ୍ଦୋଳନ ମୁଣ୍ଡ ଟେକିବ ବୋଲି ସଂଘ ସଭାପତି ଗୋଲକ ନାୟକ ଏକ ପ୍ରେସ୍ ବିଜ୍ଞପ୍ତି ମାଧ୍ୟମରେ ଜଣାଇଛନ୍ତି।

- କଳାବ୍ୟାଜ୍ ପିନ୍ଧିଲେ, ୩ରୁ ଆମରଣ ଅନଶନ
- ଯୁକ୍ତ୨, ଯୁକ୍ତ୩ ପରୀକ୍ଷାରେ ଅସହଯୋଗ, ମୂଲ୍ୟାୟନ ବର୍ଜନ ଚେତାବନୀ

## ପ୍ରଥମ ପୃଷ୍ଠାରୁ...

### ୩ ଜିଲାରେ ହେବ ୯ ...

ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟର ଗୁରୁତ୍ୱପୂର୍ଣ୍ଣ ବୈଠକରେ ଅନୁମୋଦନ କରାଯାଇଛି। କ୍ୟାବିନେଟ ବୈଠକ ଶେଷରେ ଉନ୍ନୟନ କମିଶନର ପ୍ରଦୀପ କୁମାର ଜେନା ସୂଚନା ଦେଇ କହିଛନ୍ତି ଯେ ଯାଜପୁର ଜିଲାରେ ୨ଟି ବୃହତ୍ ପାନୀୟ ଜଳ ପ୍ରକଳ୍ପ କରିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି। ଫଳରେ ଜିଲାର ବରୀ ବ୍ଲକ ୨୬ଟି ପଞ୍ଚାୟତ ଅନ୍ତର୍ଗତ ୯୧ ଗ୍ରାମର ୧,୪୦,୮୯୪ ଓ କୋରେଇ ବ୍ଲକ ୨୩ ପଞ୍ଚାୟତର ୧୫୯ ଗ୍ରାମର ପ୍ରାୟ ୧,୦୯,୦୯୩ ଲୋକ ପାନୀୟ ଜଳ ପ୍ରକଳ୍ପ ଦ୍ୱାରା ଉପକୃତ ହେବେ। ଉକ୍ତ ପ୍ରକଳ୍ପ କାର୍ଯ୍ୟ ବର୍ଷକ ମଧ୍ୟରେ ଶେଷ ହେବ। ଏଥିପାଇଁ ଆହ୍ୱାନ କରାଯାଇଥିବା ୨୫୪ କୋଟି ୬୬ ଲକ୍ଷ ୨୦ ହଜାର ୫୪୨ ଟଙ୍କାର ଟେଣ୍ଡରକୁ କ୍ୟାବିନେଟ ଅନୁମୋଦନ କରିଛି।

ସେହିପରି ଜଳ ଜୀବନ ମିଶନରେ ମାଲକାନଗିରି ଜିଲାରେ ୪ଟି ବୃହତ୍ ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟକାରୀ ହେବ। ସେଥିରୁ ଖଇରପୁଟ ବ୍ଲକର ୮୭ ଗ୍ରାମର ୪୫,୯୭୫, ମାଲକାନଗିରି ବ୍ଲକର ୧୫ ପଞ୍ଚାୟତର ୧୦୬ ଗ୍ରାମର ୭୬,୯୬୮, ମାଥିଲି ବ୍ଲକର ୧୪୧ ଗ୍ରାମର ୯୪,୬୫୩ ଏବଂ କାଲିମେଳା ବ୍ଲକର ୧୧୯ ଗ୍ରାମର ୯୭,୦୨୪ ଜଣଙ୍କୁ ପାନୀୟ ଜଳ ଯୋଗାଇ ଦିଆଯିବ। ଉକ୍ତ ୪ ପ୍ରକଳ୍ପ ପାଇଁ ଡକାଯାଇଥିବା ୬୩୯ କୋଟି ୨୬ ଲକ୍ଷ ୯୦ ହଜାର ୨୨୦ ଟଙ୍କାର ଟେଣ୍ଡରକୁ ରାଜ୍ୟ କ୍ୟାବିନେଟ ଅନୁମୋଦନ କରିଛି। ଉକ୍ତ ପ୍ରକଳ୍ପଗୁଡ଼ିକ ୨ ବର୍ଷ ମଧ୍ୟରେ ଶେଷ କରିବାକୁ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି।

ସେହିପରି ନୟାଗଡ଼ ଜିଲାରେ ୩ଟି ବୃହତ୍ ପାନୀୟ ଜଳ ପ୍ରକଳ୍ପକୁ କ୍ୟାବିନେଟ ମଞ୍ଜୁରୀ ମିଳିଛି। ଏହି ପ୍ରକଳ୍ପ କାର୍ଯ୍ୟକ୍ଷମ ହେଲେ ଉକ୍ତ ଜିଲାର ୩ ବ୍ଲକ ଅଧୀନରେ ଥିବା ୪୨ ପଞ୍ଚାୟତର ୬୧୯ ଗ୍ରାମରେ ବାସ କରୁଥିବା ୧,୯୪,୭୩୨ ଜଣଙ୍କୁ ବିଶୁଦ୍ଧ ପାନୀୟ ଜଳ ମିଳିବ। ସେଥିରୁ ଗଣିଆ ବ୍ଲକ ଅଧୀନରେ ଥିବା ୯୨ ଗ୍ରାମର ୩୮,୫୦୬, ଦଶପଲ୍ଲା ବ୍ଲକର ୩୬୯ ଗ୍ରାମର ପ୍ରାୟ ୯୭,୦୦୨ ଓ ନୂଆଗାଁ ବ୍ଲକର ୧୫୮ ଗ୍ରାମର ପ୍ରାୟ ୫୯, ୨୨୪ ଲୋକ ଏହି ପାନୀୟ ଜଳ ପ୍ରକଳ୍ପ ଦ୍ୱାରା ଉପକୃତ ହୋଇପାରିବେ। ଉକ୍ତ ପ୍ରକଳ୍ପ ପାଇଁ ଆହ୍ୱାନ କରାଯାଇଥିବା ୩୯୩ କୋଟି ୯୩ ଲକ୍ଷ ୧୮ ହଜାର ୬୯୧ ଟଙ୍କାର ଟେଣ୍ଡରକୁ କ୍ୟାବିନେଟ ଅନୁମୋଦନ କରିଛି। ଉକ୍ତ ପ୍ରକଳ୍ପ ୨୪ ମାସ ମଧ୍ୟରେ ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି।

### ଡାକ୍ତରୀମାଇନା ପାଇଁ ...

ପାଇଁ ନେଇଥିଲେ। ମାତ୍ର ସେଠାରେ ଡାକ୍ତର ପରୀକ୍ଷା କରିବାକୁ ମନା କରିଦେଇଥିଲେ। ଘଟଣାଟି ହାଟଡ଼ିହୀ ବ୍ଲକ୍ ଶାଳନିଆଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଞ୍ଚଳରେ ଘଟିଥିବାରୁ ସେଠାରେ ପରୀକ୍ଷା କରିବାକୁ କହି ଆନନ୍ଦପୁର ଡାକ୍ତର ପଠାଇ ଦେଇଥିଲେ। ପରେ ପୋଲିସ ଟିମ୍ ପୀଡ଼ିତାଙ୍କୁ ଧରି ସେଠାରୁ ପ୍ରାୟ ୨୫ କି.ମି. ଦୂର ଶାଳନିଆଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇଥିଲେ। ତେବେ ସେଠାରେ ମହିଳା ଡାକ୍ତର ନ ଥିବା କହି ଆନନ୍ଦପୁର ଉପଖଣ୍ଡ ଡାକ୍ତରଖାନାକୁ ଫେରାଇ ଦେଇଥିଲେ। ଫଳରେ ପୀଡ଼ିତାଙ୍କୁ ଦୀର୍ଘ ୧୨ ଘଣ୍ଟା ଧରି ପୋଲିସ ଭ୍ୟାନ୍‌ରେ ଅପେକ୍ଷା କରିବାକୁ ପଡ଼ିଥିଲା। ପରେ ଆନନ୍ଦପୁର ଉପଖଣ୍ଡ ଡାକ୍ତରଖାନାରେ ରାତି ହୋଇଯିବାରୁ ପୀଡ଼ିତାଙ୍କ ପ୍ରାଥମିକ ଡାକ୍ତରୀ ଯାଞ୍ଚ କରାଯାଇଥିଲା। ସମ୍ପୂର୍ଣ୍ଣ ପରୀକ୍ଷା ପାଇଁ ଶୁକ୍ରବାର ଆଉଥରେ ଆସିବାକୁ ଡାକ୍ତର କହିଥିଲେ। ସେହି ଅନୁସାରେ ଶୁକ୍ରବାର ପୀଡ଼ିତାଙ୍କ ସମ୍ପୂର୍ଣ୍ଣ ଡାକ୍ତରୀ ପରୀକ୍ଷା କରାଯାଇଥିଲା। ଏନେଇ ସୋସୋ ଥାନା ଅଧିକାରୀ ପ୍ରଦୀପ ସେଠୀ କହିଛନ୍ତି, ଆନନ୍ଦପୁର ଉପଖଣ୍ଡ ଡାକ୍ତରଖାନା ଡାକ୍ତର ଘଟଣା ଘଟିଥିବା ଅଞ୍ଚଳରେ ଥିବା ଶାଳନିଆଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ସେଠାରେ ପୁଣି ଡାକ୍ତର ଆନନ୍ଦପୁରକୁ ପଠାଇଦେଇଥିଲେ। ଡାକ୍ତରଖାନାର ବିଧି ବ୍ୟବସ୍ଥା ଯୋଗୁ ବିଳମ୍ବ ହୋଇଥିଲା ବୋଲି ସେଠୀ କହିଥିଲେ। ଅନ୍ୟପକ୍ଷରେ ଆନନ୍ଦପୁର ଉପଖଣ୍ଡ ମେଡିକାଲ ଅଧିକାରୀ ଡାକ୍ତର ଧନେଶ୍ୱର ସେଠୀ କହିଛନ୍ତି, ତାଙ୍କ ପାଖକୁ କେହି ଆସି ନ ଥିଲେ। ସନ୍ଧ୍ୟାରେ ଆସିବା ପରେ ତୁରନ୍ତ ଡାକ୍ତରୀମାଇନା କରାଯାଇଛି। ନାବାଳିକା ବ୍ୟତୀତ ଅନ୍ୟ କେସ୍‌ରେ ଉଭୟ ପୁରୁଷ ଓ ମହିଳା ଡାକ୍ତର ପରୀକ୍ଷା କରିପାରିବେ। ଯେହେତୁ ଶାଳନିଆଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଜଣେ ଅଭିଜ୍ଞ ଡାକ୍ତର ଅଛନ୍ତି ତେଣୁ ନିୟମାନୁଯାୟୀ ପ୍ରଥମେ ସେଠାରେ ପରୀକ୍ଷା କରାଯିବା ଉଚିତ। ନ ହେଲେ ସେଠାରୁ ଆନନ୍ଦପୁର ଉପଖଣ୍ଡ ଡାକ୍ତରଖାନାକୁ ପଠାଯାଇଥାଏ ବୋଲି ସେ କହିଥିଲେ। ଏନେଇ ଏସ୍‌ଡିପିଓ ଅନୀଲ ବେଉରିଆ କହିଛନ୍ତି, ଘଟଣାକୁ ଅନୁଧ୍ୟାନ କରିବେ। ରବିବାର ଉକ୍ତ ଥାନାକୁ ଯାଇ ଘଟଣା ବୁଝିବା ପରେ କହିବେ ବୋଲି କହିଥିଲେ।

### ଆଜି ଭାରତ-ନ୍ୟୁଜିଲାଣ୍ଡ ...

ନ ଥିଲା। ଦ୍ୱିତୀୟ ମ୍ୟାଚରେ ଗୋଟିଏ ହେଲେ ଗୋଲ ଦେଇ ନ ପାରି ଇଂଲଣ୍ଡ ବିପକ୍ଷ ମ୍ୟାଚକୁ ଡ୍ର ରଖିଥିଲା। କଥା ଏତିକିରେ ସରି ନ ଥିଲା। ଅପେକ୍ଷାକୃତ ଦୁର୍ବଳ ୱେଲ୍ସ ବିପକ୍ଷରେ ଘରୋଇ ଦଳ ବଡ଼ ବ୍ୟବଧାନରେ ଜିତିବ ବୋଲି ଆଶା କରାଯାଉଥିଲା। ମାତ୍ର ତାହା ହୋଇପାରି ନ ଥିଲା। ଦଳ ମାତ୍ର ୪ଟି ଗୋଲ ଦେଇ ପାରିଥିବାବେଳେ ୨ଟି ଗୋଲ ବରଣ କରିଥିଲା। ତେଣୁ କେବଳ ଆକ୍ରମଣାତ୍ମକ କ୍ଷେତ୍ରରେ ନୁହେଁ ରକ୍ଷଣଭାଗର ବିଫଳତା ମଧ୍ୟ ପଦାରେ ପଡ଼ିଥିଲା। ଏହା ଭାରତୀୟ ଦଳ ପାଇଁ ଚେତାବନୀ ସଦୃଶ ହୋଇଛି। ନ୍ୟୁଜିଲାଣ୍ଡ ଦଳକୁ କୌଣସି ପରିସ୍ଥିତିରେ ହାଲୁକା ଭାବେ ନେଇହେବନାହିଁ। ନିକଟ ଅତୀତରେ ଏହି ଦଳ ଉତ୍ସାହୀ ପ୍ରଦର୍ଶନ କରି ଆସିଛି। ୨୦୨୨ ଅକ୍ଟୋବରରେ ଅନୁଷ୍ଠିତ ପ୍ରୋ-ଲିଗ୍ ମ୍ୟାଚରେ ଏହି ଦଳ ଭାରତକୁ କଡ଼ା ଚ୍ୟାଲେଞ୍ଜ ଦେଇଥିଲା। ତେଣୁ ସବୁ ବିଭାଗରେ ଭଲ ପ୍ରଦର୍ଶନ ହିଁ ଭାରତକୁ କ୍ୱାର୍ଟର ଫାଇନାଲ ପର୍ଯ୍ୟାୟକୁ ନେଇପାରିବ। ନ୍ୟୁଜିଲାଣ୍ଡକୁ ହରାଇଲେ ଭାରତ କ୍ୱାର୍ଟର ଫାଇନାଲରେ ଗତଥରର ଚାମ୍ପିୟନ ବେଲ୍‌ଜିୟମକୁ ଭେଟିବ। ତେଣୁ କୋଚ୍ ଗ୍ରାହାମ ରିଡ୍ ଓ ଅଧିନାୟକ ହରମନପ୍ରୀତ ସିଂଙ୍କୁ ଏବେଠାରୁ ସ୍ୱତନ୍ତ୍ର ରଣନୀତିରେ ଖେଳିବାକୁ ହେବ।

### ହାତରେ ଲାଗିଲା ...

ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ସୀତାକାନ୍ତ ତାମିଲନାଡୁର ଏକ ସୂତାକଳରେ କାମ କରୁଥିବାବେଳେ ମେଶିନରେ ଡାହାଣ ହାତର ବୁଢ଼ା ଆଙ୍ଗୁଠି କଟିଯାଇଥିଲା। ୩ ମାସ ତଳେ ସେ ଆଙ୍ଗୁଠି ହରାଇଥିବାବେଳେ ନିଜର ଦୈନନ୍ଦିନ କାର୍ଯ୍ୟ କରିବାରେ ବହୁ ଅସୁବିଧାର ସମ୍ମୁଖୀନ ହେଉଥିଲେ। ଏମିତି କି ମୋବାଇଲ ଚଲାଇବା, କିଛି ଗୋଟାଏ ଜିନିଷ ଉଠାଇବା, ଲେଖିବା ଆଦି କାର୍ଯ୍ୟ କରିବାକୁ ଭାରି ଅସୁବିଧା ହେଉଥିଲା। ସୀତାକାନ୍ତ ଏସ୍‌ସିବି ମେଡିକାଲର ପ୍ଲାଷ୍ଟିକ ସର୍ଜରି ବିଭାଗରେ ଦେଖାଇବା ପରେ ତାଙ୍କୁ ଗୋଡ଼ ଆଙ୍ଗୁଠି କାଟି ହାତର ବୁଢ଼ା ଆଙ୍ଗୁଠି ସ୍ଥାନରେ ଲଗାଯିବା ପାଇଁ କୁହାଯାଇଥିଲା। ସେ ତାଙ୍କ ପରିବାର ଲୋକଙ୍କ ସହ ଆଲୋଚନା କରି ଏନେଇ ସମ୍ମତି ଜଣାଇଥିଲେ। ପରେ ବିଭାଗୀୟ ମୁଖ୍ୟ ପ୍ରଫେସର ଡା. ନାୟକଙ୍କ ତତ୍ତ୍ୱାବଧାନରେ ସର୍ଜରି କରିବାକୁ ଯୋଜନା କରାଯାଇଥିଲା। ବିଭାଗର ପ୍ଲାଷ୍ଟିକ୍ ଆଣ୍ଡ୍ ରି-କନଷ୍ଟ୍ରକଟିଭ ସର୍ଜରି ଶାଖା ଅଧୀନରେ ଯୁବକଙ୍କ ବାମ ଗୋଡ଼ ଦ୍ୱିତୀୟ ଆଙ୍ଗୁଠିର ରକ୍ତ ନଳୀ, ସ୍ନାୟୁ ଓ ହାଡ଼କୁ ଅଲଗା କରାଯାଇ ଡାହାଣ ହାତର ବୁଢ଼ା ଆଙ୍ଗୁଠିରେ ରୋପଣ କରାଯାଇଥିଲା। ବିଭାଗୀୟ ମୁଖ୍ୟ ଡା. ନାୟକ ଏହି ସର୍ଜରି ପାଇଁ ଦୁଇଟି ଡାକ୍ତରୀ ଦଳର ସହାୟତା ନେଇଥିଲେ। ଡା. ପ୍ରଶାନ୍ତ, ଡା. ଆଶିଷ, ଡା. ରୋଜାଲିନ, ଡା. ବିଷ୍ଣୁ, ଡା. ଆସ୍‌ଫାକ୍, ଡା. ଦୀପକ, ଡା. ଶ୍ୟାମ, ଡା. ଅମିତାଭ, ଡା. ନୃସିଂହ, ଡା. ଇଶାନ୍, ଡା. ସୂର୍ଯ୍ୟ ସାମିଲ ହୋଇଥିଲେ। ନିଶ୍ଚେତକ ବିଭାଗର ଡା. ଅଭିଜିତ, ଡା. ନିମିଷା ମଧ୍ୟ ଏଥିରେ ସହଯୋଗ କରିଥିଲେ। ଓଡ଼ିଶାରେ ଏଭଳି ବିରଳ ଅସ୍ତ୍ରୋପଚାର ପ୍ରଥମଥର ପାଇଁ କରାଯାଇଥିବା ଡା. ନାୟକ କହିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
କର୍ମ ସ୍ଥାନରେ ତିନୋଟି ଗ୍ରହ ହେତୁ ସାମାନ୍ୟ ଭୁଲ୍‌ରୁ କାମ ବିଶୃଙ୍ଖଳିତ ହୋଇଯାଇପାରେ। ଆର୍ଥିକ ସ୍ୱଚ୍ଛଳତା ରହିଥିଲେ ମଧ୍ୟ ପରକଥା ଶୁଣି ମାନସିକ ଶାନ୍ତି ବ୍ୟାହତ ହୋଇପାରେ। କେତେକଙ୍କ କ୍ଷେତ୍ରରେ ମାନସିକ ଚାପ ଓ ପାରିବାରିକ ଅସହଯୋଗରୁ ଚିନ୍ତିତ ରହିବାକୁ ପଡ଼ିବ। ସାମାଜିକ ସ୍ତରରେ ସମସ୍ୟାକୁ ସରଳ ଭାବେ ସମାଧାନ କରିପାରିବେ।

**ବୃଷ**
ଶୁକ୍ରଙ୍କ ଶୁଭ ପ୍ରଭାବରୁ ଆଜିର କାମ ପାଇଁ କୌଣସି ଅସୁବିଧା ହେବନାହିଁ। ଆନୁଷ୍ଠାନିକ କ୍ଷେତ୍ରରେ, ବନ୍ଧୁତ୍ୱ ସ୍ଥାପନରେ, ଲେଖାପଢ଼ାରେ ଆଳସ୍ୟ ଓ ଅବହେଳା ପ୍ରଦର୍ଶନ କରି ସମାଲୋଚିତ ହେବେ। ବାଣିଜ୍ୟ ଓ ପରିବହନାଦି ଦିଗରୁ ସମସ୍ୟାମୁକ୍ତ ରହିପାରନ୍ତି। ବିବାଦୀୟ ସ୍ଥିତିରେ ବନ୍ଧୁଙ୍କ କଥାରେ ପ୍ରଭାବିତ ହୋଇ ଭୁଲ୍ କରିପାରନ୍ତି।

**ମିଥୁନ**
ଚନ୍ଦ୍ରଙ୍କ ଶୁଭଦୃଷ୍ଟିରୁ ବିଭିନ୍ନ ଦିଗରୁ ଅର୍ଥାଗମର ଦ୍ୱାର ଉନ୍ମୁକ୍ତ ହୋଇଯିବ। କିନ୍ତୁ ଘରେ ପିଲାଙ୍କ ବିଶୃଙ୍ଖଳିତ ଆଚରଣରେ କ୍ଷୁବ୍ଧ ହେବେ। ଅଫିସ୍‌ରେ ପ୍ରତ୍ୟେକ ଘଟଣାକୁ ସନ୍ଦେହ ଦୃଷ୍ଟିରେ ଦେଖିପାରନ୍ତି। ପ୍ରତୀକ୍ଷିତ ଖବରଟି ଆଜି ଅପରାହ୍ନେ ପାଇବାରେ ଜଣେ ଅଜଣା ବନ୍ଧୁଙ୍କ ଅବଦାନ ରହିବ। ଆଇନ ମାମଲାରେ ଫଳ ଉତ୍ତମ।

**କର୍କଟ**
ଆଜିର କର୍ମକ୍ଷେତ୍ରରେ କୌଣସି ବିବାଦୀୟ ମନ୍ତବ୍ୟ ଦେବା ଠିକ୍ ହେବ ନାହିଁ। ନିଜର ପ୍ରତ୍ୟୁତ୍ପନ୍ନମତିତା କାରଣରୁ ପ୍ରତ୍ୟେକ ଅସଜଡ଼ା ପରିସ୍ଥିତିର ମୁକାବିଲା କରିବାରେ ସମର୍ଥ ହେବେ। ବନ୍ଧୁଙ୍କ ପ୍ରହେଳିକାପୂର୍ଣ୍ଣ କଥା ଶୁଣି ମରୀଚିକା ପଛରେ ଦୌଡ଼ିପାରନ୍ତି। ବାଣିଜ୍ୟ, ବ୍ୟବସାୟ, ନିର୍ମାଣ କାର୍ଯ୍ୟକୁ ସଙ୍କୁଚିତ କରିନେଇପାରନ୍ତି।

**ସିଂହ**
କୌଣସି ନୂତନ କାର୍ଯ୍ୟରେ ହାତ ଦେବାକୁ ସ୍ଥିର କରି ସଫଳତା ପାଇବେ। ନିଜ ଲୋକ କେହି ହଇରାଣରେ ପକାଇବାକୁ ଚେଷ୍ଟା କରିପାରନ୍ତି। କର୍ମକ୍ଷେତ୍ରରେ ପ୍ରିୟ କଥା କହି ସମସ୍ୟାକୁ ସୁଧାରି ନେବେ। ପରିବାରରେ ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି।

**କନ୍ୟା**
ଆଜି ସକାଳୁ ହଠାତ୍ କୌଣସି ଖବର ପାଇ ବିସ୍ମୟ ପ୍ରକାଶ କରିବେ। ସାହିତ୍ୟ, କଳା, କ୍ରୀଡ଼ା ଓ ଚଳଚ୍ଚିତ୍ର କ୍ଷେତ୍ରରୁ ପ୍ରଶଂସିତ ହବେ। ଭାବପ୍ରବଣବଶତଃ ବନ୍ଧୁଙ୍କ ସହ ଓଲଟା କଥା କହି ଅପଦସ୍ଥ ହୋଇପାରନ୍ତି। ସହକର୍ମୀମାନଙ୍କ ସହ ଆଜିର ଭ୍ରମଣ ସୁଖ ବେଶ୍ ଉପଭୋଗ୍ୟ ହୋଇପାରେ। ଦୂର ସମ୍ପର୍କୀୟଙ୍କ ବନ୍ଧୁଙ୍କ ଆଗମନ ଉଜ୍ଜ୍ୱଳ।

**ତୁଳା**
ଚାପଗ୍ରସ୍ତ ହୋଇ କେତେକ କ୍ଷେତ୍ରରେ ଇଚ୍ଛା ବିରୋଧରେ କାମ କରି ଅନୁତାପ କରିବାକୁ ପଡ଼ିପାରେ। ଈର୍ଷାପରାୟଣ ବ୍ୟକ୍ତିମାନେ ପ୍ରତିଷ୍ଠା ଓ ପ୍ରଶଂସା ଭିନ୍ନାର୍ଥରେ ଗ୍ରହଣ କରିପାରନ୍ତି। ଅଭାବ ନ ଥିଲେ ମଧ୍ୟ ଯାହା ଚାହୁଁଛନ୍ତି ତାହା ନପାଇ ଅବସାଦ ଲାଗି ରହିବ। ଯାନ୍ତ୍ରିକ ତ୍ରୁଟିରୁ ଯାତ୍ରାରେ ବିଳମ୍ବ ଘଟିପାରେ, କିନ୍ତୁ ଲକ୍ଷ୍ୟ ହାସଲ କରିବେ।

**ବିଛା**
ଅଯଥା ତର୍କ ନ କରି ଆଲୋଚନା ଜାରି ରଖିଲେ ସମସ୍ୟାର ସମାଧାନ ହୋଇଯିବ। ଶିଳ୍ପ, ବାଣିଜ୍ୟ ଓ ବ୍ୟବସାୟ, ପ୍ରକାଶନ, ଆନୁଷ୍ଠାନିକ କାମରେ ପ୍ରତିବନ୍ଧକ ଦୂରେଇଯିବ। ବ୍ୟବସାୟ, ପରିବହନ ଓ ନିର୍ମାଣ, ମାଲିମକଦ୍ଦମା ଓ ଚୁକ୍ତିପତ୍ର ପାଇଁ ଦିନଟି ଭଲ। ବନ୍ଧୁଙ୍କ ପରାମର୍ଶକୁ ଗ୍ରହଣକରି ଋଣ ପରିଶୋଧ ପାଇଁ ନୂତନ ଯୋଜନା କରିପାରନ୍ତି।

**ଧନୁ**
ଆଜି ଉଚ୍ଚବର୍ଗଙ୍କ ସାହାଯ୍ୟ ଓ ବନ୍ଧୁମିଳନରୁ ଉତ୍ସାହିତ ହେବେ। ରାଜନୀତି, ପ୍ରକାଶନ କିମ୍ବା ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବାରେ ଧୈର୍ଯ୍ୟଶୀଳତା କାମକୁ ଆସିପାରେ। କୌଣସି କ୍ଷେତ୍ରରେ ପ୍ରତିକ୍ରିୟାଶୀଳ ହୁଅନ୍ତୁ ନାହିଁ, ଯାହାକି ସମସ୍ୟାର କାରଣ ହୋଇପାରେ। ଅର୍ଥ ସମ୍ପର୍କକୁ ନେଇ ବନ୍ଧୁଙ୍କ ସହ ସମ୍ପର୍କ ହାନି ଯୋଗୁ ଚିନ୍ତା ପ୍ରକଟ କରିବେ।

**ମକର**
ପ୍ରତ୍ୟେକ କ୍ଷେତ୍ରରେ ସହନଶୀଳତା ଆଚରଣ କଲେ ସମସ୍ୟା ଦୂରେଇଯିବ। ଗଠନମୂଳକ ପ୍ରସ୍ତାବ ଦେଇ କର୍ମକ୍ଷେତ୍ରରେ, ରାଜନୀତିରେ, ସାଂସ୍କୃତିକ କାମରେ ପ୍ରଶଂସିତ ହେବେ। ଅଫିସରେ ଏକାଧିକ କାମ ହାତକୁ ନେଇ ବିବ୍ରତ ହୋଇପାରନ୍ତି। କର୍ମାରମ୍ଭ, ଯାନବାହନ, ଲୋକସମ୍ପର୍କ, ସଭାସମିତି ଓ ପାରିବାରିକ ସମସ୍ୟା ନେଇ ଚିନ୍ତା କରିବେ।

**କୁମ୍ଭ**
ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ପୂର୍ବରୁ ପରିବାର ସହ ଆଲୋଚନା କରିବା ଭଲ। ଆଦୌ ଭଲ ସମ୍ପର୍କ ନଥିବା କୌଣସି ବ୍ୟକ୍ତି ବିଶେଷଙ୍କ କଥା ଶୁଣି ବ୍ୟସ୍ତ ହୁଅନ୍ତୁ ନାହିଁ। ସମ୍ପର୍କୀୟ କିମ୍ବା ଆତ୍ମୀୟଙ୍କ ପକ୍ଷପାତିତାକୁ ନାପସନ୍ଦ କରିପାରନ୍ତି। ଆବଶ୍ୟକତା ପୂରଣ ସକାଶେ ଜଣେ ସମ୍ପର୍କୀୟ ବନ୍ଧୁ ଅର୍ଥ ସାହାଯ୍ୟର ପ୍ରତିଶ୍ରୁତି ଦେବେ।

**ମୀନ**
ବହୁ ଆକାଂକ୍ଷିତ ଅପୂରଣୀୟ ଅଭିଳାଷ ନେଇ ନୈରାଶ୍ୟଜନକ ଦୁଃଖ ଅନୁଭବ କରିପାରନ୍ତି। କର୍ମକ୍ଷେତ୍ରରେ ଜଣେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଖୁସି ହେବେ। ନିଜ ଚତୁଃପାର୍ଶ୍ୱରେ ରହୁଥିବା ବ୍ୟକ୍ତିମାନଙ୍କ ଶୁଣା କଥାକୁ ବିଶ୍ୱାସ କଲେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ପୂର୍ବଭାଦ୍ରବ ନକ୍ଷତ୍ର ଯେତେ ଭଲ ମନେହେଲେ ମଧ୍ୟ ଘର ଭିତରୁ ଆଦର ପାଇବେ ନାହିଁ।

ଆଜି ମାଘ ଶୁକ୍ଳ ପ୍ରତିପଦା ରବିବାର, ଜାନୁୟାରୀ ୨୨ ତାରିଖ, ରାଶି ନକ୍ଷତ୍ର-ଶ୍ରବଣା/ମକର, ପ୍ରତିପଦାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୬।୨୭ ଗତେ ଘ.୧୦।୦୮ ମଧ୍ୟେ, ଘ.୦୧।୨୦ ଗତେ ଘ.୦୧।୪୮ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୪।୦୫ ଗତେ ଘ.୦୫।୨୮ ମଧ୍ୟେ ରାହୁକାଳ।

# ‘ପ୍ରତି ମାସରେ ଯୋଜନାଗୁଡ଼ିକର ସମୀକ୍ଷା କର’

## କୃଷି, ମତ୍ସ୍ୟ ବିଭାଗର ମିଳିତ ବୈଠକରେ ମନ୍ତ୍ରୀଙ୍କ ନିର୍ଦ୍ଦେଶ

- ଏମ୍‌କେୟୁୱାଇରେ ୫୮୧ ଉଦ୍ୟୋଗୀଙ୍କୁ ୪୪ କୋଟି ସବ୍‌ସିଡି
- ୨୬ ସୁଦ୍ଧା ଫଳଚାରା, ପରିବା ମିନିକିଟ୍ ବଣ୍ଟନ ସାରିବାକୁ ନିର୍ଦ୍ଦେଶ

ଭୁବନେଶ୍ୱର, ୨୧।୧(ବ୍ୟୁରୋ)

କୃଷି ଓ କୃଷକ ସଶକ୍ତୀକରଣ ଏବଂ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ, ନିର୍ଦ୍ଦେଶକ ଏବଂ ଜିଲାସ୍ତରୀୟ ଅଧିକାରୀଙ୍କ ମିଳିତ ବୈଠକ ଶନିବାର କୃଷି ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ବିଭାଗୀୟ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ବିଭିନ୍ନ ଯୋଜନାର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରି କହିଲେ, ବିଭାଗ ଦ୍ୱାରା ଚାଷୀଙ୍କୁ ସର୍ବାଧିକ ଲାଭ ଦେବା ଉଦ୍ଦେଶ୍ୟରେ ଅନେକଗୁଡ଼ିଏ ଯୋଜନା ଏକତ୍ର କାର୍ଯ୍ୟକାରୀ କରାଯାଉଛି। ତେଣୁ ମାସକୁ ଅନ୍ତତଃପକ୍ଷେ ଥରେ ଏହି ଦୁଇ ବିଭାଗର ପ୍ରମୁଖ ଶାସନ ସଚିବଙ୍କ ସମେତ ବିଭାଗ ଅଧୀନରେ ଥିବା ନିର୍ଦ୍ଦେଶାଳୟ ଏବଂ ଜିଲାସ୍ତରୀୟ ଅଧିକାରୀଙ୍କ ମିଳିତ ବୈଠକ ବସି ଯୋଜନାଗୁଡ଼ିକର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରାଯିବା ଆବଶ୍ୟକ। ଏହାଦ୍ୱାରା କୃଷି ଉତ୍ପାଦନ ବୃଦ୍ଧି ହେବା ସହିତ ମତ୍ସ୍ୟ ଓ କୁକୁଡ଼ା ଚାଷ, ଗୋପାଳନ ଆଦି କ୍ଷେତ୍ରରେ ବିକାଶ ସାଧିତ ହୋଇପାରିବ ବୋଲି କହିଥିଲେ। ଚଳିତ ୨୦୨୨-୨୩ ବର୍ଷରେ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାରେ ୫୮୧ ଜଣ ଉଦ୍ୟୋଗୀଙ୍କୁ ମୋଟ ୪୪ କୋଟି ୭୯ ଲକ୍ଷ ଟଙ୍କା ସବ୍‌ସିଡି ଆକାରରେ ପ୍ରଦାନ କରାଯାଇଛି। ଘରଦୁଆରେ ପୁଷ୍ଟି ଯୋଜନାରେ ହିତାଧିକାରୀଙ୍କୁ ଫଳଚାରା ଓ ପରିବା ମିନିକିଟ୍ ବଣ୍ଟନ କାର୍ଯ୍ୟ ଆସନ୍ତା ୨୬ ତାରିଖ ସୁଦ୍ଧା ଶେଷ କରିବା ପାଇଁ ମନ୍ତ୍ରୀ କ୍ଷେତ୍ର ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଅବସରରେ କୃଷି ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ସଞ୍ଜୀବ କୁମାର ଚଢ଼ାଙ୍କ ଅଧ୍ୟକ୍ଷତାରେ ଗଠିତ କମିଟି ଦ୍ୱାରା ପ୍ରସ୍ତୁତ ‘କୃଷକଙ୍କ ଆୟବୃଦ୍ଧି, ଓଡ଼ିଶା ରୋଡ୍‌ମ୍ୟାପ୍ ୨୦୩୦’ ପୁସ୍ତିକାକୁ ମନ୍ତ୍ରୀ ଉନ୍ମୋଚନ କରିଥିଲେ।

କୃଷି ବିଭାଗର ପ୍ରମୁଖ ଶାସନ ସଚିବ ଅରବିନ୍ଦ କୁମାର ପାଢ଼ୀ, ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ସୁରେଶ କୁମାର ବଶିଷ୍ଠ ବିଭାଗ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ଯୋଜନାର ଅଗ୍ରଗତି ସମ୍ପର୍କରେ ତଥ୍ୟ ଉପସ୍ଥାପନ କରିଥିଲେ। କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକ ତଥା ଆପିକଲର ପରିଚାଳନା ନିର୍ଦ୍ଦେଶକ ପ୍ରେମଚନ୍ଦ୍ର ଚୌଧାରୀ, ଉଦ୍ୟାନ କୃଷି ନିର୍ଦ୍ଦେଶକ ରୋହିତ କୁମାର ଲେଙ୍କା, ପ୍ରାଣୀପାଳନ ଓ ପ୍ରାଣୀଚିକିତ୍ସା ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ଡ. ୟେଦୁଲ୍ଲା ବିଜୟ, ମତ୍ସ୍ୟ ନିର୍ଦ୍ଦେଶକ ସ୍ମୃତି ରଞ୍ଜନ ପ୍ରଧାନ, ମୃତ୍ତିକା ସଂରକ୍ଷଣ ଓ ଜଳବିଭାଜିକା ଉନ୍ନୟନ ନିର୍ଦ୍ଦେଶକ ହେମନ୍ତ କୁମାର ପଣ୍ଡା ଉପସ୍ଥିତ ଥିଲେ। ଏଥିସହ ସମସ୍ତ ଜିଲା ମୁଖ୍ୟ କୃଷି ଅଧିକାରୀ, ସିଡିଭିଓ, ଜିଲା ମତ୍ସ୍ୟ ଅଧିକାରୀ, ଉଦ୍ୟାନ ବିଭାଗର ଉପନିର୍ଦ୍ଦେଶକ, ସହକାରୀ ଉପନିର୍ଦ୍ଦେଶକ ଏବଂ ଆପିକଲ ଡିଷ୍ଟ୍ରିକ୍ଟ ମ୍ୟାନେଜର ପ୍ରମୁଖ ଯୋଗଦେଇଥିଲେ।

# ଅସ୍ପୃଶ୍ୟତା ଦୂର ପାଇଁ ସ୍ୱର ଉଠାଇଥିଲେ ବଳରାମ ଦାସ



ଭୁବନେଶ୍ୱର, ୨୧।୧(ବ୍ୟୁରୋ)

ପଞ୍ଚସଖା ଯୁଗର ଅନ୍ୟତମ ସାଧକ ସନ୍ଥ ବଳରାମ ଦାସଙ୍କ ମହାପ୍ରୟାଣ ଦିବସ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଶନିବାର ପାଳିତ ହୋଇଯାଇଛି। ବିଭାଗର ଅନୁଶାସନ ସଚିବ ଲକ୍ଷ୍ମୀଧର ବେହେରାଙ୍କ ସଂଯୋଜନାରେ ସ୍ଥାନୀୟ ଭଞ୍ଜକଳା ମଣ୍ଡପ ସମ୍ମୁଖରେ ଥିବା ତାଙ୍କ ପ୍ରତିମୂର୍ତ୍ତିସ୍ଥଳୀରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥିମାନେ ଯୋଗଦେଇ ସନ୍ଥଙ୍କ ସ୍ମୃତିଚାରଣ କରିଥିଲେ। ବଳରାମ ଦାସ ଲକ୍ଷ୍ମୀପୁରାଣ ମାଧ୍ୟମରେ ଓଡ଼ିଶାରେ ଅସ୍ପୃଶ୍ୟତା ଦୂର ପାଇଁ ଲେଖନୀ ମାଧ୍ୟମରେ ସ୍ୱର ଉଠାଇଥିଲେ। ସେ ଥିଲେ ବିଶ୍ୱର ପ୍ରଥମ ବାଲୁକା ଶିଳ୍ପୀ, ଯାହାଙ୍କ ଭକ୍ତିରେ ସ୍ୱୟଂ ମହାପ୍ରଭୁ ଜଗନ୍ନାଥ ନନ୍ଦିଘୋଷ ଛାଡି ତାଙ୍କ ବାଲି ରଥରେ ଉପବେଶନ କରିଥିଲେ। ତାଙ୍କ ଦାଣ୍ଡି ରାମାୟଣ ଚିରଦିନ ପାଇଁ ଓଡିଆମାନେ ପାଠ କରିଆସୁଛନ୍ତି ବୋଲି ଅତିଥିମାନେ କହିଥିଲେ। ଗାୟକ ଆହ୍ଲାଦ ସୁରେନ୍ଦ୍ରନାଥ ଛୋଟରାୟ ବନ୍ଦନା ଗାନ କରିବା ପରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ, ବିଧାୟକ ପ୍ରଫୁଲ୍ଲ ସାମଲ, ଅଧ୍ୟାପକ ରମେଶ ଚନ୍ଦ୍ର ପାତାଳସିଂହ, ଡ. ରଙ୍ଗାଧର ସାହୁ, ଦୁର୍ଯ୍ୟୋଧନ ପରିଡା, ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟର ରାଜ୍ୟ ସଂଯୋଜକ ପ୍ରବୀର ମହାନ୍ତି, ସନ୍ଥ ବଳରାମ ଦାସ ସ୍ମୃତି ପରିଷଦ ଅଧ୍ୟକ୍ଷ ପ୍ରଦୀପ୍ତ କୁମାର ମହାନ୍ତି ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି ଅବସରରେ ପ୍ରଦୀପ୍ତ କୁମାର ମହାନ୍ତି, କ୍ରୀଡ଼ାବିତ ସବିତା ସିଂହ, ଲଲାଟେନ୍ଦୁ ପଣ୍ଡା, ବି. ପହଲି, ମନୋଜ କୁମାର ସାହୁ, ମନୋରମା ପରିଡା, ସବିତା ସିଂହଙ୍କୁ ‘ସନ୍ଥ ବଳରାମ ଦାସ ସ୍ମୃତି ସମ୍ମାନ’ରେ ସମ୍ମାନିତ କରାଯାଇଥିଲା।



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶନିବାର ଭୁବନେଶ୍ୱରରେ ଥିବା ଜାମୁକୋଳି ଗୋଶାଳା ପରିଦର୍ଶନ କରି ବାଛୁରୀର ନାମକରଣ କରୁଛନ୍ତି।

# ବାଛୁରୀ ନାମ ‘କ୍ରିଷ୍ଣା’ ରଖିଲେ ମୁଖ୍ୟମନ୍ତ୍ରୀ

## ଜାମୁକୋଳି ଗୋଶାଳା ପରିଦର୍ଶନ

ଭୁବନେଶ୍ୱର, ୨୧।୧ (ବ୍ୟୁରୋ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶନିବାର ଭୁବନେଶ୍ୱର ମହାନଗର ନିଗମ ଅଧୀନରେ ଥିବା ଜାମୁକୋଳି ଗୋଶାଳା ପରିଦର୍ଶନ କରିଥିଲେ। ସେଠାରେ ଗୋରୁଙ୍କ ରକ୍ଷଣାବେକ୍ଷଣ, ଯତ୍ନ ଓ ସେମାନଙ୍କ ପାଇଁ ଥିବା ବ୍ୟବସ୍ଥା ସମ୍ପର୍କରେ ପ୍ରତ୍ୟକ୍ଷ ଅନୁଧ୍ୟାନ କରିଥିଲେ। ଗୋରୁମାନଙ୍କୁ କ'ଣ ଖାଇବାକୁ ଦିଆଯାଉଛି ଓ କ'ଣ ସବୁ ବ୍ୟବସ୍ଥା ରହିଛି, ସେସବୁ ବୁଲି ଦେଖିବା ସହ କିଛି ଗୋରୁଙ୍କୁ ଫଳ ଓ ପନିପରିବା ଖାଇବାକୁ ଦେଇଥିଲେ। ଏଥିସହ ଗୋରୁମାନଙ୍କର ଉପଯୁକ୍ତ ଯତ୍ନ ନେବା ପାଇଁ କର୍ମଚାରୀଙ୍କୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଏକ ନବଜନ୍ମିତ ବାଛୁରୀକୁ ଦେଖି ମୁଖ୍ୟମନ୍ତ୍ରୀ ଏହାର ନାମ ପଚାରିଥିଲେ। ବାଛୁରୀଟିର ନାମ ଦିଆଯାଇ ନ ଥିବା ଜାଣିବା ପରେ ମୁଖ୍ୟମନ୍ତ୍ରୀ ତା'ର ନାମ ‘କ୍ରିଷ୍ଣା’ ରଖିଥିଲେ।

୨୦୧୮ରେ ବିଏମ୍‌ସି ପକ୍ଷରୁ ଜାମୁକୋଳିଠାରେ ୫.୫ ଏକର ପରିମିତ ଜମିରେ ଏହି ଗୋଶାଳା ସ୍ଥାପନ କରାଯାଇଛି। ଏଠାରେ ବର୍ତ୍ତମାନ ୯୦୬ଟି ଗୋରୁ ରହିଛନ୍ତି। ଏହି ଗୋଶାଳାକୁ ୨୦.୫ ଏକର ପରିମିତ ଅଞ୍ଚଳକୁ ସମ୍ପ୍ରସାରିତ କରିବାକୁ ପ୍ରସ୍ତାବ ରହିଛି। ଏନେଇ ସମସ୍ତ ପ୍ରାରମ୍ଭିକ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଥିବାବେଳେ ଯଥାଶୀଘ୍ର ସମ୍ପ୍ରସାରଣ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ଏହି ଗସ୍ତ ସମୟରେ ୫-ଟି ସଚିବ ଭି.କେ. ପାଣ୍ଡିଆନ, ମେୟର ସୁଲୋଚନା ଦାସ, ଉତ୍ତର ବିଧାୟକ ସୁଶାନ୍ତ ରାଉତ, ବିଏମ୍‌ସି କମିଶନର ବିଜୟ ଅମୃତା କୁଲାଙ୍ଗେ ପ୍ରମୁଖ ଉପସ୍ଥିତ ଥିଲେ।

# ସବିଶେଷ ରିପୋର୍ଟ ମାଗିଲେ ଏନ୍‌ଏଚ୍‌ଆର୍‌ସି

## ମହିଳା ଡାକ୍ତରଙ୍କ ମୃତ୍ୟୁ ଘଟଣା

କେନ୍ଦୁଝର,୨୧।୧(ସ୍ୱ.ପ୍ର.)

କେନ୍ଦୁଝର ଜିଲା ଯୋଡ଼ା ଥାନା ଅନ୍ତର୍ଗତ ବନେଇକଳାରେ ଥିବା ସହର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟ କରୁଥିବା ଡାକ୍ତର ଶୁଭଶ୍ରୀ କରଙ୍କ ମୃତ୍ୟୁ ଘଟଣାରେ ସବିଶେଷ ରିପୋର୍ଟ ମାଗିଛନ୍ତି ଜାତୀୟ ମାନବାଧିକାର କମିଶନ। ଘଟଣାକୁ ନେଇ କମିଶନ କେସ ନମ୍ବର ୪୫ରେ ଏହି ଆଦେଶ କରିଛନ୍ତି। ମାନବାଧିକାର କର୍ମୀ ହିମାଂଶୁ ଶେଖର ନାୟକଙ୍କ ଅଭିଯୋଗକ୍ରମେ ୪ ସପ୍ତାହ ମଧ୍ୟରେ ରିପୋର୍ଟ ଦେବାକୁ କେନ୍ଦୁଝର ଏସ୍‌ପିଙ୍କୁ ଚିଠି କରିଥିବା ଜଣାପଡ଼ିଛି। ପ୍ରକାଶ ଯୋଗ୍ୟ, ଗତ ୩୧ ତାରିଖ ରାତିରେ ନିଜ ସହକର୍ମୀଙ୍କ ସହ ନାଚଗୀତ କରି ଜିରୋ ନାଇଟ ସେଲିବ୍ରେସନ କରିଥିଲେ ଡାକ୍ତର ଶୁଭଶ୍ରୀ କର। ପରଦିନ ଅର୍ଥାତ ନୂଆବର୍ଷ ଦିନ ନିଜ ବାସଭବନରୁ ବନ୍ଦ ରୁମରୁ ତାଙ୍କ ମୃତଦେହ ପୋଲିସ ଉଦ୍ଧାର କରିଥିଲା।

# ମାର୍ଚ୍ଚ ୫ରୁ ପ୍ରଦର୍ଶିତ ହେବ ଡାକୋଟା

ଭୁବନେଶ୍ୱର, ୨୧।୧(ବ୍ୟୁରୋ)

ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଐତିହାସିକ ‘ଡାକୋଟା ବିମାନ’ ମାର୍ଚ୍ଚ ୫ରୁ ସର୍ବସାଧାରଣଙ୍କ ନିମନ୍ତେ ପ୍ରଦର୍ଶିତ ହେବ। ବିଜୁ ଜୟନ୍ତୀ ତଥା ପଞ୍ଚାୟତିରାଜ ଦିବସରେ ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରେ ଏହି ପ୍ରଦର୍ଶନୀର ଶୁଭାରମ୍ଭ ହେବ। ବିମାନର ମରାମତି ଓ ସ୍ଥାପନ ପାଇଁ ଏରୋସ୍ପେସ୍ ରିସର୍ଚ୍ଚ ଆଣ୍ଡ୍ ଡେଭଲପ୍‌ମେଣ୍ଟ ସେଣ୍ଟର(ଏଆର୍‌ଡିସି) ୩ କୋଟି ଟଙ୍କାର ଚୁକ୍ତି କରିଛି। ଏଥିପାଇଁ କାର୍ଯ୍ୟ ମଧ୍ୟ ଆରମ୍ଭ ହୋଇସାରିଥିବା ସୂଚନା ମିଳିଛି। ଏ ସମ୍ପର୍କରେ ଭୁବନେଶ୍ୱର ବିମାନବନ୍ଦର ନିର୍ଦ୍ଦେଶକ ପ୍ରସନ୍ନ ପ୍ରଧାନ କହିଛନ୍ତି, ବିମାନର ମରାମତି କାର୍ଯ୍ୟ ବିମାନବନ୍ଦରରେ ଥିବା ରାଜ୍ୟ ସରକାରଙ୍କ ହ୍ୟାଙ୍ଗରରେ ଚାଲିଛି। ମରାମତି ପରେ ବିମାନବନ୍ଦରରେ ଆବଣ୍ଟିତ ହୋଇଥିବା ସ୍ଥାନକୁ ସ୍ଥାନାନ୍ତର କରାଯିବ।

ସୂଚନାଯୋଗ୍ୟ, ଡାକୋଟା ବିମାନଟି କୋଲକାତାରୁ ୩ଟି ଲରିରେ ଆସି ଗତ ବୁଧବାର ସନ୍ଧ୍ୟାରେ ଭୁବନେଶ୍ୱରରେ ପହଞ୍ଚିଥିଲା। ଏଠାରେ ଡାକୋଟାକୁ ଭବ୍ୟ ସ୍ୱାଗତ କରାଯାଇଥିଲା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିଜେ ଭୁବନେଶ୍ୱର ବିମାନବନ୍ଦରରେ ଫୁଲ ପକାଇ ସ୍ୱାଗତ କରିଥିଲେ।

# ଦୋଷୀଙ୍କୁ ୧୦ ବର୍ଷ ଜେଲ

## ନାବାଳିକା ବଳାତ୍କାର ମାମଲା

କେନ୍ଦୁଝର, ୨୦।୧୨(ସ୍ୱ.ପ୍ର.)

କେନ୍ଦୁଝର ଜିଲା ଫାଷ୍ଟ ଟ୍ରାକ୍ କୋର୍ଟରେ ଏକ ନାବାଳିକା ବଳାତ୍କାର ମାମଲାର ରାୟ ପ୍ରକାଶ ପାଇଛି। ବିଚାରପତି ମାନସ ମିଶ୍ର ଶୁଣାଣି କରି ଅଭିଯୁକ୍ତଙ୍କୁ ୧୦ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୧୦ ହଜାର ଟଙ୍କା ଜରିମାନା ଓ ଅନାଦାୟେ ଅଧିକ ୬ ମାସ ଜେଲଦଣ୍ଡ ଆଦେଶ ଦେଇଛନ୍ତି।

ପ୍ରକାଶଯୋଗ୍ୟ, ସଦର ଥାନା ଅଞ୍ଚଳର ନାବାଳିକା ୨୦୧୫ରେ ନଳକୂପକୁ ପାଣି ଆଣିବାକୁ ଯାଉଥିବାବେଳେ ପଡ଼ୋଶୀ ସେଲେଇ ମୁଣ୍ଡା(୪୯) ତାଙ୍କୁ ଟେକିନେଇ ବଳାତ୍କାର କରିଥିଲେ। ପାଟି ଶୁଣି ପୀଡ଼ିତାଙ୍କ ମା' ଓ ଗାଁ ଲୋକେ ପହଞ୍ଚି ଅଭିଯୁକ୍ତଙ୍କୁ କାବୁ କରିଥିଲେ। ଏନେଇ ସଦର ଥାନାରେ ପୀଡ଼ିତାଙ୍କ ମା'ଙ୍କ ଅଭିଯୋଗ ପରେ ପୋଲିସ ମାମଲା ରୁଜୁକରି ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ବିଚାରପତି ୧୧ ଜଣ ସାକ୍ଷୀଙ୍କ ବୟାନ ସହ ତଦନ୍ତ ରିପୋର୍ଟ ଆଧାରରେ ରାୟ ଶୁଣାଇଛନ୍ତି। ପୀଡ଼ିତାଙ୍କୁ ଆଇନ ସହାୟତା କେନ୍ଦ୍ର ତରଫରୁ ୪ଲକ୍ଷ ଟଙ୍କା ପ୍ରଦାନ କରିବା ପାଇଁ ଆଦେଶ ଦିଆଯାଇଥିବା ସ୍ୱତନ୍ତ୍ର ପିପି ଜ୍ଞାନେନ୍ଦ୍ର ନାଥ ଜେନା କହିଛନ୍ତି।


COLLEGE OF PHARMACEUTICAL SCIENCES, BERHAMPUR
At/P.O.: Mohuda (GM) - 760002 (Orissa)
Estd.: 1979
(Approved by AICTE, PCI & UGC and affiliated to BPUT, BU & OSBP)
www.cpsmohuda.org, Mobile No.: 7894824133, 9439868992
WALK-IN-INTERVIEW FOR PHARMACY FACULTY
POST: LECTURER / ASST. PROFESSOR
Specialization : Pharmacognosy, Pharmacy Practice, Pharmacology, Pharmaceutical Chemistry & Pharmaceutics
Eligibility : As per AICTE norms
Pay : AICTE Scale of pay plus allowance as admissible
Date of Interview: 29th January, 2023 (Sunday) by 10.00 A.M.
Venue : Administrative Office, GPCDA, Kamalavari Street, Near Big Bazar, Berhampur - 760002
Please send your C.V. by E-mail “placementcellcps@gmail.com, within seven days and attend Interview in Offline mode with Complete CV, Original Certificates as well as photocopies of all Certificates.
PRINCIPAL
N.B.: No TA/DA will be given for attending the Interview.


# ଯୁକ୍ତ୨ ପ୍ରାକ୍ଟିକାଲ: ୨୯ ସୁଦ୍ଧା କେନ୍ଦ୍ରରେ ପହଞ୍ଚିବ ପରୀକ୍ଷା ଉପକରଣ

ଭୁବନେଶ୍ୱର, ୨୧।୧(ବ୍ୟୁରୋ)

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ(ସିଏଚ୍‌ଏସ୍‌ଇ) ଦ୍ୱାରା ପରିଚାଳିତ ଯୁକ୍ତ୨ ପରୀକ୍ଷା ଆସନ୍ତା ମାର୍ଚ୍ଚ ୧ରୁ ଆରମ୍ଭ ହୋଇ ଏପ୍ରିଲ ୫ରେ ଶେଷ ହେବ। ସେହିପରି ପ୍ରାକ୍ଟିକାଲ ପରୀକ୍ଷା ଫେବୃୟାରୀ ୧ରୁ ଆରମ୍ଭ ହୋଇ ୧୦ ତାରିଖ ଯାଏ ଚାଲିବ। ପରୀକ୍ଷା ପାଇଁ ସବୁ ପ୍ରକାର ପ୍ରସ୍ତୁତି ଆରମ୍ଭ କରିଦେଇଛି ପରିଷଦ। ତେଣୁ ପ୍ରାକ୍ଟିକାଲ ପରୀକ୍ଷା ସମ୍ବନ୍ଧୀୟ ସମସ୍ତ ମାଟେରିଆଲ୍ସ ବା ଉପକରଣ (ପ୍ରଶ୍ନପତ୍ର, ଖାଲି ଉତ୍ତର ଖାତା ଓ ଅନ୍ୟାନ୍ୟ) ଆସନ୍ତା ୨୪ ତାରିଖ ସକାଳୁ ସିଏଚ୍‌ଏସ୍‌ଇ କାର୍ଯ୍ୟାଳୟରୁ ଯୋଗାଣ ଆରମ୍ଭ ହେବ। ୨୯ତାରିଖ ସୁଦ୍ଧା ସମସ୍ତ ପରୀକ୍ଷା କେନ୍ଦ୍ରରେ ଏହା ପହଞ୍ଚିବ। ଏ ନେଇ ସିଏଚ୍‌ଏସ୍‌ଇ ପରୀକ୍ଷା ନିୟନ୍ତ୍ରକ ଅଶୋକ କୁମାର ନାୟକ ସମସ୍ତ ମାଧ୍ୟମିକ ସ୍କୁଲ ଅଧ୍ୟକ୍ଷ ଏବଂ ପରୀକ୍ଷା କେନ୍ଦ୍ରର ସୁପରିଣ୍ଟେଣ୍ଡେଣ୍ଟଙ୍କୁ ଚିଠି ଲେଖି ଜଣାଇଛନ୍ତି। ସିଏଚ୍‌ଏସ୍‌ଇ ଅଧିକାରୀମାନେ ଅଫିସ ସମୟ ପରେ ମଧ୍ୟ ଶିକ୍ଷାନୁଷ୍ଠାନରେ ପହଞ୍ଚିପାରନ୍ତି। ତେଣୁ ୨୪ରୁ ୨୯ତାରିଖ ମଧ୍ୟରେ ଅଧ୍ୟକ୍ଷମାନେ ପରୀକ୍ଷା ସମ୍ବନ୍ଧୀୟ ସମସ୍ତ ମାଟେରିଆଲ୍ସକୁ ଗ୍ରହଣ କରିବା ପାଇଁ ପ୍ରସ୍ତୁତ ରହିବେ। ସେହିପରି ସମସ୍ତ ମାଟେରିଆଲ୍ସକୁ ଠିକ୍ ଭାବେ ତଦାରଖ ଏବଂ ଗଣିକରି ଅଧ୍ୟକ୍ଷମାନେ ରଖିବେ। କମ୍ ଥିଲେ ତୁରନ୍ତ ପରୀକ୍ଷା ନିୟନ୍ତ୍ରକଙ୍କୁ ଜଣାଇବେ। ସମସ୍ତ ପ୍ରଶ୍ନପତ୍ର ସେଣ୍ଟର ସୁପରିଣ୍ଟେଣ୍ଡେଣ୍ଟ ଏବଂ ଅଧ୍ୟକ୍ଷଙ୍କ ସୁପରଭିଜନରେ ସିସିଟିଭି ନଜରରେ ଥିବା ଷ୍ଟ୍ରଙ୍ଗରୁମ୍‌ରେ ରଖାଯିବ। ସେପଟେ ଆସନ୍ତା ୩୧ ତାରିଖ ସୁଦ୍ଧା କ୍ୱାର୍ଟର ଏଣ୍ଡ୍ ପରୀକ୍ଷାର ମାର୍କ ସାମ୍ସ ପୋର୍ଟାଲରେ ଅପ୍‌ଲୋଡ୍ କରିବା ପାଇଁ ସିଏଚ୍‌ଏସ୍‌ଇ ଶନିବାର ସମସ୍ତ ଉଚ୍ଚ ମାଧ୍ୟମିକ ଶିକ୍ଷା ସ୍କୁଲ ଅଧ୍ୟକ୍ଷଙ୍କୁ ଜଣାଇଛି। ଶେଷ ତାରିଖ ପର୍ଯ୍ୟନ୍ତ ଅପେକ୍ଷା ନ କରି ଓ କୌଣସି ବୈଷୟିକ ସମସ୍ୟାର ସମ୍ମୁଖୀନ ନ ହେବା ପାଇଁ ମାର୍କ ଅପ୍‌ଲୋଡ୍ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାକୁ ଚିଠିରେ କୁହାଯାଇଛି।

# ବ୍ୟାଙ୍କରେ ହାତ କାଟି ମହିଳା କର୍ମଚାରୀଙ୍କ ଆତ୍ମହତ୍ୟା ଉଦ୍ୟମ

**ଖୋର୍ଦ୍ଧା ଅଫିସ,୨୧।୧:** ବ୍ୟାଙ୍କ ଭିତରେ ଶନିବାର ଜଣେ ମହିଳା ବ୍ୟାଙ୍କ କର୍ମଚାରୀ ହାତକାଟି ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ସେ ହେଲେ ରାଜଶ୍ରୀ ଭାରତୀ। ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ(କେସିସିବି) ଅଧୀନ ଏକ ମହିଳା ବ୍ୟାଙ୍କରେ ଏଭଳି ଅଭାବନୀୟ ଘଟଣା ଘଟିଛି। ରାଜଶ୍ରୀଙ୍କୁ ଭୁବନେଶ୍ୱରରୁ ବାଲିଅନ୍ତା ବଦଳି କରାଯାଇଥିବା ଜାଣିବା ପରେ ସେ ଏହାକୁ ବିରୋଧ କରିଥିଲେ। ତାଙ୍କୁ ଜାଣିଶୁଣି ଅନ୍ୟତ୍ର ବଦଳି କରାଯାଉଥିବା ଅଭିଯୋଗ ଆଣି ବ୍ୟାଙ୍କ ପରିସରରେ ହାତ କାଟିଦେଇଥିଲେ। ଟାଉନ ପୋଲିସ ପହଞ୍ଚି ତାଙ୍କୁ ଉଦ୍ଧାର କରିବା ସହ ଚିକିତ୍ସା ପରେ ଥାନାକୁ ଆଣି ପଚରାଉଚୁରା କରିଥିଲା। ଅନ୍ୟପଟେ କେସିସିବିର ୨ଜଣ ବରିଷ୍ଠ ଅଧିକାରୀ ଏବଂ ମହିଳା ବ୍ୟାଙ୍କ ମ୍ୟାନେଜର ତାଙ୍କୁ ମାନସିକ ନିର୍ଯ୍ୟାତନା ଦେଉଥିବା ନେଇ ରାଜଶ୍ରୀ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

# ଶ୍ରୀକ୍ଷେତ୍ରରେ ପହଞ୍ଚିଲା ପ୍ରଥମ ପର୍ଯ୍ୟାୟ ରଥକାଠ

## ନୟାଗଡ଼ରୁ ୩ ଟ୍ରକ୍‌ରେ ୧୦୪ ଖଣ୍ଡ ଅସନ ଓ ଧଉରା କାଠ ଆସିଲା



ପୁରୀ ଅଫିସ/ନୟାଗଡ଼ ଅଫିସ/ ଦଶପଲ୍ଲା,୨୧।୧(ଡି.ଏନ.ଏ.)

ବିଶ୍ୱନିୟନ୍ତା ଦାରୁବିଗ୍ରହଙ୍କ ଚଳିତବର୍ଷ ରଥଯାତ୍ରା ଜୁନ୍ ୨୦ରେ ଅନୁଷ୍ଠିତ ହେବ। ଏଥିପାଇଁ ଶ୍ରୀପଞ୍ଚମୀ ତିଥି ସରସ୍ୱତୀ ପୂଜା ଅବସରରେ ରଥଖଳାରେ ରଥକାଠ ଅନୁକୂଳ ବା ପୂଜାର୍ଚ୍ଚନା ହେବ। ତେବେ ଶ୍ରୀପଞ୍ଚମୀ ୨୬ ତାରିଖ ଗୁରୁବାର ପଡୁଥିବାବେଳେ ଏହାର କିଛି ଦିନ ପୂର୍ବରୁ ପ୍ରଥମ ପର୍ଯ୍ୟାୟ ରଥକାଠ ପୁରୀରେ ପହଞ୍ଚିଛି। ନୟାଗଡ଼ ବନଖଣ୍ଡ ଅଧୀନ ଦଶପଲ୍ଲା ରେଞ୍ଜର ପୋଖରୀ ଗୋଛା ଓ ଚଢ଼େୟାପଲ୍ଲୀରୁ ୩ଟି ଟ୍ରକ ଯୋଗେ ରଥ କାଠ ଶନିବାର ପୁରୀରେ ପହଞ୍ଚିଛି। ପ୍ରଥମ ପର୍ଯ୍ୟାୟରେ ମୋଟ ୧୦୪ ଖଣ୍ଡ କାଠ ଆସିଛି।

ଶୁକ୍ରବାର ସନ୍ଧ୍ୟାରେ ନୟାଗଡ଼ ଦଶପଲ୍ଲା ମହାବୀର ମନ୍ଦିରରେ ପ୍ରଥମେ ରଥକାଠକୁ ପୂଜାର୍ଚ୍ଚନା କରାଯାଇଥିଲା। ପୂଜା ସମୟରେ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା, ନୟାଗଡ଼ ଏସିଏଫ୍ ଶ୍ୱେତଲିନା ସାହୁ, ଦଶପଲ୍ଲା ରେଞ୍ଜର ଅଖିଳେଶ ମଲ୍ଲିକ ପ୍ରମୁଖ ଥିଲେ। ପରେ ୩ଟି ଟ୍ରକ୍ ନୟାଗଡ ପୁରୁଣା ସହରସ୍ଥିତ ଜଗନ୍ନାଥ ମନ୍ଦିରରେ ପହଞ୍ଚିବା ପରେ ସେଠାରେ ପୁଣି ପୂଜା କରାଯାଇଥିଲା। ନୟାଗଡ଼ ଡିଏଫ୍‌ଓ କ୍ଷମା ଷଡ଼ଙ୍ଗୀ, ଏସିଏଫ୍ ଶ୍ୱେତଲିନା ସାହୁ, ଏସିଏଫ୍ ହିମାଂଶୁ ମୁଦୁଲି ଉପସ୍ଥିତ ଥିଲେ। ତେବେ ରଥ କାଠ ବୋଝେଇ ଟ୍ରକ ଶନିବାର ସନ୍ଧ୍ୟାରେ ଶ୍ରୀମନ୍ଦିର କାର୍ଯ୍ୟାଳୟରେ ପହଞ୍ଚିଥିଲା। ପ୍ରଥମ ପର୍ଯ୍ୟାୟରେ ପହଞ୍ଚିଥିବା ୧୦୪ଟି କାଠ ମଧ୍ୟରେ ଅସନ ଓ ଧଉରା କାଠ ରହିଛି। ୧୨ ଫୁଟିଆ ଅସନ କାଠ ୩୪ ଖଣ୍ଡ ଏବଂ ଧଉରା କାଠ ୨୯ ଖଣ୍ଡ ରହିଛି। ସେଥିମଧ୍ୟରେ ୧୨ ଫୁଟିଆ ଅସନ ଓ ଧଉରା ରହିଥିବା ସହ ୨୦ ଫୁଟିଆ ଧଉରା ଓ ଅସନ କାଠ ରହିଛି। ଆସିଥିବା ୧୦୪ ଖଣ୍ଡ ରଥକାଠ ମଧ୍ୟରେ ୩୩ ଖଣ୍ଡ ଅସନ ଏବଂ ୭୧ ଖଣ୍ଡ ଧଉରା କାଠ ରହିଛି। ସେଥିମଧ୍ୟରୁ ୧୨ଫୁଟିଆ ଅସନ କାଠ ୧୮ଟି, ୨୦ ଫୁଟିଆ ଅସନ କାଠ ୧୫ଟି ରହିଥିବା ବେଳେ ୧୨ଫୁଟିଆ ୪୪ ଖଣ୍ଡ ଧଉରା ଓ ୨୦ ଫୁଟର ଧଉରା କାଠ ୨୭ଟି ରହିଛି। ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ପାଇଁ ୮୬୫ ଖଣ୍ଡ ଅସନ, ଧଉରା, ଫାସୀ ସହ ବିଭିନ୍ନ ପ୍ରକାର କାଠ ଆବଶ୍ୟକ ହୋଇଥାଏ। ତେବେ ଗତବର୍ଷ ୧୧୮ ଖଣ୍ଡ କାଠ ବଳକା ରହିଛି। ତେଣୁ ଚଳିତବର୍ଷ ରଥ ନିର୍ମାଣ ପାଇଁ ୭୪୭ ଖଣ୍ଡ କାଠ ଆବଶ୍ୟକ ରହିଛି। ପ୍ରଥମ ପର୍ଯ୍ୟାୟରେ ୧୦୪ ଖଣ୍ଡ କାଠ ପୁରୀରେ ପହଞ୍ଚିଥିବା ବେଳେ ପର୍ଯ୍ୟାୟକ୍ରମେ ବାକି ରଥ କାଠ ପହଞ୍ଚିବ ବୋଲି ରଥ ତତ୍ତ୍ୱାବଧାରକ ସୁଦର୍ଶନ ମେକାପ ସୂଚନା ଦେଇଛନ୍ତି। ଚଳିତବର୍ଷ ମୋଟ ୭୪୭ କାଠ ମଧ୍ୟରୁ ସ' ମିଲକୁ ୪୦୬ ଓ ରଥଖଳାକୁ ୩୪୧ ଖଣ୍ଡ କାଠ ଯିବାର ରହିଛି। ଶନିବାର ପୁରୀରେ ପହଞ୍ଚିଥିବା କାଠ ମଧ୍ୟରୁ ରଥ ସଂହିତା ଅନୁଯାୟୀ, ସରସ୍ୱତୀ ପୂଜା ଦିନ ୩ଟି ୧୨ ଫୁଟିଆ ଧଉରା କାଠକୁ ଶ୍ରୀନହର ସମ୍ମୁଖ ରଥଖଳାରେ ପୂଜା କରାଯିବ। ପରେ ରଥ ନିର୍ମାଣ ସମୟରେ ଉକ୍ତ ୩ଟି କାଠରେ ଗୁଜ ଅନୁକୂଳ କରାଯାଇ ଗୁଜ ନିର୍ମାଣ କରାଯିବ। ସେହିପରି ରାମ ନବମୀ ତିଥିରେ କଟକ ଖପୁରିଆସ୍ଥିତ କରତକଳରେ କାଠ ଚିରା ଅନୁକୂଳ ହେବ ଓ ଅକ୍ଷୟ ତୃତୀୟା ଦିନ ରଥ ନିର୍ମାଣ କାର୍ଯ୍ୟ ଅନୁକୂଳ ହେବ।




ମଣିଷକୁ ତା'ର ପରିବେଶ ପରିସ୍ଥିତି ଉପରେ କର୍ତ୍ତୃତ୍ୱ ଆଣିବାକୁ ହେବ ନିଶ୍ଚୟ। କିନ୍ତୁ ତା'ସହିତ ତାକୁ ମଧ୍ୟ ବିଶ୍ୱ-ଐକ୍ୟ ଓ ବିଶ୍ୱ-ସଙ୍ଗତି ଆଣିବା ଦିଗରେ ତତ୍ପର ହେବାକୁ ପଡିବ। ମଣିଷ ତା'ର ନିଜର ସ୍ୱତନ୍ତ୍ର ବ୍ୟକ୍ତିତ୍ୱକୁ ନିଶ୍ଚୟ ଉପଲବ୍ଧି କରିବ। କିନ୍ତୁ ତା'ସଙ୍ଗେ ସଙ୍ଗେ ତାକୁ ତା'ର ଅହଂ ସତ୍ତାକୁ ବିଶ୍ୱାତ୍ମା ସହିତ ଏକ ହେବା ଲାଗି ବଢାଇ ବଢାଇ ଚାଲିବାକୁ ହେବ। ତା'ର ଅସ୍ତିତ୍ୱରୁ ସେ ପାଇବ ଏକ ବିଶ୍ୱଜନୀନ ଓ ଆଧ୍ୟାତ୍ମିକ ଆନନ୍ଦ। -ଶ୍ରୀଅରବିନ୍ଦ

# ଖାଲି ଡ୍ରାମା



ଆକାର ପଟେଲ

ଶାସନ ହେଉଛି ଏକ ବ୍ୟବସ୍ଥା। ଏହା ଏକ ପ୍ରକାର ପ୍ରକ୍ରିୟା ଯେଉଁଥିରେ ଏହାର ଲୋକ ଉତ୍ତରଦାୟୀ ରହନ୍ତି। ଶାସନର ତତ୍ତ୍ୱ କହିଲେ ନୀତି, ଜଟିଳ ସ୍ଥିତିର ପରିଚାଳନା, ଅନୁପାଳନ ଏବଂ ପ୍ରଶାସନକୁ ବୁଝାଏ। 'ଉତ୍ତମ ଶାସନ'ର ୮ଟି ବିଶେଷତା ହେଉଛି ଭାଗୀଦାରି, ସହମତି କୈନ୍ଦ୍ରିକ, ଉତ୍ତରଦାୟୀ, ସ୍ୱଚ୍ଛତା, ଦାୟିତ୍ୱବୋଧ, ପ୍ରଭାବଶାଳୀ ଓ ଦକ୍ଷ, ସମନତା ଓ ସମାବେଶୀ ଏବଂ ଆଇନର ଶାସନ। ନୀତି ନିର୍ଦ୍ଧାରଣରେ ଦୁର୍ନୀତି ହ୍ରାସ କରିବା ଏବଂ ସଂଖ୍ୟାଲଘୁଙ୍କ ଦୃଷ୍ଟିକୋଣକୁ ବିଚାରକୁ ନେବା ଓ ସବୁଠୁ ବିପଜ୍ଜନକ ସ୍ଥିତିରେ ଥିବା ସମାଜର ସ୍ୱର ଶୁଣିବା ପାଇଁ ଏହା ଭରସା ଦିଏ। ସରକାରଙ୍କର ସବୁଠୁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ହେଉଛି ଶାସନ।

ଶିକ୍ଷା ଉପରେ ୨୦୦୫ ପରଠାରୁ ଏଏସ୍ଇଆର୍ ସର୍ଭେ କରାଯାଉଛି। ଚଳିତ ବର୍ଷ ଏଏସ୍ଇଆର୍ ଦ୍ୱାରା କରାଯାଇଥିବା ସର୍ଭେରେ ୬୧୬ଟି ଜିଲା(ଦେଶର ମୋଟ ଜିଲାର ୮୫%) ର ୩ରୁ ୧୬ ବର୍ଷ ବୟସର ୬.୯ ଲକ୍ଷ ପିଲାଙ୍କୁ ସାମିଲ କରିଥିଲା। ଏଥିରେ ସ୍କୁଲରେ ନାମଲେଖା, ପଢ଼ା ଦକ୍ଷତା ଏବଂ ଗଣିତ ଜ୍ଞାନ ବିଷୟରେ ଅନୁଧ୍ୟାନ କରାଯାଇଛି। ପିଲାଙ୍କୁ ୪ଟି ସ୍ତରରେ ଅର୍ଥାତ୍ ପ୍ରଥମରେ ଅକ୍ଷର ଲେଖା, ଦ୍ୱିତୀୟରେ ସାଧାରଣ ଶବ୍ଦ ଲେଖିବା, ତୃତୀୟରେ ୪ଟି ସରଳ ବାକ୍ୟକୁ ନେଇ ଏକ ପାରା ଲିଖନ ଏବଂ ଚତୁର୍ଥରେ ସାମାନ୍ୟ ଜଟିଳ ଶବ୍ଦାବଳୀକୁ ନେଇ ଏକ ଦୀର୍ଘ ଲେଖା ପ୍ରସ୍ତୁତ କରିବାକୁ ନେଇ ପରୀକ୍ଷା କରାଯାଇଥିଲା। ସର୍ଭେରୁ ଜଣାପଡ଼ିଛି ଯେ,ତୃତୀୟ ଶ୍ରେଣୀର ୨୦% ପିଲା ଦ୍ୱିତୀୟ ଶ୍ରେଣୀ ବହି ପଢ଼ିପାରୁଛନ୍ତି। ଏଥିରୁ ବୁଝାପଡୁଛି, ୫ ଜଣରୁ ୪ ଜଣ ପିଲା ବହି ପଢ଼ିପାରୁନାହାନ୍ତି। ୨୦୧୮ରେ ଏହା ୨୭% ଓ ୨୦୧୪ରେ ଥିଲା ୨୩% ; ଅର୍ଥାତ୍ ଏକ ଦଶନ୍ଧି ପୂର୍ବ ତୁଳନାରେ ଏବେ ପିଲାଙ୍କ ପଢ଼ିବା ସ୍ତର ଖରାପ ଅଛି। ଏଭଳି ହ୍ରାସ ସବୁଆଡ଼େ ଘରୋଇ ଓ ସରକାରୀ ବିଦ୍ୟାଳୟଗୁଡ଼ିକରେ ଦେଖିବାକୁ ମିଳିଛି। ୨୦୧୪ରେ ୪୮% ପଞ୍ଚମ ପିଲା ଦ୍ୱିତୀୟ ଶ୍ରେଣୀ ବହି ପଢ଼ିପାରୁଥିଲେ। ୨୦୧୮ରେ ଏହା ଥିଲା ୫୦% ଏବଂ ଏବେ ଅଛି ୪୨%। ୨୦୧୪ରେ ୨୫% (୪ ଜଣରେ ୩ ଜଣ )ତୃତୀୟ ଶ୍ରେଣୀ ପିଲା ବିୟୋଗ କରିପାରୁଥିଲେ। ୨୦୧୮ରେ ଏହା ଥିଲା ୨୮% ଏବଂ ଏବେ ୨୫%କୁ ଖସିଛି। ସେହିପରି ୨୦୧୪ରେ ୫ମ ଶ୍ରେଣୀ ପିଲାଙ୍କ ମଧ୍ୟରୁ ୨୬% ସରଳ ଭାଗକ୍ରିୟା କରିପାରୁଥିଲେ, ୨୦୧୮ରେ ଏହା ଥିଲା ୨୮% ଏହା ପୁନର୍ବାର ତଳକୁ ଖସି ବର୍ତ୍ତମାନ ୨୫% ରେ ପହଞ୍ଚିଛି। ଯଦି ଆମ ପିଲା ପଢି ପାରିବେ ନାହିଁ କିମ୍ବା ସରଳ ଗଣିତ କରି ପାରିବେନି ସେମାନେ ବଡ଼ ହେଲେ କି ପ୍ରକାର କୌଶଳ ହାସଲ କରିବେ? ବେଙ୍ଗାଲୁରୁ ଇନ୍‌ଫୋଟେକ୍ କମ୍ପାନୀଗୁଡ଼ିକ ପ୍ରାୟ ୧୫ ଲକ୍ଷ କର୍ମଚାରୀଙ୍କୁ ନିଯୁକ୍ତ କରିଛନ୍ତି। ଚାକିରି ପାଇଁ ଆବେଦନ କରୁଥିବା ୧୦ ଜଣରେ ୯ ଜଣ ଇଞ୍ଜିନିୟରଙ୍କୁ ଅସ୍ୱୀକାର କରାଯାଉଛି। ପଦବୀ ପୂରଣ ହୋଇଛି ବୋଲି ଏମିତି କରାଯାଇଛି ତାହା ନୁହେଁ, ବରଂ ସେମାନଙ୍କର ଦକ୍ଷତା ନ ଥିବା କାରଣରୁ ଏହା ହୋଇଛି। ଦେଶର ସ୍କୁଲ ପିଲା ପାଠରେ ପଛୁଆ ରହିବା ଏବଂ ଇଞ୍ଜିନିୟରମାନେ ନାମକୁ ମାତ୍ର ଶିକ୍ଷିତ ହେବାକୁ ନେଇ ଆମେ ଆଶ୍ଚର୍ଯ୍ୟ ହେବା ଉଚିତ ନୁହେଁ। କାରଣ ଏହା ସେମାନଙ୍କର ଦୋଷ ନୁହେଁ।

ଏହି ସମସ୍ୟା ଖରାପ ଦେବାରେ ଲାଗିଛି ଓ ଆମେ ୧୦ ବର୍ଷ ପୂର୍ବାବସ୍ଥାକୁ ଚାଲିଯାଇଛୁ। ଅବଶ୍ୟ କୋଭିଡ୍ ସମସ୍ୟାକୁ ବଢ଼ାଇ ଦେଇଛି। କିଛି ମାସ ପୂର୍ବେ କରାଯାଇଥିବା ଏକ ସର୍ଭେରୁ ସ୍ପଷ୍ଟ ହୋଇଛି , ମହାମାରୀ ସମୟରେ କେବଳ ୮% ଗ୍ରାମୀଣ ପିଲା ଅନ୍‌ଲାଇନ୍‌ରେ ପଢୁଥିଲେ। ଅଧିକାଂଶ ପିଲା ବେଳେବେଳେ ପଢୁଥିଲେ ଏବଂ ୩ ଜଣରେ ଜଣେ ଆଦୌ ପଢୁ ନ ଥିଲେ। ଏଏସ୍ଇଆର୍ ସର୍ଭେ ଆଉ ମଧ୍ୟ ଦର୍ଶାଇଛି ଯେ, ପ୍ରଥମ ଥର ପାଇଁ ଦେଶରେ ସରକାରୀ ସ୍କୁଲଗୁଡ଼ିକରେ ନାମ ଲେଖା ସଂଖ୍ୟା ବୃଦ୍ଧି ପାଇଛି। ୨୦୦୬ରେ ଏହି ସଂଖ୍ୟା ୭୩%ରୁ ହ୍ରାସ ପାଇ ୨୦୧୮ସୁଦ୍ଧା ଥିଲା ୬୫% ଏବଂ ଏବେ ତାହା ପୁନର୍ବାର ବୃଦ୍ଧି ପାଇ ୭୨% ପହଞ୍ଚିଛି। ତେବେ ସରକାରୀ ସ୍କୁଲଗୁଡ଼ିକ ହଠାତ୍ ଘରୋଇ ସ୍କୁଲଗୁଡ଼ିକଠାରୁ ଅଧିକ ଆକର୍ଷଣୀୟ ହୋଇଯାଇଛି କି? ନା, ଅନେକ କୋଟି ଭାରତୀୟ ପରିବାର ଦାରିଦ୍ର୍ୟ ମଧ୍ୟକୁ ଠେଲି ହୋଇଯାଇଥିବାରୁ ସେମାନେ ପିଲାମାନଙ୍କୁ ଘରୋଇ ବିଦ୍ୟାଳୟରେ ପଢ଼ାଇବାକୁ ସକ୍ଷମ ହୋଇପାରି ନାହାନ୍ତି। ତେବେ ଆମର ସମସ୍ୟାକୁ ସ୍ୱୀକାର କେଲେ ହିଁ ଆମେ ତାହାକୁ ସମାଧାନ କରିପାରିବା। ଗଙ୍ଗାର କ୍ରୁସି(ଜାହାଜ) ଏବଂ ଚିତାବାଘ ବ୍ୟତୀତ ଆମ ପ୍ରାଥମିକ ଶିକ୍ଷାର ବିପର୍ଯ୍ୟୟ ବିଷୟରେ ସରକାର କେବେ କହିଥିବାର କେହି ଶୁଣିଛନ୍ତି କି? କେନ୍ଦ୍ର ସରକାର ଗତ ବଜେଟରେ ୮୮,୦୦୦ କୋଟି ଟଙ୍କା ଶିକ୍ଷା ଉପରେ ଖର୍ଚ୍ଚ କରିଥିଲେ। ଏହା ବୁଲେଟ୍ ଟ୍ରେନ୍ ପାଇଁ ବରାଦ ଅର୍ଥଠାରୁ କମ୍। ଆମ ଶାସନରେ ଏମିତିକା ଘଟଣା ଅନ୍ୟ କ୍ଷେତ୍ରରେ ବି ଘଟୁଛି। ବିଶ୍ୱବ୍ୟାଙ୍କ ତଥ୍ୟ ଅନୁଯାୟୀ, ୨୦୧୩ରେ ସ୍ୱାସ୍ଥ୍ୟ ଉପରେ ଭାରତର ବ୍ୟୟ ଜିଡିପିର ୩.୭% ଥିବାବେଳେ ଏବେ ତାହା ୩%ରେ ରହିଛି।

ବିଶ୍ୱରେ ଅନ୍ୟ ଦେଶଗୁଡ଼ିକ ସମସ୍ୟାକୁ ସ୍ୱୀକାର କରିବା ପରେ ସମାଧାନ ପାଇଁ କାର୍ଯ୍ୟ ଆରମ୍ଭ କରୁଛନ୍ତି। କିନ୍ତୁ ଏଠାରେ ସରକାର ସମସ୍ୟାକୁ ଅସ୍ୱୀକାର କରୁଛନ୍ତି। ସରକାର ଜାଣନ୍ତି କିମ୍ବା ଭଲ ଭାବେ ଅବଗତ ଯେ, ଶିକ୍ଷା ଓ ସ୍ୱାସ୍ଥ୍ୟ ସମସ୍ୟାର ସମାଧାନ କରିପାରିବେ ନାହିଁ ଏବଂ କିପରି ସମାଧାନ କରାଯିବ ସେ ସମ୍ପର୍କରେ ତାଙ୍କର କୌଣସି ଧାରଣା ବି ନାହିଁ। ସମସ୍ୟା ସମାଧାନ କରିବା ଲାଗି ଦୃଢ ଶାସନ ଦରକାର। କେବଳ ଉଦ୍‌ଘାଟନ, ଫ୍ୟାନ୍ସି ଡ୍ରେସ୍ ଏବଂ ଭାଷଣରେ ସବୁ ସମସ୍ୟା ସମାଧାନ ହେବ ନାହିଁ। ଡିସେମ୍ବରରେ ସହରୀ ବେରାଜଗାର ୧୦% ଥିଲା। କିଛି ବର୍ଷ ତଳେ ଯାହା ଥିଲା ତା'ଠାରୁ ଏହା ପ୍ରାୟ ୩ଗୁଣ ଅଧିକ। ବିଗତ ଦଶନ୍ଧିଗୁଡ଼ିକରେ କୃଷିଭିତ୍ତିକ ନିଯୁକ୍ତି ବି ହ୍ରାସ ପାଇଆସିଛି। ଏହା ହିଁ ଆମ ବାସ୍ତବତା ଓ ସରକାରୀ ତଥ୍ୟରୁ ଏହା ସ୍ପଷ୍ଟ ହୋଇଛି। ଅନ୍ୟ ଏକ ବିଷୟ ହେଉଛି, ସରକାର ତାଙ୍କ କାମ ପାଇଁ ଉତ୍ତରଦାୟୀ ହେଉନାହାନ୍ତି। ଏକ ପୂର୍ଣ୍ଣାଙ୍ଗ ଜୀବନ ଜିଇବା ଏବଂ ବିଶ୍ୱରେ ଅନ୍ୟ ପିଲାମାନଙ୍କ ସହ ପ୍ରତିଯୋଗିତା କଲା ଭଳି ଆମ ପିଲାମାନଙ୍କୁ ଉପଯୁକ୍ତ ଶିକ୍ଷା ଦେବା ହେଉଛି ଉତ୍ତମ ଶାସନ। ଏହା ବାଦ୍ ଆଉ ଯାହା କରାଯାଉଛି ତାହା ସବୁ ଖାଲି ଡ୍ରାମା।

Email:aakar.patel@gmail.com

# ନ୍ୟାୟପାଳିକାକୁ କରାୟତ୍ତ କରିବାର ଷଡ଼ଯନ୍ତ୍ର



କେଦାର ମିଶ୍ର

ଗତ ୬ ଜାନୁୟାରୀରେ ଭାରତର ଆଇନ ମନ୍ତ୍ରୀ କିରଣ ରିଜିଜୁ ସୁପ୍ରିମକୋର୍ଟ ମୁଖ୍ୟ ବିଚାରପତିଙ୍କୁ ଚିଠି ଲେଖି ଦାବି କରିଛନ୍ତି ଯେ, ଦେଶର ସୁପ୍ରିମକୋର୍ଟ ଏବଂ ହାଇକୋର୍ଟ ପାଇଁ ବିଚାରପତି ନିଯୁକ୍ତି ପାଇଁ ରହିଥିବା କଲେଜିୟମରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପ୍ରତିନିଧିଙ୍କୁ ସାମିଲ କରାଯାଉ। ଗତ କିଛି ମାସ ଧରି ମୋଦି ସରକାର ସୁପ୍ରିମକୋର୍ଟ ଉପରେ ଚାପ ପ୍ରୟୋଗ କରିବାର ଯେଉଁ ପ୍ରକ୍ରିୟା ଜାରି ରଖିଛନ୍ତି, ଏହି ଚିଠି ସେହି ପ୍ରକ୍ରିୟାର ଏକ ଅଂଶବିଶେଷ ମାତ୍ର। ମୋଦି ସରକାର ଚାହାନ୍ତି ସୁପ୍ରିମକୋର୍ଟ ତାଙ୍କ ଚାପରେ ପ୍ରଭାବିତ ହୋଇ ରୁହନ୍ତୁ। କଲେଜିୟମ ବ୍ୟବସ୍ଥାକୁ ସମାଲୋଚନା କରିବା ଆଳରେ ସରକାର ଓ ସରକାରୀ ଦଳ ସୁପ୍ରିମକୋର୍ଟଙ୍କୁ ବିଭିନ୍ନ ବାଗରେ ନିନ୍ଦିତ କରିଚାଲିଛନ୍ତି। ସ୍ୱାଧୀନ ଭାରତର ଇତିହାସରେ କୌଣସି ସରକାର ନ୍ୟାୟପାଳିକା ଉପରେ ଏ ପ୍ରକାର ଆକ୍ରମଣ କରିବାର ସାହସ କେବେ କରି ନ ଥିଲେ। ଏପରିକି ଜରୁରିକାଳୀନ ପରିସ୍ଥିତି ସମୟରେ ମଧ୍ୟ ଇନ୍ଦିରା ଗାନ୍ଧୀ ସରକାର ସୁପ୍ରିମକୋର୍ଟ ବିରୋଧରେ ବକ୍ତବ୍ୟ ରଖିବାର ସାହସ କରି ନ ଥିଲେ।

ତେବେ ମୋଦି ସରକାର ହଠାତ୍ କଲେଜିୟମ ବ୍ୟବସ୍ଥାକୁ ନେଇ ଅକସ୍ମାତ୍ ଏତେ ଚିନ୍ତିତ ହେବାର କାରଣ କ'ଣ? ଅକ୍ଟୋବର ୨୦୧୫ରେ ଯେତେବେଳେ ସୁପ୍ରିମକୋର୍ଟ ଭାରତୀୟ ସଂସଦରେ ଗୃହୀତ ଜାତୀୟ ନ୍ୟାୟପାଳିକା ନିଯୁକ୍ତି କମିଶନ ଆଇନକୁ ଅସାମ୍ବିଧାନିକ ଘୋଷଣା କଲେ, ତାକୁ ନେଇ ସେତେବେଳେ ଭାଜପା ସରକାର ଆପାତତଃ ଚୁପ ରହିଥିଲେ। ତତ୍କାଳୀନ ଆଇନମନ୍ତ୍ରୀ ସୁପ୍ରିମକୋର୍ଟଙ୍କ ରାୟକୁ ସୋସିଆଲ ମିଡିଆରେ ସମାଲୋଚନା କରିଥିଲେ ମଧ୍ୟ ଏହି ରାୟର ସମୀକ୍ଷା ପାଇଁ ଅପିଲ କରି ନ ଥିଲେ କିମ୍ବା ସଂସଦରେ ଏହାର ପୁନଃ ଆଲୋଚନା ହୋଇ ନ ଥିଲା। ହଠାତ ସାତ ବର୍ଷ ପରେ ମୋଦି ସରକାର ସୁପ୍ରିମକୋର୍ଟଙ୍କୁ ନେଇ ଏତେ ଅସୁରକ୍ଷିତ ହେବାର କାରଣ କ'ଣ ? କଲେଜିୟମ ବ୍ୟବସ୍ଥା ବିରୋଧରେ ଏବେ ସରକାର, ଉପ ରାଷ୍ଟ୍ରପତି ଏବଂ ଭାଜପା ସିଧା ସିଧା ଆକ୍ରମଣ କରିବାର ଉଦ୍ଦେଶ୍ୟ କ'ଣ ?

ଏବେ ଭାଜପା ତରଫରୁ ଗୋଟେ ପ୍ରଶ୍ନ ସବୁଠି ରଖାଯାଉଛି, ବିଚାରପତିମାନେ ନିଜେ ବିଚାରପତି ନିଯୁକ୍ତ କରିବେ କେମିତି? ଏହାର ଉତ୍ତରରେ କୁହାଯାଇପାରିବ ଯେ ନ୍ୟାୟପାଳିକା ସମ୍ପର୍କରେ ବିଚାରପତିମାନଙ୍କର ଯେଉଁ ଅଭିଜ୍ଞତା ଓ ଅନୁଭବ ରହିଛି, ସେହି ଆଧାରରେ ଓ ନ୍ୟାୟପାଳିକା ଏକ ସ୍ୱାଧୀନ ବ୍ୟବସ୍ଥା ଭାବରେ ବିଚାରପତି ନିଯୁକ୍ତି ପାଇଁ ଯୋଗ୍ୟତାର ଅଧିକାରୀ। ସମ୍ବିଧାନର ଧାରା ୧୨୪ ଅତି ସ୍ପଷ୍ଟ ଭାବରେ ଉଲ୍ଲେଖ କରିଛି ଯେ, ସୁପ୍ରିମକୋର୍ଟ ମୁଖ୍ୟ ବିଚାରପତିଙ୍କ ପରାମର୍ଶକ୍ରମେ ରାଷ୍ଟ୍ରପତି ହାଇକୋର୍ଟ ଏବଂ ସୁପ୍ରିମକୋର୍ଟ ବିଚାରପତିଙ୍କୁ ନିଯୁକ୍ତି ଦେବେ। ମୂଳରୁ ସୁପ୍ରିମକୋର୍ଟ ଏକ ସ୍ୱାଧୀନ ଅନୁଷ୍ଠାନ ଭାବରେ ନ୍ୟାୟପାଳିକାର ନିଯୁକ୍ତି ପ୍ରକ୍ରିୟା ପାଇଁ ଅଧିକାରପ୍ରାପ୍ତ। ଏଥିରେ ମାତ୍ରାଧିକ ସରକାରୀ ହସ୍ତକ୍ଷେପକୁ ଆଡେଇବାକୁ ଯାଇ ୧୯୯୩ରେ ସୁପ୍ରିମକୋର୍ଟଙ୍କର ଏକ ଖଣ୍ଡପୀଠ ବିଚାରପତିଙ୍କ ବଦଳି ଓ ନିଯୁକ୍ତି ପ୍ରକ୍ରିୟାକୁ ଅଧିକ ଶକ୍ତିଶାଳୀ କରିବା ଉଦ୍ଦେଶ୍ୟରେ କଲେଜିୟମ ବ୍ୟବସ୍ଥା ପାଇଁ ନିର୍ଦ୍ଦେଶ ଦେଇଥିଲେ। ୨୦୧୫ରେ କଲେଜିୟମ ବ୍ୟବସ୍ଥାକୁ ବଦଳାଇ ଯେତେବେଳେ ଏକ ଜୁଡିସିଆଲ ନିଯୁକ୍ତି କମିଶନ କଥା ଉଠିଲା, ତାକୁ ବ୍ୟାପକ ପରୀକ୍ଷା ନିରୀକ୍ଷା ପରେ ସୁପ୍ରିମକୋର୍ଟ ଅସାମ୍ବିଧାନିକ ବୋଲି ରଦ୍ଦ କରି ଦେଇଥିଲେ।

ବର୍ତ୍ତମାନ ସମୟରେ ସୋସିଆଲ ମିଡିଆ ଏବଂ ସରକାର ସମର୍ଥିତ ମିଡିଆ ଜରିଆରେ ପ୍ରଚାର କରାଯାଉଛି ଯେ, କଲେଜିୟମ ବ୍ୟବସ୍ଥା ବଦଳାଇ ଏକ ସରକାରୀ ନିୟନ୍ତ୍ରିତ ବ୍ୟବସ୍ଥା ଅଣାଯାଉ। ଯଦିଓ ଆଜିର କଲେଜିୟମ ବ୍ୟବସ୍ଥାରେ ସରକାରଙ୍କର ପ୍ରଭାବ କିଛି କମ୍ ନୁହେଁ, ତଥାପି ସରକାର ନିଯୁକ୍ତି ଓ ବଦଳି



ପ୍ରକ୍ରିୟାରେ ନିଜର ପୂର୍ଣ୍ଣ ନିୟନ୍ତ୍ରଣ ଚାହୁଁଛନ୍ତି। ଆଜିର ବ୍ୟବସ୍ଥାରେ ହାଇକୋର୍ଟ ବିଚାରପତି ନିଯୁକ୍ତି ପ୍ରକ୍ରିୟାରେ ହାଇକୋର୍ଟର କଲେଜିୟମ ବିଚାରପତି ପ୍ରାର୍ଥୀଙ୍କ ନାମକୁ ମୁଖ୍ୟମନ୍ତ୍ରୀ, ରାଜ୍ୟପାଳ ଏବଂ କେନ୍ଦ୍ର ଆଇନ ମନ୍ତ୍ରଣାଳୟକୁ ପଠାଇଥାନ୍ତି। ସେଠୁ ଅନୁମୋଦନ ପାଇଲା ପରେ ସୁପ୍ରିମକୋର୍ଟ କଲେଜିୟମ ଏହି ନାମକୁ ପୁଣିଥରେ କେନ୍ଦ୍ର ସରକାରଙ୍କ ପାଖକୁ ପଠାନ୍ତି। ସରକାର ହଁ କଲା ପରେ ଯାଇ ବିଚାରପତିଙ୍କୁ ରାଷ୍ଟ୍ରପତି ନିଯୁକ୍ତି ଦିଅନ୍ତି। ଏବେ ଦେଖାଯାଉଛି ଏତେସବୁ ବ୍ୟବସ୍ଥା ସତ୍ତ୍ୱେ ମଧ୍ୟ କେନ୍ଦ୍ର ସରକାର ନିଯୁକ୍ତି ପ୍ରକ୍ରିୟାକୁ ବର୍ଷ ବର୍ଷ ଧରି ଝୁଲେଇ ରଖୁଛନ୍ତି। ଏହାସହିତ ବିଚାରପତିମାନଙ୍କୁ ବରଖାସ୍ତ କରିବାର କ୍ଷମତା ଆଜି ମଧ୍ୟ ସଂସଦ ହାତରେ ରହିଛି। ଏତେ ସବୁ ସରକାରୀ ନିୟନ୍ତ୍ରଣ ସତ୍ତ୍ୱେ ମଧ୍ୟ ମୋଦି ସରକାର ସୁପ୍ରିମ କୋର୍ଟ ଓ ହାଇକୋର୍ଟଙ୍କୁ ନିଜ ହାତମୁଠାରେ ନଚାଇବାକୁ ସ୍ପଷ୍ଟ ଭାବରେ ଚାହୁଁଛନ୍ତି।

କେଉଁ ଦକ୍ଷତା, କ୍ଷମତା ଏବଂ ଅଭିଜ୍ଞତା ବଳରେ ଜଣେ ସରକାରୀ ପ୍ରତିନିଧି କଲେଜିୟମରେ ରହିବେ? ଏଭଳି ଦାବି ଆଇନମନ୍ତ୍ରୀଙ୍କର ବେଆଇନ ନୁହେଁ କି? ସମ୍ବିଧାନର ଧାରା ୫୦ ଅତି ସ୍ପଷ୍ଟ ଭାବରେ ସରକାର ଓ ନ୍ୟାୟପାଳିକାର ଅଧିକାରକୁ ଅଲଗା ରଖିବାକୁ କହିଛି। ତା' ସତ୍ତ୍ୱେ ବିଚାରପତିଙ୍କ ନିଯୁକ୍ତି ଓ ବଦଳିରେ ହସ୍ତକ୍ଷେପ କରିବା ପାଇଁ ଦାବି କରିବାର ଅର୍ଥ ହେଉଛି, ସମ୍ବିଧାନ ଓ ଅଦାଲତର ଅବମାନନା। ଏ ସରକାର ସ୍ପଷ୍ଟତଃ ସମ୍ବିଧାନ ବିରୋଧରେ କାମ କରୁଛନ୍ତି।

ସରକାରୀ ଦଳ ଓ ତାଙ୍କର କର୍ମକର୍ତ୍ତାମାନେ ନିର୍ବୋଧ ଭାବରେ ପଚାରୁଛନ୍ତି – ବିଚାରପତିମାନେ ନିଜେ ବିଚାରପତି ନିଯୁକ୍ତ କରିବେ କେମିତି? ସେମାନେ ଜାଣନ୍ତି ନାହିଁ ଯେ ଏ ଦେଶର ଅଦାଲତଗୁଡ଼ିକରେ ସବୁଠୁ ଅଧିକ ମାମଲା କେନ୍ଦ୍ର ଓ ରାଜ୍ୟ ସରକାରମାନଙ୍କ ବିରୋଧରେ ରହିଥାଏ। ସେହି ଦୃଷ୍ଟିରୁ ସବୁଠୁ ବଡ଼ ମାମଲାବାଜ ହାତକୁ ବିଚାରପତି ନିଯୁକ୍ତି ଓ ବଦଳି କ୍ଷମତା ଦିଆଯିବ କେମିତି? ନ୍ୟାୟାଳୟକୁ ଅକ୍ତିଆର କରି ଦେଶରେ ଗଣତନ୍ତ୍ର ଓ ସମ୍ବିଧାନର ଶାସନ ଧ୍ୱଂସ କରିବାକୁ ଏହା ଭାଜପାର ଏକ ପରୋକ୍ଷ ଷଡ଼ଯନ୍ତ୍ର ବୋଲି କହିବା ହୁଏତ ଭୁଲ୍ ହେବନି।

kedarsikha@gmail.com

# ତେଜସ୍ୱୀ ରାଷ୍ଟ୍ରନାୟିକା

ବ୍ୟକ୍ତିତ୍ୱ



ଓଲେନା ଜେଲେନ୍‌ସ୍କା

ବିଶ୍ୱରେ ଏମିତି କୌଣସି ସମସ୍ୟା ନାହିଁ, ଯାହା ମାନବଜାତି ଚାହିଁଲେ ସମାଧାନ କରିପାରିବ ନାହିଁ। ଯଦି ସମସ୍ତେ ଯୋଡ଼ି ହୋଇଯିବା ବିଶ୍ୱରେ ଶାନ୍ତି ବିରାଜମାନ କରିବ। ସୁଇଜରଲାଣ୍ଡର ଡାଭୋସ୍‌ଠାରେ ବିଶ୍ୱ ଅର୍ଥନୈତିକ ଫୋରମ୍ (ଡବ୍ଲ୍ୟୁଇଏଫ୍)ର ବାର୍ଷିକ ସମ୍ମିଳନୀର ୧୭ ଜାନୁୟାରୀରେ ୟୁକ୍ରେନ୍‌ର ପ୍ରଥମ ମହିଳା ନାଗରିକ ତଥା ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କିଙ୍କ ସହଧର୍ମିଣୀ ଓଲେନା ଜେଲେନ୍‌ସ୍କା ଏଭଳି ଉଦ୍‌ବୋଧନ ଦେବା ପରେ ଅନ୍ତର୍ଜାତୀୟସ୍ତରରେ ସମବେଦନାର ଏକ ବିଦ୍ୟୁତ୍ ପ୍ରବାହିତ ହୋଇଯାଇଛି। ସ୍ୱାମୀଙ୍କ ଅଦମ୍ୟ ସାହସ ସହ କାନ୍ଧମିଳାଇ ଜେଲେନ୍‌ସ୍କା ଯେଉଁଭଳି ବିଶ୍ୱବାସୀଙ୍କୁ ଯୁଦ୍ଧ ଯୋଗୁ ମାନବ ସମାଜ ଉପରେ ପଡ଼ିଥିବା ଚଡ଼କ ବିଷୟ ଉଲ୍ଲେଖ କରିଛନ୍ତି, ତାହା ଡବ୍ଲ୍ୟୁଇଏଫ୍ ସଭାପତି ବର୍ଜେ ବ୍ରେଣ୍ଡେଙ୍କ ସମେତ ୧୨୬ ଦେଶରୁ ଯାଇଥିବା ବିଶେଷଜ୍ଞ ଓ ପ୍ରାୟ ୨,୭୦୦ ନେତାଙ୍କୁ ଅଭିଭୂତ କରିଦେଇଛି।

କେବଳ ଏକତା ହିଁ ଶାନ୍ତି ଫେରାଇ ଆଣିବ। ଏଭଳି ସଙ୍କଟ ସମୟରେ ବିଶ୍ୱ ସମୁଦାୟ ରୁଷିଆ ବିରୋଧରେ ସ୍ୱର ଉତ୍ତୋଳନ କରିବାର ସମୟ ଆସିଛି ବୋଲି ଓଲେନା ଆହ୍ୱାନ ଦେଇଛନ୍ତି। ରୁଷିଆର ଆକ୍ରମଣ ଯୋଗୁ ଅନେକ ହଜାର ସାମରିକ ଓ ସାଧାରଣ ନାଗରିକଙ୍କ ମୃତ୍ୟୁ ଘଟିଥିବା ବେଳେ ୮୦ ଲକ୍ଷ ୟୁକ୍ରେନୀୟ ବିଭିନ୍ନ ଦେଶରେ ଶରଣାର୍ଥୀ ପାଲଟିଛନ୍ତି। ଏବେ ୟୁକ୍ରେନ୍ ଭୂମିରେ ରୁଷିଆର ବାରୁଦ ଥିବା ଭୟରେ କୃଷକ କ୍ଷେତକୁ ଯାଉନାହିଁ। ପ୍ରାୟ ସବୁ ଲୋକ ପ୍ରତି ମୁହୂର୍ତ୍ତରେ ମୃତ୍ୟୁ ଭୟରେ ଜର୍ଜରିତ। ବିଶ୍ୱ ଖାଦ୍ୟ ଓ ଶକ୍ତି ସଙ୍କଟ ସହ ଜଳବାୟୁ ସମସ୍ୟା ବଢ଼ିଯାଇଛି। ୟୁକ୍ରେନ୍‌ର ସମସ୍ତ ସହର ରୁଷିଆ ବୋମାମାଡ଼ରେ ଜଳୁଥିବା ବେଳେ ବିଶ୍ୱବାସୀ ନିରପେକ୍ଷ ଜଳବାୟୁ ବିଷୟ ଭାବିବା ସ୍ୱପ୍ନ। ଡାଭୋସ୍‌ଠାରେ ଏଭଳି ଓଜସ୍ୱିନୀ ଭାଷଣ ଦେଇ ବିଶ୍ୱବାସୀଙ୍କ ଦୃଷ୍ଟି ଆକର୍ଷଣ କରିଥିବା ଓଲେନାଙ୍କ ମାନବବାଦୀ ଚିନ୍ତାଧାରା ଓ ପଦକ୍ଷେପ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିବା ସ୍ୱାଭାବିକ।

ୟୁକ୍ରେନ୍‌ର କ୍ରାଇଭି ରି'ଠାରେ ୬ ଫେବୃୟାରୀ ୧୯୭୮ ମସିହାରେ ଓଲେନା ଜନ୍ମଗ୍ରହଣ କରିଥିଲେ। ୨୦୦୦ ମସିହାରେ କ୍ରାଇଭି ରି' ଟେକ୍ନିକାଲ ୟୁନିଭର୍ସିଟିରୁ 'ଅର୍ବାନ ଆଣ୍ଡ କନ୍‌ଷ୍ଟ୍ରକ୍ସନ ମ୍ୟାନେଜମେଣ୍ଟ'ରେ ସ୍ନାତକ ଡିଗ୍ରୀ ଅର୍ଜନ କରିଥିଲେ। ସେ ମଧ୍ୟ ଏକ ସଙ୍ଗୀତ ବିଦ୍ୟାଳୟରୁ ଶିକ୍ଷା ଗ୍ରହଣ କରି ପିଆନୋ ବାଦନରେ ପାରଦର୍ଶୀ ହୋଇଥିଲେ। କ୍ରାଇଭ୍ ରି' ଜିମ୍ନାସିୟମ୍ ନଂ.୯୫ରେ ପଢୁଥିବାବେଳେ ଜେଲେନ୍‌ସ୍କିଙ୍କୁ ଭେଟିଥିଲେ। ୨୦୦୩ରେ ସେମାନଙ୍କ ପ୍ରେମ ବିବାହରେ ପରିଣତ ହୋଇଥିଲା। ସେମାନଙ୍କଠାରୁ ୨୦୦୪ରେ ଝିଅ ଓଲେକ୍‌ସାନ୍ଦ୍ରା ଓ ୨୦୧୩ରେ ପୁଅ କ୍ରିଏଲୋ ଜନ୍ମ ନେଇଥିଲେ। ପରିବାର ଏବେ କିଭ୍‌ରେ ରହୁଛନ୍ତି। ଓଲେନାଙ୍କ ବ୍ୟକ୍ତିଗତ ରୁଚି କ୍ରୀଡ଼ା ଉପଭୋଗ, ପଢ଼ିବାରେ ଆନନ୍ଦ ଓ ସିନେମାଟୋଗ୍ରାଫିର ମୁଗ୍ଧ ପ୍ରଶଂସକ ଭାବେ ରହିଆସିଛି।

ସ୍ୱାମୀଙ୍କ କ୍ୟାରିୟର ହାସ୍ୟ ଅଭିନେତାରୁ ଆରମ୍ଭ ହୋଇଥିବାରୁ ଓଲେନା ମଧ୍ୟ ମନୋରଞ୍ଜନ କ୍ଷେତ୍ର ସହ ସଂଶ୍ଳିଷ୍ଟ ରହିବାକୁ ସୁମଧୁର ସଂଯୋଗ ବୋଲି ଧରାଯାଇଥାଏ। ପ୍ରସିଦ୍ଧ 'କଭର୍ଟାଲ୍ ୯୫ ଷ୍ଟୁଡିଓ'ର ଓଲେନା ପ୍ରତିଷ୍ଠାତା ସଦସ୍ୟ ରହିଆସିଛନ୍ତି। 'କମେଡିଆନ୍ ଲାଫ୍ ପ୍ରୋଗ୍ରାମ୍'ର ସର୍ଜନାଠାରୁ ଆରମ୍ଭ କରି ଅନ୍ୟାନ୍ୟ କାର୍ଯ୍ୟକ୍ରମ ଲାଗି ପାଣ୍ଡୁଲିପି ପ୍ରସ୍ତୁତ କରି ଓଲେନା ମଧ୍ୟ ଜଣେ ସେଲିବ୍ରିଟି ଲେଖକ ଭାବେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି।

ଉପରଲିଖିତ ଚରିତ୍ରରେ ଅବତୀର୍ଣ୍ଣ ହୋଇଆସିଥିବା ଓଲେନା ଜଣେ ପ୍ରଗତିଶୀଳ ଚିନ୍ତାନାୟିକା ଓ ସାହସୀ ମହିଳା ଭାବେ ନିଜକୁ ବିଶ୍ୱ ଆଗରେ ଛିଡ଼ା କରାଇବା ତାଙ୍କ ବ୍ୟକ୍ତିତ୍ୱର ଉଜ୍ଜ୍ୱଳ ଦିଗକୁ ଦର୍ଶାଇଥାଏ। ଯୁଦ୍ଧ ପୂର୍ବରୁ ସେ ନିଜ ଦେଶର ନାଗରିକଙ୍କ ସ୍ୱାସ୍ଥ୍ୟ, ଶିକ୍ଷା, ସମସ୍ତଙ୍କ ପାଇଁ ସମାନ ସୁଯୋଗ, ସାଂସ୍କୃତିକ ଅଭୀପ୍ସା ଓ ସର୍ବୋପରି ୟୁକ୍ରେନ୍‌ର ଭବିଷ୍ୟତ ଗଢ଼ିବା ଦିଗରେ କାର୍ଯ୍ୟ ଆରମ୍ଭ କରିଥିଲେ। ୨୦୨୧ ଅଗଷ୍ଟ ୨୩ରେ ଫାଷ୍ଟ ଲେଡିଜ୍ ଆଣ୍ଡ ଜେଣ୍ଟଲମ୍ୟାନ୍ କିଭ୍ ସମ୍ମିଳନୀ ଆୟୋଜନ କରି ଓଲେନା ବିଶ୍ୱ ନଜରକୁ ଆସିଥିଲେ। ୨୦୨୨ ଫେବୃୟାରୀ ୨୪ରେ ରୁଷିଆ ଯେତେବେଳେ ୟୁକ୍ରେନ୍ ଉପରେ ଆକ୍ରମଣ କଲା ଓଲେନାଙ୍କ ଭିତରେ ଅଙ୍କୁରୋଦ୍‌ଗମ ହୋଇଯାଇଥିବା ନେତୃତ୍ୱ ପାରିପାର୍ଶ୍ୱିକ ସ୍ଥିତିରୁ ବଢ଼ିବାକୁ ଲାଗିଲା। ନିଜ ଦେଶର ନାଗରିକଙ୍କ ସୁରକ୍ଷା ସକାଶେ ପ୍ରଥମ ମହିଳା ନାଗରିକ ଯେ ଏତେବଡ଼ ଲମ୍ଫ ପ୍ରଦାନ କରିପାରନ୍ତି ତାହାର ପ୍ରତିଫଳନ ହୋଇଥିଲା, ଯେତେବେଳେ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ ଓ ତାଙ୍କ ସ୍ତ୍ରୀ ଜିଲ୍ ବାଇଡେନ ୟୁକ୍ରେନ୍‌ର ଅନ୍ୟତମ ସହର ଉଜ୍‌ହୋରାଡ୍‌ରେ ୮ ମେ' ୨୦୨୨ରେ ପହଞ୍ଚିଥିଲେ। ଓଲେନା ସେଠାରେ ଜିଲ୍‌ଙ୍କୁ ସାକ୍ଷାତ କରି ୟୁକ୍ରେନ୍‌ର ଅସ୍ୱାଭାବିକ ସ୍ଥିତି ବର୍ଣ୍ଣନା କରିଥିଲେ। ତେବେ ତାଙ୍କ ନେତୃତ୍ୱର ଅନ୍ତର୍ଜାତୀୟସ୍ତରୀୟ ପରାକାଷ୍ଠା ପ୍ରଦର୍ଶନ ହୋଇଥିଲା ଜୁଲାଇ ୨୦୨୨ରେ ଆମେରିକା ଗସ୍ତ କାର୍ଯ୍ୟକ୍ରମରୁ। ଆମେରିକା କଂଗ୍ରେସରେ ଭାଷଣ ଦେବାରେ ଓଲେନା ଅନ୍ୟ ଦେଶର ପ୍ରଥମ ମହିଳା ଭାବେ କୀର୍ତ୍ତିମାନ ରଚିଥିଲେ। ସେଠାରେ ସେ ନିଜ ଦେଶର ନାଗରିକଙ୍କ କରୁଣ ଛବି ପ୍ରଦର୍ଶନ କରି ଯୁଦ୍ଧ ବିଭୀଷିକା କେତେ ଯେ କ୍ଷତି କରିପାରେ, ତାହାର ବିବରଣୀ କଂଗ୍ରେସ ସଦସ୍ୟଙ୍କ ନିକଟରେ ଉପସ୍ଥାପନ କରିଥିଲେ। ସେ ଆମେରିକାକୁ ଅସ୍ତ୍ର ମାଗିବାକୁ ଯାଇ କହିଥିଲେ- 'ତାଙ୍କ ଯୁଦ୍ଧାସ୍ତ୍ର ଭିକ୍ଷା କୌଣସି ଦେଶ ବିରୋଧରେ ଯୁଦ୍ଧ ଘୋଷଣା ଲାଗି ଅଭିପ୍ରେତ ନୁହେଁ; ବରଂ ନିଜ ଦେଶକୁ ରକ୍ଷାକରି ଦେଶବାସୀଙ୍କୁ ଉଜାଗର କରିବାରେ ସହାୟକ ହୋଇପାରିବ'। କେବଳ ଆମେରିକା ନୁହେଁ, ୧୯ ସେପ୍ଟେମ୍ବର ୨୦୨୨ରେ ବ୍ରିଟେନ ରାଣୀ ଏଲିଜାବେଥ୍ ୨ୟଙ୍କ ଅନ୍ତ୍ୟେଷ୍ଟିରେ ଯୋଗଦେଇ ଓଲେନା ଦେଖାଇଦେଇଥିଲେ ଯେ ଯୁଦ୍ଧ ଜର୍ଜରିତ ୟୁକ୍ରେନ୍ ମଧ୍ୟ ବିଶ୍ୱର ପ୍ରତ୍ୟେକଟି ଆତ୍ମାକୁ ସମ୍ମାନ ଦେବାରେ ସଚେଷ୍ଟ।

ଓଲେନାଙ୍କ ବ୍ୟକ୍ତିତ୍ୱର ବହୁମୁଖୀ ଦିଗକୁ ଆଲୋଚନା କରିଚାଲିଲେ, ଆଜିର ଯୁବପିଢ଼ି ଜଣେ ଯୁଦ୍ଧଗ୍ରସ୍ତ ରାଷ୍ଟ୍ରର ପ୍ରଥମ ମହିଳା ନାଗରିକ ଯେ କେତେ ଦୃଢ଼ମନା ତାହା ବୁଝିପାରିବେ। ଡିସେମ୍ବର ୨୦୨୨ରେ ତାଙ୍କୁ ବିବିସିର ଶ୍ରେଷ୍ଠ ୧୦୦ ମହିଳା ସମ୍ମାନ, ଆମେରିକାର ହିଲାରୀ ରୋଧାମ୍ କ୍ଲିଣ୍ଟନ୍ ସମ୍ମାନ ସହ ଅନେକ ଅନ୍ତର୍ଜାତୀୟ ବ୍ୟକ୍ତିତ୍ୱର ସ୍ୱୀକୃତି ମିଳିଲାଣି। କିନ୍ତୁ ଦେଶରକ୍ଷା ସହ ବିଶ୍ୱଶାନ୍ତି ଲାଗି କରୁଥିବା ପ୍ରଚେଷ୍ଟା ସଫଳ ହେଲେ ଓଲେନାଙ୍କ ବ୍ୟକ୍ତିତ୍ୱ ସର୍ବସମ୍ମୁଖରେ ଅଧିକ ଉଜ୍ଜ୍ୱଳ ଦିଶିବ; ରୁଷୀୟ ନାଗରିକ ମଧ୍ୟ ଏକଥାରେ ଏକମତ ହେବେ।

– ଜିତେନ୍ଦ୍ର କୁମାର ନାୟକ

## ଏଇ ଭାରତରେ

ପରିବେଶ ପ୍ରଦୂଷଣ ରୋକିବାରେ ରାଜସ୍ଥାନରେ ଜଣେ ଚା' ବିକାଳିଙ୍କ ପ୍ରୟାସ ପ୍ରଶଂସନୀୟ। ଯେଉଁମାନେ ତାଙ୍କ ଦୋକାନକୁ ପ୍ଲାଷ୍ଟିକ୍ ବର୍ଜ୍ୟ ଆଣୁଛନ୍ତି, ସେମାନଙ୍କୁ ସେ ଚା' ଓ ଜଳଖିଆ ମାଗଣାରେ ଦେଉଛନ୍ତି। ସେହି ଚା' ଦୋକାନୀ ହେଉଛନ୍ତି ଭାଗା ସିଂ। ଭାଗାଙ୍କ ବୟସ ୩୧। ରାଜସ୍ଥାନର କୁମ୍ଭଗଡ଼ ଦୁର୍ଗ ନିକଟରେ ତାଙ୍କ ଦୋକାନ। ଭାଗା ରୁହନ୍ତି ଦୁର୍ଗ ନିକଟସ୍ଥ କେଲୱାରା ଗାଁରେ। ଆର୍ଥିକ ଅନଟନରୁ ସେ ୮ମ ଶ୍ରେଣୀ ଯାଏ ପଢ଼ିଛନ୍ତି ଏବଂ ୧୨ ବର୍ଷ ହେଲା ଚା' ବିକ୍ରି କରୁଛନ୍ତି। ଏହି ଦୋକାନ ରୋଜଗାରରେ ସେ ତାଙ୍କ ଦିବ୍ୟାଙ୍ଗ ପିତାଙ୍କ ସହ ୫ ଜଣ ପରିବାର ସଦସ୍ୟଙ୍କ ଭରଣପୋଷଣ କରୁଛନ୍ତି। କୁମ୍ଭଗଡ଼ ଦୁର୍ଗର ପାଚେରି ୩୬ କି.ମି. ଓ ଏହା ଚାଇନା ୱାଲ୍ ପରେ ବିଶ୍ୱର ଦ୍ୱିତୀୟ ଦୀର୍ଘତମ। ପ୍ରତିଦିନ ସେଠାକୁ ବହୁ ପର୍ଯ୍ୟଟକ ଅସିଥା'ନ୍ତି। ତେବେ ସେଠାକାର ପରିବେଶକୁ ସ୍ୱଚ୍ଛ ରଖିବା ଲାଗି ଭାଗା ଡିସେମ୍ବର ୨୦୨୨ରୁ ଏହି ବ୍ୟବସ୍ଥା ଖଞ୍ଜିଛନ୍ତି ଓ ମାସକ ଭିତରେ ୫୦ କେ.ଜି. ପ୍ଲାଷ୍ଟିକ୍ ବର୍ଜ୍ୟ ସଂଗ୍ରହ କରିଛନ୍ତି। ୧ କେ.ଜି. ପ୍ଲାଷ୍ଟିକ ବର୍ଜ୍ୟ ଦେଲେ ସେ ଚା' ସହ ସିଙ୍ଗଡ଼ା ବି ଦେଉଛନ୍ତି। ଭାଗା ଦୋକାନ ଆଗରେ ଲେଖିଛନ୍ତି- ପ୍ଲାଷ୍ଟିକ୍ ଦିଅ, ଚା' ପିଅ। ସେ ଲୋକଙ୍କଠାରୁ ପ୍ଲାଷ୍ଟିକ୍ ବର୍ଜ୍ୟ ସଂଗ୍ରହ କରି ବର୍ଜ୍ୟ ସଂଗ୍ରହକାରୀଙ୍କୁ ଦେଉଛନ୍ତି। ସେଥିରୁ ଲାଭ ଆଶା ନ ରଖି କେବଳ ପରିବେଶକୁ ପ୍ଲାଷ୍ଟିକମୁକ୍ତ କରିବାକୁ ଚାହୁଁଛନ୍ତି ବୋଲି କହନ୍ତି ଭାଗା। କେବଳ ଏତିକି ନୁହେଁ, ସେ ତାଙ୍କ ଗାଁରେ ସ୍ୱଚ୍ଛ ପରିମଳ ପାଇଁ ୧୦୦-୧୫୦ ଘରେ ପାଇଖାନା କରିବାକୁ ସାହାଯ୍ୟ କରିଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୨୨ ଜାନୁୟାରୀ ୧୯୯୮

- ଜିମ୍ବାୱେରେ ଏଚ୍.ଜେ.ଏମ୍. ବିରୁଦ୍ଧରେ ଏକ ବିଦ୍ରୋହକୁ ନେଇ ରାଷ୍ଟ୍ରପତି ରବର୍ଟ ମୁଗାବେ ଦେଶରେ ଜରୁରିକାଳୀନ ପରିସ୍ଥିତି ଘୋଷଣା କରିଛନ୍ତି।
- ରାଷ୍ଟ୍ରପତି ବୋରିସ ୟେଲଟ୍‌ସିନ ରୁଷିଆର ବାୟୁସେନାଧ୍ୟକ୍ଷ ଜେନେରାଲ ପ୍ରିୟୋଟର ଜେନିକିନ୍‌ଙ୍କୁ ତାଙ୍କ ପଦବୀରୁ ବହିଷ୍କାର କରିଛନ୍ତି।
- ଗୁଜରାଟର ପୂର୍ବତନ ମନ୍ତ୍ରୀ ତଥା ରାଷ୍ଟ୍ରୀୟ ଜନତା ପାର୍ଟିର ଅସନ୍ତୁଷ୍ଟ ନେତା ଆତ୍ମାରାମ ପଟେଲ ଏବଂ ରାଜ୍ୟ ବିଧାନସଭାର ପୂର୍ବତନ ବାଚସ୍ପତି ହିମତଲାଲ ମୁହାନୀଙ୍କ ଜନତା ଦଳରେ ଯୋଗଦାନ।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 6 | 3 | 1 | | | | |
| | | 3 | | 9 | | 1 | | |
| | | 8 | 2 | | | | | |
| | | | | | | 9 | 5 | 4 |
| | | | | 7 | 3 | | | 2 |
| | | | | | | | | 8 |
| 6 | | | | 2 | | | | |
| | 2 | | | | 7 | | | |
| | 8 | | | 5 | | | 7 | 6 |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 2 | 9 | 7 | 1 | 5 | 4 | 8 | 6 |
| 7 | 5 | 8 | 4 | 6 | 3 | 9 | 1 | 2 |
| 6 | 1 | 4 | 2 | 8 | 9 | 7 | 3 | 5 |
| 9 | 7 | 6 | 5 | 4 | 1 | 3 | 2 | 8 |
| 4 | 3 | 2 | 6 | 7 | 8 | 5 | 9 | 1 |
| 5 | 8 | 1 | 3 | 9 | 2 | 6 | 4 | 7 |
| 8 | 4 | 3 | 1 | 5 | 7 | 2 | 6 | 9 |
| 1 | 6 | 7 | 9 | 2 | 4 | 8 | 5 | 3 |
| 2 | 9 | 5 | 8 | 3 | 6 | 1 | 7 | 4 |

ଗତ କାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## ଧାର୍ମୀୟ କାର୍ଯ୍ୟରେ ଡାକବାଜି ଯନ୍ତ୍ର

ମହାଶୟ,

ଜନ କିଙ୍ଗ୍‌ସ ଜଣେ ବିଦେଶୀ ମାଟିର କବି। ଖୁବ୍ ଅଳ୍ପ ବୟସରେ ସେ ଆରପାରିକୁ ଚାଲି ଯାଇଥିଲେ। ତାଙ୍କ ମତରେ ଧର୍ମ ହେଉଛି ପବିତ୍ର ଶଠତା। କିଙ୍ଗ୍‌ସ ମତ ନିଶ୍ଚିତ ଭାବନାର ବିଷୟ। କିନ୍ତୁ ବାସ୍ତବ ଅର୍ଥରେ ଦେଖିବାକୁ ଗଲେ ଧର୍ମ ହେଉଛି ଈଶ୍ୱରଙ୍କୁ ଆରାଧନା କରି ମନରୁ ମଳିନତା ଦୂର କରିବା। ତେବେ ଧର୍ମର ମୂଳ ଉଦ୍ଦେଶ୍ୟ ହେଲା ମନ୍ଦିର ମସ୍‌ଜିଦ୍‌କୁ ଯାଇ ଈଶ୍ୱରଙ୍କୁ ଆରାଧନା କରିବା। ଈଶ୍ୱରଙ୍କ ଗୁଣଗାନ କରିବା। ଏଥିପାଇଁ ମନ୍ଦିର ମସ୍‌ଜିଦ ଚର୍ଚ୍ଚରେ କାନଫଟା ଗର୍ଜନ କରି ମାଇକ୍ ବଜାଇବା ଅଯଥା ଅହଂକାରର ପ୍ରତୀକ ନୁହେଁ କି। ନିଶ୍ଚିତ ଭାବରେ ଭାରତ ଏକ ଧର୍ମନିରପେକ୍ଷ ରାଷ୍ଟ୍ର। ଏ ଦେଶରେ ପ୍ରତ୍ୟେକ ସମ୍ପ୍ରଦାୟ ନିଜର ଧାର୍ମିକ ନୀତି ପାଳନ କରିବାର ସମ୍ପୂର୍ଣ୍ଣ ଅଧିକାର ଦିଆଯାଇଛି। ଏହାର ଅର୍ଥ କ'ଣ ସ୍ୱେଚ୍ଛାଚାରିତା ନାମରେ ମନ୍ଦିର ମସ୍‌ଜିଦ ଗୀର୍ଜାରେ ମାଇକ ବଜାଇ ଅହଂକାର ଦେଖାଇବା। ଖାଲି ମନ୍ଦିର ମସ୍‌ଜିଦ୍ ନୁହେଁ ନାମଯଜ୍ଞରେ ଉଚ୍ଚ ଶବ୍ଦରେ ମାଇକ ଲଗାଇ ମନ୍ତ୍ର ଉଚ୍ଚାରଣ କରିବା ଦେଖିବାକୁ ମିଳୁଛି। ଏହା ଦ୍ୱାରା ଶବ୍ଦପ୍ରଦୂଷଣ ମଧ୍ୟ ବଢୁଛି।

– ରଞ୍ଜନ ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଚେତନ ହେଲାଣି କେତେ ଜଡ଼
କେତେ ଜୁଇ ହୁଏ କୁଆଁ ରବ!
ଆଲୋକ-ଛାୟାର କେତେ ଛବି
ପଥେ ଆସି ଯାଏ ପୁଣି ଦ୍ରବି
ରଚି ସୁଖ ଦୁଃଖ ନବ ନବ
କେତେ ଜୁଇ ହୁଏ କୁଆଁ ରବ।
(ପୌଷ-ମଳୟ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସଂକ୍ଷେପରେ

### ଯୁବତୀଙ୍କୁ ଅପହରଣ ଅଭିଯୋଗରେ ଯୁବକ ଗିରଫ

ଧର୍ମଶାଳା,୨୧।୧(ଡି.ଏନ.ଏ.): ଜେନାପୁର ଥାନା ଅଞ୍ଚଳର ଜଣେ ଯୁବତୀଙ୍କୁ ଅପହରଣ କରି ଯୌନ ନିର୍ଯାତନା ଦେବା ଅଭିଯୋଗରେ ପୋଲିସ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସମ୍ପୃକ୍ତ ଯୁବକ ହେଲେ ବାଲିକୁଦିଆ ଗ୍ରାମର ଜୀବନ ମଲିକ (୨୧)। ଥାନା ଅଞ୍ଚଳର ସମ୍ପୃକ୍ତ ଯୁବତୀ କୌଣସି କାମରେ ନିକଟସ୍ଥ କବାଟବନ୍ଧ ବଜାରକୁ ଯାଇ ସନ୍ଧ୍ୟାରେ ଘରକୁ ଫେରୁଥିଲେ। ଏହି ସମୟରେ ଜୀବନ ତାଙ୍କୁ ଜୋରଜବରଦସ୍ତ ଅପହରଣ କରିନେଇ ନିକଟସ୍ଥ ଏକ ବଣରେ ଯୌନ ନିର୍ଯାତନା ଦେଇଥିଲେ। ଏନେଇ ଯୁବତୀ ଥାନାରେ ଅଭିଯୋଗ କରିବା ପରେ ପୋଲିସ ନଂ.୨୪/୨୩ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଘଟଣାପରେ ଅଭିଯୁକ୍ତ ଫେରାର ହୋଇ ଯାଇଥିଲେ। ପୋଲିସ ତାଙ୍କୁ ସୁକିନ୍ଦା ଅଞ୍ଚଳରୁ ଗିରଫ କରିଥିଲା। ଶନିବାର ଉଭୟଙ୍କର ଡାକ୍ତରୀମାଇନା କରାଯିବା ପରେ ଯୁବକଙ୍କୁ କୋର୍ଟ ଚାଲାଣ କରାଯାଇଛି ବୋଲି ଥାନା ଅଧିକାରୀ ଉମାକାନ୍ତ ନାୟକ ସୂଚନା ଦେଇଛନ୍ତି।

# ଖୁବ୍‌ଶୀଘ୍ର ଭିତରକନିକା ପ୍ଲାଷ୍ଟିକମୁକ୍ତ ହେବ

**ଭିତରକନିକା ଇକୋ ଟୁରିଜମ୍ ଆଣ୍ଡ ଇକୋ ଡେଭଲପମେଣ୍ଟ ସୋସାଇଟି ବୈଠକ**

ରାଜନଗର, ୨୧।୧(ଡି.ଏନ.ଏ.)

ରାଜନଗର ବନ୍ୟପ୍ରାଣୀ ଡିଭିଜନ କାର୍ଯ୍ୟାଳୟରେ ଭିତରକନିକା ଇକୋ ଟୁରିଜମ୍ ଓ ଇକୋ ଡେଭଲପମେଣ୍ଟ ସୋସାଇଟିର ଗଭର୍ନିଂବଡି ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। କମିଟିର ଅଧ୍ୟକ୍ଷ ତଥା ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ ମନୋଜ କୁମାର ମହାପାତ୍ର ଭର୍ଚୁଆଲ ମୋଡରେ ବୈଠକରେ ପୌରୋହିତ୍ୟ କରିଥିଲେ। ଏଥିରେ ରାଜନଗର ଡିଏଫ୍‌ଓ ସୁଦର୍ଶନ ଗୋପୀନାଥ ଯାଦବ ଗତ ଆର୍ଥିକ ବର୍ଷରେ ଭିତରକନିକା ଜାତୀୟ ଉଦ୍ୟାନରେ କରାଯାଇଥିବା ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ ସମ୍ପର୍କରେ ସୂଚନା ଦେବା ସହ ଚଳିତବର୍ଷ ଆରମ୍ଭରେ ଭିତରକନିକାରେ ଶୁଆଯୋରରୁ ଭିତରକନିକା ପାଦଚଲା ରାସ୍ତା, ଡାଙ୍ଗମାଳଠାରେ ନୂତନ ନଳକୂପ, କୁମ୍ଭୀର ପ୍ରଜନନ କେନ୍ଦ୍ରରେ ରହୁଥିବା ବଉଳାକୁମ୍ଭୀର ସମ୍ପର୍କିତ ସୂଚନାଫଳକ ଲଗାଯିବା, ସୋଭେନର ସପ୍‌କୁ ରିମଡେଲିଂ କରିବା, ଇ-ରିକ୍ସା ପାଇଁ ଚାର୍ଜିଂ ଶେଡ ନିର୍ମାଣ, ଡ୍ରାଇଭର



ଭିତରକନିକା ଇକୋ ଟୁରିଜମ୍ ଓ ଇକୋ ଡେଭଲପମେଣ୍ଟ ଉନ୍ନୟନ ପରିଷଦ ବୈଠକ।

ରୁମ୍‌ର ରେନୋଭେଶନ, ଭିତରକନିକା ଫରେଷ୍ଟ ବ୍ଲକ ଅଞ୍ଚଳରେ ସିଟିଂ ବ୍ୟବସ୍ଥା ସହ ଦୋବନ୍ଧିଠାରେ ଟିକେଟ କାଉଣ୍ଟର ଖୋଲିବାକୁ ପ୍ରସ୍ତାବ ରଖିଥିଲେ। ବୈଠକରେ ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ସୂର୍ଯ୍ୟ ନାରାୟଣ ଲେଙ୍କା ଭିତରକନିକାକୁ ପ୍ଲାଷ୍ଟିକ ଫ୍ରି ଜୋନ୍ କରିବାକୁ ପ୍ରସ୍ତାବ ରଖିଥିଲେ। ନିକଟରେ ମୃତ୍ୟୁବରଣ କରିଥିବା ୧୭ ଫୁଟ ୮ ଇଞ୍ଚ ଲମ୍ବର କୁମ୍ଭୀର ପେଟରୁ ୨ଟି ପଲିଥିନ ଓ ଗୋଟିଏ ପ୍ଲାଷ୍ଟିକ ଦଉଡି ବାହାରିଥିଲା। ପଲିଥିନ ଓ ପ୍ଲାଷ୍ଟିକ ଭିତରକନିକାର ଜୀବଜନ୍ତୁ ଓ ଜୈବ ବିବିଧତାକୁ ବିଗାଡୁଛି। ଭିତରକନିକାର ସମସ୍ତ ଏଣ୍ଟ୍ରି ପଏଣ୍ଟରେ ପଲିଥିନ ବଦଳରେ କପଡ଼ା କିମ୍ବା କାଗଜ ବ୍ୟାଗ ରଖାଯିବା, ପର୍ଯ୍ୟଟକମାନେ ଯେତିକି ପାଣି ବୋତଲ ନେଇ ଜାତୀୟଉଦ୍ୟାନ ମଧ୍ୟକୁ ଯିବେ, ସେମାନଙ୍କଠାରୁ ବୋତଲ ପିଛା ଟୋକନ ମନି ରଖାଯାଉ। ସେମାନେ ଫେରିବା ବେଳେ ଖାଲି ପ୍ଲାଷ୍ଟିକ ବୋତଲ ଦେଖାଇଲେ, ସେମାନେ ଦେଇଥିବା ଟୋକନ ମନି ଫେରସ୍ତ ଦେବାର ବ୍ୟବସ୍ଥା କରାଯାଉ ବୋଲି କହିଥିଲେ। ଖୁବ୍‌ଶୀଘ୍ର ଏହି ପ୍ରସ୍ତାବ କାର୍ଯ୍ୟକାରୀ କରାଯିବ ବୋଲି ଆରସିସିଏଫ୍ ଓ ଡିଏଫ୍‌ଓ ପ୍ରତିଶ୍ରୁତି ଦେଇଥିଲେ। ବୈଠକରେ ଆସନ୍ତା ବର୍ଷାଦିନ ପରେ କାଳିଭଞ୍ଜଡିଆକୁ ପର୍ଯ୍ୟଟକମାନଙ୍କୁ ଛଡାଯିବ। କାଳିଭଞ୍ଜଡିଆରେ ପାଦଚଲା ରାସ୍ତା ସହ ଅନ୍ୟ ଉନ୍ନତିମୂଳକ କାମ ଜାରି ରହିଛି ବୋଲି ଡିଏଫ୍‌ଓ ସୂଚନା ଦେଇଥିଲେ। ବୈଠକରେ ଜିଲା ସହକାରୀ ମତ୍ସ୍ୟ ଅଧିକାରୀ ଯୋଗଦେଇ ବ୍ରାକିସ ୱାଟର ମାଛଚାଷ ପାଇଁ ୫ ଶହରୁ ଅଧିକ ଆବେଦନ ଆସିଛି। ୨୦୨୦ରେ ଭିତରକନିକା ଅଭୟାରଣ୍ୟର ନୂତନ ନୋଟିଫିକେଶନ ପ୍ରକାଶ ପାଇଛି। ତା'ର ସୀମା ନିର୍ଦ୍ଧାରଣ ହୋଇ ନ ଥିବାରୁ ଲାଇସେନ୍ସ ପ୍ରଦାନ କରିହେଉନି ବୋଲି କହିଥିଲେ। ଭିତରକନିକା ଅଭୟାରଣ୍ୟ ସହ ଇକୋ ସେନ୍‌ସିଟିଭ ଜୋନ୍ ଆଇନକୁ ତର୍ଜମା କରାଯାଇ ପଦକ୍ଷେପ ନିଆଯିବ ବୋଲି ନିଷ୍ପତ୍ତି ହୋଇଥିଲା। ବୈଠକରେ ଏସିଏଫ୍ ପୁନମ୍ ହୀରା ହାଁସଦା, ତହସିଲଦାର ଅଶ୍ୱିନୀ କୁମାର ଭୂୟାଁ, କନିକା ରେଞ୍ଜ ଅଫିସର ମାନସ କୁମାର ଦାସ, ରାଜନଗର ରେଞ୍ଜ ଅଫିସର ଚିତ୍ତରଞ୍ଜନ ବେହୁରା ପ୍ରମୁଖ ଯୋଗଦେଇ ବିଭିନ୍ନ ପ୍ରସ୍ତାବମାନ ରଖିଥିଲେ। ବୈଠକରେ ଭଦ୍ରକ ଡିଏଫ୍‌ଓ ଅଧର କୁମାର ବେହେରା ଭର୍ଚୁଆଲ ମୋଡରେ ଯୋଗ ଦେଇଥିଲେ। ବୈଠକରେ ଇକୋ କ୍ଲବର ମାଷ୍ଟର ଟ୍ରେନର ଗୋପୀନାଥ ଦାସ ଇକୋ କ୍ଲବର ମନିଟରିଂ ସହ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ପାଇଁ ନେଚର କ୍ୟାମ୍ପର ବ୍ୟବସ୍ଥା କରିବାକୁ କହିଥିଲେ। ଡାଙ୍ଗମାଳ ଇଡିସିର ସଭାପତି ପ୍ରଭାତ କୁମାର ବେହେରା ପୂର୍ବରୁ ଯେଉଁ ପରିମାଣରେ ବାର୍ହା ଦେଖାଯାଉଥିଲେ, ଏବେ ଦେଖାଯାଉନାହାନ୍ତି, କୁଆଡେ ଗଲେ ବାର୍ହା ବୋଲି ପ୍ରଶ୍ନ କରିଥିଲେ। ବୈଠକରେ ଗୁପ୍ତି ଇଡିସିର ସଭାପତି ଖଗେଶ୍ୱର ଲେଙ୍କା, ନକୁଳ ପଡିହାରୀ, ପିପୁଲ ଫର ଆନିମଲର ସମ୍ପାଦକ ସୁଧାଂଶୁ ପରିଡା ପ୍ରମୁଖ ଯୋଗଦେଇ ଜନବସତିକୁ ବନ୍ୟଜନ୍ତୁ ପଶି ଆସୁଛନ୍ତି। ଫାଙ୍କାଥିବା ସ୍ଥାନରେ ତାରବାଡ଼ ବୁଲାଇବାକୁ ପ୍ରସ୍ତାବ ରଖିଥିଲେ। ଗୁପ୍ତି ଏଣ୍ଟ୍ରି ପଏଣ୍ଟରେ ପର୍ଯ୍ୟଟକଙ୍କ ସଂଖ୍ୟା କମୁଥିବାରୁ ଗୁପ୍ତି ପାଇଁ ପ୍ରଚାର ପ୍ରସାର ଅଧିକ କରିବାକୁ ଗୁପ୍ତି ଇଡିସିର ସଭାପତି ଲେଙ୍କା ପ୍ରସ୍ତାବ ରଖିଥିଲେ। ଏଥିସହ ହବାଲିଖଟିକୁ ଗୁପ୍ତିର ପ୍ରାଇଭେଟ ବୋଟ୍‌କୁ ୨ଦିନ ଯିବାକୁ ଅନୁମତି ଦିଆଯାଇଛି। ସପ୍ତାହକ ୭ଦିନ ଗୁପ୍ତିରୁ ହବାଲିଖଟି ପ୍ରାଇଭେଟ ବୋଟ୍ ଚଳାଇବାକୁ ପ୍ରସ୍ତାବ ରଖିଥିଲେ। ଆଜିର ବୈଠକରେ ଗୁପ୍ତି, ଖୋଳା, ଚାନ୍ଦବାଲି, ଜୟନଗରରୁ ଭିତରକନିକାକୁ ପର୍ଯ୍ୟଟକଙ୍କୁ ନେବା ଆଣିବା କରୁଥିବା ବୋଟ୍ ଭଡା ଅପରିବର୍ତ୍ତିତ ରଖାଯାଇଛି। ବୈଠକକୁ ଡିଭିଜନ କାର୍ଯ୍ୟାଳୟର ରଞ୍ଜନ କୁମାର ପାଢୀ, ଲଲାଟେନ୍ଦୁ ସ୍ୱାଇଁ, ଫରେଷ୍ଟର ବିଜୟ କୁମାର ପାତ୍ର ପ୍ରମୁଖ ପରିଚାଳନା କରିଥିଲେ।

## କାର୍ଯ୍ୟାନୁଷ୍ଠାନ ନ ହେଲେ ଆନ୍ଦୋଳନ ଚେତାବନୀ

### ଖବରଦାତାଙ୍କୁ ଥାନା ଅଧିକାରୀଙ୍କ ଦୁର୍ବ୍ୟବହାର ଘଟଣା

ଯାଜପୁର ଟାଉନ୍,୨୧।୧(ଡି.ଏନ୍.ଏ.): ଓଟିଭିର ଖବରଦାତା ସଞ୍ଜୀବ ନାୟକ ଗତ ଗୁରୁବାର ନାୟକ ଖବର ସଂଗ୍ରହ କରୁଥିବା ବେଳେ ଯାଜପୁର ଥାନା ଅଧିକାରୀ ଅଜୟ କୁମାର ଯେନା ତାଙ୍କୁ ଦୁର୍ବ୍ୟବହାର କରିଥିବା ଅଭିଯୋଗ ହୋଇଥିଲା। ଏହି ଦୁର୍ବ୍ୟବହାରର ଭିଡିଓ ଭାଇରାଲ ପରେ ଯାଜପୁର ଖବରଦାତାଙ୍କ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ଯାଜପୁର ପ୍ରେସ୍ କ୍ଲବ୍ ପକ୍ଷରୁ ସଭାପତି ରାଜୀବ ମହାନ୍ତିଙ୍କ ନେତୃତ୍ୱରେ ସ୍ଥାନୀୟ ଏସ୍‌ଡିପିଓଙ୍କ ମାଧମରେ ଏସ୍.ପିଙ୍କ ଉଦ୍ଦେଶ୍ୟରେ ଲିଖିତ ଅଭିଯୋଗ କରାଯାଇ ସମ୍ପୃକ୍ତ ଥାନା ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଦାବି କରାଯାଇଥିଲା। ମାତ୍ର ଘଟଣାକୁ ୩ଦିନ ବିତିଯାଇଥିଲେ ମଧ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ହୋଇନାହିଁ। ଫଳରେ ଏହାକୁ ନେଇ ଖବରଦାତାଙ୍କ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଶନିବାର ଯାଜପୁର ପ୍ରେସ୍ କ୍ଲବ ପକ୍ଷରୁ ଏକ ଜରୁରୀ ବୈଠକ ଡ଼କାଯାଇ ଆଗାମୀ କାର୍ଯ୍ୟପନ୍ଥା ସ୍ଥିର କରାଯାଇଛି। ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ଆନ୍ଦୋଳନକୁ ତୀବ୍ରତର କରାଯିବା ପାଇଁ ନିଷ୍ପତ୍ତି ହୋଇଛି। ସଭାରେ ସଭାପତି ରାଜୀବ କୁମାର ମହାନ୍ତି, ସମ୍ପାଦକ ଅରୁଣ କୁମାର ରାଉତରାୟ, ବରିଷ୍ଠ ସଭ୍ୟ ସମରଜିତ୍ ମହାନ୍ତି, ଅଜୟ କୁମାର ରାଉଳ, ଜୟନ୍ତ କୁମାର ଗୋସ୍ୱାମୀ, ସଞ୍ଜୀବ ନାୟକ, ଦିଲୀପ କୁମାର ଦାସ, ସନ୍ଦୀପ୍ତ ରାୟ, ତପନ ମହାନ୍ତି, ଆଦିତ୍ୟ ମହାନ୍ତି, ଦେବାଶିଷ ସାହୁ, ଅନିଲ୍ କୁମାର ପଣ୍ଡା, ସୁରେନ୍ଦ୍ର ସାମଲ, ପରମେଶ୍ୱର ବେହୁରିଆ, ବିଜୟ କୁମାର ମହାନ୍ତି, ତପନ ମହାରଣ୍ୟ, ମହେଶ୍ୱର ସାହୁ, ସମର ବିଜୟ ଶରଣ, ସେକ୍ ମନିରୁଦ୍ଦିନ୍, ନିରଞ୍ଜନ ପଣ୍ଡା, କୃଷ୍ଣ ଚନ୍ଦ୍ର ପଣ୍ଡା, ମନୋଜ କୁମାର ରଣା, ପ୍ରଭାତ କୁମାର ତ୍ରିପାଠୀ, ମାନସ କୁମାର ତ୍ରିପାଠୀ, ଦିଲୀପ ଦାଶ, ଅକ୍ଷୟ କୁମାର ନାୟକ ପ୍ରମୁଖ ଯୋଗଦେଇ ସେମାନଙ୍କ ପ୍ରତିକ୍ରିୟା ପ୍ରକାଶ କରିଥିଲେ।

# ମାସେ ହେବ ୨ ପରିବାରକୁ ସାମାଜିକ ବାସନ୍ଦ

**ଜିଲା ଓ ବନ୍ଦର ପ୍ରଶାସନ ସମେତ ଏନ୍‌ଏଚ୍‌ଆର୍‌ସି ନିକଟରେ ଅଭିଯୋଗ**

ପାରାଦୀପ,୨୧।୧(ସ୍ୱ.ପ୍ର.)

ପାରାଦୀପ ଆଦର୍ଶ ଥାନା ଅନ୍ତର୍ଗତ ମଧୁବନ ଜଗନ୍ନାଥ ମନ୍ଦିର ପାଖ ବଙ୍ଗାଳିପଡ଼ାରେ ବସ୍ତିବାସିନ୍ଦା ଏକତ୍ରିତ ହୋଇ ଦୁଇଟି ପରିବାରକୁ ମାସେ ହେବ ସାମାଜିକ ବାସନ୍ଦ କରିଛନ୍ତି। ଏନେଇ ଜିଲା ପ୍ରଶାସନ, ବନ୍ଦର ପ୍ରଶାସନ ଓ ଜାତୀୟ ମାନବିକ ଅଧିକାର କମିଶନ(ଏନ୍‌ଏଚ୍‌ଆରସି)ଙ୍କ ନିକଟରେ ବାସନ୍ଦ ପରିବାର ପକ୍ଷରୁ ଅଭିଯୋଗ କରାଯାଇଛି। ସରକାରୀ ଜାଗା ଜବରଦଖଲ କରି ବହୁତଳ ଘର ନିର୍ମାଣ କରିବା ଘଟଣାରୁ ବିବାଦ ସୃଷ୍ଟି ହୋଇଥିବା ଜଣାପଡ଼ିଛି।

ପ୍ରକାଶ ଯେ, ଏହି ବଙ୍ଗାଳିପଡ଼ା ବସ୍ତିରେ ପ୍ରାୟ ୩୦୦ ପରିବାର ରହୁଛନ୍ତି। ସେମାନଙ୍କ ମଧ୍ୟରୁ ଅଧିକାଂଶ ବଙ୍ଗୀୟ ଭାଷାଭାଷୀ ଲୋକ। ବସ୍ତିରେ ଶୃଙ୍ଖଳା ଓ ଭାଇଚାରା ରକ୍ଷା କରିବା ପାଇଁ ଗ୍ରାମ କମିଟି ଗଠନ କରାଯାଇଛି। ଏହି ବସ୍ତି ବନ୍ଦର ଜାଗାରେ ଗଢ଼ିଉଠିଛି। ଜଣେ ପ୍ରଭାବଶାଳୀ ବ୍ୟକ୍ତି ସେଠାରେ ଦୁଇମହଲା କୋଠାଘର ନିର୍ମାଣ କରୁଥିଲେ। କୌଣସି ସୂତ୍ରରୁ ଖବରପାଇ ବନ୍ଦର ପ୍ରଶାସନ ପକ୍ଷରୁ ୨୦୨୨ ଡିସେମ୍ବର ୨୩ରେ ନିର୍ମାଣ କାର୍ଯ୍ୟ ବନ୍ଦ କରିଦିଆଯାଇଥିଲା। ଏନେଇ ଗ୍ରାମର ଅଜିତ୍ ଦାସ ବନ୍ଦର ପ୍ରଶାସନ ପାଖରେ ଅଭିଯୋଗ କରିଛନ୍ତି ବୋଲି ସମ୍ପୃକ୍ତ ବ୍ୟକ୍ତି ଗ୍ରାମ କମିଟିକୁ ଜଣାଇଥିଲେ। ଏହାପରେ ଗ୍ରାମ କମିଟି ଏକ ବୈଠକ ଡାକି ଏହାର ବିଚାର କରିଥିଲା। ସେଥିରେ ଆରୋପ ପ୍ରତ୍ୟାରୋପ ହେବାରୁ ଘଟଣା ପାରାଦୀପ ଆଦର୍ଶ ଥାନାରେ ପହଞ୍ଚିଥିଲା। ୨୪ ତାରିଖରେ ଦୁଇପକ୍ଷ ପରସ୍ପର ବିରୋଧରେ ଥାନାରେ ଅଭିଯୋଗ କରିଥିଲେ। ଏହାକୁ ଭିତ୍ତିକରି ପୋଲିସ ମାମଲା (ନଂ.୪୩୯/୨୨ ଓ ୪୪୦/୨୨) ରୁଜୁ କରିଛି। ଏହାପରେ ଅଜିତ୍‌ଙ୍କ ପରିବାରକୁ ଗ୍ରାମ କମିଟି ପକ୍ଷରୁ ସାମାଜିକ ବାସନ୍ଦ କରାଯାଇଛି ବୋଲି ସେ ଲିଖିତ ଭାବେ ଜିଲା ପ୍ରଶାସନ ପାଖରେ ଅଭିଯୋଗ କରିଛନ୍ତି। ଅଜିତ୍‌ଙ୍କ ସହ କଥା ହେବାରୁ ଆଉ ଗୋଟିଏ ପରିବାର ଅଶୋକ ଦାସଙ୍କ ଉପରେ ମଧ୍ୟ ସମାନ କଟକଣା ଲାଗୁ କରାଯାଇଛି ବୋଲି ଅଭିଯୋଗ କରାଯାଇଛି। ଘଟଣା ସମ୍ପର୍କରେ ଗ୍ରାମ କମିଟି ମୁଖିଆ ପ୍ରଦୀପ ସିଂ କହିଛନ୍ତି, ଅଜିତ୍ ଯେଉଁ ସାମାଜିକ ବାସନ୍ଦ ବିଷୟରେ ଅପପ୍ରଚାର କରୁଛନ୍ତି ତାହା ସମ୍ପୂର୍ଣ୍ଣ ମିଛ। ଏ ସମ୍ପର୍କରେ ଥାନାଧିକାରୀ ସବ୍ୟସାଚୀ ରାଉତ କୁହନ୍ତି, ଉଭୟ ପକ୍ଷର ଅଭିଯୋଗ ଆଧାରରେ ମାମଲା ରୁଜୁ କରାଯାଇଛି। ସେମାନଙ୍କ ବିଷୟରେ କୋର୍ଟ ନିଷ୍ପତ୍ତି ନେବ।

# ୨ ଦୋକାନକୁ ବୋମାମାଡ଼

ଛତିଆ,୨୧।୧(ଡି.ଏନ.ଏ.):

ଯାଜପୁର ଜିଲା ବୈରୀ ଥାନା ଅନ୍ତର୍ଗତ ଛତିଆ ଚମ୍ପାପୁର ରାସ୍ତା କଡ଼ରେ ଥିବା ଦୁଇଟି ଦୋକାନ ଉପରକୁ ଶନିବାର ରାତିରେ ଲଗାତର ଦୁଇଟି ବୋମା ମାଡ଼ ହୋଇଛି। ଦୁର୍ବୃତ୍ତ ବୋମା ଫିଙ୍ଗି ଫେରାର୍ ହୋଇଯାଇଥିବା ଜଣାପଡ଼ିଛି। ମାତ୍ର ଦୁର୍ବୃତ୍ତଙ୍କ ବୋମାମାଡରେ ଗୋପାଳ ଚନ୍ଦ୍ର ନାଥଙ୍କ ବେଙ୍ଗଲ ଏବଂ ଇମିଟେସନ ଦୋକାନ, ପ୍ରଭାକର ଲେଙ୍କାଙ୍କ ବେବି ୱାର୍ଲଡ ଦୋକାନର ଦୁଇଟି ସଟର ସାମାନ୍ୟ କ୍ଷତି ଘଟିଥିବା ବେଳେ ମାଲିକ ଗୋପାଳଙ୍କ ଡାହାଣ ହାତ କ୍ଷତିଗ୍ରସ୍ତ ହୋଇଛି। ଏହା ସହ ଦୋକାନ ସାମ୍ନାରେ ଥିବା କେତଜଣ ଗ୍ରାହକ ମଧ୍ୟ ଆହତ ହୋଇଥିବା ସୂଚନା ମିଳିଛି। ଏ ସମ୍ପର୍କରେ ସୂଚନା ପାଇ ବୈରୀ ଥାନା ଅଧିକାରୀ ପ୍ରଦୀପ୍ତ କାନୁନଗୋ ଓ ଛତିଆ ବିଟହାଉସ ପୋଲିସ ଅଧିକାରୀ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି। ବୋମାମାଡ଼ର ପ୍ରକୃତ କାରଣ ଜଣା ପଡ଼ିନାହିଁ। ଏହି ଘଟଣା ପରେ ସ୍ଥାନୀୟ ଅଞ୍ଚଳବାସୀ ଭୟଭିତ ହୋଇପଡ଼ିଛନ୍ତି। ସବୁଠାରୁ ବଡ଼ କଥା ହେଲା ଏହି ରାସ୍ତା ଦେଇ ଯିବା ଆସିବା କରୁଥିବା ପଥଚାରୀ ଯେ ନିଶ୍ଚୟ ଅସୁରକ୍ଷିତ ଏଥିରେ ସନ୍ଦେହ ନାହିଁ। ତେଣୁ ଏହି ଅଞ୍ଚଳରେ ନୀୟମିତଭାବେ ପୋଲିସ ପାଟ୍ରୋଲିଂ ପାଇଁ ଲୋକେ ଦାବି କରିଛନ୍ତି।

## ବାପଘରୁ ସ୍ତ୍ରୀ ନ ଆସିବାରୁ ସ୍ୱାମୀଙ୍କ ଆତ୍ମହତ୍ୟା

ଗୋପ,୨୧।୧(ଡି.ଏନ୍.ଏ.)

ବାପଘରୁ ସ୍ତ୍ରୀ ନ ଆସିବାରୁ ଜଣେ ବ୍ୟକ୍ତି ଶୁକ୍ରବାର ରାତିରେ ଆତ୍ମହତ୍ୟା କରିଛନ୍ତି। ଏଭଳି ଘଟଣା ପୁରୀ ଜିଲା ଗୋପ ବ୍ଲକ ଅଞ୍ଚଳରେ ଘଟିଛି। ମୃତକ ହେଲେ ଗୋପ ଥାନା ଅନ୍ତର୍ଗତ ଏରବଙ୍ଗ ଡିହସାହି ଗ୍ରାମର ଦୁଃଖିଶ୍ୟାମ ପ୍ରଧାନ(୩୫)। ଖବରପାଇ ପୋଲିସ ଶନିବାର ସକାଳେ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଛି। ଏ ନେଇ ଥାନାରେ ନଂ.୪/୨୩ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇ ଥିବାବେଳେ ପରେ ଜିଲା ସାଇଣ୍ଟିଫିକ ଟିମ୍ ଆସି ତଦନ୍ତ କରି ଫେରିଛି। ପ୍ରକାଶ ଯେ, ଦୁଃଖିଶ୍ୟାମଙ୍କ ସ୍ତ୍ରୀ ଗତ ସପ୍ତାହରେ ଏକ ଶୁଦ୍ଧିକ୍ରିୟା ନିମନ୍ତେ ବାପା ଘର ଗ୍ରାମ ପଲ୍ଲି ମାର୍କଣ୍ଡପୁରକୁ ଯାଇଥିଲେ। ଶୁକ୍ରବାର ଶୁଦ୍ଧିକ୍ରିୟା କାର୍ଯ୍ୟ ଶେଷ ହେବା ପରେ ଦୁଃଖିଶ୍ୟାମ ସ୍ତ୍ରୀଙ୍କୁ ଘରକୁ ଚାଲିଆସିବାକୁ ଟେଲିଫୋନ ମାଧ୍ୟମରେ କହିଥିଲା। କିନ୍ତୁ ସ୍ତ୍ରୀ ଆଉ ଦୁଇଦିନ ପରେ ଯିବି ବୋଲି କହିବାରୁ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ପରେ ସ୍ୱାମୀ ନିଜ କବାଟ ଦେଇ ରହିଥିଲେ। ରାତି ୧୦ଟାରେ ଖାଇବା ପାଇଁ ତାଙ୍କ ବଡ଼ ଭାଇ ଡାକିବାକୁ ଆସି ନ ଥିଲେ। ଦୀର୍ଘ ସମୟ ପର୍ଯ୍ୟନ୍ତ କବାଟ ନ ଖୋଲିବାରୁ ପରିବାର ଲୋକ ସନ୍ଦେହ କରି କବାଟ ଭାଙ୍ଗିବାରୁ ଏକ ରଶି ଦ୍ୱାରା ବେକରେ ବାନ୍ଧି ବାଉଁଶରେ ଝୁଲୁଥିବା ଦେଖିଥିଲେ। ଏ ନେଇ ପୋଲିସକୁ ଅଭିଯୋଗ କରିବା ପରେ ପୋଲିସ ଶନିବାର ଆସି ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ଚାରିଛକ ଡାକ୍ତରଖାନା ପଠାଇ ତଦନ୍ତ କରୁଥିବା ତଦନ୍ତକାରୀ ଅଫିସର ଭାସ୍କର ମାଣିଆ ସୂଚନା ଦେଇଛନ୍ତି।

# ନ୍ୟାୟ ପାଇଁ ସୁପ୍ରିମକୋର୍ଟ ମୁଖ୍ୟ ବିଚାରପତିଙ୍କୁ ନିବେଦନ

**ଯୁବ ଇଞ୍ଜିନିୟରଙ୍କ ହତ୍ୟା ଘଟଣାକୁ ସାଢ଼େ ୩ ବର୍ଷ ପୂରିଲା**

ପାରାଦୀପ,୨୧।୧(ସ୍ୱ.ପ୍ର.)

କୁଜଙ୍ଗ ଅଞ୍ଚଳର ଯୁବ ଇଞ୍ଜିନିୟର ଅମୃତ ଦାସଙ୍କ ହତ୍ୟା ଘଟଣାକୁ ଇତିମଧ୍ୟରେ ସାଢ଼େ ୩ ବର୍ଷ ବିତିଛି। ମାତ୍ର ଏପର୍ଯ୍ୟନ୍ତ ତାଙ୍କୁ ନ୍ୟାୟ ମିଳିନାହିଁ ବୋଲି ଶନିବାର ଅମୃତଙ୍କ ଜନ୍ମଦିନରେ ମା' ସୁଲୋଚନା ଦାସ ଓ ଭାଇ ସୁବ୍ରତ ଦାସ ଅଭିଯୋଗ କରିଛନ୍ତି। ଏନେଇ ସେମାନେ ପାରାଦୀପ ମଧୁବନସ୍ଥିତ ଆମ୍ବେଡ୍‌କର ଭବନରେ ଏକ ଖବରଦାତା ସମ୍ମିଳନୀ ଡାକି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ପାଇଁ ସେ ସୁପ୍ରିମ୍‌କୋର୍ଟ ମୁଖ୍ୟ ବିଚାରପତିଙ୍କୁ ଲିଖିତ ଅନୁରୋଧ କରିଛନ୍ତି ବୋଲି କହିଛନ୍ତି। ମା' ସୁଲୋଚନାଙ୍କ ସୂଚନା ଅନୁଯାୟୀ, ଗତ ୨୦୧୯ ଜୁଲାଇ


ଖବରଦାତା ସମ୍ମିଳନୀରେ ସୁବ୍ରତ ଦାସ ଓ ସୁଲୋଚନା ଦାସ।

୨୦ରେ ତାଙ୍କ ସାନପୁଅ ଅମୃତଙ୍କୁ ହତ୍ୟା କରାଯାଇଥିଲା। ସେତେବେଳେ କୁଜଙ୍ଗ ଓ ତିର୍ତ୍ତୋଲ ପୋଲିସ ପାଖରେ ଅଭିଯୋଗ କରିବା ପରେ ପୋଲିସ ହତ୍ୟା ମାମଲା ରୁଜୁ କରିଥିଲେ ହେଁ ଅଭିଯୁକ୍ତଙ୍କୁ ଗିରଫ କରିପାରିନାହିଁ। ଏ ନେଇ ପରିବାର ପକ୍ଷରୁ ଏକାଧିକ ବାର ମୁଖ୍ୟମନ୍ତ୍ରୀ ଓ ରାଜ୍ୟପାଳଙ୍କ ନିକଟରେ ଅଭିଯୋଗ କରାଯାଇଛି। ମାତ୍ର କୌଣସି ସୁଫଳ ମିଳିନାହିଁ ବୋଲି ସୁଲୋଚନା କହିଛନ୍ତି। ସୂଚନାଯୋଗ୍ୟ, ୨୦୨୦ ନଭେମ୍ବର ୨୮ରେ ସୁଲୋଚନା ଓ ସୁବ୍ରତ ଓଡ଼ିଶା ବିଧାନସଭା ଆଗରେ ଆତ୍ମାହୁତି ଦେବା ପାଇଁ ଉଦ୍ୟମ କରିଥିଲେ।

# ଲୁଣା ବିଦ୍ୟୁତ୍ ବିଭାଗ କାର୍ଯ୍ୟାଳୟ ପରିସରରୁ ଡକାୟତି

**୧୦ଲକ୍ଷ ୪୪ ହଜାର ଟଙ୍କାର ସାମଗ୍ରୀ ନେଇଗଲେ**

ମାର୍ଶାଘାଇ,୨୧।୧(ଡି.ଏନ.ଏ.)

ମାର୍ଶାଘାଇ ଥାନା ମଙ୍ଗଳା ଛକ ନିକଟରେ ଥିବା ଲୁଣା ବିଦ୍ୟୁତ ବିଭାଗ କାର୍ଯ୍ୟାଳୟ ପରିସରରୁ ଶୁକ୍ରବାର ବିଳମ୍ବିତ ରାତିରେ ଡକାୟତି ହୋଇଥିବା ନେଇ କାର୍ଯ୍ୟାଳୟର କନିଷ୍ଠ ଯନ୍ତ୍ରୀ ପ୍ରମୋଦ କୁମାର ବଳ ଅଭିଯୋଗ କରିଛନ୍ତି। କନିଷ୍ଠ ଯନ୍ତ୍ରୀ ତାଙ୍କ ଏତଲାରେ ଦର୍ଶାଇଛନ୍ତି ଯେ, ରାତ୍ର ପ୍ରାୟ ସାଢେ ୨ଟାରେ ୨୦ରୁ ୨୫ ଜଣ ଅଜଣା ଦୁର୍ବୃତ୍ତ ମୁହଁରେ କପଡ଼ା ଗୁଡ଼େଇ କାର୍ଯ୍ୟାଳୟର ଫାଟକ ତାଲା ଭାଙ୍ଗି ଭିତରକୁ ପ୍ରବେଶ କରିଥିଲେ। ସେମାନଙ୍କ ମଧ୍ୟରୁ ୫ରୁ ୬ ଜଣ ଦୁର୍ବୃତ୍ତ କଣ୍ଟ୍ରୋଲ ରୁମ୍ ଅପରେଟର ସୁଧାଂଶୁ ଶେଖର ଦାସ ଓ ନିକୁଳ ନାରାୟଣ ଜେନାଙ୍କୁ ଭୟଭୀତ କରାଇ ଘେରି ରହିଥିଲେ।


ଲୁଣା ବିଦ୍ୟୁତ୍ ବିଭାଗ କାର୍ଯ୍ୟାଳୟ।

ଅନ୍ୟମାନେ କାର୍ଯ୍ୟାଳୟ ପରିସରରେ ରହିଥିବା ୬ ଟନ ଓଜନ ବିଶିଷ୍ଟ ପୁରୁଣା କେବୁଲ ତାର, ୬ କିଲୋମିଟର ୨ଶହ ମିଟର ଲମ୍ବ ବିଶିଷ୍ଟ ୮୦ ସ୍କୋୟାର ଏମ୍‌ଏମ୍ କଣ୍ଡକ୍ଟର, ୩ କିଲୋମିଟର ଲମ୍ବ ବିଶିଷ୍ଟ ୫୫ ସ୍କୋୟାର ଏମ୍‌ଏମ୍ ବିଶିଷ୍ଟ କଣ୍ଡକ୍ଟର ଓ ୦ ରୁ ୫ କିଲୋମିଟର ବିଶିଷ୍ଟ କେବୁଲ ତାର ସେମାନେ ସାଙ୍ଗରେ ଆଣିଥିବା ୨ଟି ପିକ୍‌ଅପ୍ ଭ୍ୟାନ ଯୋଗେ ନେଇ ପଳାଇ ଥିଲେ। ଏ ସମସ୍ତ ଜିନିଷର ମୂଲ୍ୟ ପ୍ରାୟ ୧୦ ଲକ୍ଷ ୪୪ ହଜାର ଟଙ୍କା ହେବ ବୋଲି ସେ ଦର୍ଶାଇଛନ୍ତି। ଏ ସମ୍ପର୍କରେ ମାର୍ଶାଘାଇ ଥାନା ଅଧିକାରୀ ଜ୍ୟୋତି ରଞ୍ଜନ ସାମନ୍ତରାୟଙ୍କୁ ପଚାରିବାରେ ମୁଁ ସରକାରୀ କାର୍ଯ୍ୟରେ କେନ୍ଦ୍ରାପଡ଼ା ଆସିଛି। ଥାନାକୁ ଗଲେ ଏ ବିଷୟରେ ତଦନ୍ତ କରାଯିବ ବୋଲି ସେ କହିଥିଲେ।

**କେନ୍ଦ୍ରୀୟ ପଣ୍ୟାଗାର ନିଗମ**
(ଭାରତ ସରକାରଙ୍କ ଏକ ଉଦ୍ୟୋଗ)
ଆଞ୍ଚଳିକ କାର୍ଯ୍ୟାଳୟ, ମୌର୍ଯ୍ୟ ଲୋକ କମ୍ପ୍ଲେକ୍ସ, ବ୍ଲକ୍-ଏ, ୨ୟ ମହଲା, ଡାକବଙ୍ଗଳା ରୋଡ୍, ପାଟନା-୮୦୦୦୦୧
ଟେଲି.: ୦୬୧୨-୨୨୨୫୯୪୯ ଇ-ମେଲ୍: rmpat@cewacor.nic.in
ସିଡବ୍ଲୁସି/ଆରଓ/ପାଟନା/ବିକ୍ସୁଏସ୍ଏସ୍/ଏମ୍ପାନେଲମେଣ୍ଟ-ଟ୍ରାନ୍ସପୋର୍ଟର/୦୧-ବିହାର/୦୧-ଝାଡ଼ଖଣ୍ଡ/୦୧-ଓଡ଼ିଶା/୨୦୨୩ ତାରିଖ: ୨୧।୦୧।୨୦୨୩

**ଆବେଦନ ଆହ୍ୱାନକାରୀ ବିଜ୍ଞପ୍ତି**

ଓଡ଼ିଶା, ଝାଡ଼ଖଣ୍ଡ, ବିହାର ରାଜ୍ୟରେ କେନ୍ଦ୍ରୀୟ ପଣ୍ୟାଗାରଗୁଡ଼ିକରେ ଖାଦ୍ୟଶସ୍ୟ, ଔଦ୍ୟୋଗିକ ସାମଗ୍ରୀ, ଇ-ବାଣିଜ୍ୟ ସାମଗ୍ରୀ ଇତ୍ୟାଦିର ପରିବହନ ନିମନ୍ତେ ପରିବହନ ଠିକାଦାରଙ୍କ ତାଲିକାଭୁକ୍ତୀକରଣ ଲାଗି ଆଗ୍ରହୀ ପକ୍ଷମାନଙ୍କଠାରୁ ଆବେଦନ ପତ୍ର ଆହ୍ୱାନ କରାଯାଉଛି। ବିକ୍ରୟ ପାଇଁ ଦସ୍ତାବିଜ ତା୨୧।୦୧।୨୦୨୩ରିଖ ୧୦.୦୦ ଘଟିକାରୁ ତା୧୦।୦୨।୨୦୨୩ରିଖ ୨୩.୫୯ ଘଟିକା ପର୍ଯ୍ୟନ୍ତ ଉପଲବ୍ଧ ହେବ। ବିବରଣୀ ସିଡବ୍ଲୁସି ୱେବ୍‌ସାଇଟ୍ www.cewacor.nic.in ଏବଂ www.cwceprocure.com ରେ ଦେଖାଯାଇପାରିବ ଓ ଡାଉନ୍‌ଲୋଡ୍ କରାଯାଇପାରିବ। ଏହାକୁ www.tenderhome.comରେ ମଧ୍ୟ ଦେଖାଯାଇପାରିବ।

**ଆଞ୍ଚଳିକ ପରିଚାଳକ**

**SAMBALPUR DEVELOPMENT AUTHORITY**
SALIHA BAGICHA, LION'S LANE, SAMBALPUR 768001,
Ph. No.: 2401098, E-mail: secretarysdasbp@gmail.com
No.44/ SDA, I-05/2022 Sambalpur dated the 20th January, 2023

**QUOTATION CALLING EXPRESSION OF INTEREST**

Sambalpur Development Authority, Sambalpur invites sealed quotation in the prescribed quotation format with the terms and conditions appended to the format, from reputed registered Chartered Accountant firms having minimum fifteen years of experience for appointment of internal Auditor in respect of internal audit and Tax audit for the assessment year 2018-19 to 2022-23 in the context of Income Tax Laws and other statutory Laws. The sealed quotations containing EMD of Rs.10,000/- (Rupees ten thousand) only in shape of Bank Draft drawn in favour of "The Secretary, Sambalpur Development Authority" pay at Sambalpur should reach on or before dt.08.02.2023 by 3.00 P.M. through Regd. Post / Speed Post only.

The intending firms are requested to download the detailed Advertisement, quotation format and draft agreement by logging to www.sambalpur.nic.in & www.sdasambalpur.com. The quotation will be opened at 4.00 P.M. on dt.08.02.2023 at S.D.A. Office, Sambalpur.

Sd./- Finance & Accounts Member-cum-Secretary, SDA, Sambalpur

**कार्यपालक अभियंता का कार्यालय**
**ग्रामीण विकास विशेष प्रमंडल, बोकारो**

**ई–अल्पकालीन निविदा आमंत्रण सूचना**

ई–अल्पकालीन निविदा सूचना सं०–RDD/SD/BOKARO/29/2022-23
1.कार्य की विस्तृत विवरणी:

| क्र० सं० | कार्य का नाम | प्राक्कलित राशि | अग्रधन की राशि | परिमाण विपत्र का मूल्य | कार्य पूर्ण करने की अवधि |
|---|---|---|---|---|---|
| 1 | बेरमो प्रखण्ड के राम रतन उच्च विद्यालय, ढोरी बेरमो का नया भवन का निर्माण। | 49488500.00 | 990000.00 | 10000.00 | 07 माह |

2. वेबसाइट में निविदा प्रकाशन की तिथि – 27.01.2023
3. ई–निविदा प्राप्ति की अंतिम तिथि एवं समय – दिनांक 03.02.2023 अपराह्न 5:00 बजे तक।
4. ग्रामीण विकास विशेष प्रमंडल, बोकारो / मुख्य अभियंता कार्यालय, ग्रामीण विकास विशेष प्रक्षेत्र, एफ० एफ० पी० भवन, धुर्वा, राँची में निविदा शुल्क, अग्रधन की राशि, Affidavit एवं Bank Certificate for Credit Facility जमा करने की अंतिम तिथि एवं समय 06.02.2023 अपराह्न 05:00 बजे तक।
5. निविदा शुल्क, अग्रधन की राशि एवं Affidavit जमा करने की तिथि को यदि राज्य में सरकारी अवकाश घोषित होता है, तो उक्त तिथि एवं समय अगले कार्यदिवस तक स्वतः विस्तारित समझी जायेगी।
6. निविदा खोलने का स्थान – मुख्य अभियंता कार्यालय, ग्रामीण विकास विशेष प्रक्षेत्र, एफ० एफ० पी० भवन, धुर्वा, राँची।
7. निविदा खोलने की तिथि एवं समय –08.02.2023 अपराह्न 2:00 बजे।
8. निविदा आमंत्रित करने वाले पदाधिकारी का नाम एवं पता :– कार्यपालक अभियंता, ग्रामीण विकास विशेष प्रमंडल, बोकारो।
9. ई–निविदा प्रकोष्ठ का दूरभाष सं० – 9431174800 (संबंधित कार्यपालक अभियंता का दूरभाष नम्बर)
10. निविदा शुल्क राष्ट्रीयकृत बैंक द्वारा निर्गत ड्राफ्ट या बैकर्स चेक जो कार्यपालक अभियंता, ग्रामीण विकास विशेष प्रमंडल, बोकारो के पदनाम से देय एवं बोकारो में भुगतेय हो देना होगा।
11. परिमाण विपत्र की राशि घट–बढ़ सकती है, तदनुसार परिमाण विपत्र की राशि का 02 प्रतिशत अग्रधन की राशि के रूप में जमा करना होगा।
12. विशेष परिस्थिति में बिना करण बताए निविदा रद्द करने अथवा स्थगित करने का अधिकार अधोहस्ताक्षरी को सुरक्षित होगा।

विस्तृत जानकारी के लिये वेबसाईट www.jharkhandtenders.gov.in एवं कार्यालय की सूचना पट्ट पर देखा जा सकता है।

कार्यपालक अभियंता
ग्रामीण विकास विशेष प्रमंडल,बोकारो

PR 288124 Rural Development(22-23).D

**ODISHA LIFT IRRIGATION CORPORATION LIMITED**
(A Government of Odisha Undertaking)
**OFFICE OF THE EXECUTIVE ENGINEER**
**LIFT IRRIGATION DIVISION, KENDRAPARA**
E-mail: eeolickdp@yahoo.in, Tel. No.: 06727-220393
No. CAD-4600

**e-Procurement Notice**

Bid Identification No. 366/LID.KDP/2022-23, Date: 20.01.2023

1. Name of the O.I.T. : Executive Engineer, Lift Irrigation Division, Kendrapara
2. Name of the Work : Revival of 5 Nos CLIPs Sanctioned under State Plan Fund on "Turnkey Percentage Basic"
3. No. of Packages : 4 Nos
4. Tender Amount : Varies from 10.89 lakh to 21.84 lakh
5. Date and time of availability of bid documents in the portal for online bidding : From 11.00 hours Dt.02.02.2023 to 17.00 hours Dt.08.02.2023
6. Date of seeking clarification : Dt.04.02.2023 upto 13.00 hours
7. Last date and time of receipt of bids in the portal : Upto 17.00 hours Dt.08.02.2023
8. Date of opening of Technical & Financial Bids : 11.00 hours Dt.09.02.2023
9. Further details can be seen from the e-procurement portal of Govt. of Odisha i.e. www.tendersodisha.gov.in.
10. Corrigendum/addendum, if required shall be available in the above portal.

Sd./- Executive Engineer, L.I. Division, Kendrapara
OIPR-32147/11/0013/2223

## ସଂକ୍ଷେପରେ

### ହତ୍ୟା ଉଦ୍ୟମ ମାମଲା, ଜଣେ ଗିରଫ

ବ୍ରହ୍ମପୁର ଅଫିସ,୨୧।୧-ବ୍ରହ୍ମପୁର ସଦର ଥାନା ଅନ୍ତର୍ଗତ କୃପାସିନ୍ଧୁପୁର ଶାସନ ଗ୍ରାମ କୋଠ ଟଙ୍କାକୁ ନେଇ ବିବାଦ ଲାଗି ରହିଥିବା ବେଳେ ଜଣେ ଯୁବକଙ୍କୁ ହତ୍ୟା ଉଦ୍ୟମ କରାଯାଇଥିଲା। ଏହି ମାମଲାରେ ଫେରାର ଥିବା ପଞ୍ଚୁ ଦାସଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ସୂଚନାଯୋଗ୍ୟ, କୃପାସିନ୍ଧୁପୁର ଶାସନ ଗ୍ରାମର କୋଠଘର ଦାୟିତ୍ୱରେ ଥିବା ପଞ୍ଚୁ କୋଠ ସମ୍ପତ୍ତି ହେରଫେର କରିଥିବା ଅଭିଯୋଗ ହୋଇଥିଲା। ଉକ୍ତ ଗ୍ରାମର ଯୁବ ଗୋଷ୍ଠୀ ପଞ୍ଚୁଙ୍କୁ ମାଗିଥିଲେ। କିନ୍ତୁ ସେ ଉକ୍ତ ହିସାବ ଦେବାକୁ ମନା କରିବାରୁ ଗ୍ରାମର ଯୁବକ ଦଣ୍ଡ ଦାସ କୋଠ ଟଙ୍କା ଫେରସ୍ତ କରିବାକୁ ପଞ୍ଚୁଙ୍କୁ ବାଧ କରିଥିଲେ। ଉଭୟ ଗୋଷ୍ଠୀ ମଧ୍ୟରେ ଅଶାନ୍ତି ଲାଗି ରହିଥିଲା। ଦଣ୍ଡ ଦାସ କୌଣସି କାମରେ ବ୍ରହ୍ମପୁର ଯାଉଥିଲା ବେଳେ ପଞ୍ଚୁ ଓ ତାଙ୍କ ସମର୍ଥକ ତାଙ୍କର ତଣ୍ଟି ଚିପି ହତ୍ୟା ଉଦ୍ୟମ କରିଥିଲେ।

### କନ୍ଧମାଳ ଜାଗରଣ ମଞ୍ଚର ବୈଠକ

ଫୁଲବାଣୀ ଅଫିସ, ୨୧।୧: ଫୁଲବାଣୀ ସହର ମା' ନାରାୟଣୀ ମଣ୍ଡପଠାରେ କନ୍ଧମାଳ ଜଗରଣ ମଞ୍ଚର ଏକ ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ମଞ୍ଚର କର୍ମକର୍ତ୍ତା ଚୟନ ହୋଇଥିଲା। ଏହାପରେ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରାଯାଇଥିଲା । ଫୁଲବାଣୀ ସହର ଦେଇ ଯାଇଥିବା ଜାତୀୟ ରାଜପଥ ନିମନ୍ତେ ଏକ ବାଇପାସ ରାସ୍ତା ଦାବି ବହୁ ଦିନରୁ ହୋଇଆସୁଛି । ମାତ୍ର ସରକାର ଏଥିପ୍ରତି ଦୃଷ୍ଟି ଦେଉ ନାହାନ୍ତି । କରୋନା ପୂର୍ବରୁ ଭାରତ ସରକାରଙ୍କ ଦ୍ୱାରା ଏକ ଗେଜେଟ ଓ ରାସ୍ତାର ମାନଚିତ୍ର ବିଜ୍ଞପ୍ତି ପ୍ରକାଶ ପାଇଥିଲା । ଏହି ରାସ୍ତା କେନ୍ଦ୍ରୀୟ ବିଦ୍ୟାଳୟ ପଛପଟ ଦେଇ କଲାଡିଠାରେ ଜାତୀୟ ରାଜପଥ ସହିତ ମିଳିତ ହୋଇଥାନ୍ତା। ହେଲେ ତାହା ହେଉ ନ ଥିବାରୁ ସଦସ୍ୟମାନେ ଉଦବେଗ ପ୍ରକାଶ କରିଥିଲେ। ଆଗାମୀ ଦିନରେ ଜିଲାପାଳଙ୍କୁ ଭେଟି ଏହି ବାଇପାସ ରାସ୍ତା ନିମନ୍ତେ ଦାବି କରିବା ସହ ଆନ୍ଦୋଳନ କରିବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଥିଲା। ସେହିପରି ସଂସ୍କୃତି ଓ ପରମ୍ପରାର ବିଜ୍ଞାନ ସମ୍ମତ କାରଣ ଜାଣିବା ପାଇଁ ଆଗ୍ରହ ସୃଷ୍ଟି କରିବା, ସମାଜରେ ପ୍ରଚଳିତ କୁସଂସ୍କାର, ଅନ୍ଧବିଶ୍ୱାସକୁ ଦୂର କରାଯିବା, ପରିବେଶର ସୁରକ୍ଷା ପାଇଁ ଚିନ୍ତା କରିବା, ଦଣ୍ଡୁଆମାନଙ୍କୁ କଳାକାର ଭତ୍ତା ପ୍ରଦାନ କରିବା, ଦଣ୍ଡ ସମୟରେ ଦଣ୍ଡୁଆମାନଙ୍କର କୌଣସି ଦୁର୍ଘଟଣା ଜନିତ ମୃତାହତ ହେଲେ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆର୍ଥିକ ସହାୟତା ପାଇଁ ବୈଠକରେ ଦାବି ଉପସ୍ଥାପନ ହୋଇଥିଲା। ନବୀନ କିଶୋର ପଣ୍ଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ଆବାହକ ପରେଶ ମହାପାତ୍ର ପରିଚାଳନ କରିଥିଲେ ।

### ୭୫ଥର ରକ୍ତଦାନ କଲେଣି ଶ୍ୟାମସୁନ୍ଦର



ପୋଲସରା,୨୧।୧(ଡି.ଏନ.ଏ.)- ପୋଲସରାର ବ୍ଲଡ୍‌ମ୍ୟାନ୍ ଶ୍ୟାମସୁନ୍ଦର ପ୍ରଧାନ। ଅଜଣା ଅପରିଚିତ ମଣିଷ ଶରୀରରେ କାହିଁ କେତେଥର ରକ୍ତ ଦେଇ ଅମାପ ଅଜସ୍ର ଲୋକଙ୍କୁ ନୂତନ ଜୀବନ ଦେଇଛନ୍ତି ପୋଲସରା ବ୍ଲକର କଲମ୍ବ ଗ୍ରାମର ଶ୍ୟାମସୁନ୍ଦର। ପେସାରେ ଜଣେ ଲାଇବ୍ରେରୀଆନ୍ ଭାବେ ଆଠଗଡ଼ ପାଟଣା କଲେଜରେ କାର୍ଯ୍ୟରତ। ଆଉ ସେପଟେ ରକ୍ତଦେବା ତାଙ୍କର ନିଶାରେ ପରିଣତ ହୋଇଛି। ୭୫ରୁ ଉର୍ଦ୍ଧ୍ୱ ଲୋକଙ୍କୁ ରକ୍ତ ଦାନ କରି ପୋଲସରା ଓ ଏହାର ଆଖପାଖ ଅଞ୍ଚଳରେ ବ୍ଲଡ୍‌ମ୍ୟାନ୍ ଭାବେ ବେଶ୍ ପରିଚିତ ଶ୍ୟାମସୁନ୍ଦର। ୨୦୨୧ରେ ଜଣେ ଅସହାୟ ଆଞ୍ଚଳିକ କଳାକାରଙ୍କୁ ପ୍ରଥମେ ରକ୍ତଦାନ କରିଥିଲେ।

# ପରୀକ୍ଷା ପାଇଁ ଓୟୁଏଟି ଗଲା ହାତୀ ଫୁସ୍‌ଫୁସ୍, ଯକୃତ

- ଏବେବି ସନ୍ଦେହଘେରରେ ଦନ୍ତା ମୃତ୍ୟୁ
- ଟାସ୍କଫୋର୍ସର ତଦନ୍ତ

ଭଞ୍ଜନଗର,୨୧।୧(ଡି.ଏନ.ଏ)




ତିନିଦିନ ପୂର୍ବରୁ ମୃତ୍ୟୁ ଘଟିଥିବା ହାତୀ।

ଗଞ୍ଜାମ ଜିଲା ଭଞ୍ଜନଗର ଉତ୍ତର ଘୁମୁସର ବନଖଣ୍ଡ ମାଣପୁରରେ ଘଟିଥିବା ଦନ୍ତା ହାତୀ ମୃତ୍ୟୁ ମାମଲାକୁ ଶନିବାର ୩ ଦିନ ବିତିଛି। କିନ୍ତୁ ଦନ୍ତାର କେଉଁ ପରିସ୍ଥିତିରେ ମୃତ୍ୟୁ ହେଲା ତାହା ଆଜି ସୁଧା ସ୍ପଷ୍ଟ ହୋଇପାରୁନାହିଁ। ପ୍ରାଥମିକ ବ୍ୟବଚ୍ଛେଦ ରିପୋର୍ଟରେ ମଧ୍ୟ ମୃତ୍ୟୁର ସଠିକ୍ କାରଣ ଜଣାପଡୁନାହିଁ । ହାତୀଟି ବିଦ୍ୟୁତ୍ ଆଘାତ କିମ୍ବା ବିଷକ୍ରିୟା ଯୋଗୁ ମୃତ୍ୟୁବରଣ କରିଥିବାର କୈଣସି ପ୍ରମାଣ ନାହିଁ । ଆଘାତ ମଧ୍ୟ ସେଭଳି କିଛି ଶରୀର ଭିତରେ ନାହିଁ । ବ୍ୟବଚ୍ଛେଦ ସମୟରେ ପାକସ୍ଥଳୀରୁ ଯେଉଁ ପୋକ ମିଳିଥିଲା ତାହା ସ୍ୱାଭାବିକ ଭାବେ ହାତୀ ପେଟରେ ଥାଏ। ଏହିଭଳି ପରିସ୍ଥିତିରେ ହାତୀର କିଭଳି ମୃତ୍ୟୁ ହେଲା ତାହାକୁ ନେଇ ଅନେକ ପ୍ରଶ୍ନବାଚୀ ଦେଖାଦେଇଛି । ତେଣୁ ହାତୀର ମୃତ୍ୟୁର ସଠିକ୍ କାରଣ ଜାଣିବା ପାଇଁ ଫୁସ୍‌ଫୁସ୍, ଯକୃତ ଏବଂ ହାର୍ଟକୁ ଅଧିକ ପରୀକ୍ଷା ପାଇଁ ଭୁବନେଶ୍ୱର ଓୟୁଏଟିକୁ ଶୁକ୍ରବାର ପଠାଯାଇଛି । ଅପରପକ୍ଷେ ଏହି ବନଖଣ୍ଡରେ ହାତୀ ମୃତ୍ୟୁ ବଢୁଥିବା ଯୋଗୁ ପରିବେଶବିତ୍‌ମାନେ ମଧ୍ୟ ଚିନ୍ତାବ୍ୟକ୍ତ କରିଛନ୍ତି । ଏହିଭଳି ଯଦି ହାତୀ ମୃତ୍ୟୁ ସଂଖ୍ୟା ବଢ଼ିଚାଲିବ ତେବେ ଘୁମୁସର ଉତ୍ତର ବନଖଣ୍ଡ ହାତୀଶୂନ୍ୟ ହୋଇପଡ଼ିବା ଆଶଙ୍କା ଦେଖାଦେଇଛି। ହାତୀ ମୃତ୍ୟୁର ସଠିକ୍ କାରଣ ଜଣାପଡୁନଥିବା ବେଳେ ସୁପ୍ରିମକୋର୍ଟର ପୂର୍ବ ନିର୍ଦ୍ଦେଶ ପ୍ରକାରେ ଯୁଗ୍ମ ଟାସ୍କ ଫୋର୍ସ ଘଟଣାର ତଦନ୍ତ କରିବ । ତେଣୁ ଗୁରୁବାର ଓ ଶୁକ୍ରବାର ଦୁଇଦିନ ଯୁଗ୍ମ ଟାସ୍କ ଫୋର୍ସ ଘଟଣାସ୍ଥଳ ପରିଦର୍ଶନ କରି ତଦନ୍ତ କରି ଶୁକ୍ରବାର ରାତିରେ ଫେରିଯାଇଛି। ଗ୍ରାମବାସୀଙ୍କ ସହ ଆଲୋଚନା ସମୟରେ ବନ ବିଭାଗ କର୍ମଚାରୀଙ୍କୁ ସେଠାରୁ ଦୂରେଇ ରଖାଯାଇଥିଲା। ବିଭାଗୀୟ କର୍ମଚାରୀ ଉପସ୍ଥିତ ରହିଲେ ଗ୍ରାମବାସୀ ଖୋଲାଖୋଲି ଭାବେ ଟାସ୍କ ଫୋର୍ସ ଅଧିକାରୀଙ୍କ ସହ ଆଲୋଚନା କରିପାରିବେ ନାହିଁ । ସେହି ଆଶଙ୍କାରେ କର୍ମଚାରୀଙ୍କୁ ଦୂରେଇ ରଖାଯାଇଥିଲା। ଏହି ସମୟରେ ଗ୍ରାମବାସୀ ଫସଲ କ୍ଷତିପୂରଣ ନିର୍ଦ୍ଧାରିତ ସମୟରେ ନମିଳିବା, ଅନ୍‌ଲାଇନ୍ ମାଧ୍ୟମରେ ଆବେଦନ ପ୍ରକ୍ରିୟା ନେଇ ଅସନ୍ତୋଷ ବ୍ୟକ୍ତ କରିଥିଲେ । ଏଥିସହ ବିଭିନ୍ନ ସମୟରେ କର୍ମଚାରୀମାନଙ୍କ ଅସହଯୋଗ ନେଇ ମଧ୍ୟ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଟାସ୍କ ଫୋର୍ସ ମାଣପୁର ଗ୍ରାମ ଚତୁପାର୍ଶ୍ୱ ବୁଲିବା ସହ ଗ୍ରାମବାସୀଙ୍କ ସହ ଆଲୋଚନା କରି ହାତୀ ମୃତ୍ୟୁର କାରଣ ଖୋଜିବାକୁ ଚେଷ୍ଟା କରିଥିଲେ। ଏନେଇ ପ୍ରାଣୀ ବିଶେଷଜ୍ଞ ଡ଼.ରାକେଶ ପତିଙ୍କ ସହ ଯୋଗାଯୋଗ କରିବାରୁ ସେ କହିଛନ୍ତି, ହାତୀଟି କେଉଁଭଳି ପରିସ୍ଥିତିରେ ମୃତ୍ୟୁବରଣ କରିଛି ତାହା ସଠିକ୍ ଭାବେ ଜଣାପଡୁନାହିଁ । ତେଣୁ ହାତୀର ବିଭିନ୍ନ ଅଙ୍ଗ ଅଧିକ ପରୀକ୍ଷା ପାଇଁ ଭୁବନେଶ୍ୱର ଓୟୁଏଟିକୁ ପଠାଯାଇଛି। ହାତୀର ବାହ୍ୟ ଆଘାତ ସେତେ ଅଧିକ ନଥିଲା, ବିଦ୍ୟୁତ୍ ଆଘାତ କିମ୍ବା ବିଷର କୈଣସି ଠୋସ୍ ପ୍ରମାଣ ମିଳିନାହିଁ। ହାତୀର ବୟସ ପାଖାପାଖି ୪୦ ହେବ ।

# ଶ୍ରୀଜଗନ୍ନାଥ ଡିଗ୍ରୀ ମହାବିଦ୍ୟାଳୟରେ କ୍ରୀଡ଼ା ଓ ସାଂସ୍କୃତିକ ଉତ୍ସବ

ରମ୍ଭା,୨୧।୧




ଅତିଥିଙ୍କ ଦ୍ୱାରା ପୁରସ୍କାର ବିତରଣ ।

ସ୍ଥାନୀୟ ଶ୍ରୀଜଗନ୍ନାଥ ଡିଗ୍ରୀ ମହାବିଦ୍ୟାଳୟ ପରିସରରେ ସମ୍ପାଦକ ସୁବାସ ଚନ୍ଦ୍ର ପଣ୍ଡାଙ୍କ ସଭାପତିତ୍ୱରେ କ୍ରୀଡା ଓ ସାଂସ୍କୃତିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସୁରେନ୍ଦ୍ର ନାଥ ମିଶ୍ରଙ୍କ ବେଦ ମନ୍ତ୍ରପାଠରେ ଦୀପ ପ୍ରଜ୍ଜ୍ୱଳନ କରି କାର୍ଯ୍ୟକ୍ରମର ମାରମ୍ଭ ହୋଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା ରହିଥିବା ବେଳେ ସମ୍ମାନିତ ଅତିଥି ବ୍ରହ୍ମପୁର ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଉପନିର୍ଦ୍ଦେଶକ ଡ. ସୁଶାନ୍ତ କୁମାର ଦାସ, ଅନ୍ୟ ସମ୍ମାନିତ ଅତିଥି ଭାବେ ବ୍ରହ୍ମପୁର ସରକାରୀ ମହିଳା ମହାବିଦ୍ୟାଳୟ ଆସିଷ୍ଟାଣ୍ଟ ପ୍ରଫେସର ଡ. ରବୀନ୍ଦ୍ର କୁମାର ପ୍ରଧାନ, କ୍ରୀଡା ଅଧିକାରୀ ଡ. ରଞ୍ଜନ କୁମାର ଦାଶ, ପ୍ରାଧ୍ୟାପକ ଡ. ଗୋବିନ୍ଦ ଚନ୍ଦ୍ର ପଣ୍ଡା ପ୍ରମୁଖ ମଞ୍ଚାସୀନ ରହି ଅଭିଭାଷଣ ମାଧ୍ୟମରେ ଛାତ୍ରୀଛାତ୍ରମାନଙ୍କୁ ଶିକ୍ଷା, କ୍ରୀଡା ଓ ସାଂସ୍କୃତିକ କାର୍ଯ୍ୟକ୍ରମକୁ ନେଇ ଭିନ୍ନ ଭିନ୍ନ ମତ ପ୍ରଦାନ କରିଥିଲେ। ପ୍ରିନ୍ସିପାଲ ପ୍ରସାଦ ରାଓ ପୃଷ୍ଟି ବାର୍ଷିକ ବିବରଣୀ ପାଠ କରିଥିଲେ। ପୂର୍ବରୁ ବିଭିନ୍ନ ପ୍ରତିଯୋଗିତାରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରୀଛାତ୍ରଙ୍କୁ ମାନପତ୍ର ସହ ଟ୍ରଫି ପ୍ରଦାନ କରିଥିଲେ। ମଞ୍ଚ ପରିଚାଳନା ଓ ଅତିଥି ପରିଚୟ ଅଧାପକ ଅମ୍ବିକା ପ୍ରସାଦ ସାମନ୍ତରାୟ କରିଥିବା ବେଳେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା ଡାଟା ଏଣ୍ଟ୍ରି ଅପରେଟର କାଳିଆ ବେହେରା ଏବଂ କ୍ରୀଡା ଶିକ୍ଷକ ବୀରେନ କୁମାର ତ୍ରିପାଠୀ ପୁରସ୍କାର ବିତରଣରେ ସହଯୋଗ କରିଥିଲେ। ଛାତ୍ରୀଛାତ୍ରମାନେ ପୂର୍ବରୁ ପ୍ରସ୍ତୁତି ହୋଇଥିବା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ କରି ଝୁମିଥିଲେ। ଶେଷରେ ଡ. ଗୋବିନ୍ଦ ଚନ୍ଦ୍ର ପଣ୍ଡା ଧନ୍ୟବାଦ ଦେଇଥିଲେ। ଏଥିରେ କଲେଜର ସମସ୍ତ କର୍ମରତ କର୍ମଚାରୀ ସହଯୋଗ କରିଥିଲେ।

### ଏନ୍‌ଏସି ନିର୍ବାହୀ ଅଧିକାରୀଙ୍କ ଦବଙ୍ଗଗିରି ଘଟଣା

# କ୍ଷତିଗ୍ରସ୍ତ ପରିବାରଙ୍କୁ ସହାୟତା ଦେଲା ଭାଜପା

ପୁରୁଷୋତ୍ତମପୁର,୨୧।୧(ଡି.ଏନ.ଏ.)



କ୍ଷତିଗ୍ରସ୍ତ ପରିବାରକୁ ସହାୟତା ପ୍ରଦାନ କରୁଛନ୍ତି ଭାଜପା ପ୍ରତିନିଧିଦଳ

ଗଞ୍ଜାମ ଜିଲା ପୁରୁଷୋତ୍ତମପୁର ଏନ୍‌ଏସି ନିର୍ବାହୀ ଅଧିକାରୀ ସୌମ୍ୟ ରଞ୍ଜନ ମିଶ୍ର ଆକ୍ରୋଶମୂଳକ ମନୋଭାବ ରଖି ଅତ୍ୟନ୍ତ ଗରିବ ଶ୍ରେଣୀର ପ୍ରସନ୍ନ କୁମାର ଶତପଥୀଙ୍କ ପରିବାର ଉପରେ ଦବଙ୍ଗଗିରି ଦେଖାଇ ପୃଥକ ଭାବେ ଦୁଇଟି ସ୍ଥାନରେ କରିଥିବା ଉଠା ଠେଲାଗାଡିର ପସରାକୁ ଭାଙ୍ଗି ଚୁରୁମାର କରିବା ସହ ଘରକୁ ଆସି ବୃଦ୍ଧା ପତ୍ନୀ ସୁପ୍ରଭାଙ୍କୁ ଅସଦ ବ୍ୟବହାର ଦେଖାଇ ଜେସିବି ଲଗାଇ ପ୍ରଧାନମନ୍ତ୍ରୀ ଆବାସରେ ପାଇଥିବା ଘରକୁ ଭାଙ୍ଗି ଧୂଳିସାତ କରିଦେବାର ଧମକ ଦେଇଥିଲେ। ଚାରିଦିନ ହେଲା ତାଙ୍କ ପରିବାର ଜୀବିକା ହରାଇ ସମ୍ପୂର୍ଣ୍ଣ ବେସାହାରା ହୋଇ ଭୟଭୀତ ଅବସ୍ଥାରେ ଭୋକ ଉପାସରେ ରହିଛନ୍ତି। ଶନିବାର ଭାରତୀୟ ଜନତାପାର୍ଟି ପକ୍ଷରୁ ଘୁମୁସୁର ଜିଲା ସାଧାରଣ ସମ୍ପାଦକ ଅନିଲ କୁମାର ପଣ୍ଡାଙ୍କ ସମେତ ଜିଲା ଉପ ସଭାପତି କୋରାନାଥ ସ୍ୱାଇଁ, ପୁରୁଷୋତ୍ତମପୁର ମଣ୍ଡଳ ସଭାପତି ମନୋଜ କୁମାର ମହାପାତ୍ର, ଜିଲା କାର୍ଯ୍ୟକାରିଣୀ ସଦସ୍ୟ ଚିତ୍ତରଞ୍ଜନ ସାହୁ, ଶେଷଦେବ ପଣ୍ଡା, ଟୁକୁନା ବେହେରା, ସୁବାଷ ଚନ୍ଦ୍ର ଦାଶ, ପ୍ରଶାନ୍ତ ରାଉଳ ପ୍ରମୁଖ ଏକ ପ୍ରତିନିଧି ଦଳ ପ୍ରସନ୍ନଙ୍କ ଘରକୁ ଆସି ସମବେଦନା ଜଣାଇ ସମସ୍ତ ଘଟଣା ପଚାରି ବୁଝିଥିଲେ। ଭୋକ ଉପାସରେ ଥିବା ହେତୁ ଖାଇବା ଲାଗି ଜାଇ, ଚାଉଳ, ରାସନ ସାମଗ୍ରୀ ପ୍ରଦାନ କରିଥିଲେ। ପ୍ରସନଙ୍କ ପରିବାରକୁ ନ୍ୟାୟ ପ୍ରଦାନଲାଗି ଭାରତୀୟ ଜନତାପାର୍ଟି ରାଜ ରାସ୍ତାକୁ ଓହ୍ଲାଇବ ବୋଲି କହିଛନ୍ତି।

# ପରିବେଶ ସୁରକ୍ଷା ପାଇଁ ଛାତ୍ରୀଛାତ୍ର ଆହ୍ୱାନ




ସ୍କୁଲ ପିଲାମାନେ ସଚେତନତାର ବାର୍ତ୍ତା ବାଣ୍ଟୁଛନ୍ତି।

ଶରଣକୁଳ, ୨୧।୧(ଡି.ଏନ.ଏ.)

ଜଳବାୟୁ ପରିବର୍ତ୍ତନରେ ସାରା ବିଶ୍ୱ ପ୍ରଭାବିତ। ସୁସ୍ଥ ପରିବେଶ ପାଇଁ ପ୍ରତିଟି ପାଦ ପୃଥିବୀ ପାଇଁ ଜରୁରୀ। ଏହି ଲକ୍ଷ୍ୟ ନେଇ ପରିବେଶ ସୁରକ୍ଷା ପାଇଁ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଫ୍ରେଣ୍ଡସ୍ ହେଲ୍ପ ଗ୍ରୁପ୍ ଦ୍ୱାରା ସାନଗୋରଡା ଗାଁର ସରକାରୀ ପ୍ରାଥମିକ ବିଦ୍ୟାଳୟରେ 'ଜଳବାୟୁ ପରିବର୍ତ୍ତନ ଆମର ଭୂମିକା' ଶୀର୍ଷକ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ପରିବେଶ ନଷ୍ଟ କରିବାରେ ମଣିଷର ଭୂମିକା ରହିଛି। ନିଜର ଜୀବନ ଶୈଳୀକୁ ଆରାମ ଦାୟକ କରିବାକୁ ଯାଇ ଆଜି ପୃଥିବୀର ଜଳବାୟୁ ବିଗିଡିଛି। ତେଣୁ ଏହି ମଣିଷ ହିଁ ଏହାର ସୁଧାର ଦିଗରେ ଚେଷ୍ଟା ଜାରି ରଖିବା ଜରୁରୀ। ବିଦ୍ୟାଳୟ ହିଁ ପ୍ରକୃତି ବିଷୟରେ ଜାଣିବା ଓ ଭଲ ପାଇବାର ପ୍ରଥମ ଶିକ୍ଷାସ୍ଥାନ ଏଣୁ ବର୍ତ୍ତମାନଠୁ ବୃକ୍ଷରୋପଣ କରି ତାଙ୍କୁ ବଢାଇବା, ପ୍ଲାଷ୍ଟିକ୍ ବ୍ୟବହାର ନ କରିବା କିମ୍ବା ବ୍ୟବହୃତ ପାଷ୍ଟିକ, ପଲିଥିନ ଏଣେତେଣେ ନ ପକାଇ ଏକାଠି ରଖି ପୁନଃବ୍ୟବହାର ଉପଯୋଗୀ କରିବା, ପଲିଥିନ ଜରି ଜାତୀୟ ଜିନିଷକୁ ସବୁଜ ଇଟା ଭାବେ ବ୍ୟବହାର କରି ପରିବେଶ ସୁରକ୍ଷା ଦିଗରେ ଛୋଟ ଛୋଟ କାମ କରିପାରିବା ବୋଲି ଅନୁଷ୍ଠାନର ଆବାହକ ଜ୍ଞାନରଞ୍ଜନ ପଣ୍ଡା କହିଥିଲେ। ଛାତ୍ରୀଛାତ୍ରମାନେ ପ୍ରକୃତି ପ୍ରତି ସେମାନଙ୍କର ଦାୟିତ୍ୱ ତଥା ଭଲ ପାଇବାକୁ ବୁଝି ପରିବେଶ ସୁରକ୍ଷା ଦିଗରେ ନିଜକୁ ଦୈନନ୍ଦିନ ଜୀବନଶୈଳୀରେ ଯତ୍ନବାନ ହୋଇ କାର୍ଯ୍ୟ କରିବେ ବୋଲି ପ୍ରଧାନ ଶିକ୍ଷକ ରବୀନ୍ଦ୍ରନାଥ ସ୍ୱାଇଁ ବୁଝାଇଥିଲେ। ଏହି କାର୍ଯ୍ୟକ୍ରମରେ ଚିତ୍ରାଙ୍କନ ପ୍ରତିଯୋଗିତାରେ ଭାଗ ନେଇ କୃତୀ ପ୍ରତିଯୋଗୀ ୪ର୍ଥ ଶ୍ରେଣୀର ଛାତ୍ର ପ୍ରିୟାଂଶୁ ପଟ୍ଟନାୟକ ସହକାରୀ ଶିକ୍ଷକ କୃଷ୍ଣଚନ୍ଦ୍ର ସ୍ୱାଇଁଙ୍କଠାରୁ ପୁରସ୍କାର ଗ୍ରହଣ କରିଥିଲେ। ଏଥିରେ ଅନୁଷ୍ଠାନର ଉମାଶଙ୍କର ସ୍ୱାଇଁ, ବିକାଶ ବେହେରା ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ୫ ପଞ୍ଚାୟତକୁ ଆବର୍ଜନା ସଂଗ୍ରହ ଗାଡ଼ି ପ୍ରଦାନ

ଛତ୍ରପୁର ୨୧।୧ (ଡିଏନଏ )

ମୋ ସ୍ୱାଭିମାନ ସ୍ୱଚ୍ଛ ଗଞ୍ଜାମ ଆନୁକୂଲ୍ୟରେ ସହରାଞ୍ଚଳ ଭଳି ଗ୍ରାମାଞ୍ଚଳ ଗୁଡିକରେ ଆବର୍ଜନା ମୁକ୍ତ କରିବା ଲକ୍ଷ୍ୟ ନେଇ ଶନିବାର ଜିଲାପ୍ରଶାସନ ପକ୍ଷରୁ ରଙ୍ଗେଇଲୁଣ୍ଡା ଓ କୁକୁଡାଖଣ୍ଡି ବ୍ଲକର ୫ଟି ପଞ୍ଚାୟତକୁ ଶୃଙ୍ଖଳା ଓ ଓଦା ବର୍ଜ୍ୟବସ୍ତୁ ସଂଗ୍ରହ କରିବା ନିମନ୍ତେ ୫ଟି ଗାଡ଼ି ପ୍ରଦାନ କରାଯାଇଛି । ଏହିଗୁଡିକ ପଞ୍ଚାୟତର ଘର ଘର ବୁଲି ଶୁଖିଲା ଓ ଓଦା ବର୍ଜ୍ୟ ବସ୍ତୁ ସଂଗ୍ରହ କରିବ । ଜିଲାପାଳ ଦିବ୍ୟଜ୍ୟୋତି ପରିଡା ସବୁଜ ପତାକା ଦେଖାଇ ଏହାର ଶୁଭାରମ୍ଭ କରିଥିଲେ। ଜିଲାପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଭି. କୀର୍ତ୍ତିଭାସନ, ଜଳ ଓ ପରିମଳ ମିଶନର ଜିଲା ସଂଯୋଜିକା ନମିତା ନାହାକ, ୨ଟି ବ୍ଲକର ବିଡିଓ ଏବଂ ସରପଞ୍ଚମାନେ ଉପସ୍ଥିତ ଥିଲେ ।

# ସାହା ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଚାରା ରୋପଣ

ଗଞ୍ଜାମ,୨୧।୧(ଡି.ଏନ.ଏ.)

ଗଞ୍ଜାମ ସହର ସନ୍ନିକଟ ଛତ୍ରପୁର ଓଏସଏପି ଅଷ୍ଟମ ବାଟାଲିୟନରେ ସାହା ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଚାରା ରୋପଣକାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବାଟାଲିୟନ ଦୁର୍ଗପତି ସୂର୍ଯ୍ୟନାରାୟଣ ମଲିକ ପ୍ରାରମ୍ଭରେ ଚାରା ରୋପଣ କରି ଉକ୍ତ ସବୁଜ ସୁନ୍ଦର କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଶାହା ଚାରି ଟେବୁଲ ଟ୍ରଷ୍ଟି ମୁଖ୍ୟ ଜୀବନ ବାବାଙ୍କ ତତ୍ୱାବାଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ନିମନ୍ତ୍ରଣ ଅତିଥି ମାନଙ୍କୁ ପୁଷ୍ପମାଲ୍ୟ ଦେଇ ସ୍ୱାଗତ ଜଣାଇବ ସହ ବୃକ୍ଷ ସାଥି ଭାବେ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା। ବୃକ୍ଷ ବନ୍ଧୁ ଭାବେ ବାଟାଲିୟନ କମାଣ୍ଡେଣ୍ଟ ମଲିକ, କ୍ୟାପଟେନ ପୂର୍ଣ୍ଣଚନ୍ଦ୍ର ପାତ୍ର, ସାମାଜିକ କର୍ମୀ ଅରୁଣ କୁମାର ପଣ୍ଡା, ସବିତା ପାଣିଗ୍ରାହୀ ଓ ଦେବଦ୍ରତୁ ମେକାପଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଆସିଷ୍ଟାଣ୍ଟ କମାଣ୍ଡେଣ୍ଟ ଜ୍ୟୋତିରଞ୍ଜନ ନାୟକ, ଅରୁଣ କୁମାର ପ୍ରଧାନ, ଲକ୍ଷ୍ମୀନାରାୟଣ ବେହେରା, ସିପାହୀ ଓ ହାବିଲଦାର ସଂଘ ସଭାପତି ଅଜିତ କୁମାର ରଥ ପ୍ରମୁଖଙ୍କ ସମେତ ବାଟାଲିୟନ ବିଭିନ୍ନ ପଦାଧିକାରୀ, ହାବିଲଦାର ଓ ସିପାହୀମାନେ ଉପସ୍ଥିତ ରହି ଚାରା ରୋପଣ କରିଥିଲେ।

# ଆବାସ ଯୋଜନାରେ ସାମିଲ ନେଇ ଦାବିପତ୍ର



ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସାମିଲ ପାଇଁ ହିତାଧିକାରୀମାନେ ଦାବିପତ୍ର ପ୍ରଦାନ କରୁଛନ୍ତି।

ପାତ୍ରପୁର, ୨୧।୧(ଡି.ଏନ.ଏ) :

ବାଦପୁର ଓ ଖରଣୀପଡା ପଞ୍ଚାୟତର ୪୦ରୁ ଅଧିକ ଯୋଗ୍ୟ ହିତାଧିକାରୀଙ୍କୁ ଆବାସ ଯୋଜନାରେ ସାମିଲ କରିବା ପାଇଁ ଶୁକ୍ରବାର ଭାଜପା ପକ୍ଷରୁ ଏକ ଦାବିପତ୍ର ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରକାଶ କୁମାର ଦାସଙ୍କୁ ପ୍ରଦାନ କରାଯାଇଛି। ରାଜ୍ୟ ସରକାରଙ୍କ ତରଫରୁ ପ୍ରକାଶ ପାଇଥିବା ଆବାସ ତାଲିକାରେ ଅଯୋଗ୍ୟ ହିତାଧିକାରୀଙ୍କୁ ସାମିଲ କରାଯାଇଥିବା ଭାଜପା ଅଭିଯୋଗ କରିଛି। ଏ ନେଇ ବାଦପୁର ଜରଡା ମଣ୍ଡଳ ସଭାପତି ଅଜିତ ପ୍ରଧାନଙ୍କ ନେତୃତ୍ୱରେ ଓ ଖରଣୀପଡାଠାରେ ସୁରଙ୍ଗି ମଣ୍ଡଳ ସଭାପତି ରଞ୍ଜନ ପ୍ରଧାନ ଏବଂ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ମନୋରଞ୍ଜନ ଦ୍ୟାନସାମନ୍ତରାଙ୍କ ନେତୃତ୍ୱରେ ମୁଖ୍ୟମନ୍ତ୍ରୀ ଓ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କୁ ପ୍ରଦାନ କରାଯାଇଛି । ଏହାର ସମାଧାନ ନହେଲେ ଆଗାମୀ ଦିନରେ ଦଳ ଆନ୍ଦୋଳନ କରିବ ବୋଲି ଦ୍ୟାନ ସାମନ୍ତରା ପ୍ରକାଶ କରିଛନ୍ତି ।

**କେନ୍ଦ୍ରୀୟ ପଣ୍ୟାଗାର ନିଗମ**
(ଭାରତ ସରକାରଙ୍କ ଏକ ଉଦ୍ୟୋଗ)
ଆଞ୍ଚଳିକ କାର୍ଯ୍ୟାଳୟ, ମୌର୍ଯ୍ୟ ଲୋକ କମ୍ପ୍ଲେକ୍ସ, ବ୍ଲକ୍-ଏ, ୨ୟ ମହଲା, ଡାକବଙ୍ଗଳା ରୋଡ୍, ପାଟନା-୮୦୦୦୦୧
ଟେଲି.: ୦୬୧୨-୨୨୨୫୯୪୯ ଇ-ମେଲ: rmpat@cewacor.nic.in
ସିଡବ୍ଲୁସି/ଆର୍‌ଓ/ପାଟନା/ବିଜ୍ଞେସ୍‌ଏସ୍/ଏମ୍ପାନେଲମେଣ୍ଟ-ଟ୍ରାନ୍ସପୋର୍ଟର/୦୧-ବିହାର/୦୧-ଝାଡ଼ଖଣ୍ଡ/୦୧-ଓଡ଼ିଶା/୨୦୨୩ ତାରିଖ: ୨୧।୦୧।୨୦୨୩

**ଆବେଦନ ଆହ୍ୱାନକାରୀ ବିଜ୍ଞପ୍ତି**

ଓଡ଼ିଶା, ଝାଡ଼ଖଣ୍ଡ, ବିହାର ରାଜ୍ୟରେ କେନ୍ଦ୍ରୀୟ ପଣ୍ୟାଗାରଗୁଡ଼ିକରେ ଖାଦ୍ୟଶସ୍ୟ, ଔଦ୍ୟୋଗିକ ସାମଗ୍ରୀ, ଇ-ବାଣିଜ୍ୟ ସାମଗ୍ରୀ ଇତ୍ୟାଦିର ପରିବହନ ନିମନ୍ତେ ପରିବହନ ଠିକାଦାରଙ୍କ ତାଲିକାଭୁକ୍ତୀକରଣ ଲାଗି ଆଗ୍ରହୀ ପକ୍ଷମାନଙ୍କଠାରୁ ଆବେଦନ ପତ୍ର ଆହ୍ୱାନ କରାଯାଉଛି । ବିକ୍ରୟ ପାଇଁ ଦସ୍ତାବିଜ ତା୨୧।୦୧।୨୦୨୩ରିଖ ୧୦.୦୦ ଘଟିକାରୁ ତା୧୦।୦୨।୨୦୨୩ରିଖ ୨୩.୫୯ ଘଟିକା ପର୍ଯ୍ୟନ୍ତ ଉପଲବ୍ଧ ହେବ । ବିବରଣୀ ସିଡବ୍ଲୁସି ୱେବ୍‌ସାଇଟ୍ www.cewacor.nic.in ଏବଂ www.cwceprocure.com ରେ ଦେଖାଯାଇପାରିବ ଓ ଡାଉନ୍‌ଲୋଡ୍ କରାଯାଇପାରିବ । ଏହାକୁ www.tenderhome.comରେ ମଧ ଦେଖାଯାଇପାରିବ ।

ଆଞ୍ଚଳିକ ପରିଚାଳକ

**SAMBALPUR DEVELOPMENT AUTHORITY**
SALIHA BAGICHA, LION'S LANE, SAMBALPUR 768001,
Ph. No.: 2401098, E-mail: secretarysdasbp@gmail.com
No.44/ SDA, I-05/2022 Sambalpur dated the 20th January, 2023

**QUOTATION CALLING EXPRESSION OF INTEREST**

Sambalpur Development Authority, Sambalpur invites sealed quotation in the prescribed quotation format with the terms and conditions appended to the format, from reputed registered Chartered Accountant firms having minimum fifteen years of experience for appointment of internal Auditor in respect of internal audit and Tax audit for the assessment year 2018-19 to 2022-23 in the context of Income Tax Laws and other statutory Laws. The sealed quotations containing EMD of Rs.10,000/- (Rupees ten thousand) only in shape of Bank Draft drawn in favour of "The Secretary, Sambalpur Development Authority" pay at Sambalpur should reach on or before dt.08.02.2023 by 3.00 P.M. through Regd. Post / Speed Post only.

The intending firms are requested to download the detailed Advertisement, quotation format and draft agreement by logging to www.sambalpur.nic.in & www.sdasambalpur.com. The quotation will be opened at 4.00 P.M. on dt.08.02.2023 at S.D.A. Office, Sambalpur.

Sd./- Finance & Accounts Member-cum-Secretary,
SDA, Sambalpur

**कार्यपालक अभियंता का कार्यालय**
**ग्रामीण विकास विशेष प्रमंडल, बोकारो**

ई–अल्पकालीन निविदा आमंत्रण सूचना

ई–अल्पकालीन निविदा सूचना सं०–RDD/SD/BOKARO/29/2022-23
1.कार्य की विस्तृत विवरणीः

| क्र० सं० | कार्य का नाम | प्राक्कलित राशि | अग्रधन की राशि | परिमाण विपत्र का मूल्य | कार्य पूर्ण करने की अवधि |
|---|---|---|---|---|---|
| 1 | बेरमो प्रखण्ड के राम रतन उच्च विद्यालय, ढोरी बेरमो का नया भवन का निर्माण। | 49488500.00 | 990000.00 | 10000.00 | 07 माह |

2. वेबसाइट में निविदा प्रकाशन की तिथि – 27.01.2023
3. ई–निविदा प्राप्ति की अंतिम तिथि एवं समय – दिनांक 03.02.2023 अपराह्न 5:00 बजे तक।
4. ग्रामीण विकास विशेष प्रमंडल, बोकारो / मुख्य अभियंता कार्यालय, ग्रामीण विकास विशेष प्रक्षेत्र, एफ0 एफ0 पी0 भवन, धुर्वा, राँची में निविदा शुल्क, अग्रधन की राशि, Affidavit एवं Bank Certificate for Credit Facility जमा करने की अंतिम तिथि एवं समय 06.02.2023 अपराह्न 05:00 बजे तक।
5. निविदा शुल्क, अग्रधन की राशि एवं Affidavit जमा करने की तिथि को यदि राज्य में सरकारी अवकाश घोषित होता है, तो उक्त तिथि एवं समय अगले कार्यदिवस तक स्वतः विस्तारित समझी जायेगी।
6. निविदा खोलने का स्थान – मुख्य अभियंता कार्यालय, ग्रामीण विकास विशेष प्रक्षेत्र, एफ0 एफ0 पी0 भवन, धुर्वा, राँची।
7. निविदा खोलने की तिथि एवं समय –08.02.2023 अपराह्न 2:00 बजे।
8. निविदा आमंत्रित करने वाले पदाधिकारी का नाम एवं पता :– कार्यपालक अभियंता, ग्रामीण विकास विशेष प्रमंडल, बोकारो।
9. ई–निविदा प्रकोष्ठ का दूरभाष सं० – 9431174800 (संबंधित कार्यपालक अभियंता का दूरभाष नम्बर)
10. निविदा शुल्क राष्ट्रीयकृत बैंक द्वारा निर्गत ड्राफ्ट या बैकर्स चेक जो कार्यपालक अभियंता, ग्रामीण विकास विशेष प्रमंडल, बोकारो के पदनाम से देय एवं बोकारो में भुगतेय हो देना होगा।
11. परिमाण विपत्र की राशि घट–बढ़ सकती है, तदनुसार परिमाण विपत्र की राशि का 02 प्रतिशत अग्रधन की राशि के रूप में जमा करना होगा।
12. विशेष परिस्थिति में बिना करण बताए निविदा रद्द करने अथवा स्थगित करने का अधिकार अधोहस्ताक्षरी को सुरक्षित होगा। विस्तृत जानकारी के लिये वेबसाईट www.jharkhandtenders.gov.in एवं कार्यालय की सूचना पट्ट पर देखा जा सकता है।

PR 288124 Rural Development(22-23).D
कार्यपालक अभियंता
ग्रामीण विकास विशेष प्रमंडल,बोकारो

**ODISHA LIFT IRRIGATION CORPORATION LIMITED**
(A Government of Odisha Undertaking)
**OFFICE OF THE EXECUTIVE ENGINEER**
**LIFT IRRIGATION DIVISION, KENDRAPARA**
E-mail: eeolickdp@yahoo.in, Tel. No.: 06727-220393
No. CAD-4600 **e-Procurement Notice**
Bid Identification No. 366/LID.KDP/2022-23, Date: 20.01.2023

1. Name of the O.I.T. : Executive Engineer, Lift Irrigation Division, Kendrapara
2. Name of the Work : Revival of 5 Nos CLIPs Sanctioned under State Plan Fund on "Turnkey Percentage Basic"
3. No. of Packages : 4 Nos
4. Tender Amount : Varies from 10.89 lakh to 21.84 lakh
5. Date and time of availability of bid documents in the portal for online bidding : From 11.00 hours Dt.02.02.2023 to 17.00 hours Dt.08.02.2023
6. Date of seeking clarification : Dt.04.02.2023 upto 13.00 hours
7. Last date and time of receipt of bids in the portal : Upto 17.00 hours Dt.08.02.2023
8. Date of opening of Technical & Financial Bids : 11.00 hours Dt.09.02.2023
9. Further details can be seen from the e-procurement portal of Govt. of Odisha i.e. www.tendersodisha.gov.in.
10. Corrigendum/addendum, if required shall be available in the above portal.

Sd./- Executive Engineer, L.I. Division, Kendrapara
OIPR-32147/11/0013/2223

## ସଂକ୍ଷେପରେ

### ସିଂହପୁର ପ୍ରିମିୟର କପ୍, ରୟାଲ ଷ୍ଟ୍ରାଇକର ଚାମ୍ପିୟନ

ସିଂହପୁର,୨୧।୧(ଡି.ଏନ.ଏ.): ବିଞ୍ଝାରପୁର ବ୍ଲକ୍ ଅଧୀନ ସିଂହପୁର କାକୁଡ଼ି ପଡ଼ିଆରେ ସିଂହପୁର କ୍ରିକେଟ ଆସୋସିଏଶନ ପକ୍ଷରୁ ଚାଲିଥିବା ସିଂହପୁର ପ୍ରିମିୟର କପର ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୱାଇଲ୍ଡ ୱାରିୟରକୁ ହରାଇ ରୟାଲ ଷ୍ଟ୍ରାଇକର ଚାମ୍ପିୟନ ହୋଇଛି। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଶିକ୍ଷକ ନାରାୟଣ ଚନ୍ଦ୍ର ଦାସ ଯୋଗଦେଇ ଚାମ୍ପିୟନ ଓ ରନର୍ସଙ୍କୁ ନଗଦ ଅର୍ଥ ରାଶି ଓ ଟ୍ରଫି ପ୍ରଦାନ କରିଥିଲେ। ମାନସ ମଲିକ ଓ ଜୀତେନ୍ଦ୍ର ପ୍ରଧାନ ଖେଳ ପରିଚାଳନା କରିଥିଲେ। ଉତ୍କଳ ରାଉତ, ରାକେଶ ବେଉରିଆ, ରାକେଶ ରୋଷନ ଜେନା, ସନ୍ତୋଷ ବେଉରିଆ, ରଞ୍ଜନ ଜେନା, ସୌରଭ ତ୍ରିପାଠୀ, ସମନ ମହାଲିକ, ଦ୍ୱାରିକା ନାଥ ସାମଲ, ବିଶ୍ୱଜିତ ଥାଟୋଇ, ରବୀନ୍ଦ୍ର ସାହୁ, ସାଗର ଧଳ, ଅଶୋକ ମହାରଣା, ପବିତ୍ର ସାହୁ, ସୌମ୍ୟରଞ୍ଜନ ସାହୁ, ରାକେଶ ରୋଷନ ପାଢ଼ୀ ଓ ହେମନ୍ତ ସାମଲଙ୍କ ସମେତ ସମସ୍ତ ସଦସ୍ୟ ଖେଳ ପରିଚାଳନାରେ ସହଯୋଗ କରିଥିଲେ।

### କଂଗ୍ରେସର 'ହାତକୁ ହାତ ଯୋଡ଼' କାର୍ଯ୍ୟକ୍ରମ ପ୍ରସ୍ତୁତି

ଯାଜପୁର ରୋଡ,୨୧।୧(ଡି.ଏନ.ଏ.): କୋରେଇ ନିର୍ବାଚନମଣ୍ଡଳୀ କଂଗ୍ରେସ ତରଫରୁ ଆଗାମୀ ୨୬ ତାରିଖରୁ 'ହାତକୁ ହାତ ଯୋଡ଼' ପଦଯାତ୍ରା ଅନୁଷ୍ଠିତ ହେବ। ଏନେଇ କୋରେଇ ବ୍ଲକ ଅନ୍ତର୍ଗତ କାଚରାସାହି ପଞ୍ଚାୟତସ୍ଥ ପାଟଣିଆ ଜଙ୍ଗଲଠାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ରର ମୋଦି ସରକାର ଓ ରାଜ୍ୟର ନବୀନ ସରକାର ସବୁ କ୍ଷେତ୍ରରେ ବିଫଳତା ସମ୍ପର୍କରେ ଜନସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ହାତକୁ ହାତ ଯୋଡ଼ କାର୍ଯ୍ୟକ୍ରମ ଶୁଭାରମ୍ଭ ହେବା ନେଇ ଅଖିଳ ଭାରତ କଂଗ୍ରେସ କମିଟି ନିଷ୍ପତ୍ତି ନେଇଛି। ଏହି କାର୍ଯ୍ୟକ୍ରମ ଆଗାମୀ ୨ ମାସ ପର୍ଯ୍ୟନ୍ତ ଚାଲୁ ରହିବ। ଏ ସମ୍ପର୍କରେ ୨ ବ୍ଲକର ସମସ୍ତ ପଞ୍ଚାୟତ ଓ ବ୍ୟାସନଗର ମ୍ୟୁନିସିପାଲଟିର ସମସ୍ତ ୱାର୍ଡରେ କାର୍ଯ୍ୟକ୍ରମକୁ ସଫଳ କରିବାକୁ ରାଜ୍ୟ ମହିଳା କଂଗ୍ରେସ ସଭାନେତ୍ରୀ ବନ୍ଦିତା ପରିଡ଼ା ଓ ରାଜ୍ୟ ଅଣସଂଗଠିତ ଶ୍ରମିକ କଂଗ୍ରେସ ସଭାପତି ବିଦ୍ୟାଧର ମହାନ୍ତି କଂଗ୍ରେସ ନେତୃବୃନ୍ଦଙ୍କୁ ଅନୁରୋଧ କରିଛନ୍ତି। ବୈଠକରେ କୋରେଇ ବ୍ଲକ କଂଗ୍ରେସ କମିଟି ସଭାପତି ଅକ୍ଷୟ କୁମାର ଜେନା ଅଧକ୍ଷତାରେ କରିଥିଲାବେଳେ ପ୍ରଦେଶ କଂଗ୍ରେସ ମୁଖପାତ୍ର ପଦ୍ମାକର ଗୁରୁ, ବ୍ୟାସନଗର ସଭାପତି ଦିଲୀପ ମଲ୍ଲିକ, ରସୁଲପୁର ବ୍ଲକ ସଭାପତି ମିହିର ମିଶ୍ର, ବ୍ୟାସନଗର ମ୍ୟୁନିସିପାଲଟି ପୂର୍ବତନ ଉପାଧ୍ୟକ୍ଷ ପ୍ରମୋଦ କୁମାର ପରିଡ଼ା, କୋରେଇ ବ୍ଲକ ମହିଳା କଂଗ୍ରେସ ସଭାନେତ୍ରୀ ଲୀଳାବତୀ ସ୍ୱାଇଁ, ବ୍ଲକ ପୂର୍ବତନ ଉପାଧକ୍ଷ ଘନଶ୍ୟାମ ପଣ୍ଡା, ଯୁବ କଂଗ୍ରେସ ନେତା ଅମିତ ଜେନା, ବ୍ୟାସନଗର ମହିଳା କଂଗ୍ରେସ ସଭାନେତ୍ରୀ ଜ୍ୟୋତି ସ୍ମିତା ରାଉତ, କଂଗ୍ରେସ ନେତା ରାଜ କିଶୋର ପ୍ରଧାନ ପ୍ରମୁଖ ଯୋଗଦେଇ ଅଭିଭାଷଣ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ କଂଗ୍ରେସ କମିଟିର ସମସ୍ତ ନେତୃବୃନ୍ଦ ଓ ସମସ୍ତ ପଞ୍ଚାୟତ ସଭାପତି, ଜିଲା ପରିଷଦର ସମସ୍ତ ପ୍ରାର୍ଥୀ, ଗତ ପଞ୍ଚାୟତ ନିର୍ବାଚନରେ ପ୍ରାର୍ଥୀ ହୋଇଥିବା ସମସ୍ତ ସଦସ୍ୟ ଯୋଗ ଦେଇଥିଲେ।

# ହସ୍ତଶିଳ୍ପ ଦୈନନ୍ଦିନ ଜୀବନର ଅଙ୍ଗ: ଅନୁପମ ଖେର୍



ସମ୍ମେଳନରେ ମଞ୍ଚାସୀନ ବଲିଉଡ୍ ଅଭିନେତା ଅନୁପମ ଖେର୍, ଉନ୍ନୟନ କମିଶନର ପ୍ରଦୀପ କୁମାର ଜେନା ଓ ଅନ୍ୟ ଅତିଥି।

### ଅନ୍ତର୍ଜାତୀୟ ହସ୍ତଶିଳ୍ପ ସମ୍ମେଳନ

କଳିଙ୍ଗନଗର,୨୧।୧(ଡି.ଏନ୍.ଏ.)

ଭାରତ ତଥା ଓଡ଼ିଶାର ବିଭିନ୍ନ ବୟନ ଗ୍ରାମରେ ମହିଳାଙ୍କୁ ହସ୍ତଶିଳ୍ପ ସ୍ୱାବଲମ୍ବୀ କରିଛି। ଏହାରି ଉପରେ ଅନେକ ପରିବାର ପ୍ରତିପୋଷଣ ହେଉଥିବା ବେଳେ କଞ୍ଚାମାଲର ଅଭାବ ଏକ ପ୍ରମୁଖ ସମସ୍ୟା ଭାବେ ଉଭା ହୋଇଛି। ଏହି ଦିଗରେ ମୁଦ୍ରିତ ଗଣମାଧ୍ୟମ ଲୋକଲୋଚନକୁ ଆଣି ଏହାକୁ ଦୃଢ଼ୀଭୂତ କରନ୍ତୁ ବୋଲି ଅନ୍ତର୍ଜାତୀୟ ହସ୍ତଶିଳ୍ପ ସମ୍ମେଳନରେ ଶନିବାର ମତପ୍ରକାଶ ପାଇଛି। ଯାଜପୁର ଜିଲା ବ୍ୟାସନଗରର ଚାନ୍ଦମା ପଡ଼ିଆରେ ଶୁକ୍ରବାରଠାରୁ ଆରମ୍ଭ ହୋଇଥିବା ଏହି ସମ୍ମେଳନରେ ଶନିବାର ୫ଟି ସେସନରେ ହସ୍ତଶିଳ୍ପର ପ୍ରଚାର ଏବଂ ପ୍ରସାର ଉପରେ ମଞ୍ଚାସୀନ ଅତିଥିମାନେ ମତପୋଷଣ କରିଥିଲେ। ଅତିଥି ଭାବେ ବିଶିଷ୍ଟ ବଲିଉଡ୍ ଅଭିନେତା ଅନୁପମ୍ ଖେର୍ ଏବଂ ରାଜ୍ୟ ସରକାରଙ୍କ ଉନ୍ନୟନ କମିଶନର ପ୍ରଦୀପ କୁମାର ଜେନା ଉପସ୍ଥିତ ଥିଲେ। ଅନୁପମ ଖେର୍‌ଙ୍କର ପ୍ରତିଟି କଥାରେ ହାସ୍ୟରୋଳ ସୃଷ୍ଟି ହୋଇଥିଲା। ସେ ହସାଇ ହସାଇ ସମସ୍ତଙ୍କୁ ବେଦମ କରିବା ସହିତ ହସ୍ତଶିଳ୍ପ ଆମ ଦୈନନ୍ଦିନ ଜୀବନର ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ବୋଲି କହିଥିଲେ। କିଛି ପରିବର୍ତ୍ତନ ନିମନ୍ତେ କିଛି ସମୟର ଆବଶ୍ୟକତା ରହିଥିବା ଖେର୍ କହିବା ସହ ସେ ପିଲାବେଳେ ସମ୍ପୂର୍ଣ୍ଣ ଦେଶୀ ଜୀବନଯାପନ କରୁଥିବା ନେଇ ଜଣାଇଥିଲେ। ପ୍ରତ୍ୟେକ ବ୍ୟକ୍ତି ନିଜର କାର୍ଯ୍ୟଦକ୍ଷତା ବିଷୟରେ ଯତ୍ନବାନ ହୋଇପାରିଲେ ସବୁ କାର୍ଯ୍ୟ ସମ୍ଭବ ହୋଇପାରିବ ବୋଲି ସେ କହିଥିଲେ।

ସ୍ଥାନୀୟ ଅଞ୍ଚଳରେ ଲୋକେ ଦୈନନ୍ଦିନ ବ୍ୟବହାରରେ ହସ୍ତଶିଳ୍ପର ବ୍ୟବହାର କଲେ ହସ୍ତଶିଳ୍ପର ପ୍ରଚାର ପ୍ରସାର ହେବା ସହିତ ଏହାର ଚାହିଦା ବଢିପାରିବ ବୋଲି ଅତିଥିମାନେ କହିଥିଲେ। ଟସର ଶିଳ୍ପ ଉପରେ ଗବେଷଣା ଜରୁରୀ ଥିବା ବେଳେ ହ୍ୟାଣ୍ଡଲୁମ୍ ଏବଂ ହ୍ୟାଣ୍ଡିକ୍ରାଫ୍ଟ ଉପରେ ପ୍ରଶାସନ ସ୍ୱତନ୍ତ୍ର ଧ୍ୟାନ ଦେବା ଜରୁରୀ। ବୟନଗ୍ରାମରେ ରହିଥିବା ଶିଳ୍ପୀଙ୍କ ଉତ୍ପାଦିତ ସାମଗ୍ରୀ ବିକ୍ରୟ ନିମନ୍ତେ ହସ୍ତଶିଳ୍ପୀଙ୍କ ପାଇଁ ସବୁଠାରୁ ବଡ଼ ଆହ୍ୱାନ ଭାବେ ଛିଡା ହୋଇଛି। ସେହିପରି ଶିଳ୍ପକୁ ବଞ୍ଚାଇ ରଖିବା ନିମନ୍ତେ ଦୀର୍ଘମିଆଦୀ ଯୋଜନାମାନ ପ୍ରଣୟନ କରାଯିବା ଜରୁରୀ। ଅନ୍ୟପକ୍ଷରେ ହସ୍ତଶିଳ୍ପରେ ବର୍ଜ୍ୟବସ୍ତୁ ପରିଚାଳନା ଏକ ପ୍ରମୁଖ ଭୂମିକା ଗ୍ରହଣ କରିଛି। ପ୍ୟାକିଂ ପଦାର୍ଥ ଯଥା ଥର୍ମୋକୁଲ ଏବଂ କାର୍ଡବୋର୍ଡକୁ ପୁନଃ ବ୍ୟବହାର କରାଯାଇପାରିବ। ତେଣୁ ଏହାକୁ ଅଳିଆ ଭାବେ ନ ଫିଙ୍ଗି ବ୍ୟବସ୍ଥିତ ଢଙ୍ଗରେ ଉପଯୋଗ କରିବା ଉଚିତ ବୋଲି ମତପ୍ରକାଶ ପାଇଥିଲା।

ଉନ୍ନୟନ କମିଶନର ଜେନା କହିଥିଲେ ଯେ, ଯାଜପୁର ଜିଲା ପ୍ରଥମଥର ପାଇଁ ଏଭଳି ଏକ କାର୍ଯ୍ୟକ୍ରମ ଆରମ୍ଭ କରିଛି ଏବଂ ଏଠି ଉପସ୍ଥିତ ବ୍ୟକ୍ତିବିଶେଷ ହସ୍ତଶିଳ୍ପ କ୍ଷେତ୍ରରେ ନିପୁଣତା ରଖିଛନ୍ତି। ଆମେ ସେମାନଙ୍କଠାରୁ ଅନେକ କିଛି ଶିକ୍ଷା କରିଛୁ। ପୂର୍ବ ସମୟରେ ରାଜା ମହାରାଜା ହସ୍ତଶିଳ୍ପର ବିକାଶ ଦିଗରେ କାର୍ଯ୍ୟ କରୁଥିବାବେଳେ ବର୍ତ୍ତମାନ ସରକାର ସେ ଦିଗରେ କାର୍ଯ୍ୟ କରିବାକୁ ଆଗଭର ହୋଇଛନ୍ତି।

# ମା' ବିରଜାଙ୍କ ଜନ୍ମୋତ୍ସବ



ଯାଜପୁର ଟାଉନ, ୨୧।୧(ଡି.ଏନ.ଏ):

ଯାଜପୁର ଅଧିଷ୍ଠାତ୍ରୀ ଦେବୀ ମା' ବିରଜାଙ୍କ ଜନ୍ମୋତ୍ସବ ଶନିବାର ପାଳିତ ହୋଇଯାଇଛି। ପରମ୍ପରା ଅନୁଯାୟୀ ସମସ୍ତ କାର୍ଯ୍ୟ ସ୍ଥିର କରାଯାଇଥିବା ବେଳେ ଏହି ଦିନ ଲକ୍ଷାଧିକ ଶ୍ରଦ୍ଧାଳୁ ମା'ଙ୍କୁ ଦର୍ଶନ କରିଛନ୍ତି। ଭୋର ୪ଟା୩୦ରେ ପ୍ରଥମେ ନିତ୍ୟ ସ୍ନାନ ଓ ବେଶ କାର୍ଯ୍ୟ କରାଯାଇଥିଲା। ୭ ଘଟିକା ସମୟରେ ମା'ଙ୍କୁ ସ୍ୱନକ୍ଷତ୍ର ବିହିତ ମହାସ୍ନାନ କରାଯାଇଥିଲା। ପରେ ଚନ୍ଦନ ବେଶ, ସାବିତ୍ରୀ ବେଶ ଓ ଅଳଙ୍କାର ବେଶ କରାଯାଇ ପୂଜାବିଧି ଆରମ୍ଭ କରାଯାଇଥିଲା। ଏହାପରେ ଷୋଡ଼ଶୋପଚାର ପୂଜାବିଧି ଆରମ୍ଭ କରାଯାଇ ସ୍ୱତନ୍ତ୍ର ନୀତି ଲାଗି କରାଯିବା ସହ ଯଜ୍ଞକାର୍ଯ୍ୟ ଆରମ୍ଭ କରାଯାଇଥିଲା। ପରେ ପୂର୍ଣ୍ଣାହୁତି, ଆରତି ଓ ଘଟବିସର୍ଜନ କରାଯାଇଥିଲା। ମନ୍ଦିରକୁ ସୁସଜ୍ଜିତ ଫୁଲ ଓ ଆଲୋକମାଳାରେ ସଜ୍ଜିତ କରାଯାଇଥିଲା।

# କୁକୁଡ଼ା ପାଳନ ସମ୍ପର୍କିତ କର୍ମଶାଳା ଉଦ୍‌ଯାପିତ



କ୍ଷେତ୍ର ପରିଦର୍ଶନରେ ଆସିଥିବା ଶିବିରାର୍ଥୀ।

### କ୍ଷେତ୍ର ପରିଦର୍ଶନ କରି ପ୍ରୋତ୍ସାହିତ ହେଲେ ୨୦ ଶିବିରାର୍ଥୀ

ରସୁଲପୁର,୨୧।୧(ଡି.ଏନ.ଏ.):

ରସୁଲପୁର ବ୍ଲକ କୃଷି କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଆୟୋଜିତ ୩ ଦିନିଆ ଜିଲାସ୍ତରୀୟ କୁକୁଡ଼ା ପାଳନ ସମ୍ପର୍କିତ ପ୍ରଶିକ୍ଷଣ ଶିବିର ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଶେଷ ଦିବସଟି ଶିବିରାର୍ଥୀଙ୍କୁ ନେଇ କ୍ଷେତ୍ର ପରିଦର୍ଶନ ପାଇଁ ଉଦ୍ଦିଷ୍ଟ ଥିଲା। ତେଣୁ ଧର୍ମଶାଳା ପ୍ରାଣୀଧନ ଚିକିତ୍ସା କେନ୍ଦ୍ର ଅଧିକାରୀ ଡା. ରଞ୍ଜନ କୁମାର ସେଠୀଙ୍କ ନେତୃତ୍ୱରେ ଶିବିରାର୍ଥୀ ବଡ଼ଚଣା ବ୍ଲକର ଚଣ୍ଡିତଳ ଗ୍ରାମରେ ପହଞ୍ଚି ଇଂ. ଅନିତ୍ୟ କୁମାର ଜେନାଙ୍କ କୁକୁଡ଼ା ଫାର୍ମ ସ୍ଥଳ ପରିଦର୍ଶନ କରିଥିଲେ।

ଫାର୍ମ ଦେଖି ସେମାନେ ଆଶ୍ଚର୍ଯ୍ୟ ପ୍ରକଟ କରିବା ସହ ଉତ୍ସାହିତ ହୋଇଥିଲେ। ୫ ଏକର ଜମିରେ ଗଢ଼ି ଉଠିଥିବା ଅଣ୍ଡାଦିଆ କୁକୁଡା ଫାର୍ମରେ ୧ ଲକ୍ଷ କୁକୁଡ଼ା ପାଳନ କରାଯାଉଛି। ଏକାଥରକେ ଫାର୍ମରୁ ୬୦ ହଜାରରୁ ଊର୍ଦ୍ଧ୍ୱ ଅଣ୍ଡା ଉତ୍ପାଦନ ହେଉଥିବା ଜାଣି ଶିବିରାର୍ଥୀ ଖୁସି ହୋଇଥିଲେ। ଚାଷୀ ଜେନା କୁକୁଡ଼ା ଖାଦ୍ୟ ଉତ୍ପାଦନ ପାଇଁ ଏକ ଫାକ୍ଟ୍ରି କରିଛନ୍ତି। ଫାର୍ମ ଓ ଫାକ୍ଟ୍ରିରେ ଅନ୍ୟୁନ ୫୦ କର୍ମଚାରୀଙ୍କୁ ନିଯୁକ୍ତି ପାଇବାର ସୁଯୋଗ ସୃଷ୍ଟି କରିଛନ୍ତି। ସେ ଚାକିରି ଛାଡ଼ି ଏହି ଚାଷ କରି ସ୍ୱାବଲମ୍ବୀ ହୋଇ ପାରିବା ସହ ବେକାର ଯୁବତୀଯୁବକଙ୍କୁ ନିଯୁକ୍ତି ଦେଇ ପାରିଥିବାରୁ ଅତ୍ୟନ୍ତ ଖୁସି ବୋଲି କହିଥିଲେ। ପରେ ଶିବିରାର୍ଥୀଙ୍କୁ ନେଇ ଛତିଆ ଆଶ୍ରମଠାରେ ଏକ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରଥମ ସ୍ଥାନ ବଡ଼ଚଣା ବ୍ଲକର ଶ୍ରୀଧର ପ୍ରସାଦ ଧଳ, ଦ୍ୱିତୀୟ ଧର୍ମଶାଳା ବ୍ଲକ ଦେଉଳିପାଳ ଅଞ୍ଚଳର ସସ୍ମିତା ଖୁଣ୍ଟିଆ ଓ ତୃତୀୟ ସ୍ଥାନରେ ରସୁଲପୁର ବ୍ଲକ ନୂଆ ମିର୍ଜାପୁର ଗ୍ରାମର ଦାଶରଥୀ ସାହୁ ରହି ପୁରସ୍କୃତ ହୋଇଥିଲେ। ଆୟୋଜକ ପଶୁ ସମ୍ପଳ ଉନ୍ନୟନ ବିଭାଗ ତରଫରୁ ଶିବିରାର୍ଥୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇ ଥିଲା। ଉକ୍ତ ପରିଦର୍ଶନରେ ଏମଭିୟୁ ପ୍ରାଣୀଧନ ଚିକିତ୍ସାଧିକାରୀ ଡା. ଦୀପ୍ତିମୟୀ ସାହୁ, ଡା. ଆର୍ଯ୍ୟପ୍ରକାଶ ପଣ୍ଡା, ଲିୟାସୀନ ମହାନ୍ତି, ମୁନମୁନ ଶତପଥୀ ଓ ଅତିରିକ୍ତ ପ୍ରାଣୀଧନ ଚିକିତ୍ସାଧିକାରୀ ଡା. ସୁବାସ ଚନ୍ଦ୍ର ଜେନା ପ୍ରମୁଖ ଉପସ୍ଥିତ ଥିଲେ।

# ୪ ଘଣ୍ଟା ଠିକାଦାର ଅଟକ, କାମ ବନ୍ଦ କଲେ ଗ୍ରାମବାସୀ

### ପୂର୍ତ୍ତ ବିଭାଗ ରାସ୍ତା କାର୍ଯ୍ୟ ନିମ୍ନମାନର ଅଭିଯୋଗ

ବାଲିଚନ୍ଦ୍ରପୁର,୨୧।୧(ସ୍ୱ.ପ୍ର.):

ଜଗତପୁର-ପଟ୍ଟାମୁଣ୍ଡାଇ କେନାଲ ବନ୍ଧ ରାସ୍ତାର ବାଲିଚନ୍ଦ୍ରପୁରଠାରୁ ଦେକୁଡ଼ି ପର୍ଯ୍ୟନ୍ତ ନିର୍ମାଣ ଚାଲିଛି। ମାତ୍ର କାର୍ଯ୍ୟ ଆରମ୍ଭରୁ ନିମ୍ନମାନର ହେଉଥିବା ନେଇ ପର୍ଯ୍ୟାୟକ୍ରମେ ଅଭିଯୋଗ ହେଉଥିଲେ ମଧ୍ୟ ଠିକାଦାର କିମ୍ବା ବିଭାଗୀୟ ଅଧିକାରୀ କର୍ଣ୍ଣପାତ କରି ନ ଥିଲେ। ଫଳରେ ଶନିବାର ଶତାଧିକ ଗ୍ରାମବାସୀ ଠିକାଦାରଙ୍କୁ ଅଟକ ରଖି ୪ ଘଣ୍ଟା ପର୍ଯ୍ୟନ୍ତ କାର୍ଯ୍ୟ ବନ୍ଦ କରିଥିବା ଦେଖିବାକୁ ମିଳିଛି। ବାଲିଚନ୍ଦ୍ରପୁରଠାରୁ ଦେକୁଡ଼ି ପର୍ଯ୍ୟନ୍ତ ୩୪ ନମ୍ବର କେନାଲ ବନ୍ଧକୁ ଜଳସମ୍ପଦ ବିଭାଗରୁ ପୂର୍ତ୍ତ ବିଭାଗକୁ ହସ୍ତାନ୍ତର କରାଯାଇଥିଲା। ୧୦ କି.ମି ୨ ଶହ ମିଟର ବିଶିଷ୍ଟ ରାସ୍ତାର ପ୍ରଶସ୍ତୀକରଣ ଓ ସୁଦୃଢ଼ୀକରଣ ନିମନ୍ତେ ପ୍ରାୟ ୧୫ କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ଧାର୍ଯ୍ୟ କରାଯାଇଥିଲା। ଏହାକୁ ଦୁଇଟି ପର୍ଯ୍ୟାୟରେ ବିଭକ୍ତ କରି ୨ ଠିକାଦାରଙ୍କୁ ଦିଆଯାଇ କାର୍ଯ୍ୟଚାଲିଛି। ବାଲିଚନ୍ଦ୍ରପୁରଠାରୁ କଳାଶ୍ରୀ ପର୍ଯ୍ୟନ୍ତ ପ୍ରଥମ ରିଚ୍ କାର୍ଯ୍ୟ ସରିବାକୁ ବସିଥିବା ବେଳେ ଠିକାଦାର ପିଚୁ କାର୍ଯ୍ୟ ସାରିଦେଇ ନାମକୁ ମାତ୍ର ମୋରମ ଛିଞ୍ଚି କାମ ସାରିବାକୁ ବସିଛନ୍ତି। ରାସ୍ତା ମଧ୍ୟ ଭାଗରେ ଥିବା ଗଛ, ବିଦ୍ୟୁତ୍ ଖୁଣ୍ଟକୁ ନ ହଟାଇ ମାଟି କାମ ଅଧାପନ୍ତରିଆ କରାଯାଇଛି। କେତେକ ଛକରେ ପ୍ରଶାସନ ପକ୍ଷରୁ ଜବରଦଖଲ ଉଚ୍ଛେଦ ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ମାତ୍ର ଅସ୍ଥାୟୀ ବ୍ୟବସାୟୀମାନେ ନିଜ ହାତରେ ଘର ଭାଙ୍ଗିବା ପାଇଁ ବିଭାଗୀୟ ଯନ୍ତ୍ରୀ, ଦର୍ପଣ ଅତିରିକ୍ତ ତହସିଲଦାର ଏବଂ ସ୍ଥାନୀୟ ଜିଲା ପରିଷଦ ସଭ୍ୟ ଉପସ୍ଥିତ ରହି ଜମି ଚିହ୍ନ ଦେଇଗଲେ। ଦୋକାନୀ ନିଜ ଗୃହକୁ ଭାଙ୍ଗି ଦେଇଥିବା ବେଳେ ଏପର୍ଯ୍ୟନ୍ତ ପ୍ରଶାସନିକ କିମ୍ବା ବିଭାଗୀୟ ତତ୍ପରତା ଦେଖାଯାଇନାହିଁ। ଅପରପକ୍ଷେ କଳାଶ୍ରୀଠାରୁ ଦେକୁଡ଼ି ପର୍ଯ୍ୟନ୍ତ ନିର୍ମାଣଧୀନ ରାସ୍ତାରେ ପଙ୍କମାଟି ଦ୍ୱାରା ପ୍ରଶସ୍ତୀକରଣ କରାଯାଇଛି, ଯାହାକୁ ଆଦୌ ରୋଲିଂ କରାଯାଇନାହିଁ କିମ୍ବା ପାଣି ପକାଯାଇନାହିଁ। ପର୍ଯ୍ୟାୟ କ୍ରମେ ଉକ୍ତ ରାସ୍ତାର ଉଭୟ ପାର୍ଶ୍ୱକୁ ଖୋଳାଯାଇ ସେଥିରେ କ୍ରଶରଗୁଣ୍ଡ ଭର୍ତ୍ତି କରାଯାଇଛି। ପିଚୁ କାର୍ଯ୍ୟର ମୋଟେଇ ଆକଳନ ଅନୁଯାୟୀ କରା ନ ଯାଇ ୨/୩ ଇଚ୍ ପିଚୁ ପକାଯାଇଛି, ଯାହାକୁ ଦେଖି ଗ୍ରାମବାସୀ ଅତିଷ୍ଠ ହୋଇ ଶେଷରେ ଠିକାଦାରଙ୍କୁ ଅଟକ ରଖିଥିଲେ। ବିଭାଗୀୟ ଏସଡିଓ ଏବଂ ଜେଇ ଘଟଣାସ୍ଥଳରେ ପହଞ୍ଚି କାର୍ଯ୍ୟର ମାନ ପରଖି ନିମ୍ନମାନର ହେଉଥିବା ନେଇ ସ୍ୱୀକାର କରିଥିଲେ। ରବିବାରଠାରୁ ଠିକ୍‌ରେ କାର୍ଯ୍ୟ କରାଯିବ ବୋଲି ଉତ୍ୟକ୍ତ ଗ୍ରାମବାସୀଙ୍କୁ ବୁଝାଶୁଝା ପରେ ପୁନର୍ବାର କାର୍ଯ୍ୟ ଚାଲିଥିଲା। ଏ ସମ୍ପର୍କରେ ବିଭାଗୀୟ ଯନ୍ତ୍ରୀ ପ୍ରଫୁଲ୍ଲ କୁମାର ବେହେରାଙ୍କୁ ପଚାରିବାରେ ସେ କହିଛନ୍ତି, ଯାହା ଭୁଲ ଅଛି ତା'ର ସଂଶୋଧନ କରାଯାଇ ଆଗାମୀ ଦିନରେ କାର୍ଯ୍ୟ କରାଯିବ।


ଲୋକେ ରାସ୍ତା କାମ ବନ୍ଦ କରୁଛନ୍ତି।

# ଯୁବତୀଙ୍କ ଝୁଲନ୍ତା ମୃତଦେହ ଜବତ

### ହତ୍ୟା ଅଭିଯୋଗ ଆଣିଲା ପରିବାର

ଖୋର୍ଦ୍ଧା ଅଫିସ,୨୧।୧:

ଖୋର୍ଦ୍ଧା ସଦର ଥାନା ଅଧୀନ ଦଧିମାଛଗାଡ଼ିଆ ଟାଙ୍ଗଣି ମୁଣ୍ଡିଆ ବସ୍ତିରୁ ପୋଲିସ ଜଣେ ଯୁବତୀଙ୍କ ଝୁଲନ୍ତା ମୃତଦେହ ଜବତ କରିଛି। ସେ ହେଲେ ଉକ୍ତ ବସ୍ତିରେ ରହୁଥିବା ସମ୍ବଲପୁର ଜମନକିରା ଥାନା ଫୁଲକୁସୁମ ଗ୍ରାମର ସନ୍ତୋଷିନୀ ବେହେରା। ତେବେ ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ଅନ୍ୟପଟେ ସନ୍ତୋଷିନୀଙ୍କୁ ହତ୍ୟା କରାଯାଇଛି ବୋଲି ପରିବାର ଲୋକେ ଅଭିଯୋଗ କରିଛନ୍ତି। ଏହି ଘଟଣାରେ ଶନିବାର ପୋଲିସ ଜଣଙ୍କୁ ଅଟକ ରଖି ତଦନ୍ତ ଚଳାଇଛି। ସୂଚନା ମୁତାବକ, ସନ୍ତୋଷିନୀ ଓ ଯାଜପୁର ଜିଲା ବଡ଼ଚଣା ଥାନା କୋଲାସାହି ଗ୍ରାମର ବିନାୟକ ପାତ୍ର ଦଧିମାଛଗାଡ଼ିଆ ଅଞ୍ଚଳରେ ଗତ ୩ ବର୍ଷ ହେବ ସ୍ୱାମୀ ସ୍ତ୍ରୀ ପରିଚୟ ଦେଇ ରହୁଥିବା ସ୍ଥାନୀୟ ଗ୍ରାମବାସୀ କହିଛନ୍ତି। ଶୁକ୍ରବାର ବିଳମ୍ବ ରାତିରେ ସନ୍ତୋଷିନୀ ଆତ୍ମହତ୍ୟା କରିଥିବା ଖବର ପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଏଥିସହ ପୋଲିସ ମୃତାଙ୍କ ପରିବାର ଲୋକଙ୍କୁ ଜଣାଇଥିଲା। ଶନିବାର ସକାଳେ ମୃତାଙ୍କ ମା' ମୋହିନୀ ଓ ଭାଇ ରମେଶ ଥାନାରେ ପହଞ୍ଚି ଅଭିଯୋଗ କରିଥିଲେ। ମୋ ଭଉଣୀଙ୍କୁ ମାରି ଦିଆଯାଇଛି ବୋଲି ରମେଶ ଗଣମାଧ୍ୟମ ଆଗରେ କହିଛନ୍ତି। ଏହି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରାଯାଇ ଦୋଷୀ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଲାଗି ସେ ଦାବି କରିଛନ୍ତି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ପୋଲିସ କହିଛି।

# ଭକ୍ତଙ୍କ ଚାରିପଟେ ପରିକ୍ରମା କରନ୍ତି ଭଗବାନ୍

### ଓଳାଶୁଣୀ ମେଳାର ୪ର୍ଥ ଦିବସ

ଚଣ୍ଡିଖୋଲ,୨୧।୧(ଡି.ଏନ.ଏ.):

ମହାପୁରୁଷ ସନ୍ଥ ଅରକ୍ଷିତ ଦାସଙ୍କ ସାଧନାର ପୀଠ ଓଳାଶୁଣୀରେ ବହୁ ନିଆରା ପରମ୍ପରା ରହିଆସିଛି। ଏଠାରେ ସନ୍ଥ ଅରକ୍ଷିତ ଦାସଙ୍କ ସମାଧି ମନ୍ଦିର ଚାରିପଟେ ଭଗବାନ ବୁଲିଥାନ୍ତି। ମହାପୁରୁଷଙ୍କ ବ୍ରହ୍ମଲୀନ ଦିବସ, ମାଘମାସ କୃଷ୍ଣପକ୍ଷ ଏକାଦଶୀ ତିଥିରେ ଏଭଳି ଏକ ନିଆରା ପରମ୍ପରା ଦେଖିବାକୁ ମିଳିଥାଏ। ଏକାଦଶୀ ତିଥିର ମହାପୁରୁଷଙ୍କ ସମାଧି ପୀଠରେ ସନ୍ଧ୍ୟା ଆଳତି ସରିବା ପରେ ଏହି ସମାଧି ମନ୍ଦିର ଚାରିପଟେ ତିନୋଟି ବିମାନ ପରିକ୍ରମା କରିଥାଏ। ତିନିଗୋଟି ସୁସଜ୍ଜିତ ବିମାନରେ ତିନି ଠାକୁର ବିଜେ କରିଥାନ୍ତି। ପ୍ରଥମ ବିମାନରେ ବୃନ୍ଦାବନଜୀଉ ଥିଲା ବେଳେ ଦ୍ୱିତୀୟ ବିମାନରେ ରହିଥାନ୍ତି ରାସେଶ୍ୱରୀ ଓ ତୃତୀୟ ବିମାନରେ ରାଧାରାଣୀ ବିଜେ କରିଥାନ୍ତି। ଏହି ସମୟରେ ଓଳାଶୁଣୀ ପାହାଡ଼ର ଶୀର୍ଷ ଦେଶରେ ଥିବା ମହାପୁରୁଷଙ୍କ ସମାଧି ମନ୍ଦିର ଚାରିପଟ ଲୋକାରଣ୍ୟ ହୋଇଥାଏ। ଯେତେବେଳେ ଭଗବାନଙ୍କ ଏହି ତିନି ବିମାନ ପରିକ୍ରମା କରିଥାଏ ସେ ସମୟରେ ହରିବୋଲ ହୁଳହୁଳି ଓ ଜୟ ଅରକ୍ଷିତ ଧ୍ୱନୀରେ ସ୍ଥାନ ପ୍ରକମ୍ପିତ ହୋଇଥାଏ। ବିଭିନ୍ନ ଅଞ୍ଚଳରୁ ଆସିଥିବା ଭଜନ କୀର୍ତ୍ତନ ମଣ୍ଡଳୀ ହରିନାମରେ ବିମୁଗ୍ଧ ହୋଇଥାନ୍ତି। ପାହାଡ଼ର ଶିର୍ଷ ଭାଗ ସାଧୁ ସନ୍ଥଙ୍କ ଜୟ ଜୟ କାର ଧ୍ୱନିରେ ଉଚ୍ଛୁଳି ପଡ଼ିଥାଏ। ସମସ୍ତ ସଂକୀର୍ତ୍ତନମଣ୍ଡଳୀ ମନ୍ଦିର ଚାରିପଟେରେ ଘୁରି ଘୁରି ସଂକୀର୍ତ୍ତନ କରିଥାନ୍ତି। ଯେଉଁ ଭକ୍ତମାନେ ସେଠାରେ ଥାନ୍ତି ସେମାନେ ଘଣ୍ଟ ବାଦ୍ୟ କରି ପରିବେଶକୁ ଉତ୍ସବ ମୁଖର କରିଥାନ୍ତି। ଏଭଳି ନିଆରା ପରମ୍ପରା ପ୍ରାୟତଃ ଅନ୍ୟ କେଉଁଠି ଦେଖାଯାଇ ନ ଥାଏ। ଶନିବାର ମେଳା ୪ର୍ଥ ଦିନରେ ପହଞ୍ଚିଥିଲା ବେଳେ ଅପରାହ୍ନରୁ ଲୋକଙ୍କର ଗହଳି ଲାଗି ରହିଥିଲା। ମେଳାକୁ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ବିଭିନ୍ନ ବର୍ଗର ଲୋକ ଆସିଥାନ୍ତି। କେବଳ ହିନ୍ଦୁ ନୁହଁନ୍ତି ବହୁତ୍ ସଂଖ୍ୟାରେ ମୁସଲମାନେ ମଧ୍ୟ ମହାପୁରୁଷଙ୍କ ଭକ୍ତ। ସେଥିପାଇଁ ସେମାନେ ମହାପୁରୁଷଙ୍କୁ ଦର୍ଶନ କରିବା ସହିତ ମେଳା ପଡ଼ିଆ ବୁଲିଥାନ୍ତି। ପାହାଡ଼ ଶୀର୍ଷ ଦେଶ ବ୍ୟାପକ ଲୋକାରଣ୍ୟ ହୋଇଥିଲା। ମେଳା ପଡ଼ିଆରେ ମଧ୍ୟ ବହୁ ଲୋକ ଥିବା ଦେଖିବାକୁ ମିଳିଥିଲା।


ଓଳାଶୁଣୀ ପୀଠରେ ଭକ୍ତଙ୍କ ଭିଡ଼।

# ଓଡ଼ଙ୍ଗ ଉଚ୍ଚ ବିଦ୍ୟାଳୟର ପୁରସ୍କାର ବିତରଣ

ରସୁଲପୁର,୨୧।୧(ଡି.ଏନ.ଏ.):

ରସୁଲପୁର ବ୍ଲକ ଅନ୍ତର୍ଗତ ବାରବାଟୀ ପଞ୍ଚାୟତ ଓଡଙ୍ଗ ରୂପାନ୍ତରୀକରଣ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ-୨୦୨୩ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପ୍ରଧାନଶିକ୍ଷକ ନିରଞ୍ଜନ ସାମଲଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ରସୁଲପୁର ବ୍ଲକ୍ ଅଧ୍ୟକ୍ଷ ଅରୁଣ କୁମାର ରାଉତ, ମୁଖ୍ୟବକ୍ତା ଯାଜପୁର ଜିଲା ଅତିରିକ୍ତ ଶିକ୍ଷା ଅଧିକାରୀ ରାଜେଶ କୁମାର ସ୍ୱାଇଁ, ସମ୍ମାନିତ ଅତିଥି ଭାବରେ ଜିଲା ଅତିରିକ୍ତ ଶିକ୍ଷାଧିକାରୀ ଶଶିଧର ସିଂହ, ସ୍ଥାନୀୟ ସରପଞ୍ଚ ଆୟୁଷମତୀ ଦାସ, ସମିତିସଭ୍ୟ ସୌଦାମୀନ ସ୍ୱାଇଁ, ଜିଲା ବିଜ୍ଞାନ ପରିଦର୍ଶକ ବିଷ୍ଣୁଚରଣ ପଣ୍ଡା, ଶିକ୍ଷାବିତ୍ ଅମୂଲ୍ୟ କୁମାର ଦାସ, ଜିଲା ସଂଘ ଓଷ୍ଟା ସଭାପତି ସୁନନ୍ଦ କୁମାର ରାଉତ, ସମ୍ପାଦକ ବ୍ରଜକିଶୋର ବିଶ୍ୱାଳ, ଯୁବନେତା ମନୋଜ କୁମାର ରାଉତ, ପ୍ରଧାନଶିକ୍ଷକ ଆଲୋକ କୁମାର ବନ୍ଧ, ପ୍ରତିଷ୍ଠାତା ସଭାପତି ଚନ୍ଦ୍ରମଣି ଦାଶ, ନାରାୟଣ ସ୍ୱାଇଁ ଓ ବ୍ରଜବନ୍ଧୁ ଶତପଥୀ ପ୍ରମୁଖ ଯୋଗଦେଇ ବିଦ୍ୟାଳୟରେ ବାର୍ଷିକୋତ୍ସବର ଆବଶ୍ୟକତା ଓ ବିଦ୍ୟାର୍ଥୀଙ୍କ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ଶିକ୍ଷୟିତ୍ରୀ ଦେବସ୍ମିତା ପାଢ଼ୀ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଯାଜ୍ଞସେନୀ ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ନଳିନୀ ପ୍ରଭା ଜେନା ବାର୍ଷିକ ବିବରଣୀ ପାଠ କରିଥିଲେ। ବାଣେଶ୍ୱରୀ ଖଣ୍ଡାଇ ଧନ୍ୟବାଦ ଦେଇଥିଲେ।

ଏହି ଅବସରରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ବିଦ୍ୟାର୍ଥୀ ପ୍ରୀତାନୁ ଶତପଥୀଙ୍କୁ ଚଳିତ ଶିକ୍ଷାବର୍ଷର ଶ୍ରେଷ୍ଠ ଛାତ୍ର, ୨୦୨୧-୨୨ ଶିକ୍ଷାବର୍ଷରେ ମାଟ୍ରିକ ପରୀକ୍ଷାରେ ବିଦ୍ୟାଳୟର ଶ୍ରେଷ୍ଠ ବିଦ୍ୟାର୍ଥୀ ଉଷାରାଣୀ ସାହୁ, ଶ୍ରେଷ୍ଠ ଅଲରାଉଣ୍ଡର ଭାବେ ବରିଷ୍ଠ ବାଳକ ବିଭାଗରେ ଦଶମ ଶ୍ରେଣୀ ଛାତ୍ର ସୁଭେନ୍ଦୁ ସର, ବାଳିକା ବିଭାଗରେ ନବମ ଶ୍ରେଣୀ ଛାତ୍ର ସୋନାଲିକା ରାଉତ, ଖେଳର କନିଷ୍ଠ ବାଳିକା ବିଭାଗରେ ଚାମ୍ପିୟନ ଭାବେ ଆଶା ମଲିକ, ବାଳକ ବିଭାଗ ଚାମ୍ପିୟନ ଆୟୁଷମାନ ସାହୁ, ବରିଷ୍ଠ ବାଳିକା ବିଭାଗ ଚାମ୍ପିୟନ ଅଭିଲିପ୍ସା ପଣ୍ଡା ଓ ବାଳକ ବିଭାଗର ସୂର୍ଯ୍ୟକାନ୍ତ ବେହେରାଙ୍କ ସମେତ ୧୦ରୁ ଊର୍ଦ୍ଧ୍ୱ ବିଭାଗରେ କୃତିତ୍ୱ ହାସଲ କରିଥିବା ୫୦ରୁ ଊର୍ଦ୍ଧ୍ୱ ବିଦ୍ୟାର୍ଥୀଙ୍କୁ ପୁରସ୍କୃତ କରାଯାଇଥିଲା। ପରେ ବିଦ୍ୟାର୍ଥୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ରାଜଶ୍ରୀ ଜେନା, ରୀତା ରାଉତ, ଚନ୍ଦ୍ରିକା ମହାରଣା, ଦୀପ୍ତିମୟୀ ମଲିକ, ସଞ୍ଜୁଲତା ପଣ୍ଡା, କବିତା ପାଣି, ଦେବସ୍ମିତା ପହି, କଷାନ ପଣ୍ଡା ଓ ଧବଳେଶ୍ୱର ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନରେ ସହଯୋଗ କରିଥିଲେ। କାର୍ଯ୍ୟକ୍ରମକୁ ସଫଳ କରିବାରେ ପୁରାତନ ବିଦ୍ୟାର୍ଥୀଙ୍କ ପ୍ରମୁଖ ଭୂମିକା ରହିଥିଲା।


ଅତିଥିଙ୍କ ଗହଣରେ ପୁରସ୍କୃତ ହୋଇଥିବା କୃତୀ ପ୍ରତିଯୋଗୀ।

# ଆନ୍ଦୋଳନକୁ ଓହ୍ଲାଇଲେ ଚାଷୀ

■ ସରକାରୀ ମଣ୍ଡିରେ ଚାଷୀଙ୍କ ଧାନ ପଡ଼ି ରହିଛି
■ ବେପାରୀ, ଅଧିକାରୀ ମାଲାମାଲ ହେଉଛନ୍ତି
■ ଅଭାବୀ ବିକ୍ରିକୁ ପ୍ରୋତ୍ସାହନ ଅଭିଯୋଗ

କେନ୍ଦ୍ରାପଡ଼ା ଅଫିସ, ୨୧।୧

କଟ୍‌ନୀ ଛଟ୍‌ନୀ ଓ ଅନ୍ୟ ସମସ୍ୟାକୁ ନେଇ ନବ ନିର୍ମାଣ କୃଷକ ସଙ୍ଗଠନ ଗତ ଗୁରୁବାର ଜିଲାପାଳଙ୍କ କାର୍ଯ୍ୟାଳୟରେ ଗଣଧାରଣା ଦେଇଥିଲା। ସେହିପରି ମହାକାଳପଡ଼ା, ରାଜନଗରର ଚାଷୀ ସରକାରୀ ମଣ୍ଡିରେ ଧାନ ବସ୍ତା ଥୋଇ ବିକ୍ରି ପାଇଁ ଅପେକ୍ଷା କରିଛନ୍ତି। ଟୋକନ ଓ ମିଲର ସମସ୍ୟା ନେଇ ଆନ୍ଦୋଳନ କରୁଛନ୍ତି। ଚାଷୀ ଧାନ ବିକ୍ରି ପାଇଁ ଅପେକ୍ଷା କରିଥିବା ବେଳେ ମିଲରଠାରୁ ଆରମ୍ଭ କରି ସମିତି କାର୍ଯ୍ୟକର୍ତ୍ତାଙ୍କ ଅଣଦେଖା ବାଧୁଛି। କେବଳ ରାଜନଗର ଓ ମହାକାଳପଡ଼ାରେ ଏହି ସମସ୍ୟା ସୀମିତ ନୁହେଁ। ଜିଲା ସାରା ସରକାରୀ ମଣ୍ଡି ଧାନ ଉଠାଉ ନ ଥିବା ଅଭିଯୋଗ ହେଉଛି। ସରକାରୀ ମଣ୍ଡିର ଏହି ଅବ୍ୟବସ୍ଥା ପାଇଁ ଧାନର ଅଭାବୀ ବିକ୍ରି ଆରମ୍ଭ ହୋଇଯାଇଛି। ବେପାରୀ ଓ ଅଧିକାରୀ ମାଲାମାଲ ହେବା ପାଇଁ ଅଭାବୀ ଧାନ ବିକ୍ରିକୁ ପ୍ରୋତ୍ସାହିତ କରୁଥିବା ଦର୍ଶାଇ ଚାଷୀ ଆନ୍ଦୋଳନ କରିବାକୁ ଚେତାବନୀ ଦେଉଛନ୍ତି।

ଏ ସମ୍ପର୍କରେ କେନ୍ଦ୍ରାପଡ଼ା ବ୍ଲକ କଂସାରି ଗାଁର ନିରଞ୍ଜନ ପରିଡା କହିଛନ୍ତି, ସରକାରୀ ମଣ୍ଡିରେ ଧାନ ବିକ୍ରି ହେବ। ହାତକୁ ଦୁଇ ପଇସା ଆସିଲେ ଚଳିତବର୍ଷ ଝିଅ ବାହାଘରର ଝମେଲା ତୁଟିବ। ଏହି ସ୍ୱପ୍ନ ନେଇ ଘରର ସମସ୍ତ ଅର୍ଥ ଖରିଫ ଧାନ ଚାଷରେ ଲଗାଇଥିଲି। ମଣ୍ଡିରେ ଧାନ ବିକ୍ରି ପାଇଁ ଉପଯୁକ୍ତ ସମୟରେ ପଞ୍ଜୀକରଣ କରିଥିଲି। ମୋବାଇଲରେ ଧାନ ବିକ୍ରି ପାଇଁ ସୂଚନା ଆସିଲା। ପରିବାର ସଦସ୍ୟ ଝିଅ ବାହାଘର ପାଇଁ ଅର୍ଥ ସମସ୍ୟା କିଛି ମାତ୍ରାରେ କମିଲା ବୋଲି ସରକାରୀ ବ୍ୟବସ୍ଥାକୁ ଧନ୍ୟବାଦ ଦେଲେ। ତେବେ ବିକ୍ରି ଟୋକନର ସମୟ ଅବଧି ସରିବା ସତ୍ତ୍ୱେ ଅଦ୍ୟାବଧି ମଣ୍ଡି ଅଧିକାରୀ ଟାର୍ଗେଟ ନ ଥିବା ଦର୍ଶାଇ ଧାନ ନେଉନାହାନ୍ତି। ପଟ୍ଟାମୁଣ୍ଡାଇ ବ୍ଲକ ନରସିଂହପୁର କୃଷି ସମବାୟ ସମିତିର ସଭ୍ୟ ତଥା ଗଣ୍ଡକୂଳ ଗାଁର ତ୍ରୈଲୋକ୍ୟନାଥ ଦାସ କହିଛନ୍ତି, ଟାର୍ଗେଟ ନ ଥିବା ଦର୍ଶାଇ


ମହାକାଳପଡ଼ା ମଣ୍ଡିରେ ଚାଷୀଙ୍କ ଧାନ ପଡି ରହିଛି।

ଚାଷୀଙ୍କ ଝାଳର ମୂଲ୍ୟକୁ ଧାନ ବ୍ୟବସାୟୀ ଓ ପାକ୍ସ ଅଧିକାରୀମାନେ ବାଣ୍ଟି ନେଉଥିବା ଅଭିଯୋଗ କରିଛନ୍ତି। ଜିଲାରେ ଚାଷୀଙ୍କ ଦରଦକୁ କେହି ବୁଝୁ ନ ଥିବାରୁ ଅଭାବୀ ବିକ୍ରିକୁ ପ୍ରୋତ୍ସାହିତ କରାଯାଉଛି। ଆଗାମୀଦିନରେ ଏ ନେଇ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚାଷୀମାନେ ମତ ଦେଇଛନ୍ତି। ଏ ସମ୍ପର୍କରେ କୃଷକ ନେତା ବିଧୁଭୂଷଣ ମହାପାତ୍ର କହିଛନ୍ତି, ଜିଲାର ୧ ଲକ୍ଷ ୨୪ ହଜାର ହେକ୍ଟର ଜମିରେ ୩ ଲକ୍ଷ ୧୧ ହଜାରରୁ ଅଧିକ ଚାଷୀ ଚଳିତବର୍ଷ ଖରିଫ ଧାନ ଚାଷ କରିଛନ୍ତି। ତେବେ ପ୍ରାୟ ୯୦ ପ୍ରତିଶତ ଚାଷୀଙ୍କ ବଳକା ଧାନ ବିକ୍ରି ହୋଇପାରୁନାହିଁ। ଏପରି କି ଚଳିତବର୍ଷର ଧାନ ବିକ୍ରୟ ପାଇଁ ପଞ୍ଜୀକୃତ ହୋଇଥିବା ୪୦ ହଜାରରୁ ଊର୍ଦ୍ଧ୍ୱ ଚାଷୀଙ୍କ ମଧ୍ୟରୁ ପ୍ରାୟ ୨୫ ହଜାରରୁ ଅଧିକ ଚାଷୀଙ୍କ ବଳକା ଧାନ ସରକାରୀ ମଣ୍ଡିରେ ବିକ୍ରୟ ହୋଇପାରିନାହିଁ। ଜିଲାର ୧୧୮ ପାକ୍ସ ମଧ୍ୟରୁ ଅଧିକାଂଶଠାରେ ଟୋକନ ସମସ୍ୟା ଦେଖାଦେଇଥିବା ବେଳେ ଏବେ ଟାର୍ଗେଟ ନ ଥିବା କହି ଚାଷୀଙ୍କୁ ହତାଶ କରିଛନ୍ତି। ରାଜ୍ୟ ଓ କେନ୍ଦ୍ର ସରକାର ଚାଷୀଙ୍କ ଉତ୍ପାଦ ପ୍ରତି ସୁରକ୍ଷା ପ୍ରଦାନ କରୁଥିବା କହୁଥିଲେ ମଧ୍ୟ ବାସ୍ତବରେ ଅଭାବୀ ବିକ୍ରିକୁ ପ୍ରୋତ୍ସାହିତ କରାଯାଉଛି। ଜିଲାର ସମସ୍ତ ପଞ୍ଜୀକୃତ ଚାଷୀଙ୍କ ଧାନ କ୍ରୟ ନ ହେଲେ କୃଷକ ଆନ୍ଦୋଳନ ହେବ ବୋଲି ମତ ଦେଇଛନ୍ତି। ଓଡ଼ିଶା ସୂଚନା ଅଧିକାର ଅଭିଯାନର କେନ୍ଦ୍ରାପଡ଼ା ଜିଲା ଆବାହକ ପ୍ରତାପ ଚନ୍ଦ୍ର ମହାନ୍ତି କହିଛନ୍ତି, କୃଷିଭିତ୍ତିକ ଅର୍ଥନୀତିରେ ପରିଚାଳିତ କେନ୍ଦ୍ରାପଡ଼ା ଜିଲାର ଚାଷୀ ସର୍ବଦା ଅବହେଳା ଓ ପ୍ରତାରଣାର ଶିକାର ହୋଇଛନ୍ତି। ଗତବର୍ଷ ଧାନ କିଣା ଅନିୟମିତତାରେ ୫ରୁ ଊର୍ଦ୍ଧ୍ୱ ଅଧିକାରୀଙ୍କ କଳାକାରନାମା ଧରାପଡିବା ପରେ ନିଲମ୍ବିତ ହୋଇଛନ୍ତି। ୨୦୧୬ରେ ଏହି ପରିସ୍ଥିତି ସୃଷ୍ଟିହେବା ଯୋଗୁ ଜଣେ ରାଜନେତା ବେପାରୀଙ୍କ ଧାନ ସରକାରୀ ମଣ୍ଡିରେ ଦେଇ କୋଟିଏ ଟଙ୍କା ହଡପ କରିଥିବା ଅଭିଯୋଗ ଆସିଥିଲା। ଏହା ବ୍ୟତୀତ ଏହି ଜିଲାରେ ଧାନ ଟାର୍ଗେଟ ଅନୁଯାୟୀ ଗତ ୨୦୧୩-୧୪ ଆର୍ଥିକ ବର୍ଷରୁ ଅଦ୍ୟାବଧି କିଣା ଯାଇନାହିଁ। ଏ ସମ୍ପର୍କରେ ସିଏସ୍‌ଓ ପ୍ରଶାନ୍ତ କୁମାର ଗନ୍ତାୟତଙ୍କୁ ପଚାରିବାରେ ଟୋକନକୁ ନେଇ କିଛି ସମସ୍ୟା ଅଛି। ତେବେ ସମୟ ଅବଧି ମଧ୍ୟରେ ଚାଷୀଙ୍କଠାରୁ ଧାନ କ୍ରୟ ହେବ ବୋଲି ସେ କହିଛନ୍ତି।

## ସଂକ୍ଷେପରେ

### ବେଲପାଳରେ ରଟନ୍ତୀ କାଳୀ ପୂଜା ଆରମ୍ଭ



ରାଜନଗର, ୨୧।୧(ଡି.ଏନ.ଏ.): ରାଜନଗର ବ୍ଲକ ବେଲପାଳ ଗାଁର ସର୍ବପୁରାତନ ଶକ୍ତିପୀଠରେ ମା'ରଟନ୍ତୀ କାଳୀପୂଜା ଆରମ୍ଭ ହୋଇଛି। ଏହି ପାର୍ବଣ ଉତ୍ସବ ୫ଦିନ ଅନୁଷ୍ଠିତ ହେବ। ମା'ରଟନ୍ତୀ କାଳୀଙ୍କ ମୃଣ୍ମୟୀ ମୂର୍ତ୍ତି ବିଧି ମୁତାବକ ସ୍ଥାପନ କରାଯିବା ପରେ ପୂଜକ ପୂଜାର୍ଚ୍ଚନା କରି ଘଟ ସ୍ଥାପନ କରିଛନ୍ତି। ଶୁକ୍ରବାର ଶତାଧିକ ମହିଳା କଳସ ଯାତ୍ରା କରିଥିଲେ। ପ୍ରାୟ ଶହେରୁ ଊର୍ଦ୍ଧ୍ୱ ବର୍ଷ ଧରି ମା'ରଟନ୍ତୀ କାଳୀଙ୍କ ପୂଜାର୍ଚ୍ଚନା ଗ୍ରାମବାସୀଙ୍କ ପକ୍ଷରୁ କରାଯାଉଛି। ଅତୀତରେ ପ୍ରଳୟଙ୍କରୀ ବନ୍ୟା ଏବଂ ପ୍ରାକୃତିକ ବିପର୍ଯ୍ୟୟ ସହ ବସନ୍ତ ମହାମାରୀ ଏହି ଗ୍ରାମରେ ବ୍ୟାପିଥିଲା। ସ୍ୱପ୍ନାଦେଶ ପରେ ଗାଁରେ ମା'ଙ୍କ ପୂଜାର୍ଚ୍ଚନା ଆରମ୍ଭ କରାଯାଇଥିଲା। ସେବେଠୁଁ ଗାଁରେ କୌଣସି ମହାମାରୀ ଦେଖାଯାଇନାହିଁ। ବେଲପାଳ, ଓସ୍ତିଆ, ସମେତ ବାଲିକଣା, ଭଗବାନପୁର, ବନ୍ଧପାଟଣା ପ୍ରଭୃତି ଆଖପାଖ ଅଞ୍ଚଳର ଶ୍ରଦ୍ଧାଳୁଙ୍କ ଭିଡ ଲାଗି ରହିଛି। ସ୍ଥାନୀୟ ଅଞ୍ଚଳର କ୍ଷୁଦ୍ର ବ୍ୟବସାୟୀମାନେ ପଡ଼ିଆରେ ବ୍ୟବସାୟ ଆରମ୍ଭ କରିଛନ୍ତି।

### ନୂତନ ଆବାସ ଯୋଜନା ପ୍ରସ୍ତୁତି ତାଲିକାରେ ତ୍ରୁଟି

ଭାଜପା ପକ୍ଷରୁ ଦାବିପତ୍ର ପ୍ରଦାନ

ରାଜକନିକା,୨୧।୧ (ଡି.ଏନ.ଏ.): ରାଜକନିକା ବ୍ଲକର ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଦୁର୍ନୀତି ଅଭିଯୋଗ ଆଣି ବିଡିଓଙ୍କୁ ଭାଜପା ପକ୍ଷରୁ ଶୁକ୍ରବାର ଦାବିପତ୍ର ପ୍ରଦାନ କରାଯାଇଛି। ନୂତନ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ପ୍ରସ୍ତୁତ ହୋଇଥିବା ତାଲିକାରେ ମାତ୍ରାଧିକ ତ୍ରୁଟି ଏବଂ ଗୋଟିଏ ପରିବାର ପୂର୍ବରୁ ଚଞ୍ଚକତା କରି ୮ଟି ଆବାସ ହାତେଇଥିବା ବେଳେ, ପୁନର୍ବାର ସେହି ପରିବାର ସଦସ୍ୟଙ୍କ ନାମ ରହିଛି ବୋଲି ଜିଲା ଭାଜପା ଉପସଭାପତି କୃଷ୍ଣଚନ୍ଦ୍ର ପଣ୍ଡା, ଭାଜପା କାର୍ଯ୍ୟକର୍ତ୍ତା ଶିକ୍ଷାବିତ୍ ବୈକୁଣ୍ଠନାଥ ପରିଡ଼ା, ଜୋନ ୨୮ର ମଣ୍ଡଳ ସଭାପତି ରାଜେନ୍ଦ୍ର ବେହେରା, ଜୋନ ୨୯ର ମଣ୍ଡଳ ସଭାପତି ନିହାର ରଞ୍ଜନ ନାୟକ, ସନ୍ତୋଷ କର, ସୋମନାଥ କର, ବିଜୟ ନାୟକ, ନିଳାମ୍ବର ସେନାପତି, ପ୍ରଭାତ ପୃଷ୍ଟି, ବସନ୍ତ ସାହୁ, ଶରତ ଜଗଦେବ ପ୍ରମୁଖ ବିଡିଓ ରବି ନାରାୟଣ ଆଚାର୍ଯ୍ୟଙ୍କୁ ଅଭିଯୋଗ କରିଛନ୍ତି। ଅଭିଯୋଗର ତଦନ୍ତ ପୂର୍ବକ ପ୍ରକୃତ ହିତାଧିକାରୀ ଚୟନ କରିବା ସହ ସେମାନଙ୍କୁ ଆବାସ ଯୋଗାଇ ଦେବାକୁ ନିବେଦନ କରିଛନ୍ତି। ବିଡିଓ ଆଚାର୍ଯ୍ୟ ଦାବିପତ୍ର ଗ୍ରହଣ କରିବା ପରେ ଏହାର ତଦନ୍ତ କରି ପ୍ରକୃତ ହିତାଧିକାରୀଙ୍କୁ ଆବାସ ଯୋଗାଇଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ଯଦି ପ୍ରକୃତ ହିତାଧିକାରୀ ଚୟନ କରା ନ ଯାଏ, ତେବେ ଆଗାମୀ ଦିନରେ ଭାଜପା ରାଜରାସ୍ତାକୁ ଓହ୍ଲାଇବ ବୋଲି ଚେତାବନୀ ଦିଆଯାଇଛି।

### ପ୍ରଦ୍ୟୁମ୍ନ ସାମନ୍ତରାୟ ଜିଲା ସମିତି ଅଧ୍ୟକ୍ଷ ସଂଘ ସଭାପତି

ପଟ୍ଟାମୁଣ୍ଡାଇ,୨୧।୧(ସ୍ୱ.ପ୍ର.): ରାଜ୍ୟ ସରକାରଙ୍କ ସମସ୍ତ ସରକାରୀ ଯୋଜନାକୁ ସଫଳତାର ସହ କାର୍ଯ୍ୟକାରୀ କରିବା, ଜିଲା ଓ ବ୍ଲକ ପ୍ରଶାସନକୁ ଲୋକାଭିମୁଖୀ କରିବା, ସାଧାରଣ ଲୋକଙ୍କୁ ନାର୍ଯ୍ୟ ଅଧିକାର ପ୍ରଦାନ କରିବା ଲକ୍ଷ୍ୟ ନେଇ ଓଳାଶୁଣୀଠାରେ କେନ୍ଦ୍ରାପଡ଼ା ଜିଲାର ୯ଟି ପଞ୍ଚାୟତ ସମିତିର ଅଧ୍ୟକ୍ଷମାନେ ଏକାଠି ହୋଇଥିଲେ। ବିଭିନ୍ନ ସମିତିର ସରକାରୀ ଯୋଜନାକୁ ସଫଳତାର ସହ କାର୍ଯ୍ୟକାରୀ କରିବା, ଜିଲାପାଳ ଓ ଜିଲା ପ୍ରକଳ୍ପ ନିର୍ଦ୍ଦେଶକଙ୍କ ସହ ନିୟମିତ ଯୋଗାଯୋଗ ଲାଗି ସମିତି ଅଧ୍ୟକ୍ଷ ସଂଘ ଗଠନ କରାଯାଇଛି। ପଟ୍ଟାମୁଣ୍ଡାଇ ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରଦ୍ୟୁମ୍ନ କୁମାର ସାମନ୍ତରାୟଙ୍କୁ କେନ୍ଦ୍ରାପଡ଼ା ଜିଲା ସମିତି ଅଧ୍ୟକ୍ଷ ସଂଘ ସଭାପତି ଭାବେ ନିର୍ବାଚିତ କରାଯାଇଛି। ଜିଲା ସମିତି ଅଧ୍ୟକ୍ଷ ସଂଘ ସଭାପତି ଭାବେ ସାମନ୍ତରାୟ ନିର୍ବାଚିତ ହୋଇଥିବାରୁ ତାଙ୍କୁ ରାଜନଗର ବିଧାୟକ ଧ୍ରୁବ ସାହୁ, ପୌରାଧ୍ୟକ୍ଷ ହେମନ୍ତ ସାହୁ, ପଞ୍ଚାୟତ ସମିତି ଉପାଧ୍ୟକ୍ଷା ଜୟନ୍ତୀ ସ୍ୱାଇଁ, ପୌର ଉପାଧ୍ୟକ୍ଷା ଅନୁପ୍ରିୟା ସାହୁ, ଜିଲାପରିଷଦ ସଦସ୍ୟ ରଞ୍ଜନ ବିଶ୍ୱାଳ, ଜ୍ୟୋତିର୍ମୟୀ ବେହେରା, ପ୍ରିୟଦର୍ଶିନୀ ତରାଇ, ରଶ୍ମି ମଲିକ, ବ୍ଲକ ବିଜେଡି ସଭାପତି କିଶୋର ସାହୁ, ବ୍ଲକ ଯୁବ ବିଜେଡି ସଭାପତି କୈଳାସ ସିଂ, ନଗର ବିଜେଡି ସଭାପତି ବୁଢ଼ା ଲେଙ୍କା ପ୍ରମୁଖ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି।

## ରାଜେଶ୍ୱରୀନଗର ଗାଁରୁ ବାର୍‌ହା ଉଦ୍ଧାର



ରାଜନଗର, ୨୧।୧(ଡି.ଏନ.ଏ.)

ରାଜନଗର ବ୍ଲକ ତାଳଚୁଆ ପଞ୍ଚାୟତ ରାଜେଶ୍ୱରୀନଗର ଗାଁରୁ ଶନିବାର ଗୋଟିଏ ବାର୍‌ହା ଉଦ୍ଧାର କରାଯାଇଛି। ସକାଳେ ଗାଁ ମୁଣ୍ଡରେ ଥିବା ବୁଦାମୂଳେ ଏକ ଜଙ୍ଗଲୀ ବାର୍‌ହା ଲୁଚି ରହିଥିଲା। ସେହି ବାଟଦେଇ ଯାଉଥିବା ଗାଁର ଯୁବକଙ୍କୁ ବାର୍‌ହା ଗୋଡାଇଥିଲା। ବାର୍‌ହା ଆକ୍ରମଣରେ ଯୁବକ ଆହତ ହୋଇଛନ୍ତି। ତାଳଚୁଆ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ତାଙ୍କର ଚିକିତ୍ସା ପରେ ସେ ଘରକୁ ଫେରିଛନ୍ତି। ଗାଁ ଭିତରେ ବାର୍‌ହା ବୁଲିବା ପରେ ଲୋକଙ୍କ ମଧ୍ୟରେ ଆତଙ୍କ ସୃଷ୍ଟି ହୋଇଥିଲା। ବନକର୍ମଚାରୀମାନେ ଜାଲ ମାଧ୍ୟମରେ ବାର୍‌ହାକୁ ଧରି ଭିତରକନିକା ଜଙ୍ଗଲ ମଧ୍ୟରେ ଛାଡିଛନ୍ତି। ଗାଁଠୁ ଅଧ କିମି ଦୂରରେ ଭିତରକନିକା ଜାତୀୟ ଉଦ୍ୟାନ। ଜାତୀୟ ଉଦ୍ୟାନର ଦକ୍ଷିଣ ମହିଷାମଡା ଜଙ୍ଗଲରୁ ଏହି ବାର୍‌ହାଟି ଜନବସତିକୁ ପଶି ଆସିଥିଲା। ଉଦ୍ଧାର ବାର୍‌ହା ଅଣ୍ଡିରା ହୋଇଥିବା ବେଳେ ତା'ର ଓଜନ ୮୦ କେଜି ହେବ।

# ନିଶା ଛାଡ଼ ଦେଶ ଗଢ଼

## ହରିଅଙ୍କରେ ପଦ୍ମଶ୍ରୀ ବଳିଆଙ୍କ ଆଶୀର୍ବଚନ

ଡେରାବିଶ,୨୧।୧(ସ୍ୱ.ପ୍ର.)

ଦେଶକୁ ଗଢ଼ି ତୋଳିବା ପାଇଁ ଯୁବକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ନିଶା ସେବନରୁ ଦୂରେଇ ରହି ଏକ ସୁନ୍ଦର ଦେଶ ଗଢ଼ିବାର ସଂକଳ୍ପ ନେବାକୁ ପଦ୍ମଶ୍ରୀ ବଳିଆ ଯୁବକମାନଙ୍କୁ ଆହ୍ୱାନ ଦେଇଛନ୍ତି। ଡେରାବିଶ ବ୍ଲକ ଅଧୀନ ହରିଅଙ୍କ ମେଳନ ପଡ଼ିଆସ୍ଥିତ ମା' କ୍ଷେତ୍ରପାଳିନୀଙ୍କ ନବନିର୍ମିତ ମନ୍ଦିରର ଭିତ୍ତିପ୍ରସ୍ତର ସ୍ଥାପନ ଶନିବାର ପଦ୍ମଶ୍ରୀ ବଳିଆଙ୍କ ଦ୍ୱାରା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ମା'ଙ୍କ ପୀଠରେ ଆୟୋଜିତ ଏକ ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ଯୋଗଦେଇ ବଳିଆ ନିଜର ଆଶୀର୍ବଚନ ମାଧ୍ୟମରେ ଉପରୋକ୍ତ ବକ୍ତବ୍ୟ ପ୍ରଦାନ କରିଥିଲେ। ଗୋଟିଏ ସୂର୍ଯ୍ୟ, ଗୋଟିଏ ଚନ୍ଦ୍ର ସମଗ୍ର ପୃଥିବୀକୁ ଆଲୋକିତ କରୁଥିବା ବେଳେ ମଣିଷ ମଣିଷ ଭିତରେ ବିଭେଦ କ'ଣ ପାଇଁ ବୋଲି ବାବା କହିଥିଲେ।


ପଦ୍ମଶ୍ରୀ ବଳିଆ ବାବା ଉଦ୍‌ବୋଧନ ଦେଉଛନ୍ତି।

ମାନବବାଦର ପ୍ରତିଷ୍ଠା ହୋଇପାରିଲେ ସମଗ୍ର ବିଶ୍ୱରେ ସତ୍ୟ, ଶାନ୍ତି, ଦୟା, କ୍ଷମା ପ୍ରତିଷ୍ଠିତ ହୋଇପାରିବ। ସେହିପରି ସମାଜରେ ବିଧବା ମା'ମାନଙ୍କୁ ନ୍ୟୂନ ଦୃଷ୍ଟିରେ ଦେଖିବା ଏକ କୁସଂସ୍କାର ହୋଇଥିବା ବେଳେ ବୃଦ୍ଧ ପିତାମାତାଙ୍କୁ ନିଷ୍ଠାର ସହ ସେବା କରିବା ମାଧବ ସେବା ବୋଲି ବଳିଆ ତାଙ୍କ ଆଶୀର୍ବଚନରେ ଉଲ୍ଲେଖ କରିଥିଲେ। ରାମାୟଣର ରାମ ଲକ୍ଷ୍ମଣ ସୀତା ଓ ଆମର ପୂଜ୍ୟ ଦେବତା ଶ୍ରୀଜଗନ୍ନାଥ ସୁଭଦ୍ରା ଓ ଶ୍ରୀବଳଦେବଙ୍କ ଉପାଖ୍ୟାନ ଦେଇ ନିଜ ପରିବାରକୁ ବସୁଧୈବ କୁଟୁମ୍ବକମ୍ ଭଳି ବୈକୁଣ୍ଠ ସମାନ ଗଢ଼ି ତୋଳିବାକୁ ବାବା ପରାମର୍ଶ ଦେଇଥିଲେ। ଅସନ୍ତୁଳିତ ଜଳବାୟୁ ଓ ପରିବେଶକୁ ରକ୍ଷା କରିବାକୁ ପ୍ରତ୍ୟେକ ବ୍ୟକ୍ତି ନିଜ ବାଡ଼ି ବଗିଚାରେ ଖାଲି ପଡ଼ିଥିବା ସ୍ଥାନରେ ବୃକ୍ଷଟିଏ ଲଗାଇ ତାହାର ଯତ୍ନ ନେଇପାରିଲେ ପରିବେଶ ସୁରକ୍ଷା ହୋଇପାରିବ ବୋଲି ବାବା ବଳିଆ କହିଥିଲେ। ପଣ୍ଡିତ ଜୟନ୍ତ ଶତପଥୀଙ୍କ ସଂଯୋଜନାରେ ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ଜଗତ୍‌ସିଂହପୁର ଜିଲା ଶିଶୁ ଅନନ୍ତ ଆଶ୍ରମର ସନ୍ନ୍ୟାସୀ ମଧୁସୂଦନ ଦାସ, ସଞ୍ଜୟ ଦାସ, ନରହରି ଦାସ ଓ କାଳନ୍ଦୀ ଦାସଙ୍କ ସମେତ ବହୁ ସନ୍ନ୍ୟାସୀ ଯୋଗ ଦେଇଥିଲେ। ଏହାକୁ ସୁଖଦାନନ୍ଦ ପ୍ରଧାନ, ଶ୍ୟାମସୁନ୍ଦର ଶତପଥୀ, ଅନିଲ ଶତପଥୀ, ବିଜୟ ପରିଡ଼ା, ସୁଧାକର ଶତପଥୀ, ପ୍ରଶାନ୍ତ ଶତପଥୀ ଓ ଅଧ୍ୟାପକ ରମେଶ ଶତପଥୀ ପ୍ରମୁଖ ପରିଚାଳନା କରିଥିଲେ।

## ପଟ୍ଟାମୁଣ୍ଡାଇରେ ଶ୍ରମିକ କାର୍ଡ ବଣ୍ଟନ, ସଚେତନତା ମେଳା


ବିଧାୟକ ଧ୍ରୁବ ସାହୁ ଶ୍ରମିକଙ୍କୁ କାର୍ଡ ବଣ୍ଟନ କରୁଛନ୍ତି।

ପଟ୍ଟାମୁଣ୍ଡାଇ,୨୧।୧(ସ୍ୱ.ପ୍ର.)

ପଟ୍ଟାମୁଣ୍ଡାଇ ବ୍ଲକର ଅଣସଙ୍ଗଠିତ ଶ୍ରମିକମାନଙ୍କୁ କାର୍ଡ ବଣ୍ଟନ, ଶ୍ରମିକଙ୍କ ସାମାଜିକ ଓ ଆର୍ଥିକ ସୁରକ୍ଷା ପାଇଁ ଆଇନଗତ ସରକାରୀ ବ୍ୟବସ୍ଥା ସମ୍ପର୍କରେ ସଚେତନତା ମେଳା ଶନିବାର ବ୍ଲକ ସମ୍ମିଳନୀ କକ୍ଷରେ ଜିଲା ଶ୍ରମ ଅଧିକାରିଣୀ ହରପ୍ରିୟା ନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ମୁଖ୍ୟଅତିଥି ଭାବେ ରାଜନଗର ବିଧାୟକ ଧ୍ରୁବ ସାହୁ ଯୋଗଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅଣସଙ୍ଗଠିତ ଶ୍ରମିକମାନଙ୍କୁ ସାମାଜିକ ଓ ଆର୍ଥିକ ସୁରକ୍ଷା ଦେବାକୁ ଅନେକ ଯୋଜନା କାର୍ଯ୍ୟକାରୀ କରିଛନ୍ତି। କୌଣସି ଭେଦଭାବ ନ ରଖି ସମସ୍ତ ଶ୍ରେଣୀର ଅଣସଙ୍ଗଠିତ ଶ୍ରମିକମାନଙ୍କୁ ବିଜୁ ସ୍ୱାସ୍ଥ୍ୟକାର୍ଡ, ମୃତ୍ୟୁ, ଦୁର୍ଘଟଣା, ବିବାହ, ଗୃହ ନିର୍ମାଣ, ଶିକ୍ଷା ଗ୍ରହଣ ଆଦି ବିଭିନ୍ନ କ୍ଷେତ୍ରରେ ସହାୟତା କରି ସାମାଜିକ ଓ ଆର୍ଥିକ ସୁରକ୍ଷା ପ୍ରଦାନ କରିବା ଶ୍ରମିକ କଲ୍ୟାଣ କ୍ଷେତ୍ରରେ ଉଦାହରଣ ସୃଷ୍ଟି କରିଛନ୍ତି। ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ ମୁଖ୍ୟବକ୍ତା ଭାବେ ଯୋଗଦେଇ ଶିଳ୍ପ, ନିର୍ମାଣ ଶ୍ରମିକ ଓ ଅଣସଙ୍ଗଠିତ ଶ୍ରମିକଙ୍କ ପାଇଁ ଥିବା ଆଇନଗତ ବ୍ୟବସ୍ଥା ଓ ସାମାଜିକ ଆର୍ଥିକ ସୁରକ୍ଷା ପାଇଁ ସରକାରୀ ବ୍ୟବସ୍ଥା ସମ୍ପର୍କରେ ଆଲୋକପାତ କରିଥିଲେ। ପଟ୍ଟାମୁଣ୍ଡାଇ ବ୍ଲକ ଉପାଧ୍ୟକ୍ଷା ଜୟନ୍ତୀ ସ୍ୱାଇଁ, ଭରତ ଚନ୍ଦ୍ର ପରିଡା ଓ ତହସିଲଦାର ଦିଲୀପ ସେଠୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ବିଧାୟକ ପଟ୍ଟାମୁଣ୍ଡାଇ ବ୍ଲକ ୨୧ ପଞ୍ଚାୟତର ପଞ୍ଜୀକୃତ ୨୦୧୫ କାର୍ଡ ମଧ୍ୟରୁ ୨୩୫ ଜଣ ଶ୍ରମିକଙ୍କୁ କାର୍ଡ ବଣ୍ଟନ କରିଥିଲେ। ପଟ୍ଟାମୁଣ୍ଡାଇ ବ୍ଲକରେ ପଞ୍ଜୀକୃତ ଶ୍ରମିକଙ୍କ ସଂଖ୍ୟା ୩୬୭୬ରେ ପହଞ୍ଚିଛି। ଏଥିରେ ଜିଲା ଶ୍ରମ ନିରୀକ୍ଷକ ଦେବାଶିଷ ଜେନା, ସରପଞ୍ଚ ଲକ୍ଷ୍ମୀପ୍ରିୟା ଷଡଙ୍ଗୀ, ପଦ୍ମିନୀ ବେହେରା, ତୃପ୍ତିମୟୀ ପରିଡା, ସଂଗ୍ରାମ ବାରିକ, ସମିତିସଭ୍ୟ ଶଶାଙ୍କ ଶେଖର ବିଶ୍ୱାଳ ପ୍ରମୁଖ ପଞ୍ଚାୟତ ପ୍ରତିନିଧି ଓ ଅଣସଙ୍ଗଠିତ ଶ୍ରମିକମାନେ ଯୋଗ ଦେଇଥିଲେ।

# ଶିକ୍ଷାନୁଷ୍ଠାନ ମଣିଷ ତିଆରି କାରଖାନା

ଆଳି,୨୧।୧(ଡି.ଏନ.ଏ.)

ବିଦ୍ୟାଳୟ ହେଉଛି ଏମିତି ଏକ ଅନୁଷ୍ଠାନ ଯେଉଁଠି କୁନିକୁନି ଶିଶୁମାନଙ୍କର ମାନସିକ, ଶାରୀରିକ, ବୌଦ୍ଧିକ ବିକାଶ କ୍ଷେତ୍ରରେ ସହାୟକ ହୋଇଥାଏ। ଆଜିର ଶିଶୁଟିଏ କାଲିର ଭବିଷ୍ୟତ ହୋଇଥିବାବେଳେ ସେ କିଭଳି ଶିକ୍ଷାକ୍ଷେତ୍ରରେ ଅଭିବୃଦ୍ଧି କରିବ ସେଥିପ୍ରତି ଶିକ୍ଷାନୁଷ୍ଠାନର ଶିକ୍ଷୟିତ୍ରୀଶିକ୍ଷକ ଯେତିକି ଯତ୍ନବାନ ହେବା ଦରକାର ଅଭିଭାବକମାନେ ମଧ୍ୟ ସେହି ପରିମାଣର ଯତ୍ନବାନ ହେବା ଆବଶ୍ୟକ ବୋଲି ଆୟୁସ ସ୍ମାର୍ଟ ସ୍କୁଲର ୪ର୍ଥ ବାର୍ଷିକ ଉତ୍ସବରେ


ବିଦ୍ୟାଳୟର ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥିମାନେ।

ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ବିଦ୍ୟାଳୟର ଅବିନାଶ ମହାନ୍ତିଙ୍କ ଅଧ୍ୟକ୍ଷତା କରିବା ସହ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ଅନୁଷ୍ଠିତ ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଆଳି ପଞ୍ଚାୟତ ସମିତି ଅଧ୍ୟକ୍ଷ ମନୋରଞ୍ଜନ ସାମଲ, ମୁଖ୍ୟବକ୍ତା ଭାବେ ଜିଲା ଯୋଜନା ବୋର୍ଡ ସଦସ୍ୟ ଭୀଷ୍ମ ମହାନ୍ତି, ସମ୍ମାନିତ ଅତିଥି ଭାବେ ସ୍ୱାସ୍ଥ୍ୟ ସେବିକା ଅଞ୍ଜନା ଦାସ, ଶିକ୍ଷାବିତ୍ କାଦମ୍ବିନି ମ୍ୟାମ, ସିନେ ଜଗତର ହାସ୍ୟ ଅଭିନେତା ପ୍ରଜ୍ଞାରଞ୍ଜନ ଖଟୁଆ, ଶଙ୍କର୍ଷଣ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ଆୟୁସ ସ୍ମାର୍ଟ ସ୍କୁଲର ଡାଇରେକ୍ଟର ରଶ୍ମିରେଖା ବରାଳ ବାର୍ଷିକ ବିବରଣୀ ପାଠ କରିଥିଲେ। ବିଦ୍ୟାଳୟ କିଭଳି ଭାବେ ସମସ୍ତ ଘାତ ପ୍ରତିଘାତ ଦେଇ ଆଜି ପର୍ଯ୍ୟନ୍ତ ଆଗେଇ ଚାଲିଛି ସେଥି ନିମନ୍ତେ ସେ ଆଳି ଅଞ୍ଚଳର ସମସ୍ତ ଅଧିବାସୀଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ହାସ୍ୟ ଅଭିନେତା ପ୍ରଜ୍ଞା ଓ ଶଙ୍କର୍ଷଣ କାର୍ଯ୍ୟକ୍ରମକୁ ଉତ୍ସବ ମୁଖର କରିଥିଲେ।

## ଆବାସ ଯୋଜନାରେ ବ୍ୟାପକ ଅବ୍ୟବସ୍ଥା, ଭାଜପାର ଦାବିପତ୍ର

ଆଳି,୨୧।୧ (ଡି.ଏନ.ଏ.)

ଆଳି ବ୍ଲକରେ ଆବାସ ଯୋଜନା ତାଲିକାରେ ବ୍ୟାପକ ଅବ୍ୟବସ୍ଥା ହୋଇଥିବା ଅଭିଯୋଗ ଆଣି ଆଳି ମଣ୍ଡଳ ଭାଜପା ପକ୍ଷରୁ ବିଡିଓଙ୍କୁ ଏହାର ନିରାକରଣ ପାଇଁ ଶନିବାର ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଭାଜପା ପକ୍ଷରୁ ଦିଆଯାଇଥିବା ଦାବିପତ୍ରରେ ଉଲ୍ଲେଖ କରାଯାଇଛି ଯେ, ଦଳୀୟ ଭିତ୍ତିରେ ଆବାସ ଯୋଜନାର ତାଲିକା ଏବେ ପ୍ରକାଶ କରାଯାଇଛି। ଯେଉଁ ପରିବାରର ଲୋକମାନେ ପୂର୍ବରୁ ଆବାସ ପାଇଥିଲେ ସେମାନଙ୍କ ପରିବାରର ଅନ୍ୟମାନଙ୍କ ନାମରେ ପୁଣି ଆବାସ ପାଇଁ ତାଲିକା କରାଯାଇଛି। ପ୍ରକୃତରେ ଯେଉଁ ଲୋକମାନେ ଆବାସ ପାଇବା ଯୋଗ୍ୟ ସେମାନଙ୍କୁ ଉପେକ୍ଷା କରାଯାଇଛି। ସେମାନଙ୍କ ଅବ୍ୟବସ୍ଥାକୁ ଆଦୌ ଦୃଷ୍ଟି ଦିଆଯାଇନାହିଁ। ଅପରପକ୍ଷରେ ବିନା ପଲ୍ଲିସଭାରେ କରାଯାଇଥିବା ଏହି ତାଲିକାକୁ ତୁରନ୍ତ ପରିବର୍ତ୍ତନ କରାଯାଇ ପ୍ରକୃତ ହିତାଧିକାରୀ ଚୟନ କରିବାକୁ କୃଷ୍ଣଚନ୍ଦ୍ର ପଣ୍ଡା, ପ୍ରିୟଦର୍ଶିନୀ ନନ୍ଦ, ବରାହ ଚରଣ ପଣ୍ଡା, ବାଦଲ ନନ୍ଦ, ରଞ୍ଜିତ ରାଉତ, ଗୁରୁ ଚରଣ ବେହେରା, ଇନ୍ଦ୍ରମଣି ସାହୁ ପ୍ରମୁଖ ଦାବି କରିଛନ୍ତି। ଯଦି ଏହା ତୁରନ୍ତ ପରିବର୍ତ୍ତନ କରା ନ ଯାଏ ତେବେ ଭାଜପା ଆନ୍ଦୋଳନକୁ ଓହ୍ଲାଇବ ବୋଲି ସେମାନେ ଚେତାବନୀ ଦେଇଛନ୍ତି।


ଭାଜପା ପକ୍ଷରୁ ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି।

# ଗୁଆଲସିଂରେ ଦ୍ୱିତୀୟ ଆରୋଗ୍ୟ କେନ୍ଦ୍ର ଉଦ୍‌ଘାଟିତ

## ସିଟି ହସ୍ପିଟାଲ ଦାବି ତେଜୁଛି

କେନ୍ଦ୍ରାପଡ଼ା ଅଫିସ, ୨୧।୧

ସିଟି ହସ୍ପିଟାଲ ବିବାଦ ଥମିବାର ନାଁ ଧରୁନି। ଆସନ୍ତା ୨୩ ତାରିଖ ମଧ୍ୟରେ ସିଟି ହସ୍ପିଟାଲ ସ୍ଥାପନ ପାଇଁ ଘୋଷଣା ନ ହେଲେ ମେଡ଼ିକାଲ ବଞ୍ଚାଅ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଆନ୍ଦୋଳନ ହେବ ବୋଲି କେନ୍ଦ୍ରାପଡ଼ା ଜିଲାପାଳଙ୍କୁ ଗତ ୧୮ ତାରିଖରେ ସ୍ମାରକପତ୍ର ଦିଆଯାଇଛି। ସହରବାସୀଙ୍କ ଗତ ୧୭ ତାରିଖରେ ବନ୍ଦର ଅପୂର୍ବ ସଫଳତା ପରେ ଜିଲା ପ୍ରଶାସନ ବ୍ୟତିବ୍ୟସ୍ତ ହୋଇପଡିଛି। ଏହାର ପରିଣାମରେ ପୁରୁଣା ଜିଲା ମୁଖ୍ୟ ଚିକିତ୍ସାଳୟରେ ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଖୋଲିବା, ଔଷଧ ଦୋକାନ ଓ ଲାବୋରେଟୋରି ଉପରେ ଆକ୍ରୋଷମୂଳକ ଭାବେ ପ୍ରଶାସନିକ ଚଢ଼ାଉ ହୋଇଛି। ପ୍ରଶାସନର ଏପରି କାର୍ଯ୍ୟକ୍ରମ ସତ୍ତ୍ୱେ ସହରବାସୀଙ୍କ ଅସନ୍ତୋଷ ଲିଭିନାହିଁ। ଆନ୍ଦୋଳନରେ ନୀରବ ରହିଥିବା ଶାସକ ଦଳ ଏବେ ଅସନ୍ତୋଷର ନିଆଁ ଲିଭାଇବାକୁ ଦୁହୁରିଆ ନିକଟ କେନ୍ଦ୍ରାପଡ଼ା ବ୍ଲକ ଗୁଆଲସିଂଠାରେ ଦ୍ୱିତୀୟ ସହରାଞ୍ଚଳ ସ୍ୱାସ୍ଥ୍ୟକେନ୍ଦ୍ର ଶନିବାର


ବିଧାୟକ ଶଶିଭୂଷଣ ବେହେରା ଓ ଅନ୍ୟମାନେ।

ଉଦ୍‌ଘାଟନ ହୋଇଛି। ପୂର୍ବାହ୍ନରେ ଏହାକୁ ବିଧାୟକ ଶଶିଭୂଷଣ ବେହେରା ଉଦ୍‌ଘାଟନ କରିଛନ୍ତି। ଏଥିରେ ସିଡିଏମ୍‌ଓ ଡା. ଅନୀତା ପଟ୍ଟନାୟକ, ଏଡିଏମ୍‌ଓ ଡା. ସଚ୍ଚିଦାନନ୍ଦ ମିଶ୍ର, ଏଡିଏମ୍‌ଓ ଡା. ମିର୍ଜା ବାବର ବେଗ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଏହି ଅବସରରେ ବିଧାୟକ ବେହେରା କହିଛନ୍ତି, ସହରର ପରିସୀମା ବୃଦ୍ଧି ପାଇଛି। ଜିଲା ମୁଖ୍ୟ ଚିକିତ୍ସାଳୟ ଓ ଖଡିଅଙ୍ଗସ୍ଥ ପ୍ରଥମ ସହରାଞ୍ଚଳ ସ୍ୱାସ୍ଥ୍ୟ ଆରୋଗ୍ୟ କେନ୍ଦ୍ରାପଡାରୁ ଏହି ଅଞ୍ଚଳ ପ୍ରାୟ ୫ରୁ ୮ କିଲୋମିଟର ଦୂରରେ ଥିବାରୁ ଦ୍ୱିତୀୟ ସ୍ୱାସ୍ଥ୍ୟକେନ୍ଦ୍ର ଏହି ଅଞ୍ଚଳବାସୀଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇ ପାରିବ। ଏଠାରେ ପ୍ରତ୍ୟେକ ଦିନ ୪ ଘଣ୍ଟା ସ୍ୱାସ୍ଥ୍ୟସେବା ଯୋଗାଇ ଦେବାକୁ ଡାକ୍ତର ଓ କର୍ମଚାରୀଙ୍କୁ ନିଯୁକ୍ତି ଦିଆଯାଇଛି। ଅପରପକ୍ଷରେ ସହରର ଏହି ଦ୍ୱିତୀୟ ସ୍ୱାସ୍ଥ୍ୟ ଆରୋଗ୍ୟ କେନ୍ଦ୍ର ବଦଳରେ ପୁରୁଣା ଜିଲା ମୁଖ୍ୟ ଚିକିତ୍ସାଳୟରେ ସିଟି ହସ୍ପିଟାଲ ସ୍ଥାପନ ଦାବିକୁ ସହରବାସୀ ଦୋହରାଇଛନ୍ତି। ଏ ସମ୍ପର୍କରେ ମହମ୍ମଦ ଖୁର୍ସିଦ ଖାଁ, ତପନ କୁମାର ସାହୁ, ନାରାୟଣ କର, ସେକ୍ ଇମିତିୟାଜ ପ୍ରମୁଖ କହିଛନ୍ତି ଯେ, ସିଟି ହସ୍ପିଟାଲ ଦାବିକୁ ପ୍ରତିହତ ପାଇଁ ଶାସକ ଦଳର ଏହି ପ୍ରୟାସ ବିଫଳ ହେବ। ଜିଲା ମୁଖ୍ୟ ଚିକିତ୍ସାଳୟ କେନ୍ଦ୍ରାପଡ଼ା ବ୍ଲକର କଳପଡ଼ା ପଞ୍ଚାୟତକୁ ଯାଇଥିବା ବେଳେ ଦ୍ୱିତୀୟ ସ୍ୱାସ୍ଥ୍ୟକେନ୍ଦ୍ର ଗୁଆଲସିଂ ପଞ୍ଚାୟତରେ ସ୍ଥାପନା କରାଯାଇଛି। ଏ ପର୍ଯ୍ୟନ୍ତ ପୌରାଞ୍ଚଳରେ ଶାମଗୁଡିଆ ଗ୍ରାମ ଓ ଗୁଆଲସିଂ ପଞ୍ଚାୟତକୁ ସାମିଲ ହୋଇନାହିଁ। ଶାମଗୁଡିଆଠାରୁ ଗୁଆଲସିଂକୁ ସହରାଞ୍ଚଳରେ ସାମିଲ କରାଯାଇ ପୁରୁଣା ଜିଲା ମୁଖ୍ୟ ଚିକିତ୍ସାଳୟଠାରେ ସିଟି ହସ୍ପିଟାଲ ସ୍ଥାପନ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ। ଏ ସମ୍ପର୍କରେ ଏଡିଏମ୍‌ଓ ଡା. ମିଶ୍ରଙ୍କୁ ପଚାରିବାରେ ଏହି ଜିଲାକୁ ୩ ଟି ସହରାଞ୍ଚଳ ସ୍ୱାସ୍ଥ୍ୟ ଆରୋଗ୍ୟ କେନ୍ଦ୍ର ଖୋଲିବାକୁ ନିର୍ଦ୍ଦେଶ ହୋଇଛି। କେନ୍ଦ୍ରାପଡ଼ାରେ ୨ଟି କେନ୍ଦ୍ର ଉଦ୍‌ଘାଟିତ ହୋଇଥିବା ବେଳେ ପଟ୍ଟାମୁଣ୍ଡାଇଠାରେ ଗୋଟିଏ ସ୍ୱାସ୍ଥ୍ୟ ଆରୋଗ୍ୟ କେନ୍ଦ୍ର ଖୋଲାଯିବ ବୋଲି ସେ କହିଛନ୍ତି।

## ସଂକ୍ଷେପରେ

### ନଟବର ବାଳିକା ଉଚ୍ଚ ବିଦ୍ୟାଳୟ ବାର୍ଷିକୋତ୍ସବ

ଭାପୁର,୨୧।୧(ଡି.ଏନ.ଏ.): ଭାପୁର ବ୍ଲକ ପଦ୍ମାବତୀ ନଟବର ବାଳିକା ବିଦ୍ୟାଳୟରେ ୩୧ତମ ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ କୁମାର ଦାଶଙ୍କ ସଭାପତିତ୍ୱରେ ଏହି ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାପୁର ବ୍ଲକ ଉପାଧ୍ୟକ୍ଷ ବେଣୁଧର ପ୍ରଧାନ, ବିଶିଷ୍ଟ ଅତିଥି ଭାପୁର ବ୍ଲକ ଶିକ୍ଷା ଅଧିକାରୀ ଜୟନ୍ତୀ ସାହୁ, ମୁଖ୍ୟବକ୍ତା ନୀଳମାଧବ ମହାବିଦ୍ୟାଳୟର ପ୍ରାଧାପକ ପବିତ୍ର କୁମାର ସୁବୁଦ୍ଧି, ଅନ୍ୟତମ ବକ୍ତା ସଫଳ ଆଇନଜୀବୀ ଚନ୍ଦ୍ର ବିଜୟୀ ମିଶ୍ର, ଭାପୁରର ପୂର୍ବତନ ବ୍ଲକ ଶିକ୍ଷା ଅଧିକାରୀ ମନୋରମା ମିଶ୍ର ତଥା ବିଦ୍ୟାଳୟର ପ୍ରତିଷ୍ଠାତାଙ୍କ ପୁଅ ଭିକାରୀ ଚରଣ ସାହୁଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ସବିତା କୁମାରୀ ସାହୁ ଅତିଥି ପରିଚୟ ସହ ସ୍ୱାଗତ ସୂଚନା ପ୍ରଦାନ କରିଥିଲେ। ୩୨ଟି ବିଭାଗରେ ଅଂଶଗ୍ରହଣ କରିଥିବା କୃତୀ ଛାତ୍ରୀମାନଙ୍କୁ ୧୦୮ଟି ପୁରସ୍କାର ପ୍ରଦାନ କରାଯାଇଥିଲା। ପ୍ରବନ୍ଧରେ ମନସ୍ୱିନୀ ମିଶ୍ର, ଏକକ ଅଭିନୟରେ ବର୍ଷା ପ୍ରିୟଦର୍ଶିନୀ ବାଇ, ସାଧାରଣଜ୍ଞାନରେ ମୈତ୍ରିକାନ୍ତା ତ୍ରିପାଠୀ, ସଙ୍ଗୀତରେ ସୀମା ଡାଲୁଆ, ଚିତ୍ରାଙ୍କନରେ ମୋନାଲିସା ଦଳେଇ ଓ କ୍ରୀଡ଼ାରେ ଭାରତୀ ନାୟକ ପ୍ରଥମ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ।

### ନୀଳମାଧବ ମହାବିଦ୍ୟାଳୟ ବାର୍ଷିକ କ୍ରୀଡ଼ା ଉତ୍ସବ

ଖଣ୍ଡପଡା,୨୧।୧(ସ୍ୱ.ପ୍ର.): ନୀଳମାଧବ ମହାବିଦ୍ୟାଳୟ କଣ୍ଟିଲୋର ଗୁରୁବାର ଓ ଶୁକ୍ରବାର ୨ ଦିନ ବ୍ୟାପୀ ୩୧ତମ ବାର୍ଷିକ କ୍ରୀଡା ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ଗୁରୁବାର ପ୍ରାରମ୍ଭିକ କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ନୀଳମାଧବ ଜୀଉଙ୍କ ନିକଟରୁ ଆସିଥିବା କ୍ରୀଡା ଜ୍ୟୋତିକୁ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ରଣଜିତ କୁମାର ତ୍ରିପାଠୀ, ଉପାଧ୍ୟକ୍ଷ ଈଶ୍ୱର ଚନ୍ଦ୍ର ଦାଶ, କ୍ରୀଡା ସଂସଦର ମୁଖ୍ୟ ପ୍ରଫେସର ମହେଶ୍ୱର ମହାପାତ୍ର, କ୍ରୀଡା ଶିକ୍ଷକ ଅଶୋକ କୁମାର ବେହେରାଙ୍କ ସମେତ ଅନୁଷ୍ଠାନର ଶିକ୍ଷୟିତ୍ରୀ, ଶିକ୍ଷକ ଓ କର୍ମଚାରୀମାନେ ସ୍ୱାଗତ କରିବା ସହ କ୍ରୀଡ଼ା ପତାକାକୁ ଅଧ୍ୟକ୍ଷ ତ୍ରିପାଠୀ ଉତ୍ତୋଳନ କରି ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ୨ଦିନ ବ୍ୟାପୀ ଅନୁଷ୍ଠିତ ହୋଇଥିବା ଦୌଡ, ଲମ୍ଫଡ଼ିଆଁ, ଉଚ୍ଚଡ଼ିଆଁ, ସଟ୍ ଫୁଟ, ଡ଼ିସକସ ଥ୍ରୋ, ଜାଭିଲିନ୍ ଥ୍ରୋ ଆଦି ଖେଳ ପ୍ରତିଯୋଗିତାରେ ଯୁକ୍ତ ୨ ଓ ଯୁକ୍ତ ୩ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଏହି ପ୍ରତିଯୋଗିତାରେ ଯୁକ୍ତ ୩ ପ୍ରଥମ ବର୍ଷ ଛାତ୍ରୀ ତୁଳସୀ ନାୟକ ଓ ଯୁକ୍ତ ୩ ଛାତ୍ର ରାକେଶ ସାମଲ ୨୦୨୨-୨୩ ବର୍ଷର କ୍ରୀଡା ଚାମ୍ପିୟନ ହୋଇଛନ୍ତି। କୃତୀ ପ୍ରତିଯୋଗୀଙ୍କୁ ଆଗାମୀ କଲେଜ ବାର୍ଷିକ ଉତ୍ସବରେ ପୁରସ୍କାର ପ୍ରଦାନ କରାଯିବ ବୋଲି ମହାବିଦ୍ୟାଳୟର ଅଧ୍ୟକ୍ଷ ତ୍ରିପାଠୀ ସୂଚନା ଦେଇଛନ୍ତି। ଅନୁଷ୍ଠାନର କ୍ରୀଡା ସଂସଦର ମୁଖ୍ୟ ମହାପାତ୍ର, ପ୍ରାଧାପକ ପ୍ରଭାତ କୁମାର ବେହେରା, କ୍ରୀଡା ଶିକ୍ଷକ ବେହେରା, ଅଧାପକ ନିରୋଦ କୁମାର ମନ୍ତ୍ରୀ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଉକ୍ତ ପ୍ରତିଯୋଗିତାରେ ଦଶପଲ୍ଲା ମହାବିଦ୍ୟାଳୟ, କଣ୍ଟିଲୋ ନୀଳମାଧବ ନୋଡାଲ ହାଇସ୍କୁଲ, ବଡ଼ ବାଣପୁର ହାଇସ୍କୁଲ ଓ ସିଧାମୂଳା ଗୋକୁଳାନନ୍ଦ ଜୀଉ ବିଦ୍ୟାପୀଠର କ୍ରୀଡା ଶିକ୍ଷକ ପ୍ରମୁଖ ଖେଳକୁ ପରିଚାଳନା କରିଥିଲେ। ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ଅଧ୍ୟକ୍ଷ ତ୍ରିପାଠୀ, ପ୍ରାଧାପକ ବେହେରା, ଅଧାପକ ମନ୍ତ୍ରୀ ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରମାନେ ଅଧ୍ୟୟନ ସହ କ୍ରୀଡା ନିପୁଣତା ପ୍ରଦର୍ଶନ କରିବାକୁ ପରାମର୍ଶ ଦେଇଥିଲେ।

# ପୋଖରୀ ଖନନ, ରାସ୍ତା ନିର୍ମାଣରେ ଅନିୟମିତତା

ଖଣ୍ଡପଡା,୨୧।୧(ସ୍ୱ.ପ୍ର.)

ନୟାଗଡ଼ ଜିଲା ଖଣ୍ଡପଡ଼ା ବ୍ଲକ ଅଧୀନ ବନମାଳୀପୁର ପଞ୍ଚାୟତର ବିଭିନ୍ନ ସ୍ଥାନରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆରଇଜିଏସ୍)ରେ ପୋଖରୀ ଖନନ ଓ ରାସ୍ତା ନିର୍ମାଣରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ହେଉଛି। ଏ ନେଇ କଂଗ୍ରେସ ଦଳ ପକ୍ଷରୁ ଏକ ଟିମ ଖଣ୍ଡପଡ଼ା ବ୍ଲକ ପ୍ରଶାସନ ଓ ନୟାଗଡ଼ ଜିଲାପାଳଙ୍କ ନିକଟରେ ଫେରାଦ ହୋଇଛନ୍ତି। ପଞ୍ଚାୟତର ଏମ୍‌ଜିଏନ୍‌ଆରଇଜିଏସ୍‌ରେ ବିମାନ ଅବତରଣ କେନ୍ଦ୍ରର ଏକ ଅଂଶରେ ଏକ ପୋଖରୀ ଖୋଳାଯାଇଥିଲା। ଉକ୍ତ ପୋଖରୀରୁ ବାହାରିଥିବା ମୋରମକୁ ଟ୍ରାକ୍ଟର ଯୋଗେ ସ୍ଥାନାନ୍ତର କରାଯାଇ ୧୦ଟି ରାସ୍ତା ଆଖପାଖ ଗ୍ରାମକୁ ନିର୍ମାଣ କରାଯାଇଥିବା ଅଭିଯୋଗ ହେଉଛି। ଏମ୍‌ଜିଏନ୍‌ଆରଇଜିଏସ୍‌ରେ ପୋଖରୀ ଖନନ ବାବଦ ବିଲ ଠିକାଦାରମାନଙ୍କୁ ପୈଠ କରିବାକୁ ବ୍ଲକ ପ୍ରଶାସନ ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇଥିବା ବେଳେ ଉକ୍ତ ପୋଖରୀରୁ ବାହାରିଥିବା ମୋରମକୁ ରାସ୍ତାରେ ବିଛାଇ ରାସ୍ତା କାର୍ଯ୍ୟ ବାବଦ ବିଲ୍ ମଧ୍ୟ ପୈଠ ପାଇଁ ମସୁଧା ଚାଲିଥିବା ଖଣ୍ଡପଡ଼ା ବ୍ଲକ କଂଗ୍ରେସ ସଭାପତି ଦେବବ୍ରତ ବେହେରା, ଦଳୀୟ କର୍ମୀ ଓ କର୍ମକର୍ତ୍ତାମାନେ ଅଭିଯୋଗ ଉଠାଇଛନ୍ତି। ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ, ଜିଆରଏସ୍ ଓ ଠିକାଦାରଙ୍କ ସଲାସୁତୁରାରେ ପୋଖରୀ ଖନନ ଓ ଚଞ୍ଚକତା କରି ରାସ୍ତା ନିର୍ମାଣରେ ପାଖାପାଖି ୨ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ଅନୁଦାନ ଅର୍ଥ ହଡପ ପାଇଁ ମସୁଧା ଚାଲିଥିବା ନେଇ କଂଗ୍ରେସ ଦଳୀୟ କର୍ମକର୍ତ୍ତା ଅଭିଯୋଗ ଉଠାଇଛନ୍ତି। ବ୍ଲକ ପ୍ରଶାସନର ଠିକାଦାରୀ ପ୍ରୀତି ଯୋଗୁ ସ୍ଥାନୀୟ ଅଞ୍ଚଳର ଜବ୍‌କାର୍ଡଧାରୀଙ୍କ ସ୍ୱାର୍ଥ ବଳି ପଡିଛି।

ଏଥିପ୍ରତି ଜିଲା ପ୍ରଶାସନ ଓ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେଇ ଦୁର୍ନୀତିର ତଦନ୍ତ କରିବାକୁ ସାଧାରଣରେ ଦାବି ହେଉଛି। ନଚେତ ଆଗାମୀ ଦିନରେ ଏମ୍‌ଜିଏନ୍‌ଆରଇଜିଏସ୍‌ରେ ହୋଇଥିବା ବ୍ୟାପକ ଦୁର୍ନୀତିର ଉଚ୍ଚସ୍ତରୀୟ ତଦନ୍ତ ସହ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଆଇନର ଆଶ୍ରୟ ନିଆଯିବ ବୋଲି ବ୍ଲକ କଂଗ୍ରେସ ସଭାପତି ବେହେରା ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ଖଣ୍ଡପଡ଼ା ବିଡିଓ ଅରୁଣୀମା ସାହୁଙ୍କୁ ପଚାରିବାରେ ଏ ସମ୍ପର୍କିତ ଅଭିଯୋଗ ପାଇଛି। ବନମାଳୀପୁର ପଞ୍ଚାୟତ ଅଧୀନ ପୁରୁଷୋତ୍ତମପ୍ରସାଦଠାରେ ଯେଉଁ ପୋଖରୀ ଖନନ ହୋଇଛି, ସେଠାରୁ ଉଠୁଥିବା ମାଟିକୁ ଅନ୍ୟ କୌଣସି ରାସ୍ତା କାର୍ଯ୍ୟରେ ପକା ଯାଉଥିବା ଅଭିଯୋଗ କରାଯାଉଛି। ମାତ୍ର ଯେଉଁ ରାସ୍ତା କାର୍ଯ୍ୟ ହେଉଛି ସେପରି କିଛି ପ୍ରକଳ୍ପ ଆମର ନାହିଁ କିମ୍ବା ଆପ୍ରୁଭାଲ ହୋଇନାହିଁ। ସେମାନେ ଯଦି ସେମାନଙ୍କ ଇଚ୍ଛାନୁସାରେ କରୁଛନ୍ତି ଆମର କିଛି କରିବାର ନାହିଁ। ଯଦି ଏପରି କିଛି କରିବାର ପ୍ରୟାସ ଚାଲିଥାଏ ତେବେ ସେଥିପ୍ରତି ଦୃଷ୍ଟି ଦିଆଯିବ ବୋଲି ସେ କହିଛନ୍ତି।


ପୋଖରୀରୁ ମୋରମ ଓ ମାଟି ଖୋଳାଯାଇ ଜେସିବି ଦ୍ୱାରା ହାଇୱା, ଟ୍ରାକ୍ଟରରେ ଲୋଡ କରାଯାଉଛି।


ପୋଖରୀରୁ ବାହାରିଥିବା ମୋରମ ପକାଇ ରାସ୍ତା ନିର୍ମାଣ କରାଯାଇଛି।

## ବ୍ଲକ ପ୍ରଶାସନ ନିକଟରେ କଂଗ୍ରେସ କର୍ମୀ ଫେରାଦ ହେଲେ


ଖଣ୍ଡପଡ଼ା ବିଡିଓଙ୍କୁ ଅଭିଯୋଗ କରିବାକୁ ଆସିଥିବା କଂଗ୍ରେସ ଦଳର ନେତା ଓ କର୍ମୀମାନେ।

# ସ୍ୱତନ୍ତ୍ର ମ୍ୟାଚ ଡ୍ର, ଉଭୟ ଦଳ ଚାମ୍ପିୟନ

ଦଶପଲ୍ଲା,୨୧।୧(ଡିଏନ.ଏ.)

**ଦଶପଲ୍ଲା କପ୍ ଫୁଟ୍‌ବଲ**

ଦଶପଲ୍ଲା ଗାନ୍ଧୀ ପଡିଆରେ ସ୍ପୋର୍ଟିଂ ସ୍ପୋଟର୍ସ ସୋସାଇଟ ଆନୁକୂଲ୍ୟରେ ଚାଲୁ ରହିଥିବା ଦଶପଲ୍ଲା କପ ଫୁଟବଲ ମ୍ୟାଚର ଶନିବାର ସ୍ୱତନ୍ତ୍ର ଖେଳ ସମାନ ସ୍ଥିତିରେ ରହିଥିଲା। ବିଧାୟକ ଏକାଦଶ ଓ ଜିଲା ପ୍ରଶାସନ ମଧ୍ୟରେ ଚାଲିଥିବା ଖେଳରେ ନିର୍ଦ୍ଧାରିତ ସମୟ ମଧ୍ୟରେ କେହି କାହାରିକୁ ଗୋଲ ଦେଇ ପାରି ନ ଥିଲେ। ପ୍ରଥମାର୍ଦ୍ଧ ଓ ୨ୟାର୍ଦ୍ଧ ଖେଳ ସଂଘର୍ଷପୂର୍ଣ୍ଣ ହୋଇଥିଲା। ଉଭୟ ଦଳକୁ ଚାମ୍ପିୟନ ଘୋଷଣା କରାଯାଇଥିଲା। ବିଧାୟକ ଏକାଦଶରେ ବିଧାୟକ ଅରୁଣ କୁମାର ସାହୁ କ୍ୟାପଟେନ ଥିବାବେଳେ ବିଧାୟକ ପଦ୍ମନାଭ ବେହେରା, କ୍ୟାପଟେନ ଦିବ୍ୟଶଙ୍କର ମିଶ୍ର, ସତ୍ୟ ନାରାୟଣ ପ୍ରଧାନ, ସୌମ୍ୟରଞ୍ଜନ ପଟ୍ଟନାୟକ, ରାଜେନ୍ଦ୍ର କୁମାର ସାହୁ, କିଶୋର ଚନ୍ଦ୍ର ନାୟକ, ରୁଦ୍ର ପ୍ରତାପ ମହାରଥୀ, ଜଗନ୍ନାଥ ନାୟକ, ଚକ୍ରଧର କଅଁର, ରମେଶ ଚନ୍ଦ୍ର ବେହେରା, ଦେବେଶ ଆଚାର୍ଯ୍ୟ, କନ୍ଧମାଳ ଏମ୍‌ପି ଅଚ୍ୟୁତ ସାମନ୍ତ ପ୍ରମୁଖ ଖେଳୁଥିଲେ। ଜିଲା ପ୍ରଶାସନ ପକ୍ଷରୁ ଜିଲାପାଳ ରବୀନ୍ଦ୍ର ନାଥ ସାହୁ କ୍ୟାପଟେନ ହୋଇଥିବାବେଳେ ନୂଆଗାଁ ବିଡିଓ ପ୍ରମୋଦ କୁମାର ନାୟକ, ଅତିରିକ୍ତ ତହସିଲଦାର ଅମୀୟ କୁମାର ବେହେରା, ନିରଞ୍ଜନ ବିଶ୍ୱାଳ, ଚିତ୍ତ ରଞ୍ଜନ ମହରଣା, ବିଶ୍ୱଜିତ ମହାପାତ୍ର, ଜିତେନ୍ଦ୍ର ନାୟକ, ଅରୁଣ କୁମାର ସେଠୀ, ଅତିରିକ୍ତ ଆରଆଇ ରାଜୀବ ଦେହୁରୀ, ଭିଏଲଡବ୍ଲୁ ସୁବାସ କଅଁର, ଆରଆଇ ରତିକାନ୍ତ ପାଣିଗ୍ରାହୀ ପ୍ରମୁଖ ଖେଳୁଥିଲେ।


ଦଶପଲ୍ଲା ଫୁଟ୍‌ବଲ ଖେଳରେ ଯୋଗଦେଇଥିବା ବିଧାୟକ ଓ ଜିଲାର ପ୍ରଶାସନିକ ଅଧିକାରୀମାନେ।

## ଶ୍ରୀରାମଚରିତ ମାନସ ନବାହ୍ନ ପାରାୟଣ ଶେଷ

ଖଣ୍ଡପଡ଼ା,୨୧।୧(ସ୍ୱ.ପ୍ର.)

ଖଣ୍ଡପଡ଼ା ବ୍ଲକ ଅଧୀନ ଖଳିସାହିସ୍ଥିତ ମୁକ୍ତି ତୀର୍ଥ ତୋଟା ହନୁମାନଙ୍କ ମନ୍ଦିରରେ ୧୩ ତାରିଖଠାରୁ ଆରମ୍ଭ ହୋଇଥିବା ୩୫ତମ ଗୋସ୍ୱାମୀ ତୁଳସୀ ଦାସଙ୍କ ରଚିତ ଶ୍ରୀରାମଚରିତ ମାନସ ନବାହ୍ନ ପାରାୟଣ ଓ ପ୍ରବଚନ କାର୍ଯ୍ୟକ୍ରମ ଶନିବାର ଶେଷ ହୋଇଛି। ଏହି କାର୍ଯ୍ୟକ୍ରମ ୯ଦିନ ବ୍ୟାପୀ ଅନୁଷ୍ଠିତ ହୋଇଥିଲା। ମନ୍ଦିର ପରିସରରେ ବ୍ରାହ୍ମଣ ସମାଜ ଦ୍ୱାରା ଅଧିବାସ, ଅଙ୍କୁରାରୋପଣ ଓ ସୂର୍ଯ୍ୟପୂଜା ସମ୍ପନ୍ନ ହୋଇଥିଲା।

ଏଥିରେ କର୍ତ୍ତା ଭାବେ ସୁଦର୍ଶନ ସାହୁ, କର୍ମାଚାର୍ଯ୍ୟ ଭାବେ ଗୋବର୍ଦ୍ଧନ ଷଡ଼ଙ୍ଗୀ, ବ୍ୟାସ ଭାବେ ସନ୍ନ୍ୟାସୀ ଦୟାରାମଜୀ ମହାରାଜ ପ୍ରମୁଖ ଦାୟିତ୍ୱ ତୁଲାଇଥିଲେ। ରାମଦୟା ପରିଷଦ ଖଳିସାହିର କର୍ମକର୍ତ୍ତା ଓ ସ୍ଥାନୀୟ ବାସିନ୍ଦାଙ୍କ ସହଯୋଗରେ ଆୟୋଜିତ କାର୍ଯ୍ୟକ୍ରମର ବିଭିନ୍ନ ଦିନରେ ପ୍ରବକ୍ତା ଭାବେ ସାରଙ୍ଗଧର ଦାସ, ନିରଞ୍ଜନ ଶାସନୀ, ସୂର୍ଯ୍ୟକାନ୍ତ ରଥ ଓ ସାଥୀଗଣଙ୍କ ଦ୍ୱାରା ରାମ ଚରିତ ମାନସ ସହ ରାମାୟଣର ବିଭିନ୍ନ ପ୍ରସଙ୍ଗ ଉପରେ ପ୍ରବଚନ ପରିବେଷଣ କରାଯାଇଥିଲା। ଉଦ୍‌ଯାପନୀ ଦିବସରେ ରାବଣପୋଡି ଉତ୍ସବ ଦେଖିବାକୁ ଖଳିସାହି ଓ ଏହାର ଆଖପାଖ ଅଞ୍ଚଳରବହୁ ଶ୍ରଦ୍ଧାଳୁ ଓ ଜନସାଧାରଣଙ୍କ ସମାଗମ ହୋଇଥିଲା।

# ଗଣିଆ ବ୍ଲକ କୃଷି କାର୍ଯ୍ୟାଳୟରେ ଜାତୀୟ ପତାକାକୁ ଅସମ୍ମାନ


କୃଷି କାର୍ଯ୍ୟାଳୟ ଛାତରେ ଜାତୀୟ ପତାକାକୁ ଅର୍ଦ୍ଧନମିତ ଅବସ୍ଥାରେ ଲଗାଯାଇଛି।

ଗଣିଆ, ୨୧।୧(ଡି.ଏନ.ଏ.)

ଗଣିଆ ବ୍ଲକ ରାସଙ୍ଗ ପଚାଂୟତର ମାଳତିପୁଟସ୍ଥିତ ବ୍ଲକ କୃଷି ଓ ପରାମର୍ଶ କେନ୍ଦ୍ର ପରିସରରେ ଜାତୀୟ ପତାକାକୁ ଅସମ୍ମାନ କରାଯାଇଛି। କାର୍ଯ୍ୟାଳୟ ଛାତ ଉପରେ ଜାତୀୟ ପତାକାକୁ ଅର୍ଦ୍ଧନମିତ ଅବସ୍ଥାରେ ରଖାଯାଇଥିବା ଦେଖିବାକୁ ମିଳିଛି। ତେବେ ସରକାରୀ କାର୍ଯ୍ୟାଳୟରେ ଏଭଳି କାର୍ଯ୍ୟକୁ ସ୍ଥାନୀୟ ଜନସାଧାରଣ ଓ ଆଞ୍ଚଳିକ ସାମ୍ବାଦିକ ସଂଘ ପକ୍ଷରୁ ଦୃଢ ନିନ୍ଦା କରାଯାଇଛି। ଅଗଷ୍ଟରେ ଦେଶର ୭୫ତମ ସ୍ୱାଧୀନତା ଦିବସ ପାଳନ ତଥା ଆଜାଦି କି ଅମୃତ ମହୋତ୍ସବ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଡାକରାରେ ହର ଘର ତ୍ରିରଙ୍ଗା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହାର ୬ ମାସ ଅତିକ୍ରାନ୍ତ କରି ଯାଇଥିଲେ ମଧ୍ୟ ବିଭାଗୀୟ ଅଧିକାରୀ କିମ୍ବା କୌଣସି କର୍ମଚାରୀ ଛାତ ଉପରେ ଅର୍ଦ୍ଧନମିତ ପତାକାଟିକୁ ଠିକ୍ ଭାବେ ପୋତି ନ ଥିଲେ କି କାର୍ଯ୍ୟାଳୟରେ ଆଣି ରଖି ନ ଥିଲେ। ତେବେ ଜାତୀୟ ପତାକାକୁ ଅସମ୍ମାନ କରିଥିବା ଘଟଣାକୁ କୃଷି ଅଧିକାରୀ ଏଡାଇ ଦେଉଥିବା ବେଳେ ଏହାର ଫଟୋ ଘଟଣାର ସତ୍ୟାସତ୍ୟ ବୟାନ କରୁଛି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।

## ଲଡୁବାବାଙ୍କ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ



ଶରଣକୁଳ, ୨୧।୧(ଡି.ଏନ.ଏ.)

ପ୍ରସିଦ୍ଧ ଶୈବ କ୍ଷେତ୍ର ଶରଣକୁଳ ଶ୍ରୀଲଡୁବାବାଙ୍କ ସିଂହଦ୍ୱାର ସମ୍ମୁଖରେ ୫ଦିନ ବ୍ୟାପୀ ପଞ୍ଚକୁଣ୍ଡିୟ ଶୈବ ବିଶ୍ୱଶାନ୍ତି ମହାଯଜ୍ଞ ସୋମବାରଠାରୁ ଆରମ୍ଭ ହୋଇ ଶନିବାର ପୂର୍ଣ୍ଣାହୁତି ହୋଇଛି। ମନ୍ଦିରର ପରିଚାଳକ ସୁବାସ ଚନ୍ଦ୍ର ବରାଡ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଶତାଧିକ ଭକ୍ତ ଘଣ୍ଟ, ଖୋଳ, ତାଳ, ଛତ୍ରି ଓ ତ୍ରାସ ସହ କଳସ ଶୋଭାଯାତ୍ରାରେ କୁସୁମୀ ନଦୀରୁ ଜଳ ସଂଗ୍ରହ କରିଥିଲେ। ସମସ୍ତ ଶୈବ ସେବାୟତମାନଙ୍କର ସହଯୋଗରେ ଏହି କଳସ ଶୋଭାଯାତ୍ରା ବାହାରି ଥିଲା। ଦେବ ଆରଧନା ତଥା ବିଶ୍ୱ କଲ୍ୟାଣ ଉଦ୍ଦେଶ୍ୟରେ ଆରମ୍ଭ ହୋଇଥିବା ଏହି ମହାଯଜ୍ଞରେ ନୟାଗଡ଼ ଜିଲାର ୪୫ଜଣ ନୈଷ୍ଠିକ ବ୍ରାହ୍ମଣ ଯଜ୍ଞରେ ଆହୁତି ପ୍ରଦାନ କରୁଥିଲେ। ହରମୋହନ ମହାପାତ୍ରଙ୍କ କର୍ତ୍ତା ଭାବେ ଏବଂ ତୋଷବନ୍ତ କର ମୁଖ୍ୟ ଆଚାର୍ଯ୍ୟ ଦାୟିତ୍ୱ ନିର୍ବାହ କରିଥିଲେ। ଏହି ମହାଯଜ୍ଞର ପୂର୍ଣ୍ଣାହୁତିରେ ଶରଣକୁଳ ଅଞ୍ଚଳର ବହୁ ଶ୍ରଦ୍ଧାଳୁ ଯୋଗଦେଇଥିଲେ। ହୁଳହୁଳି, ହରିବୋଲ, ହରିନାମରେ ଯଜ୍ଞସ୍ଥଳ ପ୍ରକମ୍ପିତ ହୋଇଉଠିଥିଲା। ପୂର୍ଣ୍ଣାହୁତି କାର୍ଯ୍ୟକ୍ରମରେ ରଣପୁର ବିଧାୟକ ତଥା ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ସତ୍ୟନାରାୟଣ ପ୍ରଧାନ ଏବଂ ଦେବୋତ୍ତର କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ନୟାଗଡ଼ ଉପଜିଲାପାଳ ଶକ୍ତିକାନ୍ତ ରାୟ ଯୋଗ ଦେଇଥିଲେ।

# ସୋସିଆଲ ମିଡିଆ ନିଶା ଛାଡ଼ି ପାଠ ପଢ଼

ନୟାଗଡ଼ ଅଫିସ,୨୨।୧

**ହୀରକ ଜୟନ୍ତୀ ଉଦ୍‌ଯାପନର ୨ୟ ଉତ୍ସବ**

ନୟାଗଡ଼ ସ୍ୱୟଂ ଶାସିତ ମହାବିଦ୍ୟାଳୟରେ ହୀରକ ଜୟନ୍ତୀ ଉଦ୍‌ଯାପନ ଉତ୍ସବର ୨ୟ ଦିବସକୁ ଛାତ୍ରୀଛାତ୍ରଙ୍କ ଦିବସ ଭାବେ ପାଳନ କରାଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଉଚ୍ଚ ଶିକ୍ଷାମନ୍ତ୍ରୀ ରୋହିତ ପୂଜାରୀ ଯୋଗଦେଇ କହିଛନ୍ତି, ଛାତ୍ରୀଛାତ୍ର ବାଟବଣା ହୁଅନ୍ତୁ ନାହିଁ। ସୋସିଆଲ ମିଡିଆର ନିଶାକୁ ପରିତ୍ୟାଗ କରି ମନ ଦେଇ ପାଠପଢ଼। ଛାତ୍ରୀଛାତ୍ରଙ୍କ ଦକ୍ଷତା ବୃଦ୍ଧି ପାଇଁ ସରକାର ଉଦ୍ୟମରତ। କ୍ରୀଡା କ୍ଷେତ୍ରରେ ଓଡ଼ିଶା ସାରା ବିଶ୍ୱରେ ପରିଚିତ। ନିଜ ମାଟି, ଅଞ୍ଚଳର ସେବା କର। ନିଜ କଲେଜକୁ ଅଣଦେଖା କରନାହିଁ ବୋଲି ସେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ କ୍ଷୁଦ୍ର ଶିଳ୍ପ ନିଗମ ଅଧ୍ୟକ୍ଷ ଚିନ୍ମୟ ସାହୁ ଯୋଗଦେଇ କହିଥିଲେ, ଛାତ୍ର ଜୀବନରେ ସୋସିଆଲ ମିଡିଆର ପ୍ରଭାବରେ ପଢ଼ିବା, ଲେଖିବା ଓ ଏକାଗ୍ରତା ଶକ୍ତି ହ୍ରାସ ପାଉଛି। ଯୁବ ସମାଜ ଅଳସୁଆ ହୋଇ ଯାଉଛନ୍ତି। ଏଥିପ୍ରତି ଛାତ୍ରୀଛାତ୍ର ତର୍ଜମା କରି ନିଜକୁ ପରିବର୍ତ୍ତନ କରିବା ଦରକାର। ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁ କହିଥିଲେ, ଛାତ୍ରୀଛାତ୍ର ପାଠପଢ଼ାକୁ ଗୁରୁତ୍ୱ ଦେବା ଦରକାର। ପରିଶ୍ରମ ବୃଥା ଯାଏନି। ପୁଣି ନିଜର ସ୍ମୃତିକୁ ସାଇତି ରଖିବା ଦରକାର। ନୟାଗଡ଼ ମହାବିଦ୍ୟାଳୟର ଛାତ୍ର ସଂସଦ ସଭାପତି ସିଡୁ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ନୟାଗଡ଼ ଏସ୍‌ପି ଅଲେଖ ଚନ୍ଦ୍ର ପହି ଓ ଅଧ୍ୟକ୍ଷ ସୁରେଶ କୁମାର ପ୍ରଧାନ ଯୋଗଦେଇ କହିଥିଲେ, ଭଲ ପାଠ ପଢ଼ିଲେ ଭଲ ମଣିଷ ହେବ। ଗାଁର ଟେକ ରହିବା ସହ କଲେଜର ଗୌରବ ବଢ଼ିବ। ୨୦୧୬ରୁ ୨୦୨୧ ମସିହା ପର୍ଯ୍ୟନ୍ତ ମହାବିଦ୍ୟାଳୟର ବିଭିନ୍ନ ବିଭାଗର ୯୬ ଟପରଙ୍କୁ ଗୋଲ୍ଡ ମେଡାଲ ପ୍ରଦାନ କରାଯାଇଛି। ମହାବିଦ୍ୟାଳୟର ଅଧ୍ୟାପକ ଗଣେଶ ମିଶ୍ର ଓ ଆଶୁତୋଷ ମିଶ୍ର ସଂଯୋଜନା କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।



ନୟାଗଡ଼ ସ୍ୱୟଂଶାସିତ ମହାବିଦ୍ୟାଳୟର ହୀରକ ଜୟନ୍ତୀ ଉତ୍ସବରେ ଅତିଥିମାନଙ୍କ ଗହଣରେ ପୁରସ୍କୃତ ଛାତ୍ରୀଛାତ୍ରମାନେ।



କଳାକାରମାନଙ୍କ ଦ୍ୱାରା ଓଡ଼ିଶୀନୃତ୍ୟ ପରିବେଷଣ କରାଯାଉଛି।

# ଚାରା କିଣି ଲଗାଇଲେ ନାହିଁ, ଶୁଖିଗଲା

ଯାଜପୁର ଅଫିସ,୨୧।୧

ଯାଜପୁର ଜିଲାର ଅନ୍ୟତମ ପର୍ଯ୍ୟଟନସ୍ଥଳୀ ବ୍ୟାସ ସରୋବରକୁ ସବୁଜ ସୁନ୍ଦର କରିବାକୁ ନ୍ୟାଶନାଲ ବିଲ୍ଡିଂ କନଷ୍ଟ୍ରକ୍ସନ କାର୍ପୋରେଶନ(ଏନ୍‌ବିସିସି) ଜରିଆରେ ଦିଲ୍ଲୀର ଠିକାସଂସ୍ଥା କ୍ରିଷ୍ଣା ବିଲ୍‌ଡର ନିୟୋଜିତ ହୋଇଛି। ଏଥିପାଇଁ ଡିଏମ୍‌ଏଫ୍ (ଡିଷ୍ଟ୍ରିକ୍ଟ ମିନେରାଲ ଫାଉଣ୍ଡେଶନ) ପାଣ୍ଠିରୁ ୬୪ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଛି। ଏହି ପାଣ୍ଠିରୁ ବିପୁଳ ଟଙ୍କା ଖର୍ଚ୍ଚ କରାଯାଇ ବିଭିନ୍ନ ପ୍ରକାର ଚାରା କିଣାଯାଇଥିଲା। କିନ୍ତୁ ସେଥିରୁ ଗୋଟିଏ ବି ରୋପଣ କରାଯାଇ ପାରିନାହିଁ। ବରଂ ସେହି ଚାରାଗୁଡିକ ଏବେ ମରି ଶୁଖି ପଡ଼ିଥିବା ବ୍ୟାସରୋବର ପରିସରରେ ଦେଖିବାକୁ ମିଳିଛି। ଏଥିରୁ ବିଭାଗୀୟ ଅଧିକାରୀ ଏବଂ ସମ୍ପୃକ୍ତ ଠିକାସଂସ୍ଥା କେତେ ପରିମାଣରେ ଜଙ୍ଗଲ ସୁରକ୍ଷା ଆଇନକୁ ମାନୁଛନ୍ତି ତାହା ଜଳଜଳ ହୋଇ ଦିଶୁଛି ବୋଲି ମତପ୍ରକାଶ ପାଇଛି।

ସବୁଜିମା ସୃଷ୍ଟି ଓ ସୁରକ୍ଷା ନିମନ୍ତେ ସରକାରୀସ୍ତରରେ ଅନେକ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ମାତ୍ର ବାସ୍ତବପକ୍ଷେ ଦେଖିବାକୁ ଗଲେ ଯେତିକି ଜଙ୍ଗଲ ଅଛି

### ବ୍ୟାସ ସରୋବର ସୌନ୍ଦର୍ଯ୍ୟକରଣ କାର୍ଯ୍ୟ


ବ୍ୟାସ ସରୋବର ପୀଠରେ ଶୁଖିଯାଇଛି ଚାରା ।

ତା'ର ସୁରକ୍ଷା ଦିଗରେ ସରକାରୀ କିମ୍ବା ବେସରକାରୀ ସଂସ୍ଥା ସଫଳ ହୋଇ ପାରୁନାହାନ୍ତି। ପ୍ରତିବର୍ଷ ବନୀକରଣ ନାଁରେ ଅନୁଦାନ ଆସୁଛି। ହେଲେ ଫଳ କିଛି ମିଳୁନାହିଁ। ଜିଲାର ଆରୁଆ, କୋହ୍ଲା, ଯାବରା, ବାଜଗାଟି, ଚାରିଗୋଠ, ରାହାଡ଼ପୁର, ଡଙ୍କାରୀ, ଚଢେଇଧରା, ବିଛାଖଣ୍ଡି, ଅଞ୍ଜୀରା, ବାଘୁଆ, କଣ୍ଟିଗଡ଼ିଆ, ତାରାପୁର, ତାଇମା, ବଜ୍ରଗିରି, ନେଉଳପୁର, ଦେଉଳି, ଗଡ଼ମଧୁପୁର, ଲୁଣିବର, ସାନଡ଼ିହ, କରଡ଼ାପାଲ, ବଇରିମାଲ, ବାଜବାଟି, ନିମପଲି, ପିମ୍ପୁଡ଼ିଆ, ଆମ୍ଭୋସାର, ଗୁଣ୍ଡୁଚିପଶି, ଅଶୋକଝର, ହୁଣ୍ଡାଗଡ଼, ରଙ୍ଗିଟାଙ୍ଗର, ଜେନାପୁର ପ୍ରଭୃତି ସବୁଜିମା ପାହାଡ଼ ଏବେ ବିଲୁପ୍ତି ପଥରେ। ଯାଜପୁର ଜିଲାର ଡୁବୁରୀ, ଯାଜପୁରରୋଡ୍‌, ଛତିଆ ଓ ସୁକିନ୍ଦା ରେଞ୍ଜ ଅନ୍ତର୍ଗତ କାରଖାନା, ଜଙ୍ଗଲଜମି ଓ ପାହାଡ଼ ତଳି ଅଞ୍ଚଳରେ ଜଙ୍ଗଲ ସୃଷ୍ଟି ନାଁରେ ଖର୍ଚ୍ଚ କରାଯାଉଥିବା ଟଙ୍କାର ହିସାବ ଦେଖିଲେ ସରକାରୀ ତାଲିକା ଓ ବାସ୍ତବତା ମଧ୍ୟରେ ତଫାତ ରହିଛି। ମାନପୁର ରେଲ୍‌ୱେ ସାଇଡିଂ, ବିଭିନ୍ନ ଶିଳ୍ପ କମ୍ପାନୀ ପ୍ରଦୂଷଣ ନିୟନ୍ତ୍ରଣ ନିୟମକୁ ନ ମାନି ପରିବେଶ କଳୁଷିତ କରିବାରେ ଲାଗିଛନ୍ତି। ଏହାସହ ପଥର ମାଫିଆମାନେ ଜଙ୍ଗଲ ଜମିକୁ ମଧ୍ୟ ଲଣ୍ଡା କରି ସାରିଲେଣି । ଫଳରେ ଜିଲାରେ ସବୁଜିମା ବିଲୁପ୍ତିପଥରେ ବୋଲି ମତପ୍ରକାଶ ପାଉଛି। ଏହି କ୍ରମରେ ପର୍ଯ୍ୟଟନସ୍ଥଳୀ ବ୍ୟାସସରୋବରର ବିକାଶ ଏବଂ ସୌନ୍ଦର୍ଯ୍ୟକରଣ କାର୍ଯ୍ୟରେ ନ୍ୟାଶନାଲ ଗ୍ରୀନ୍ ଟ୍ରିବ୍ୟୁନାଲ (ଏନ୍‌ଜିଟି) ମାମଲା ଚର୍ଚ୍ଚାର ବିଷୟ ହୋଇଛି। ବ୍ୟାସ ସରୋବରରେ ଗଛ ନ ଥାଇ ଏନ୍‌ଜିଟି ଲାଗିଥିବାବେଳେ ଚାରା କିଣାଯାଇ ବୃକ୍ଷରୋପଣ ହୋଇ ପାରିନାହିଁ। ଅନ୍ୟପକ୍ଷେ ଗତ ଅଗଷ୍ଟରେ ଏନ୍‌ଜିଟିରେ ଦାଖଲ ସତ୍ୟପାଠରେ ଜିଲାପାଳ ଚକ୍ରବର୍ତ୍ତୀ ସିଂ ରାଠୋର ଦର୍ଶାଇଥିଲେ ଯେ, ପ୍ରକଳ୍ପ କାର୍ଯ୍ୟ କୌଣସି ସନ୍ତସନ୍ତିଆ କିସମ ଜମିରେ ହେଉନାହିଁ ଏବଂ ପରିବେଶ ସୁରକ୍ଷା ପ୍ରତି କୌଣସି ବିପଦ ନାହିଁ। ଏଭଳିସ୍ଥଳେ ଚାରା କିଣାଯାଇ ତାହାର ଯତ୍ନ ନ ନେବା ଏବଂ ମାରି ଶୁଖେଇ ଦେବା କ'ଣ ଅପରାଧ ନୁହେଁ କି ବୋଲି ସାଧାରଣରେ ପ୍ରଶ୍ନ ଉଠିଛି।

ସୂଚନାଥାଉ କି ବ୍ୟାସ ସରୋବରର ପ୍ରାୟ ୨୦୦ ଏକର ଜମିରେ ଏବଂ ବିଭିନ୍ନ ରାସ୍ତାର ଉଭୟ ପାର୍ଶ୍ୱରେ ଚାରାରୋପଣ କରିବାକୁ ଗତ ବର୍ଷାଋତୁରେ ବିପୁଳ ଟଙ୍କା ବ୍ୟୟରେ ଚାରା କିଣାଯାଇଥିଲା। ତାହା ନଷ୍ଟ ହୋଇଯାଇଥିବାରୁ ସରକାରୀ ଅର୍ଥ ଅପଚୟ ହୋଇଛି। ଏ ସଂକ୍ରାନ୍ତରେ ବ୍ୟାସ ସରୋବର ବିକାଶ କାର୍ଯ୍ୟରେ ନିୟୋଜିତ ଠିକାସଂସ୍ଥା କ୍ରିଷ୍ଣା ବିଲ୍‌ଡର ଅଧିକାରୀ ଜୟବୀରଙ୍କୁ ପଚାରିବାରୁ ସେ କହିଛନ୍ତି, ସରୋବର କାର୍ଯ୍ୟରେ ଲଗାଇବାକୁ ଚାରା କିଣାଯାଇଥିଲା। ହେଲେ ଏନ୍‌ଜିଟିର ରହିତାଦେଶ ପରେ ସେଗୁଡ଼ିକୁ ରୋପଣ କରାଯାଇପାରିନାହିଁ।

## ବଳଦେବଜୀଉ ଉଚ୍ଚ ବିଦ୍ୟାଳୟ ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ


ବାର୍ଷିକ କ୍ରୀଡ଼ା ପୁରସ୍କାର ବିତରଣ ଉତ୍ସବରେ ମଞ୍ଚାସୀନ ଅତିଥି।

ଧର୍ମଶାଳା,୨୧।୧(ଡି.ଏନ.ଏ.):

ଧର୍ମଶାଳା ବ୍ଲକ ଦେଓଦାସ୍ଥିତ ବଳଦେବଜୀଉ ହାଇସ୍କୁଲର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଶନିବାର ଉଦ୍‌ଯାପିତ ହୋଇଯାଇଛି। ୩ ଦିନ ବ୍ୟାପୀ ଚାଲିଥିବା ଏହି ପ୍ରତିଯୋଗିତାରେ ୧୦୦ ମିଟର, ୨୦୦ ମିଟର ଦୌଡ଼, ହାଇଜମ୍ପ, ଲଙ୍ଗଜମ୍ପ, ସର୍ଟପୁଟ, ଡିସକସ ଥ୍ରୋ ଓ ଖୋଖୋ ଆଦି ଖେଳ ଅନୁଷ୍ଠିତ ହୋଇଥିଲା। ଉଦ୍‌ଯାପନୀ ଦିବସରେ ଆୟୋଜିତ ପୁରସ୍କାର ପ୍ରଦାନ ଉତ୍ସବରେ ସ୍କୁଲ୍ ପ୍ରଧାନଶିକ୍ଷକ ଅରୁଣ କୁମାର ସର ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଜେନାପୁର ଥାନା ଅଧିକାରୀ ଉମାକାନ୍ତ ନାୟକ, ମୁଖ୍ୟବକ୍ତା ନହଙ୍ଗପାଟଣା ହାଇସ୍କୁଲର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରବୋଧ କୁମାର ମହାନ୍ତି ଓ ସମ୍ମାନିତ ଅତିଥିଭାବେ ଦେଓଦା ସରପଞ୍ଚ ଅଚ୍ୟୁତାନନ୍ଦ ମଲିକ, ଆଞ୍ଚଳିକ ସାଧନ କେନ୍ଦ୍ରର ପ୍ରକଳ୍ପ ସଂଯୋଜକ ବ୍ରଜକିଶୋର ପଣ୍ଡା, ସ୍କୁଲ୍ ପରିଚାଳନା କମିଟି ସଭାପତି ଅରୁଣ କୁମାର ମଲିକ ଓ ସଦସ୍ୟ ଯୋଗେନ୍ଦ୍ର ମଲିକ ଯୋଗଦେଇ ପାଠପଢ଼ା ସହିତ ଖେଳକୁଦର ଆବଶ୍ୟକତା ଉପରେ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ସହକାରୀ ଶିକ୍ଷକ କୃଷ୍ଣଚନ୍ଦ୍ର ତ୍ରିପାଠୀ ସ୍ୱାଗତ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରତିଯୋଗିତାକୁ ସୁଶାନ୍ତ ସାହୁ, ନାରାୟଣ ସାହୁ ପ୍ରମୁଖ ଶିକ୍ଷୟିତ୍ରୀଶିକ୍ଷକ ପରିଚାଳନା କରିଥିଲେ। ସଭା ପ୍ରାରମ୍ଭରେ ଛାତ୍ରୀମାନେ ନୃତ୍ୟ, ସଂଗୀତ ପରିବେଷଣ କରିଥିଲେ। ପ୍ରତିଯୋଗିତାରେ ବାଳକ ବିଭାଗରେ ଶ୍ରେଷ୍ଠ ସ୍ଥାନ ଅଧିକାର କରିଥିବା ବିଶ୍ୱରଞ୍ଜନ ମଲିକ ଓ ବାଳିକା ବିଭାଗରେ ପ୍ରତିଜ୍ଞା ପାୟଲ ନାଥଙ୍କ ସମେତ ବିଭିନ୍ନ ଖେଳରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ରଙ୍କୁ ଅତିଥି ପ୍ରଶଂସା ପତ୍ର ଓ ଟ୍ରଫି ପ୍ରଦାନ କରିଥିଲେ। ଶେଷରେ ଶିକ୍ଷକ ଛବି ମଲିକ ଧନ୍ୟବାଦ ଦେଇଥିଲେ।

## ମା' ଦରଜି, ଝିଅ ବିଶ୍ୱବିଦ୍ୟାଳୟ ଟପ୍ପର

ରସୁଲପୁର,୨୧।୧(ଡି.ଏନ.ଏ.):

**ଭାଷା, ସାହିତ୍ୟ ମାନ ଉଚ୍ଚା କରିବାକୁ ପ୍ରଚେଷ୍ଟା ଜାରି ରଖିବେ ପ୍ରିୟଙ୍କା ପ୍ରିୟଦର୍ଶିନୀ**

ମା' ଦରଜୀ (ଟେଲରିଂ) କାମ କରି ଝିଅକୁ ଉଚ୍ଚ ଶିକ୍ଷା ଦେଇଛନ୍ତି, ଯଦ୍ୱାରା ସେ ବିଶ୍ୱବିଦ୍ୟାଳୟର ଟପ୍ପର ହୋଇ ଅଞ୍ଚଳ ପାଇଁ ଗୌରବ ଆଣିଛନ୍ତି। ସେ ହେଲେ ଯାଜପୁର ଜିଲା ରସୁଲପୁର ବ୍ଲକ ମୁଗୁପାଳ ପଞ୍ଚାୟତର ପ୍ରିୟଙ୍କା ପ୍ରିୟଦର୍ଶିନୀ ପାଢ଼ୀ। ପ୍ରିୟଙ୍କା ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଓଡ଼ିଆ ଭାଷା ସାହିତ୍ୟରେ ପିଜି(ପୋଷ୍ଟ ଗ୍ରାଜୁଏଟ୍)ରେ ବିଶ୍ୱବିଦ୍ୟାଳୟ ଟପ୍ପର ହୋଇଛନ୍ତି। ୨୦୨୧-୨୨ ଶିକ୍ଷାବର୍ଷରେ ସେ ମୋଟ୍ ୨୦୦୦ ମାର୍କରୁ ୧୫୧୪ ମାର୍କ(୭୫.୭%) ହାସଲ କରି ସର୍ବୋଚ୍ଚ ସ୍ଥାନ ଅଧିକାର କରିଛନ୍ତି। ତାଙ୍କୁ ବିଶ୍ୱବିଦ୍ୟାଳୟ ପକ୍ଷରୁ ସ୍ୱର୍ଣ୍ଣପଦକ ଦିଆଯାଇ ସମ୍ମାନିତ କରାଯିବ ବୋଲି ସୂଚନା ମିଳିଛି। ଏହି ଖବର ଜାଣି ତାଙ୍କୁ ଖଣ୍ଡିତର ସରକାରୀ ଉଚ୍ଚ ବିଦ୍ୟାଳୟ ତରଫରୁ ସମ୍ବର୍ଦ୍ଧିତ କରାଯାଇଛି। ବିଦ୍ୟାଳୟ ପକ୍ଷରୁ ପୁରାତନ ଛାତ୍ରୀ ପାଢ଼ୀଙ୍କୁ ବିଦ୍ୟାଳୟର ବାର୍ଷିକୋତ୍ସବ ମଞ୍ଚରେ ପ୍ରଧାନଶିକ୍ଷକ ସୁନନ୍ଦ କୁମାର ରାଉତ ସମ୍ମାନିତ କରିବା ସହ ତାଙ୍କ ପାଠପଢ଼ାରେ ସହାଯ୍ୟ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଅନ୍ୟପକ୍ଷରେ ଉକ୍ତ ଖବର ଛାତ୍ରୀଙ୍କ ମାମୁ ଘର ଗାଁ ଅଞ୍ଚଳରେ ଖୁସିର ବାତାବରଣ ସୃଷ୍ଟି କରିଛି।

ପ୍ରିୟଙ୍କା ଜନ୍ମ ହେବାର ୧ମାସ ୦୮ଦିନ ହୋଇଥିବା ବେଳେ ତାଙ୍କ ବାପା ସୁରେନ୍ଦ୍ର ପାଢ଼ୀଙ୍କ ଅକାଳ ମୃତ୍ୟୁ ହୋଇଥିଲା। ପରେ ତାଙ୍କ ମା' ନିର୍ମଳା ପାଢ଼ୀ ଝିଅ ସହିତ ବାପଘର ଖଣ୍ଡିତରକୁ ପଳାଇ ଆସିଥିଲେ। ସେଠାରେ ସେ ଦରଜୀ ଭାବରେ କାମ କରି ଝିଅକୁ ପାଠ ପଢ଼ାଇଥିଲେ। ପ୍ରିୟଙ୍କା ସର୍ବଗୁଣ ସମ୍ପର୍ଣ୍ଣା। ୨୦୧୪-୧୫ ଶିକ୍ଷା ବର୍ଷ ମାଟ୍ରିକ ପରୀକ୍ଷାରେ ଓଡ଼ିଆ ଭାଷା ସାହିତ୍ୟରେ ୮୦% ମାର୍କ ହାସଲ କରିଥିବା ବେଳେ ଯୁକ୍ତ ୨ରେ ୯୦% ମାର୍କ ରଖି କୃତକାର୍ଯ୍ୟ ହୋଇଥିଲେ। ସ୍କୁଲ କ୍ରୀଡ଼ା କବାଡିରେ ସେ ଜାତୀୟସ୍ତର ଖେଳାଳି ଭାବରେ ପ୍ରତିପାଦିତ କରିଥିଲେ। ବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ଉତ୍ସବ ମଞ୍ଚରେ ଉନ୍ନତ ଗୀତ ଓ ନାଚ ପ୍ରଦର୍ଶନ କରି ବିଚାରକମଣ୍ଡଳି, ଦର୍ଶକ, ବିଦ୍ୟାର୍ଥୀ, ଶିକ୍ଷୟିତ୍ରୀଶିକ୍ଷକଙ୍କ ମନ ଜିଣିଥିଲେ। ସେ ଅଧାପିକା ହେବେ ବୋଲି ସ୍ୱପ୍ନ ଦେଖିଛନ୍ତି। ଓଡ଼ିଆ ଭାଷା ସାହିତ୍ୟକୁ ବଞ୍ଚାଇ ରଖିବା ପାଇଁ ପ୍ରଚେଷ୍ଟା ଜାରି ରଖିବେ। ଏ ଦିଗରେ ଗବେଷଣା କରି ବିଶ୍ୱସ୍ତରରେ ସାହିତ୍ୟକୁ ଅଧିକ ଆଦୃତ କରାଇବେ। ଏବେ ସେ ପି.ଏଚ୍‌ଡି ଶିକ୍ଷାଲାଭ ପାଇଁ ପଢ଼ା ଆରମ୍ଭ କରିଛନ୍ତି। ଜେଆର୍‌ଏଫ(ଜୁନିଅର ରିସର୍ଚ୍ଚ ଫେଲୋସିପ୍) ପାଇଁ ପ୍ରସ୍ତୁତ ଜାରି ରଖିଛନ୍ତି। ଏଥିସହ ଏସ୍‌ସବି(ଷ୍ଟେଟ୍ ସିଲେକ୍ସନ ବୋର୍ଡ) ପରୀକ୍ଷା ଦେଇ ଅଧାପିକା ହେବାର ପ୍ରୟାସ କରିବେ ବୋଲି ମତ ରଖିଛନ୍ତି। ତେବେ ମା'ଙ୍କ ମୁହଁରେ ଟିକିଏ ହସ ଦେବା ସହ ମାମୁ ଘର ଲୋକଙ୍କ ନାଁ ଉଚ୍ଚା କରିବାର ଅଭିଳାଷ ଓ ଉଚ୍ଚ ଶିକ୍ଷାଲାଭରେ ଅର୍ଥ ଏକ ବଡ଼ ପ୍ରତିବନ୍ଧକ ସାଜିଛି। ରାଜ୍ୟ ସରକାର ସହାଯ୍ୟର ହାତ ବଢ଼ାଇଲେ ତାଙ୍କ ସ୍ୱପ୍ନ ସାକାର ହୋଇପାରନ୍ତା ବୋଲି କୁହାଯାଉଛି।


ବିଶ୍ୱବିଦ୍ୟାଳୟ ଟପ୍ପର ପ୍ରିୟଙ୍କା ପ୍ରିୟଦର୍ଶିନୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି ।

## ପୁସ୍ତକ ଲୋକାର୍ପଣ ଉତ୍ସବ

ଯାଜପୁର ଟାଉନ୍,୨୧।୧(ଡି.ଏନ୍.ଏ.):

ମାଘ ମାସ ତ୍ରିବେଣୀ ଅମାବାସ୍ୟା ତିଥିରେ କ୍ଷେତ୍ରେଶ୍ୱରୀ ଶ୍ରୀବିରଜାଙ୍କ ସ୍ୱନକ୍ଷତ୍ର ଉତ୍ସବ ଉପଲକ୍ଷେ ଏକ ସାଂସ୍କୃତିକ ସଭା ସ୍ଥାନୀୟ ବିରଜା କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ଯାଜପୁର ଜିଲା କଳାକାର ମଙ୍ଗଳ ସଂଘ ଓ ମା'ବିରଜା ଟିଭି ଆନୁକୂଲ୍ୟରେ ଆୟୋଜିତ ସଭାରେ ବିରଜାରତ୍ନ ପଣ୍ଡିତ ଭୂପତି ଭୂଷଣ ମିଶ୍ର ସଭାପତିତ୍ୱ କରିଥିଲେ। ଅତିଥିମାନେ ମା'ଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ ଓ ପୁଷ୍ପାଞ୍ଜଳି ପ୍ରଦାନ କରିବା ପରେ ସଂଘ କଳାକାରମାନେ ଡ. କୈଳାସ ଚନ୍ଦ୍ର ବେହେରାଙ୍କ ନେତୃତ୍ୱରେ ଭଜନ ଓ ସ୍ୱାଗତଗୀତିକା ଗାନ କରିଥିଲେ। ମା'ବିରଜା ଟିଭି ଅଧ୍ୟକ୍ଷ ତଥା ସାମ୍ବାଦିକ ହରିହର ସ୍ୱାଇଁ ସ୍ୱାଗତ ଭାଷଣ ଓ ଅତିଥିପରିଚୟ ପ୍ରଦାନ କରିଥିଲେ। ଉତ୍ସବର ଉଦ୍‌ଘାଟକ ତଥା ଅଶୋକ ଦାସ ଫାଉଣ୍ଡେଶନ ସଭାପତି ଭବପ୍ରସାଦ ଦାସ ନଟବର ଦାସଙ୍କ ରଚିତ 'ସମୟର ନଈ' ପୁସ୍ତକର ଲୋକାର୍ପଣ କରିଥିଲେ। ପୂର୍ବତନ ଏମ୍‌ପି ଅଞ୍ଚଳ ଦାସ ଶିକ୍ଷକ ପ୍ରଶାନ୍ତ କୁମାର ରାଉତରାୟଙ୍କ ରଚିତ 'ମହାକାବ୍ୟ କୁସୁମା'ର ଉନ୍ମୋଚନ କରି ମା'ବିରଜାଙ୍କ ମହିମା ବର୍ଣ୍ଣନା କରିଥିଲେ। ମୁଖ୍ୟ ଅତିଥି ବରିଷ୍ଠ ପ୍ରଶାସନିକ ଅଧିକାରୀ ଅକ୍ଷୟ କୁମାର ମଲ୍ଲିକ ପଣ୍ଡିତ ଭୂପତି ଭୂଷଣ ମିଶ୍ରଙ୍କ ସମ୍ପାଦିତ 'ଯଜ୍ଞ ପ୍ରଭା'' ପତ୍ରିକାର ଉନ୍‌ମୋଚନ କରି ବିରଜାଙ୍କ ପ୍ରତି ଉକ୍ତ ଅର୍ଘ୍ୟ ଅର୍ପଣ କରିଥିଲେ। ଏହି ଅବସରରେ ଅକ୍ଷୟ କୁମାର ମଲ୍ଲିକ, ଅଭିଜିତ୍ ଦାସ, ମହେଶ୍ୱର ମହାନ୍ତି, ସୌରୀ ରଞ୍ଜିତା ଓ କୁସୁମା କନ୍ୟାଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ବଳଭଦ୍ର ଦାସ, ରବି ଶତପଥୀ, ଅଧିକାରୀ ନବକିଶୋର ଦାସ, ସନ୍ତୋଷ କୁମାର ନନ୍ଦ, ଅନ୍ୱେଷଣ ଥିଏଟର ଗ୍ରୁପ୍‌ର ବୃନ୍ଦାବନ ମିଶ୍ର, ଅଭିମନ୍ୟୁ ମିଶ୍ର ଓ ବିରଜା ସାହିତ୍ୟ ସଂସ୍କୃତି ଗବେଷଣା ପରିଷଦର କର୍ମକର୍ତ୍ତା ଉପସ୍ଥିତ ଥିଲେ। ମୁଖ୍ୟବକ୍ତା ଯାଜପୁର ପୌରପାଳିକାର ଉପାଧ୍ୟକ୍ଷ ସନ୍ତୋଷ କୁମାର ମଲ୍ଲିକ ବରିଜାକ୍ଷେତ୍ରର ପ୍ରାଚୀନତା ଓ ପବିତ୍ରତା ବିଷୟରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଶିକ୍ଷକ ରାଉତରାୟ ଧନ୍ୟବାଦ ଦେଇଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ମହାବିଦ୍ୟାଳୟ ସାଂସ୍କୃତିକ କାର୍ଯ୍ୟକ୍ରମ ଉଦ୍‌ଯାପିତ



ସିଂହପୁର,୨୧।୧(ଡି.ଏନ.ଏ.):

ବିଞ୍ଝାରପୁର ବ୍ଲକ୍ ଅଧୀନ ସିଂହପୁରସ୍ଥିତ ଖରସ୍ରୋତା ମହାବିଦ୍ୟାଳୟ ସାଂସ୍କୃତିକ ପରିଷଦର ବାର୍ଷିକ ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ଏନେଇ ଅନୁଷ୍ଠିତ ନୃତ୍ୟ ଓ ସଂଗୀତ ପ୍ରତିଯୋଗିତାରେ କଲେଜ ଅଧ୍ୟକ୍ଷ ସତ୍ୟବ୍ରତ ପାଢ଼ୀ, ପ୍ରାଧାପକ ସୁବୋଧ ନାୟକ, ବିଚାରକମଣ୍ଡଳୀ ନାଟ୍ୟ ନିର୍ଦ୍ଦେଶକ ସୁଶାନ୍ତ ନାୟକ, ପ୍ରଧାପକ ଜାହାଙ୍ଗୀର ଖାନ, ସଂଗୀତ ନିର୍ଦ୍ଦେଶକ ଦିନେଶ ମଲିକ ପ୍ରମୁଖ ଯୋଗ ଦେଇଥିଲେ। ସାଂସ୍କୃତିକ ପରିଷଦ ଉପସଭାପତି ଶ୍ରୀକାନ୍ତ ନାୟକ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଅନ୍ୟତମ ଉପସଭାପତି ପୂର୍ଣ୍ଣଚନ୍ଦ୍ର ସାମଲ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧାପକ ମିହିର ରାଉତ, ଗଗନ ବିହାରୀ ବେହେରା, ଅଧାପିକା ଜ୍ୟୋତିପ୍ରଭା ମହାନ୍ତି ଓ ରୁପାଲୀ ମହାରଣାଙ୍କ ସମେତ କଲେଜର ସମସ୍ତ ଅଧାପିକାଅଧାପକ, କର୍ମଚାରୀ ଓ ସ୍ୱେଚ୍ଛାସେବୀ ଛାତ୍ରୀଛାତ୍ର କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ଅଧାପିକା ଅର୍ପିତା ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

## ଜରି ମଣ୍ଡିରେ ଧାନକ୍ରୟ ଆରମ୍ଭ

ସିଂହପୁର,୨୧।୧(ଡି.ଏନ.ଏ.):

ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ଜରି କୃଷି ସେବା ସମବାୟ ସମିତିରେ ଶନିବାରଠାରୁ ଧାନ କ୍ରୟ ଆରମ୍ଭ ହୋଇଛି। ସମିତି ସଭାପତି ଦିଲୀପ ରାଉତ, ଜରି ସରପଞ୍ଚ ନନ୍ଦକିଶୋର ମଲିକ ଯୋଗଦେଇ ମଣ୍ଡିକୁ ଉଦ୍‌ଘାଟନ କରିଥିଲେ। ସମିତି ସମ୍ପାଦକ ଗୋପାଳ ଚରଣ ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା କରିବା ସହ ମଣ୍ଡି ଖୋଲିବା ଦ୍ୱାରା ଚାଷୀ ସୁବିଧାରେ ଧାନ ଦେଇପାରିବେ ବୋଲି କହିଥିଲେ। ସମିତି ପରିଚାଳନା ପରିଷଦ ସଭ୍ୟ ମନୋଜ ସାମଲ, ରାଜକିଶୋର ନାୟକ, ଅମର ମଲିକ, ଶ୍ରୀଧର ମଲିକ, ସୁବ୍ରତ ସାମଲ, ବୈକୁଣ୍ଠ ମଲିକ, ଧନେଶ୍ୱର ଜେନା, ଶ୍ରୀନିବାସ ନାୟକ, କୃତିବାସ ମଲିକ, ଆନନ୍ଦ ଚନ୍ଦ୍ର ସାହୁ, ନିର୍ମଳ ମଲିକ ଓ ଚାଷୀ କମିଟିର ସଭ୍ୟ ଭକ୍ତବନ୍ଧୁ ବେହୁରିଆ ପ୍ରମୁଖ ଉପସ୍ଥିତ ଥିଲେ। ସମିତି କର୍ମଚାରୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ୨ ବୃହତ୍ ପାନୀୟ ଜଳ ପ୍ରକଳ୍ପ ଅନୁମୋଦନ କଲେ ମୁଖ୍ୟମନ୍ତ୍ରୀ

- ଖର୍ଚ୍ଚ ହେବ ୨୫୪କୋଟି ୬୭ଲକ୍ଷ
- ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଲା ବିଜେଡି

ଯାଜପୁର ଟାଉନ,୨୧।୧(ଡି.ଏନ୍.ଏ.):

ଯାଜପୁର ଜିଲାର କୋରେଇ ଓ ବରୀ ନିର୍ବାଚନମଣ୍ଡଳୀରେ ୨ ବୃହତ୍ ପାନୀୟ ଜଳ ପ୍ରକଳ୍ପ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଅନୁମୋଦିତ ହୋଇଛି। ଏହି ପ୍ରକଳ୍ପ ପାଇଁ ୨୫୪ କୋଟି ୬୭ଲକ୍ଷ ଟଙ୍କା ଖର୍ଚ୍ଚ ହେବା ପାଇଁ ଯୋଜନା ଥିବା ବେଳେ ଏହି କାର୍ଯ୍ୟ ୨ ବର୍ଷ ମଧ୍ୟରେ ସମାପ୍ତ ପାଇଁ ନିର୍ଦ୍ଦେଶ ହୋଇଛି। ଏନେଇ ରାଜ୍ୟ କ୍ୟାବିନେଟରେ ନିଷ୍ପତ୍ତି ପରେ ଶନିବାର ଯାଜପୁର ସହରର ତୁଳସୀ ରିସୋର୍ଟଠାରେ ବିଜୁ ଜନତା ଦଳ ଜିଲା ସଭାପତି ସରୋଜ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଏକ ଖବରଦାତା ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଧନ୍ୟବାଦ ଓ କୃତଜ୍ଞତା ଜ୍ଞାପନ କରାଯାଇଛି। ଏଥିସହିତ ବିଜେଡି ରାଜ୍ୟ ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ(ବବି)ଙ୍କ ପ୍ରଚେଷ୍ଟା ଯୋଗୁ ଏହି କାର୍ଯ୍ୟ ସମ୍ଭବ ହୋଇପାରିଛି ବୋଲି କୁହାଯାଇଛି। ଯାଜପୁର ବିଜେଡି ପକ୍ଷରୁ ବବିଙ୍କୁ ମଧ୍ୟ କୃତଜ୍ଞତା ଜ୍ଞାପନ କରାଯାଇଛି। ସମ୍ମିଳନୀରେ ବରୀ ବିଧାୟିକା ସୁନନ୍ଦା ଦାସ, କୋରେଇ ବିଧାୟକ ଅଶୋକ କୁମାର ବଳ, ଜିଲା ପରିଷଦ ସଭାପତି ନଳିନୀ ପ୍ରଭା ଜେନା, ବରୀ ବିଜେଡି ବ୍ଲକ୍ ସଭାପତି କେଦାର ନାଥ ସାମଲ ଉପସ୍ଥିତ ଥିଲେ। ଏହି ପ୍ରକଳ୍ପ ଦ୍ୱାରା ୨ ବ୍ଲକ୍ ଅଧୀନରେ ଥିବା ୪୯ ପଞ୍ଚାୟତ ଅନ୍ତର୍ଗତ ୨୫୦ଟି ଗ୍ରାମରେ ବସବାସ କରୁଥିବା ୨ଲକ୍ଷ ୫୦ହଜାରରୁ ଊର୍ଦ୍ଧ୍ୱ ଜନସାଧାରଣଙ୍କୁ ସ୍ୱଚ୍ଛ ପାନୀୟ ଜଳ ଯୋଗାଇ ଦିଆଯିବ। ତନ୍ମଧ୍ୟରୁ ବରୀ ବ୍ଲକ୍‌ରେ ଥିବା ୨୬ ପଞ୍ଚାୟତ ଅନ୍ତର୍ଗତ ୯୧ଟି ଗ୍ରାମର ୧ଲକ୍ଷ ୪୦ହଜାରରୁ ଊର୍ଦ୍ଧ୍ୱ ଜନସାଧାରଣ ଏବଂ କୋରଇେ ବ୍ଲକ୍ ଅଧୀନରେ ଥିବା ୨୩ ପଞ୍ଚାୟତ ଅନ୍ତର୍ଗତ ୧୫୯ଟି ଗ୍ରାମର ୧ଲକ୍ଷ ୯ହଜାରରୁ ଊର୍ଦ୍ଧ୍ୱ ଜନସାଧାରଣ ଏହି ପାନୀୟ ଜଳ ପ୍ରକଳ୍ପ ଦ୍ୱାରା ଉପକୃତ ହେବେ ବୋଲି କୁହାଯାଇଛି।


ଖବରଦାତା ସମ୍ମିଳନୀରେ ଯୋଗଦେଇଥିବା ବିଧାୟିକା, ବିଧାୟକ ଓ ଅନ୍ୟମାନେ ।

### ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ କାଳନ୍ଦୀ


@ ବୁବୁ


@ ବିକାଶ


@ ସୁଚିସ୍ମିତା


@ ସନ୍ତୋଷ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଶିଶୁ ସୁରକ୍ଷା ସମ୍ପର୍କିତ ତାଲିମ

ବିରିଡି,(ଡି.ଏନ.ଏ) : ବିରିଡି ବ୍ଲକ ପକ୍ଷରୁ ଶନିବାର ବ୍ଲକ ସମ୍ମିଳନୀ କକ୍ଷରେ ଶିଶୁ ସୁରକ୍ଷା ସମ୍ପର୍କିତ ତାଲିମ 'ମିଶନ ବାତ୍ସଲ୍ୟ କାର୍ଯ୍ୟକ୍ରମ' ଅନୁଷ୍ଠିତ ହୋଇଯାଇଛି ବ୍ଲକ ଅଧ୍ୟକ୍ଷା ମମତା ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ତାଲିମ ଶିବିରରେ ବିଡିଓ ହେମନ୍ତ କୁମାର ମହାନ୍ତ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ଜଗଦିଶ ସାହୁ, ସିଡିପିଓ ନଳିନୀ ବେହେରା, ବିଇଓ ସର୍ବେଶ୍ୱର ବିଶ୍ୱାଳ, ଆତ୍ମା କମିଟି ଅଧ୍ୟକ୍ଷ ପ୍ରତାପ ବେହେରା, ଆଇସିଏସର ସମସ୍ତ ସୁପରଭାଇଜର ଉପସ୍ଥିତ ଥିଲେ। ବ୍ଲକର ୨୧ ପଞ୍ଚାୟତର ସମସ୍ତ ସରପଞ୍ଚ ତାଲିମ ଶିବିରରେ ଉପସ୍ଥିତ ରହି ଗ୍ରାମାଞ୍ଚଳରେ ଥିବା ଶିଶୁମାନଙ୍କ ସୁରକ୍ଷା, ଅଧିକାର, ଶିକ୍ଷା, ସ୍ୱାସ୍ଥ୍ୟ ସମ୍ବନ୍ଧରେ ତାଲିମ ପ୍ରଦାନ କରିଥିଲେ।

## ସଂକ୍ଷେପରେ

### ଧନୁଯାତ୍ରା ମହୋତ୍ସବ ଉଦ୍‌ଯାପିତ

ନାଉଗାଁ,୨୧।୧(ସ୍ୱ.ପ୍ର): ନାଉଗାଁ ବ୍ଲକ ତିରୁଣା ପଞ୍ଚାୟତ ଅନ୍ତର୍ଗତ ତେଣ୍ଟୋଇ ଗ୍ରାମର ମା' ବାରିଦେଈ ସେବା ସମିତି ତରଫରୁ ପ୍ରଥମଥର ପାଇଁ ଆୟୋଜନ କରାଯାଇଥିବା ଧନୁଯାତ୍ରା ମହୋତ୍ସବ ଶନିବାର ଉଦ୍‌ଯାପିତ ହୋଇଯାଇଛି। ତିନିଦିନ ବ୍ୟାପୀ ଚାଲିଥିବା ଏହି ଉତ୍ସବର ଶେଷରାତ୍ରରେ କଂସବଧ ଦେଖିବା ପାଇଁ ବହୁ ଲୋକଙ୍କ ଭିଡ଼ ଜମିଥିଲା। ଗତ ଗୁରୁବାର ପଞ୍ଚାୟତ ସମିତି ଅଧ୍ୟକ୍ଷା ତୃଷ୍ଣା ଲେଙ୍କା ଏହାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାମାଜିକ କର୍ମୀ ପ୍ରଫୁଲ୍ଲ ଲେଙ୍କା, ପ୍ରାଧାପକ ଜ୍ୟୋତି ପ୍ରକାଶ ଲେଙ୍କା, ସ୍ଥାନୀୟ ସରପଞ୍ଚ ଲକ୍ଷ୍ମୀଧର ସ୍ୱାଇଁ, ଶିକ୍ଷକ ସୁକାନ୍ତ କୁମାର ଲେଙ୍କା, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ନିରଞ୍ଜନ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଥମ ଦିନରେ ଦେବକୀ ଓ ବସୁଦେବଙ୍କ ବିବାହ, ଦୈବୀବାଣୀ, କଂସଙ୍କ ରାଜସିଂହାସନ ଆରୋହଣ ଏବଂ ୨ୟ ଦିନରେ ଦେବକୀଙ୍କ ଅଷ୍ଟମ ପୁତ୍ର ଜନ୍ମ, ପୁତନାଙ୍କୁ ଗୋପପୁର ପ୍ରେରଣ, ପୁତନା ଓ ଷଡ଼ମଲ୍ଲଙ୍କ ନିଧନ, ନାରଦଙ୍କ ପରାମର୍ଶରେ ଧନୁଯାତ୍ରା ଓ ତୃତୀୟ ରାତ୍ରରେ କଂସବଧ କରାଯାଇଥିଲା। ଉକ୍ତ ୩ ଦିନ ରାଜା କଂସ ସୁସଜ୍ଜିତ ଘୋଡ଼ା ଗାଡ଼ିରେ ପଞ୍ଚାୟତ ପରିକ୍ରମା କରିଥିଲେ। ଏହି ମହୋତ୍ସବରେ ଯାତ୍ରା ପରିବେଷଣ କରିବା ପାଇଁ ବରଗଡ଼ ଧନୁଯାତ୍ରାର କଳାକାରମାନେ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ସମିତି ସଭାପତି ଗୌତମ ସାହୁ, ଉପଦେଷ୍ଟା ଭଗବାନ ବିଶ୍ୱାଳ, ଭରତ ସ୍ୱାଇଁ ପ୍ରମୁଖ ପରିଚାଳନା କରିଥିଲେ। ତେଣ୍ଟୋଇ ଗ୍ରାମବାସୀ ଏଥିରେ ସହଯୋଗ କରିଥିଲେ।

### 'ପୁସ୍ତକ ଚେତନାର ଚିତ୍ର' ଉନ୍ମୋଚନ

ବିରିଡି,୨୧।୧(ଡି.ଏନ.ଏ): ବିରିଡି ବ୍ଲକ ଅନ୍ତର୍ଗତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଅଣଖିଆର ଶିକ୍ଷୟିତ୍ରୀ ପ୍ରିୟତମା ସାହୁଙ୍କ ଲିଖିତ 'ଚେତନାର ଚିତ୍ର' ଗଳ୍ପ ପୁସ୍ତକ ଗୁରୁବାର ଜଗତସିଂହପୁର ପୁସ୍ତକ ମେଳାରେ ଉନ୍ମୋଚିତ ହୋଇଛି। ଏଥିରେ ୬ଟି ଗଳ୍ପ ସ୍ଥାନିତ ହୋଇଛି। ବିଶେଷ କରି ଅନ୍ଧ ବିଶ୍ୱାସ, କୁସଂସ୍କାର, ଧର୍ମାନ୍ଧତା, ଅବହେଳିତ ବ୍ୟକ୍ତି ଏବଂ ଜନଜାତିଙ୍କ ଉପରେ ଆଧାରିତ ଗଳ୍ପ ଏହି ପୁସ୍ତକରେ ସ୍ଥାନିତ ହୋଇଛି। ଏହାକୁ ପୁସ୍ତକ ମେଳାରେ ଜଗତସିଂହପୁର ସାଂସ୍କୃତିକ ପରିଷଦର ସଭାପତି ବିପ୍ଳବ ଚୌଧୁରୀ, ସମ୍ପାଦକ ହେମନ୍ତ କୁମାର ରଥ, ମୁଖ୍ୟ ଅତିଥି ଜ୍ଞାନ ହୋତା ଉନ୍ମୋଚିତ କରିଛନ୍ତି। ପୁସ୍ତକକୁ ଝଙ୍କାର ସାହିତ୍ୟ ସଂସଦର ସମ୍ପାଦକ ଗୋଲକ ବିହାରି ପଲାଇ ସମୀକ୍ଷା କରିଥିଲେ।

### ୨ ଟ୍ରକ୍‌ରୁ ଜିପ୍‌ସମ୍ ହଡ଼ପ ଅଭିଯୋଗ

ପାରାଦୀପ,୨୧।୧(ସ୍ୱ.ପ୍ର.): ପାରାଦୀପ ଆଦର୍ଶଥାନା ଅଞ୍ଚଳରୁ ରାଜଗାଙ୍ଗପୁର ଯିବାକୁ ଥିବା ୨ ଟ୍ରକରୁ ଜିପସମ୍ ହଡ଼ପ କରାଯାଇଥିବା ନେଇ ଶନିବାର ଅଭିଯୋଗ ହୋଇଛି। ଏ ନେଇ ପୋଲିସ ମାମଲା (ନଂ.୨୧/୨୩) ରୁଜୁ କରିଛି। ଉଦୟବଟ ବାସିନ୍ଦା ସଞ୍ଜୟ ଦାସ କରିଥିବା ଅଭିଯୋଗ ଅନୁଯାୟୀ, ଦୋଛକିରେ ଥିବା ସିଫାରେର ଷ୍ଟିଭେଡର୍ସ ଲିମିଟେଡ ସଂସ୍ଥା ଜରିଆରେ ୨ ଟ୍ରକରେ ଜାନୁୟାରୀ ୩ ଓ ୫ରେ ଇଫ୍‌କୋ କାରଖାନାରୁ ଜିପସମ୍ ବୋଝେଇ କରି ରାଜଗାଙ୍ଗପୁର ଠାରେ ଥିବା ଡାଲମିଆ ସିମେଣ୍ଟ କାରଖାନାକୁ ଯିବାକଥା। କିନ୍ତୁ ଟ୍ରକ ଦୁଇଟି ଧାର୍ଯ୍ୟ ସ୍ଥାନରେ ପହଞ୍ଚି ନାହିଁ ବାଟରେ ଚଞ୍ଚକତା କରାଯାଇ ଏଥିରୁ ଜିପସମ୍‌କୁ ୧ ଲକ୍ଷ୨୦ ହଜାର ଟଙ୍କାରେ ବିକ୍ରି କରି ଦିଆଯାଇଛି। ସମ୍ପୃକ୍ତ ୨ ଟ୍ରକ ମଧ୍ୟରୁ ଗୋଟିଏ ଶନିବାର ଦୋଛକି ଠାରେ ଏବଂ ଅନ୍ୟଟି ପୋର୍ଟ ଭିତରେ ରହିଛି। ପୋଲିସ ଉକ୍ତ ଅଭିଯୋଗ ଆଧାରରେ ତଦନ୍ତ ଆରମ୍ଭ କରିଛି।

### ଶ୍ରମିକ ନେତାଙ୍କ ପିତୃ ବିୟୋଗ

କୁଜଙ୍ଗ,୨୧।୧ (ଡି.ଏନ୍.ଏ.): ପାରାଦ୍ୱୀପ କୁଜଙ୍ଗ ଅଞ୍ଚଳର ଜଣାଶୁଣା ଶ୍ରମିକ ନେତା ରଞ୍ଜନ ପଲାଇଙ୍କ ବାପା ପଞ୍ଚୁ ପଲାଇଙ୍କ (୭୯)ଗତ ବୁଧବାର ଦୁଆଡ଼ିଆସ୍ଥିତ ବାସଭବନରେ ପରଲୋକ ଘଟିଛି। ସେ ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡ଼ିତ ହୋଇ ଶଯ୍ୟାସାୟୀ ଥିଲେ। ତାଙ୍କ ମୃତ୍ୟୁ ଶଯ୍ୟା ନିକଟରେ ଜ୍ୟେଷ୍ଠ ପୁତ୍ର ସଞ୍ଜୟ, ରଞ୍ଜନ, ମଳୟଙ୍କ ସମେତ ପରିବାରର ଅନ୍ୟାନ୍ୟ ସଦସ୍ୟ ଉପସ୍ଥିତ ଥିଲେ। ପଞ୍ଚୁଙ୍କ ମୃତ୍ୟୁ ଖବର ଜଣା ପଡିବା ପରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। କୁଜଙ୍ଗ ବାର ଆସୋସିଏଶନର ସଭାପତି ସୁଶାନ୍ତ ପଟ୍ଟନାୟକ, ମା'ତାରିଣୀ ହେଲ୍‌ପିଂ ହ୍ୟାଣ୍ଡର ସଭାପତି ଇଂ.ଶଙ୍ଖେଶ୍ୱର ପ୍ରସାଦ ମହାନ୍ତି, ଗୋପିଆକୁଦ ସରପଞ୍ଚ ଶ୍ରୀନିବାସ ମହାନ୍ତି, ପୂର୍ବତନ ଜିଲା ପରିଷଦ ସଭ୍ୟା ସୁଶ୍ରୀ ପ୍ରିୟଦର୍ଶିନୀ ପ୍ରମୁଖ ଗଭୀର ଶୋକ ପ୍ରକାଶ କରିବା ସହ ଶୋକ ସନ୍ତପ୍ତ ପରିବାରକୁ ସାନ୍ତ୍ୱନା ପ୍ରଦାନ କରିଛନ୍ତି।

# 'ଯାତ୍ରା ଗୀତ ଲେଖିବା କଷ୍ଟକର'

## ୨୪ତମ ଜଗତ୍‌ସିଂହପୁର ପୁସ୍ତକମେଳା ଉଦ୍‌ଯାପିତ

ଜଗତ୍‌ସିଂହପୁର ଅଫିସ, ୨୧।୧



ପୁସ୍ତକ ମେଳାର ଉଦ୍‌ଯାପନୀ ଉତ୍ସବରେ ଗୀତିକାର ଅରୁଣ ମନ୍ତ୍ରୀ ଓ ଅନ୍ୟ ଅତିଥିମାନେ।

'ଚିରିଦେବା ଆଗରୁ ଚିଠି ଥରେ ପଢ଼ି ଦେଖ, ଭୁଲିଯିବା ଆଗରୁ ଆଉଥରେ ଭାବି ଦେଖ', ଏହି ଲୋକାଦୃତ ସଙ୍ଗୀତ ଯେତେବେଳେ ଛକ, ବଜାରରେ ବାଜିଉଠେ ସେତେବେଳେ ଯାଉଥିବା ଲୋକଟିର ପାଦ ଆପେ ଆପେ ସ୍ଥିର ହୋଇଯାଏ। ଏହି କବିତାର ଲେଖକ ହେଉଛନ୍ତି ଓଡ଼ିଶାର ସୁନାମଧନ୍ୟ ଗୀତିକାର ତଥା ଜଗତ୍‌ସିଂହପୁର ମାଟିର ଗର୍ବ ଅରୁଣ ମନ୍ତ୍ରୀ। ଶନିବାର ୨୪ତମ ଜଗତ୍‌ସିଂହପୁର ପୁସ୍ତକ ମେଳାର ଉଦ୍‌ଯାପନୀ ସନ୍ଧ୍ୟାରେ ଅନୁଷ୍ଠିତ ସାହିତ୍ୟ ଆସରରେ ମନ୍ତ୍ରୀ ଯୋଗଦେଇ କବିତାଟି କେଉଁ ପରିସ୍ଥିତିରେ ସୃଷ୍ଟି ହୋଇଥିଲା, ତା'ଉପରେ ବର୍ଣ୍ଣନା କରିଥିଲେ। ସେ କହିଥିଲେ, ଏକଦା ଗାଁରେ ଥିବାବେଳେ ଘରେ ଖାଉଥିଲେ। ପାଖରେ କାଚଗ୍ଲାସରେ ପାଣି ଥିଲା। କୌଣସି କାରଣରୁ ସେ କ୍ରୋଧାନ୍ୱିତ ହୋଇ କାଚଗ୍ଲାସ୍‌ଟିକୁ ଭାଙ୍ଗି ଦେଇଥିଲେ। ତାଙ୍କର ଏତାଦୃଶ ଆଚରଣ ଦେଖି ବୋଉ ଗ୍ଲାସ୍‌ଟି ଭାଙ୍ଗିଦେଲୁ, ଗଢ଼ିପାରିବୁ କି ବୋଲି ପ୍ରଶ୍ନ କରିଥିଲେ। ଏହି କଥାଟି ତାଙ୍କ ହୃଦୟକୁ ଛୁଇଁଥିଲା ଏବଂ ତା'ପରେ କବିତାଟି ରଚନା କରିଥିଲେ ବୋଲି ମନ୍ତ୍ରୀ କହିଛନ୍ତି। କେବଳ ଏତିକି ନୁହେଁ, ସେହିପରି 'ମୁଁ ଜୀବନେ କରିଛି ଅନେକ ଲାଭ, ବେପାର ନୁହେଁ କି ବଣିଜ ନୁହଁ, ମତେ ତ ମିଳିଛି କାଳିଆ ଭାବ। ହଁ ମୁଁ ଜୀବନେ କରିଛି ଅନେକ ଗର୍ବ, ଯଶରେ ନୁହେଁ କି ମାନରେ ନୁହଁ, ମୋର ବନ୍ଧୁ ତ କଳାମାଧବ' ଆଦି କବିତା ବେଶ୍ ହୃଦୟସ୍ପର୍ଶୀ ହୋଇଛି। ଏହାଛଡ଼ା ଅନ୍ୟାନ୍ୟ କବିତାର ସୃଷ୍ଟି ଉପରେ ମଧ୍ୟ ମନ୍ତ୍ରୀ ଅନେକ କିଛି ମତ ରଖିଥିଲେ। ତେବେ ଜଣେ ଗୀତିକାର ପାଇଁ ଯାତ୍ରା ଗୀତ ଲେଖିବା କଷ୍ଟକର ବୋଲି ସେ ମତ ରଖିଥିଲେ । କାରଣ ସେଇଠି ଜହ୍ନ ସେଇଠି ତାରା, ସେଇଠି ଛାଇ ସେଇଠି ଖରା ସବୁକିଛି ନିଜ ଭିତରେ ଦେଖିବାକୁ ପଡ଼େ । ୩/୪ ଘଣ୍ଟାର ନାଟକ ପାଇଁ ୩ ମିନିଟ୍‌ର ଗୀତ ଲେଖିବା କଷ୍ଟକର। ଯଦି କେହି ସେଥିରୁ ପାର ହୋଇଯାନ୍ତି ତେବେ ଆଉ ସେଭଳି କିଛି କଷ୍ଟ ଲାଗିବ ନାହିଁ ବୋଲି କହିଥିଲେ। ଏହି ଅବସରରେ ସେ ଜନ୍ମମାଟିର ଗୁଣଗାନ କରିଥିଲେ। ତାଙ୍କ ସହ ଉପସ୍ଥିତ ଥିଲେ ଜିଲାର ଅନ୍ୟତମ ଗର୍ବ ତଥା କବି ଡା. ଶୁଭ ଦାଶ। ସେ ଅତି ସୁନ୍ଦର ଭାବେ କବିତାଗୁଡିକୁ ଆବୃତ୍ତି କରି ଉପସ୍ଥିତ ଦର୍ଶକଙ୍କୁ ବିମୁଗ୍ଧ କରିଥିଲେ। ଜଗତ୍‌ସିଂହପୁର ସାଂସ୍କୃତିକ ପରିଷଦର ସମ୍ପାଦକ ସାରଦା ଦାସ ମଞ୍ଚ ପରିଚାଳନା କରିଥିଲେ। ଦୀର୍ଘସମୟ ଧରି ଚାଲିଥିବା ଆସରରେ କମ୍ ସଂଖ୍ୟାରେ ଲୋକଙ୍କ ଉପସ୍ଥିତି ଥିଲେ ସୁଦ୍ଧା ସାରଗର୍ଭକ ଆଲୋଚନା ନିଆରା ପରିବେଶ ସୃଷ୍ଟି କରିଥିଲା। ଅନ୍ୟପଟେ ଦିନବେଳା ଅନୁଷ୍ଠିତ କବିତା ପାଠ କାର୍ଯ୍ୟକ୍ରମରେ ଓଡ଼ିଶାର ସୁନାମଧନ୍ୟ ଔପନ୍ୟାସିକ ଭାଗୀରଥି ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିନା ସଂଗ୍ରାମରେ ଜୀବନର କିଛି ମାନେ ନ ଥିବା କହିଥିଲେ। ସେ ନିଜ ଅତୀତକୁ ମନେପକାଇ କହିଥିଲେ, ଯେତେବେଳେ ପ୍ରଥମେ ଲେଖା ଆରମ୍ଭ କରିଥିଲେ ସେତେବେଳେ ତାହା ପ୍ରକାଶ ପାଇଁ କୌଣସି ପ୍ରକାଶକ ଆଗ୍ରହ ପ୍ରକାଶ କରୁ ନ ଥିଲେ। ଏପରି କି ୧୯୬୯ରେ ଜଣେ ପ୍ରକାଶକ ଲେଖା ଫୋପାଡି ଦେଇଥିଲେ। ଏହାଦ୍ୱାରା ମନରେ ନିରାଶା ଭାବ ସୃଷ୍ଟି ହୋଇଥିଲା। ଆଉ ନ ଲେଖିବା ପାଇଁ ମନସ୍ଥ କରିଥିଲେ। ଫେରିଲା ବେଳେ ଜଣେ ପ୍ରକାଶକ ପଇସା ଦେଲେ ଛାପିଦେବେ ବୋଲି କହିଥିଲେ। ମାତ୍ର ସେତେବେଳେ ଅର୍ଥାଭାବ କାରଣରୁ ବହି ଛାପିବା ସମ୍ଭବ ହେଲାନି। ସହଧର୍ମିଣୀ ମନଦୁଃଖ ଦେଖି ଗହଣା ବିକି ବହି ଛାପିବାକୁ ଉତ୍ସାହିତ କରିଥିଲେ। ସେବେଠାରୁ ଆଉ ପଛକୁ ଅନାଇ ନାହାନ୍ତି। ଏଥିମଧ୍ୟରେ ୫୦୦ ଉପନ୍ୟାସ, ୪୦ ଯାତ୍ରା ନାଟକ ଓ ୩୦ ଚଳଚ୍ଚିତ୍ରର କାହାଣୀ ରଚନା କରିସାରିଲେଣି। ତେଣୁ ଜୀବନଟା ହେଉଛି ସଂଗ୍ରାମ। ବିନା ସଂଗ୍ରାମରେ ଜୀବନର କିଛି ମାନେ ନାହିଁ ବୋଲି ଦାଶ କହିଛନ୍ତି। ଏହି ଅବସରରେ ସୁନାମଧନ୍ୟ ନାଟ୍ୟକାର କୈଳାସ ମଲ୍ଲିକ ଶିଶୁ କବିତା ଲେଖା କମି ଯାଉଥିବାରୁ ଦୁଃଖ ପ୍ରକାଶ କରିଥିଲେ। କବିତା ପାଠ ଆସରରେ ଅନେକ କବି ସେମାନଙ୍କ କବିତା ପାଠ କରିଥିଲେ। ଅମରଜ୍ୟୋତି ପରିଡ଼ାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଆସରରେ ଅନ୍ୟତମ ଅତିଥିଭାବେ ଅବସରପ୍ରାପ୍ତ ଶିକ୍ଷକ ନାଗମଣି କର ତାଙ୍କ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମରେ ପରିଷଦର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# କ୍ରୀଡା ଶାରୀରିକ ଅଭିବୃଦ୍ଧି, ମାନସିକ ସନ୍ତୁଳନ ରକ୍ଷାର ମାଧ୍ୟମ



ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀମାନେ।

## ବିସି କଲେଜ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ

ରଘୁନାଥପୁର,୨୧।୧(ଡି.ଏନ୍.ଏ.)

ରଘୁନାଥପୁର ବ୍ଲକ ରେଢୁଆସ୍ଥିତ ବୃନ୍ଦାବନ ଚନ୍ଦ୍ର ମହାବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ଅଧ୍ୟକ୍ଷ ସରୋଜ କୁମାର ପଣ୍ଡାଙ୍କ ପୌରୋହିତରେ ଆୟୋଜିତ ଏହି ପୁରସ୍କାର ବିତରଣ ସଭାରେ ନାଇଜରର କୂଳସଚିବ ଅଭୟ କୁମାର ନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କ୍ରୀଡ଼ା ଶାରିରୀକ ଅଭିବୃଦ୍ଧି ଓ ମାନସିକ ସନ୍ତୁଳନ ରକ୍ଷା କରିବାର ମାଧ୍ୟମ ବୋଲି ପ୍ରକାଶ କରିଥିଲେ। ଶିକ୍ଷା ସହ କ୍ରୀଡ଼ା ପ୍ରତି ମନନିବେଶ କରି ଛାତ୍ରୀଛାତ୍ରମାନେ ରାଜ୍ୟ ଓ ଦେଶକୁ ଗୌରବାନ୍ୱିତ କରିବା ପାଇଁ ସେ ଆହ୍ୱାନ ଦେଇଥିଲେ। ଜାତୀୟସ୍ତରର ଖେଳାଳି ତଥା କରାଟେ ବ୍ଲାକବେଲ୍ଟ ଅଧିକାରୀ ରାଜେନ ମହାନ୍ତି ଅନ୍ୟତମ ଅତିଥି ଭାବେ ଉପସ୍ଥିତ ହୋଇ ଛାତ୍ରୀଛାତ୍ରମାନେ ପ୍ରତିଯୋଗୀ ମନୋଭାବ ପୋଷଣ କରି କ୍ରୀଡ଼ାରେ ନିଜର କ୍ୟାରିଅର ଗଢ଼ିବା ପାଇଁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଚାମ୍ପିୟନ ହୋଇଥିବା ପ୍ରତିଯୋଗୀମାନଙ୍କୁ ଅତିଥୀଙ୍କ ପକ୍ଷରୁ ଟ୍ରଫି ସହ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା। କ୍ରୀଡ଼ା ବିଭାଗ ଉପସଭାପତି ସମରେନ୍ଦ୍ର ନାୟକ ଅତିଥି ପରିଚୟ ଓ ଅଧ୍ୟାପକ କେଦାର ମୁଦୁଲି ସଭା ପରିଚାଳନା କରିଥିଲେ। କ୍ରୀଡ଼ା ଶିକ୍ଷାର ଏକ ଅଂଶ ଓ ଏହାକୁ ସମସ୍ତ ଛାତ୍ରୀଛାତ୍ର ଆପଣେଇବା ଜରୁରୀ ବୋଲି ପରାମର୍ଶ ରଖି ଅଧ୍ୟକ୍ଷ ପଣ୍ଡା ଧନ୍ୟବାଦ ଦେଇଥିଲେ। ପରେ ଛାତ୍ରୀଛାତ୍ରଙ୍କ ପକ୍ଷରୁ ସଙ୍ଗୀତ ଓ ପାରମ୍ପରିକ ଲୋକକଳା ପରିବେଷଣ କରାଯାଇଥିଲା। ଅଧ୍ୟାପକ ପ୍ରତାପ ଲେଙ୍କା, ବଳରାମ ପାଳ, ଗଦାଧର ପାଣି, ହିମାଂଶୁ ଜେନା, ସ୍ମିତାରାଣୀ ପ୍ରଧାନ, ସୌମ୍ୟା ମହାନ୍ତି, ସ୍ୱାଗତିକା ଦାସ, ଶାଶ୍ୱତୀ ନନ୍ଦ, ସୁଜାତା ଦାସ ଓ ଯାଜ୍ଞସେନୀ ରାଉତଙ୍କ ସହ ସମସ୍ତ କର୍ମଚାରୀ ଏଥିରେ ସହଯୋଗ କରିଥିଲେ।

# ୨ ଅପହୃତା ନାବାଳିକା ଉଦ୍ଧାର

ପାରାଦୀପ,୨୧।୧(ସ୍ୱ.ପ୍ର.)

ପାରାଦୀପ ଆଦର୍ଶଥାନା ପୋଲିସ ଶନିବାର ୨ ଜଣ ନାବାଳିକାଙ୍କୁ ଭିନ୍ନ ଭିନ୍ନ ସ୍ଥାନରୁ ଉଦ୍ଧାର କରିଛି। ସେମାନଙ୍କୁ ରବିବାର ଡାକ୍ତରୀ ମାଇନା କରାଯିବା ପରେ ପରିବାର ଲୋକଙ୍କ ଜିମା ଦିଆଯିବ ବୋଲି ଥାନାଧିକାରୀ ସବ୍ୟସାଚୀ ରାଉତ ସୂଚନା ଦେଇଛନ୍ତି। ଏହି ଥାନା ଅଞ୍ଚଳରୁ ଗତ ଡିସେମ୍ବରରେ ଜଣେ ନାବାଳିକାଙ୍କୁ ସ୍ଥାନୀୟ ଅଞ୍ଚଳର ଜଣେ ଯୁବକ ନେଇ ଛତିଶଗଡ଼ର ରାୟପୁରଠାରେ ରଖିଥିଲେ। ଏ ନେଇ ପରିବାର ଲୋକେ ଅଭିଯୋଗ କରିବା ପରେ ପୋଲିସ ମାମଲା( ନଂ. ୪୨୩/୨୨) ମାମଲା ରୁଜୁ କରିଥିଲା। ତାଙ୍କୁ ଉଦ୍ଧାର କରାଯାଇଥିଲେ ହେଁ ଅଭିଯୁକ୍ତ ଫେରାର ହୋଇଯାଇଛନ୍ତି। ସେହିପରି ଏହି ଥାନା ଅଞ୍ଚଳର ଆଉ ଜଣେ ନାବାଳିକା ଚଳିତ ମାସରେ ନିଖୋଜ ହୋଇଯାଇଥିବା ନେଇ ଅଭିଯୋଗ ହୋଇଥିଲା। ତାଙ୍କୁ ପୋଲିସ ହାଇଦ୍ରାବାଦ ସହରରୁ ଉଦ୍ଧାର କରିଛି। ଏ ନେଇ ମାମଲା (ନଂ.୧୪/୨୩) ରୁଜୁ ହୋଇଛି। ଉଭୟ ନାବାଳିକା ୧୫ ବର୍ଷର ବୋଲି ଜଣାପଡିଛି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ କାଳନ୍ଦୀ


@ ବୁବୁ


@ ବିକାଶ


@ ଶୁଚିସ୍ମିତା


@ ସନ୍ତୋଷ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ପ୍ରଶାସନର ହସ୍ତକ୍ଷେପ ପରେ ଧାରଣା ପ୍ରତ୍ୟାହୃତ

## ସ୍କୁଲର ଆଲୁମ୍ନି କମିଟି ବିରୋଧରେ ଧାରଣା ଘଟଣା

ଏରସମା,୨୧।୧(ସ୍ୱ.ପ୍ର.)

ଏରସମା ବ୍ଲକ ଅନ୍ତର୍ଗତ ଜପା ପଞ୍ଚାୟତସ୍ଥିତ କାଳିଆବୁଦା ଗାଦିବ୍ରହ୍ମ ହାଇସ୍କୁଲ ଆଲୁମ୍ନି କମିଟି ବିରୋଧରେ ପୁରାତନ ଛାତ୍ର ସଂସଦ ପକ୍ଷରୁ ଜାନୁୟାରୀ ୧୬ରୁ ଦିଆଯାଇଥିବା ଧାରଣା ବ୍ଲକ ପ୍ରଶାସନର ହସ୍ତକ୍ଷେପ ପରେ ଶନିବାର ପ୍ରତ୍ୟାହୃତ ହୋଇଛି। ବିଡିଓ କୈଳାସ ଚନ୍ଦ୍ର ବେହେରା, ତହସିଲଦାର ନବ ପ୍ରସାଦ ନାୟକ, ଥାନା ଅଧିକାରୀ ନିରଞ୍ଜନ ଦାସ ପ୍ରମୁଖ ଧାରଣା ସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ । ଏହି ଅବସରରେ ଆନ୍ଦୋଳନକାରୀମାନେ ପ୍ରଶାସନ ନିକଟରେ ୪ ଦଫା ସମ୍ବଳିତ ଦାବି ଉପସ୍ଥାପନା କରିଥିଲେ । ସେଗୁଡିକ ହେଲା ବିଦ୍ୟାଳୟ ପରିସରରେ ହେଉଥିବା କାମକୁ ବନ୍ଦ କରି ନିରପେକ୍ଷ ଭାବେ ଉପଯୁକ୍ତ ବ୍ୟକ୍ତିଙ୍କୁ କାର୍ଯ୍ୟ ଦେବା, ବିଦ୍ୟାଳୟର ଆଲୁମ୍ନି କମିଟିକୁ ଭଙ୍ଗାଯାଇ ନୂତନ କମିଟି ଗଠନ, ମହାରାଷ୍ଟ୍ର ସରକାରଙ୍କ ଦ୍ୱାରା ନିର୍ମାଣ କରାଯାଇଥିବା ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀର ନିର୍ମାଣ କାର୍ଯ୍ୟ ବନ୍ଦକରି ସ୍କୁଲର ନିଜସ୍ୱ ଗୃହର ପୁନରୁଦ୍ଧାର ଓ ସମ୍ପୃକ୍ତ ସ୍କୁଲର ପ୍ରଧାନ ଶିକ୍ଷକଙ୍କ ବଦଳି ଇତ୍ୟାଦି । ଏସବୁ ସମସ୍ୟାର ସମାଧାନ ୫ ଦିନ ମଧ୍ୟରେ କରିବା ପାଇଁ ପ୍ରଶାସନ ପକ୍ଷରୁ ପ୍ରତିଶ୍ରୁତି ଦିଆଯିବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା । ସମାଧାନ ନ ହେଲେ ଆଗକୁ ଆମରଣ ଅନଶନ କରାଯିବ ବୋଲି ଆନ୍ଦୋଳନରେ ସାମିଲ ହୋଇଥିବା ବାଲିକୁଦାର ପୂର୍ବତନ ବିଧାୟକ ଲଲାଟେନ୍ଦୁ ମହାପାତ୍ର, ତପନ ଗଛାୟତ, ବିଭୂତି ଲେଙ୍କା, ନିଖିଳ ପରିଡ଼ା ଓ ବାବୁଲି ପୁହାଣ ପ୍ରମୁଖ ଚେତାବନୀ ଦେଇଛନ୍ତି ।

# ଚକୋଲେଟ, ଫୁଲ ଦେଇ ସଡ଼କ ସୁରକ୍ଷା ସଚେତନତା

ପାରାଦୀପ,୨୧।୧(ସ୍ୱ.ପ୍ର.)

ପାରାଦୀପ କଲେଜ ଓ ଯୁବ ରେଡ୍‌କ୍ରସ୍ ପକ୍ଷରୁ ଶନିବାର ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଛାତ୍ରୀଛାତ୍ର ଓ ସ୍ୱେଚ୍ଛାସେବୀମାନେ ରାସ୍ତାରେ ଯାଉଥିବା ଗାଡ଼ି ଚାଳକଙ୍କୁ ଚକୋଲେଟ୍ ଓ ଫୁଲ ଦେଇ ହେଲ୍‌ମେଟ୍ ସିଟ୍‌ବେଲ୍ଟ ବ୍ୟବହାର କରିବାକୁ ପରାମର୍ଶ ଦେଇଥିଲେ। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଅତିଥି ଭାବେ କଲେଜ ଅଧ୍ୟକ୍ଷା ସସ୍ମିତା ଶତପଥୀ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ଗଣେଶ୍ୱର ପାତ୍ର, ଶାଶ୍ୱତୀ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଗାଡ଼ି ଚାଳନା ବେଳେ ପ୍ରତ୍ୟେକ ନିଜେ ସୁରକ୍ଷିତ ରହିବା ସହ ପରିବାର କଥା ମନେ ପକାଇଲେ ଦୁର୍ଘଟଣା ଟାଳି ପାରିବ। ଏ ନେଇ ଯୁବପିଢ଼ି ସଚେତନ ହେବାକୁ ପରାମର୍ଶ ଦିଆଯାଇଛି। ଏନେଇ ଏକ ସଚେତନତା ରାଲି କଲେଜଠାରୁ ବଡ଼ପଡ଼ିଆ ଥାନା ଛକ ପର୍ଯ୍ୟନ୍ତ କରାଯାଇଥିଲା।



ସଡ଼କ ସୁରକ୍ଷା ଉପଲକ୍ଷେ ଆୟୋଜିତ ସଚେତନତା ଶୋଭାଯାତ୍ରା।

# କଳା, ପାଲା ସଂସ୍କୃତିକୁ ବଞ୍ଚାଇ ରଖିବାକୁ ଉଦ୍ୟମ ଜରୁରୀ

ବାଲିଆ,୨୧।୧(ସ୍ୱ.ପ୍ର.)

## ସାରଳାପାଲା କଳାକାର ପରିଷଦର ୩୨ତମ ବାର୍ଷିକ ସମ୍ମିଳନୀ


ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥିମାନେ।

ବିରିଡ଼ି ବ୍ଲକ ଅନ୍ତର୍ଗତ ବାଲିଆ ଝୁଲା ଗୋପୀନାଥ ସାଂସ୍କୃତିକ ପରିଷଦ ଆନୁକୂଲ୍ୟରେ ସ୍ଥାନୀୟ ଝୁଲାଗୋପୀନାଥଙ୍କ ମନ୍ଦିର ପ୍ରାଙ୍ଗଣରେ ଶାରଳା ପାଲା କଳାକାର ପରିଷଦର ୩୨ତମ ବାର୍ଷିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଆ ଜଗନ୍ନାଥ ସଂସ୍କୃତିର କଥା ପ୍ରଚାରକ ବାବା ଦିବାକର ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ନାଇଜରର ନିର୍ଦ୍ଦେଶକ ଡ. ଅଭୟ କୁମାର ନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ପରେ ପାଲା ପରିଷଦର ସଭାପତି ରବିନାରାୟଣ ତ୍ରିପାଠୀଙ୍କ ସଭାପତିତ୍ୱରେ ଆୟୋଜିତ ସାଂସ୍କୃତିକ ସଭାରେ ସମ୍ପାଦକ ମନୋଜ କୁମାର ମହାନ୍ତି, ସଂଯୋଜକ ନାରାୟଣ ମହାରଣା ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ବସନ୍ତ ଶତପଥୀ, ରଶ୍ମିରଞ୍ଜନ ମହାନ୍ତି, ପୀତବାସ ବିଶ୍ୱାଳ, ବଂଶୀଧର ତ୍ରିପାଠୀଙ୍କ ସମେତ ଗାୟକ ବନମାଳୀ ପତି, ହୃଦାନନ୍ଦ ନାୟକ ଓ ଶାନ୍ତିଲତା ସାହୁ ପ୍ରମୁଖ ଯୋଗଦେଇ ବର୍ତ୍ତମାନ ସମୟରେ ପାରମ୍ପରିକ କଳା, ପାଲା ସମାଜରେ କେତେ ଗ୍ରହଣୀୟ ତାକୁ ନେଇ ଆଲୋଚନା କରାଯାଇଥିଲା। ଆଧୁନିକ ସମାଜରେ ଏହାର ଆଦର କମୁଥିବାରୁ ଏହାକୁ ବଞ୍ଚାଇ ରଖିବା ପାଇଁ ଉଦ୍ୟମ ଜରୁରୀ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଧ୍ରୁବ ଚରଣ ପଣ୍ଡା ମଙ୍ଗଳାଚରଣ ପାଠ କରିଥିଲେ। ଶୁଭ ବେହେରା ମଙ୍ଗଳ ଗୀତିକା ଓ ସୁବାସ ଚନ୍ଦ୍ର ବାରିକ ମଙ୍ଗଳ ବାଦ୍ୟ ବଜାଇଥିଲେ। ଶେଷରେ ଗାୟକ ମଞ୍ଜୁଳ ଶିଶିର କୁମାର ପଣ୍ଡା ଓ ଗାୟିକା ଦୀପ୍ତିମୟୀ ପଣ୍ଡା ପାଲା ପରିବେଷଣ କରିଥିଲେ। ଏଥିରେ ଗ୍ରାମବାସୀ ସହଯୋଗ କରିଥିଲେ।

# ସ୍ୱଚ୍ଛତା ନ ଥିବାରୁ ଆବାସ ଅଭିଯୋଗ ବଢ଼ୁଛି

ନୟାଗଡ଼ ଅଫିସ,୨୧।୧

ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ)ରେ ପଞ୍ଚାୟତ ସ୍ତରରେ ପ୍ରକାଶ ପାଇଥିବା ତାଲିକାରେ ସ୍ୱଚ୍ଛତା ନ ଥିବାରୁ ବିଡିଓ, ଅତିରିକ୍ତ ଜିଲାପାଳ, ଉପଜିଲାପାଳ ଓ ଜିଲାପାଳଙ୍କ କାର୍ଯ୍ୟାଳୟରେ ଅଭିଯୋଗକାରୀଙ୍କ ଭିଡ଼ ଜମିବାରେ ଲାଗିଛି। ଘର ଖଣ୍ଡିଏ ପାଇବା ପାଇଁ ବାରମ୍ବାର ଦୌଡୁଥିବା ଗରିବ ଲୋକର ନାଁ ତାଲିକାରେ ନ ଥିବା ଘଟଣା ଆଶାୟୀଙ୍କୁ ଝଟକା ଲାଗିଛି। ତେବେ ଘର ପାଇବାର ଆଶା ନ ହରାଇ ସେମାନେ ପୁଣି ଆବାସ ଯୋଜନାରେ କିପରି ସାମିଲ ହେବେ ସେନେଇ ଉଦ୍ୟମ ଆରମ୍ଭ କରିଛନ୍ତି। ଅଭିଯୋଗ କରିବାକୁ ଆସୁଥିବା ହିତାଧିକାରୀଙ୍କୁ କେଉଁଠି ଧମକ ଚମକ ଦିଆ ଗଲାଣି ତ ଆଉ କେଉଁଠାରେ ଅଫିସରୁ ତଡି ଦିଆଯାଉଛି। ଏବେ ଜଣେ ଅଭିଯୋଗକାରୀଙ୍କ ନାଁରେ ଥାନାରେ ଏତଲା ଦିଆଯାଇଥିବା ଅଭିଯୋଗ ଉଠିଛି। ଏଭଳି କିଛି ଘଟଣାକୁ ନେଇ ନୟାଗଡ଼ ଜିଲା ଚର୍ଚ୍ଚାକୁ ଆସିଛି। ଓଡ଼ଗାଁ ବ୍ଲକ ଅଞ୍ଚଳରେ ଜଣେ ଭିନ୍ନକ୍ଷମ ମହିଳାଙ୍କୁ ତଡିବା ଓ ନୂଆଗାଁ ବ୍ଲକ ଅଞ୍ଚଳରେ ଅଭିଯୋଗକାରୀଙ୍କୁ ଧମକଚମକ ଦେବା ଘଟଣାକୁ ନେଇ ସବୁଆଡେ ଆଲୋଚନା ଜୋର ଧରିଛି। ଏବେ ନୂଆଗାଁ ବିଡିଓ ଅଭିଯୋଗକାରୀଙ୍କ ନାଁରେ ଥାନାରେ ଅଭିଯୋଗ କରିବା ପୁଣି ଚର୍ଚ୍ଚାକୁ ଆସିଛି। ତେବେ ସବୁଠାରେ ଗୋଟିଏ ଚର୍ଚ୍ଚା ଯୋଗ୍ୟ ହିତାଧିକାରୀଙ୍କ ନାଁ ସଂଯୋଗ ପାଇଁ ଆବାସ ଯୋଜନା ପାଇଁ କରାଯାଇଥିବା ପୋର୍ଟାଲରେ ଏକ ଅପସନ ରଖାଗଲେ ସେମାନଙ୍କ ପାଇଁ ଏହାର ସୁଫଳ ଆଶା କରାଯାଇପାରନ୍ତା।


ଆବାସ ଯୋଜନାରୁ ବଞ୍ଚିତ କେରେଣ୍ଡାଟାଙ୍ଗୀର ମହିଳାମାନେ ଜିଲାପାଳଙ୍କୁ ଅଭିଯୋଗ କରିବାକୁ ଆସିଛନ୍ତି।

## ନୂଆଗାଁ ଥାନା ବଦଳରେ ନୟାଗଡ଼ ସଦର ଥାନାରେ ଏତଲା

### ଅଭିଯୋଗକାରୀଙ୍କୁ ନ୍ୟାୟ

- ଧମକାଇବା, ତଡ଼ିବା ପରେ ଏବେ ଥାନାରେ ଫେରାଦ୍
- ଯୋଗ୍ୟ ହିତାଧିକାରୀ ସଂଯୋଗ ପାଇଁ ପୋର୍ଟାଲରେ ରହୁ ଅପ୍‌ସନ

ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଅନିୟମିତତା ବାବଦରେ ମଙ୍ଗଳବାର ଲୋକମାନେ ନୂଆଗାଁ ବିଡିଓଙ୍କୁ ଅଭିଯୋଗ କରିବାକୁ ପ୍ରକୋଷ୍ଠକୁ ଗଲାବେଳେ ସେ ଅଭିଯୋଗକାରୀଙ୍କ ଉପରେ ରାଗି ଧମକଚମକ ଦେଇଥିବା ଅଭିଯୋଗ ହୋଇଛି। ବିଡିଓଙ୍କ ବ୍ୟବହାରର ଭିଡିଓ ସାମାଜିକ ଗଣମାଧ୍ୟମରେ ମୋବାଇଲରୁ ମୋବାଇଲ ଘୂରି ବୁଲୁଛି। ଏଭଳିସ୍ଥଳେ ଭିଡିଓ ଉତ୍ତୋଳନ କରିଥିବା ଅଭିଯୋଗକାରୀଙ୍କ ବିରୋଧରେ ବିଡିଓ ନୟାଗଡ଼ ସଦର ଥାନାରେ ଅଭିଯୋଗ କରିଛନ୍ତି। ପ୍ରଶ୍ନ ଉଠୁଛି ଘଟଣା ଘଟିଲା ନୂଆଗାଁ ଥାନା ଅଞ୍ଚଳରେ। ବିଡିଓ କାହିଁକି ନୟାଗଡ଼ ସଦର ଥନାରେ ଅଭିଯୋଗ କରିଛନ୍ତି। ଯଦି ଅଭିଯୋଗକାରୀଙ୍କ ଘରକୁ ଆଖି ଆଗରେ ରଖି ବିଡିଓ ଅଭିଯୋଗ କରିଥାନ୍ତି ତେବେ ନୟାଗଡ଼ ସଦର ଥାନା ପୋଲିସ ଏତଲା ରଖିବା କ'ଣ ଠିକ୍। ଅନ୍ୟପକ୍ଷେ ଯଦି ଭିଡିଓ ଉତ୍ତୋଳନ ପାଇଁ ଥାନାରେ ଏତଲା ଦିଆଯିବ ତେବେ ଅନ୍ୟାୟ ବିରୋଧରେ କ'ଣ ଚୁପ ରହିବାକୁ ପଡିବ। ବିଡିଓ ଓ ଆବାସ ଯୋଜନା ଅଭିଯୋଗକାରୀଙ୍କ ବିବାଦ କେଉଁଥିପାଇଁ ହୋଇଥିଲା ତାହା ତଦନ୍ତ ସାପେକ୍ଷ। କିଏ ଭୁଲ କରୁଛି ନାଁ ଠିକ କରିଛି ତାହା ତଦନ୍ତ ପରେ ଜଣାପଡିବ। ତେବେ ଅନ୍ୟାୟ ବିରୋଧରେ ସ୍ୱର ଉତ୍ତୋଳନ କରାଗଲେ ତାକୁ ଚାପିବା ଠିକ୍ ନୁହେଁ ବୋଲି ପ୍ରତିବାଦ ଉଠିଲାଣି। ନୟାଗଡ଼ ସଦର ଥାନା ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ଏନେଇ ନୟାଗଡ଼ ସଦର ଥାନା ଆଇଆଇସି ଦୀପକ ଖଣ୍ଡାୟତରାୟଙ୍କୁ ପଚାରିବାରେ ବିଡିଓ ଘଟଣା ସମ୍ପର୍କରେ ନୂଆଗାଁ ଥାନାରେ ଅଭିଯୋଗ ନ କରି ନୟାଗଡ ସଦର ଥାନାରେ ଅଭିଯୋଗ କାହିଁକି କରିଛନ୍ତି ଜାଣିନାହାନ୍ତି। ତେବେ ଅଭିଯୋଗ ପରେ ଘଟଣାର ତଦନ୍ତ ଆରମ୍ଭ ହୋଇଛି ବୋଲି ସେ କହିଛନ୍ତି।

ପ୍ରାପ୍ତ ସୂଚନା ଅନୁସାରେ ନୂଆଗାଁ ବ୍ଲକ ଚାହାଳୀ ପଞ୍ଚାୟତ, ଦୁର୍ଦ୍ଦୁରା ପଞ୍ଚାୟତ ଓ ଢେଙ୍କେଣା ପଞ୍ଚାୟତର କେତେଜଣ ମହିଳାପୁରୁଷ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଅନିୟମିତତା ହୋଇଥିବା ନେଇ ଅଭିଯୋଗ କରିବାକୁ ଗତ ମଙ୍ଗଳବାର ବିଡିଓଙ୍କ ନିକଟକୁ ଯାଇଥିଲେ। ତାଲିକାରେ ନାଁ ରହିଥିଲେ ମଧ୍ୟ ପରବର୍ତ୍ତୀ ମୁହୂର୍ତ୍ତରେ କେମିତି ତାଲିକାରୁ ନାଁ କଟି ଯାଉଛି ସେନେଇ ଅବଗତ କରାଇଥିଲେ। ବର୍ଷ ବର୍ଷ ଧରି ଅପେକ୍ଷା କରିଥିଲେ ମଧ୍ୟ ଆବାସ ଯୋଜନାରେ ଗୃହ ପାଇବାରୁ ବଞ୍ଚିତ ହେବା ଓ ଅଯୋଗ୍ୟ ହିତାଧିକାରୀ କିଭଳି ଘର ପାଉଛନ୍ତି ବୋଲି ବିଡିଓଙ୍କୁ ଲୋକମାନେ ପ୍ରଶ୍ନ କରିଥିଲେ। ଅଭିଯୋଗ ନ ଶୁଣିଲେ ରାସ୍ତାରେ ବସିବୁ ବୋଲି ଅଭିଯୋଗକାରୀମାନେ କହିଥିଲେ। ପରେ ଅଭିଯୋଗକାରୀ ଓ ବିଡିଓଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ବିଡିଓ ଉତ୍ୟକ୍ତ ହୋଇ ଅଭିଯୋଗକାରୀଙ୍କ ଉପରକୁ ଝାମ୍ପି ପଡିଥିବା ଭିଡିଓରୁ ଜଣା ପଡୁଛି। ଏ ନେଇ ନୂଆଗାଁ ବିଡିଓ ପ୍ରମୋଦ କୁମାର ନାୟକଙ୍କୁ ପଚାରିବାରେ ବିଡିଓ ପ୍ରକୋଷ୍ଠରେ ଗହଳି ବଢ଼ି ଚାଲିଥିଲା। ଅଭିଯୋଗକାରୀ କିଛି ନ ଶୁଣି ଅଯଥାରେ ଯୁକ୍ତି ତର୍କ କରିଥିଲେ। ସେହି ସମୟରେ ଜଣେ ଯୁବକ ମୋବାଇଲରେ ଭିଡିଓ ରେକର୍ଡିଂ କରୁଥିଲେ। ଭିଡିଓ ରେକର୍ଡିଂକୁ ବାରଣ କରିବା ପାଇଁ ଚେୟାରରୁ ଉଠି ମୋବାଇଲକୁ ହାତ ବଢାଇ ଥିଲି। ମୁଁ କାହାରିକୁ ଖରାପ ବ୍ୟବହାର ଦେଖାଇନାହିଁ। ତେବେ ସେ ସମୟର ଦୃଶ୍ୟକୁ ମୋବାଇଲରେ ରେକର୍ଡିଂ କରି ଭାଇରାଲ କରାଯାଇ ମୋତେ ବଦନାମ କରଯାଉଛି। ଏହାର ତଦନ୍ତ ହେଲେ ସତ୍ୟ ପଦାକୁ ଆସିବ ବୋଲି ସେ କହିଛନ୍ତି ।

ସେଲ୍ଫି କର୍ଣ୍ଣର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com


@ କାଳନ୍ଦୀ


@ ବୁବୁ


@ ବିକାଶ


@ ଶୁଚିସ୍ମିତା


@ ସନ୍ତୋଷ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବା।

## ୨୬ତମ ଚଣ୍ଡୀ ମହାଯଜ୍ଞର ପୂର୍ଣ୍ଣାହୁତି



ରଣପୁର, ୨୧।୧ (ସ୍ୱ.ପ୍ର.): ରଣପୁର କଦମ୍ବସାହିସ୍ଥିତ ମା' ହାବୁଡ଼ାସିଂହୀ ମନ୍ଦିରରେ ୨୬ତମ ଚଣ୍ଡୀ ମହାଯଜ୍ଞ ଗୋଧୂଳି ସମୟରେ ପୂର୍ଣ୍ଣାହୁତି କାର୍ଯ୍ୟ ସମାପ୍ତ ହୋଇଛି। ଏହି ଯଜ୍ଞ ୧୭ରୁ ଆରମ୍ଭ ହୋଇ ଶନିବାର ଯାଏ ଚାଲିଥିଲା। ଯଜ୍ଞ ସମିତି ପକ୍ଷରୁ ମିଳିଥିବା କାର୍ଯ୍ୟସୂଚୀ ଅନୁଯାୟୀ, ଚଳିତ ମାସ ୧୭ ତାରିଖରେ ଅଙ୍କୁରାରୋପଣ, ୧୮ରେ କଳସ ଯାତ୍ରା, ୧୯ରେ ଯଜ୍ଞ ଆରମ୍ଭ ଓ ୨୦ରେ ଯଜ୍ଞ କାର୍ଯ୍ୟ କରାଯାଇଥିଲା। ଶନିବାର ତ୍ରିବେଣୀ ଅମାବାସ୍ୟାରେ ପୂର୍ଣ୍ଣାହୁତି କାର୍ଯ୍ୟ ସମ୍ପନ୍ନ କରାଯାଇଥିଲା। ଏହି ଯଜ୍ଞରେ ପ୍ରତ୍ୟେକ ଦିନ ଭକ୍ତମାନେ ଆସି ମା' ହାବୁଡ଼ାସିଂହୀଙ୍କୁ ଦର୍ଶନ କରିଥିଲେ। ପୂର୍ଣ୍ଣାହୁତି ଦେଖିବାକୁ ଶ୍ରଦ୍ଧାଳୁଙ୍କ ଗହଳି ପରିଲକ୍ଷିତ ହୋଇଥିଲା। ଏହି ପୂର୍ଣ୍ଣାହୁତିରେ ପୂର୍ବତନ ରଣପୁର ବିଧାୟକ ତଥା ରାଜ୍ୟ ସଭା ସାଂସଦ ରବି ନାରାୟଣ ମହାପାତ୍ର, ପୂର୍ବତନ ସମବାୟ ମନ୍ତ୍ରୀ ସୁରମା ପାଢ଼ୀ, ରଣପୁର ଏନ୍‌ଏସି ଅଧକ୍ଷା ରଙ୍ଗୀନ ମହାନ୍ତି, ବ୍ଲକ ଅଧକ୍ଷା ନିର୍ମଳା ବେହେରା, ସାଂସଦ ପ୍ରତିନିଧି ସ୍ୱରାଜ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ଏଥିରେ ଯଜ୍ଞ ସମିତିର ସଦସ୍ୟ ଓ କଦମ୍ବସାହିର ବାସିନ୍ଦା ସହଯୋଗ କରିଥିଲେ।

## ୨ ବାଦ୍ ପଡ଼ିଲେ, ୨ ସାମିଲ ହେଲେ

ଖଣ୍ଡପଡ଼ା,୨୧।୧(ସ୍ୱ.ପ୍ର)

ଖଣ୍ଡପଡ଼ା ବ୍ଲକ ପ୍ରାଥମିକ ବିଦ୍ୟାଳୟ ୫ମ ଶ୍ରେଣୀ ଗରିବ ମେଧାବୃତ୍ତି ପରୀକ୍ଷା ୨୦୨୨ର ଫଳ ଇତିମଧ୍ୟରେ ପ୍ରକାଶିତ ହୋଇଯାଇଛି। ଏଥିରେ ଉକ୍ତ ଶ୍ରେଣୀର ୭ଜଣ ଗରିବ ମେଧା ଛାତ୍ରୀଛାତ୍ର ଯୋଗ୍ୟ ବିବେଚିତ ହୋଇଥିବା ତାଲିକା ପ୍ରକାଶ ପାଇଥିଲା। ତେବେ ପରବର୍ତ୍ତୀ ସମୟରେ ଏହି ଯୋଜନାର ବିଧି ବ୍ୟବସ୍ଥାକ୍ରମେ ତାଲିକା ଭୁକ୍ତ ୨ ଜଣ ଛାତ୍ରୀଙ୍କ ମାତାପିତା ସରକାରୀ ଚାକିରି (ଶିକ୍ଷକତା) କରୁଥିବାରୁ ସେମାନେ ଏହି ଗରିବ ମେଧାବୃତ୍ତି ଯୋଜନାରେ ଯୋଗ୍ୟ ବିବେଚିତ ହୋଇପାରିବେ ନାହିଁ ବୋଲି ଖଣ୍ଡପଡ଼ା ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ନିର୍ଦ୍ଦେଶନାମାରୁ ଜଣାପଡିଛି। ଫଳରେ ସେମାନଙ୍କୁ ବାଦ ଦିଆଯାଇ ସେମାନଙ୍କ ସ୍ଥାନରେ ଅନ୍ୟ ୨ ଜଣ ଛାତ୍ରୀଙ୍କ ନାମ ୧ମ ଓ ୨ୟ ସ୍ଥାନରେ ସାମିଲ କରାଯାଇଥିବା ବିଭାଗୀୟ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡିଛି।

ପୂର୍ବ ପ୍ରକାଶିତ ୫ମ ଶ୍ରେଣୀ ଗରିବ ମଧା ତାଲିକାରେ ପ୍ରଥମ ସ୍ଥାନ ଅଧିକାର କରିଥିବା କଣ୍ଟିଲୋ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଛାତ୍ରୀ ଲକ୍ଷ୍ମୀପ୍ରିୟା ସାହୁଙ୍କ ନାମକୁ ବାଦ ଦିଆଯାଇ ତାଙ୍କ ସ୍ଥାନରେ ନୂଆପଡ଼ାର ଜନତା ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀ ପ୍ରତିକ୍ଷା ପ୍ରିୟଦର୍ଶିନୀ ପ୍ରଥମ ସ୍ଥାନରେ ପାଇଛନ୍ତି। ସେହିପରି ୨ୟ ସ୍ଥାନରେ ପୂର୍ବରୁ ପ୍ରକାଶିତ ତାଲିକାରୁ ଗୋହିରାପଡା ୟୁଜିଏମ୍‌ଇର ଛାତ୍ରୀ ମନସ୍ୱିନୀ ପଣ୍ଡାଙ୍କ ନାମକୁ ବାଦ ଦିଆଯାଇ ତାଙ୍କ ସ୍ଥାନରେ କଣ୍ଟିଲୋ କୁଞ୍ଜବିହାରୀ ନୋଡାଲ ହାଇସ୍କୁଲର ଛାତ୍ରୀ ସାସ୍ୱତୀ ମିଶ୍ରଙ୍କ ନାମ ସାମିଲ କରାଯାଇଥିବା ବ୍ଲକ ଶିକ୍ଷାଧିକାରିଣୀ ଜୟନ୍ତୀ ସାହୁଙ୍କଠାରୁ ସୂଚନା ମିଳିଛି।

### ୫ମ ଶ୍ରେଣୀ ଗରିବ ମେଧାବୃତ୍ତି ଫଳର ସଂଶୋଧିତ ତାଲିକା


BLOCK EDUCATION OFFICER,KHANDAPADA
DIST- NAYAGARH
Order No. 68 / Date. 11.01.2023 //

In continuous to the result publication of Primary Scholarship Exam-2022 of Class-V, the name **Laxmipriya Sahoo** bearing **Roll No-M-002 Sl.No.01** and **Manaswini Panda** bearing **Roll No.M-033 Sl.No.02** are declared as Merit-Cum-Poverty in result sheet. But both the parents of the above two candidates are Govt. Servant. So they are not eligible to get the Scholarship amount. So in this connection it has been taken Two candidates from draft merit list named **Pratikshya Priyadarsini** Sl.No.03 Roll No.MP-029 of Janata Nodal UPS Nuapada is placed against Laxmipriya Sahoo Sl.No-01 R.N.-M-002 of S.S.V.M,Kantilo and **Saswati Mishra** S.I No-04 R.N-MP-005 of K.B Nodal High School,Kantilo is placed against Manaswini Panda Sl.02 R.N-M-033 of Gohiriapada UGMES declared as Merit-Cum-Poverty Scholarship Awardee.

11.01.23
Block Education officer
Khandapada

Memo No. 69 /Date. 11.01.2023 //

Copy Forwarded to the HMs of concerned Schools for their information and necessary action.

11.01.23
Block Education officer
Khandapada

Memo No. 70 /Date. 11.01.2023 //

Copy submitted to the District Education Officer, Nayagarh for kind information and necessary action.

11.01.23
Block Education officer
Khandapada

## ରଣପୁରରେ ପୂଜ୍ୟପୂଜା ପକ୍ଷରୁ ସେବା ନିବୃତଙ୍କୁ ସମ୍ବର୍ଦ୍ଧନା

ରଣପୁର, ୨୧।୧ (ସ୍ୱ.ପ୍ର.)

ରଣପୁର ମଣିନାଗ ମନ୍ଦିର ନିକଟସ୍ଥ ହନୁମାନ ମନ୍ଦିରଠାରେ ପୂଜ୍ୟପୂଜା ପକ୍ଷରୁ ରଣପୁର ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ଦ୍ୱାରା ଏକ ସେବା ନିବୃତଙ୍କୁ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକ ଶିକ୍ଷା ଅଧିକାରିଣୀ ବନଲତା ବେହେରା, ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ବସନ୍ତ କୁମାର ରାଉତ, ଜିଲା ପ୍ରାଥମିକ ସଂଘ ସଭାପତି ଜ୍ୟୋତି ରଞ୍ଜନ ଦାଶ, ସମ୍ପାଦକ ଭକ୍ତ ରଞ୍ଜନ ମିଶ୍ର, ସଙ୍ଗଠନ ସମ୍ପାଦକ ସୁରେଶ ଚନ୍ଦ୍ର ମହାପାତ୍ର, ରଣପୁର ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ପ୍ରଫୁଲ୍ଲ କୁମାର ବିଶ୍ୱାଳ, ସମ୍ପାଦକ ଜଗନ୍ନାଥ ଦାଶ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ।

ଏହି ସେବା ନିବୃତ ସେବାରେ ଅବସରପ୍ରାପ୍ତ ଶିକ୍ଷକ ପ୍ରଫୁଲ୍ଲ କୁମାର ମିଶ୍ର, ବିରଞ୍ଚି ନାରାୟଣ ରଣା ଓ ପଞ୍ଚୁ ନାୟକଙ୍କୁ ଉପଢୌକନ, ମାନପତ୍ର ପ୍ରଦାନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ପ୍ରକାଶ ମିଶ୍ର, ମଦନ ମୋହନ ପଣ୍ଡା, ସନ୍ତୋଷ କୁମାର ମିଶ୍ର, ପ୍ରମୋଦ କୁମାର ସେଠୀ, ରିତାଞ୍ଜଳୀ ମହାରଣା, ମନୋରଞ୍ଜନ ମହାରଣା, ସୁରେଶ ଚନ୍ଦ୍ର ଶତପଥୀ, ଶରତ ଚନ୍ଦ୍ର ମିଶ୍ର, ସନ୍ଧ୍ୟାରାଣୀ ଶତପଥୀ, କୁଳମଣି ପ୍ରଧାନଙ୍କ ସହ ସଂଘର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ୩ ମେଗା ପାନୀୟ ଜଳ ପ୍ରକଳ୍ପ ନିର୍ମାଣ ହେବ

ନୟାଗଡ଼ ଅଫିସ/ଦଶପଲ୍ଲା, ୨୧।୧ (ଡି.ଏନ.ଏ.)

ନୟାଗଡ଼ ଜିଲାର ଦଶପଲ୍ଲା ନିର୍ବାଚନମଣ୍ଡଳୀର ଦଶପଲ୍ଲା, ଗଣିଆ ଓ ନୂଆଗାଁ ବ୍ଲକରେ ୩ ମେଗା ପାନୀୟ ଜଳ ପ୍ରକଳ୍ପ ପାଇଁ ୩୯୩ କୋଟି ୯୪ ଲକ୍ଷ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅନୁମୋଦନ କରିଛନ୍ତି। ଏ ନେଇ ଶନିବାର ଦଶପଲ୍ଲା ଗାନ୍ଧୀ ମଇଦାନରେ ଏକ ଖବରଦାତା ସମ୍ମିଳନୀର ଆୟୋଜନ କରାଯାଇଥିଲା। ଏଥିରେ କନ୍ଧମାଳ ଏମ୍‌ପି ଅଚ୍ୟୁତ ସାମନ୍ତ, ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା, ନୟାଗଡ ବିଧାୟକ ଅରୁଣ କୁମାର ସାହୁ, ରଣପୁର ବିଧାୟକ ସତ୍ୟନାରାୟଣ ପ୍ରଧାନ ଯୋଗଦେଇ କହିଥିଲେ, ଜିଲାରେ ଭୂତଳ ଜଳସ୍ତର ହ୍ରାସ ପାଇବାରେ ଲାଗିଛି। ଯାହାକି ଚିନ୍ତାର କାରଣ। ଏ ପରିପ୍ରେକ୍ଷୀରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମେଗା ପାନୀୟ ଜଳ ଯୋଗାଣ ପ୍ରକଳ୍ପ ଆରମ୍ଭ କରିଛନ୍ତି। ଏହି ମେଗା ପ୍ରକଳ୍ପରେ ପ୍ରଥମେ



ଖବରଦାତା ସମ୍ମିଳନୀରେ ଏମ୍‌ପି ଅଚ୍ୟୁତ ସାମନ୍ତ ଓ ବିଧାୟକମାନେ।

### ୩ ବ୍ଲକ ପାଇଁ ୩୯୩ କୋଟି ମଞ୍ଜୁର

ନୟାଗଡ଼ ଜିଲାର ନୟାଗଡ଼, ଖଣ୍ଡପଡ଼ା, ଭାପୁର ବ୍ଲକ ସମେତ ନୂଆଗାଁ ବ୍ଲକର କିଛି ଅଂଶକୁ ସାମିଲ କରାଯାଇ ୬୦୩ କୋଟି ୪୪ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା। ପରବର୍ତ୍ତୀ ପର୍ଯ୍ୟାୟରେ ରଣପୁର ବ୍ଲକର ୩୧ ପଞ୍ଚାୟତ ପାଇଁ ୨୫୧ କୋଟି ୮୭ ଲକ୍ଷ ଟଙ୍କା ଅନୁରୂପ ଭାବେ ମଞ୍ଜୁର ହୋଇଛି। ଶନିବାର ମୁଖ୍ୟମନ୍ତ୍ରୀ କ୍ୟାବିନେଟରେ ନୂଆଗାଁ ବ୍ଲକର ବଳକା ଅଂଶ ୧୪ ପଞ୍ଚାୟତ ୧୫୮ ଗାଁର ୫୯, ୨୨୪ ଲୋକ ଉପକୃତ ହେବେ। ଅନ୍ୟପକ୍ଷେ ଦଶପଲ୍ଲା ବ୍ଲକର ୨୦ଟି ପଞ୍ଚାୟତ ଅନ୍ତର୍ଗତ ୩୬୯ ଗାଁର ୯୭ ହଜାର ୨ ଲୋକ ଓ ଗଣିଆ ବ୍ଲକର ୮ ପଞ୍ଚାୟତର ୯୨ଟି ଗାଁର ୩୮, ୫୦୬ ଏପରି ମୋଟରେ ୬୧୯ ଗାଁର ୨ ଲକ୍ଷ ଲୋକ ଉପକୃତ ହେବେ। ୨୪ ମାସ ମଧ୍ୟରେ କାର୍ଯ୍ୟ ସମ୍ପୂର୍ଣ୍ଣ ହେବ। ଜିଲାର ପ୍ରତି ଗାଁ ଓ ଘରକୁ ପାନୀୟ ଜଳ ଯୋଗାଣ କରାଯିବ। ପ୍ରକଳ୍ପଗୁଡିକ କାର୍ଯ୍ୟକାରୀ ହେଲେ ଜିଲାରୁ କଷ୍ଟ ହଟିଯିବ ବୋଲି କୁହାଯାଇଛି।

## ଲଘୁ ଶସ୍ୟଖାଦ୍ୟ ମହୋତ୍ସବ

ଗଣିଆ, ୨୧।୧(ଡି.ଏନ.ଏ.)

ଓଡ଼ିଶା ମିଲେଟ ମିଶନ ସହାୟତାରେ ଗଣିଆ ଉନ୍ନୟନ କମିଟି ପକ୍ଷରୁ ବ୍ଲକରେ ଶନିବାର ଜିୟୁସି ସଭାଗୃହ ପରିସରରେ ଲଘୁ ଶସ୍ୟ ଖାଦ୍ୟ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ନାବାର୍ଡର ନୟାଗଡ଼ ଜିଲା ଅଧିକାରୀ ତୃପ୍ତି ତାପସୀ ଏହାକୁ ଉଦ୍‌ଘାଟନ କରିଥିଲେ। ଗଣିଆ ବିଡିଓ, ସିଡିପିଓ, ମିଶନ ଶକ୍ତି ବିପିସି, ବ୍ଲକ କୃଷି ଅଧିକାରୀ, ଇଣ୍ଡିଆନ ବ୍ୟାଙ୍କ ମ୍ୟାନେଜରଙ୍କ ସମେତ ଜିୟୁସିର ସଭାପତି ଉଷା ପଟ୍ଟନାୟକ ଯୋଗଦେଇଥିଲେ। ବ୍ଲକର ୮ ଟି ପଞ୍ଚାୟତରୁ ଆସିଥିବା ୧୫୦ରୁ ଉର୍ଦ୍ଧ୍ୱ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାଙ୍କୁ ଓଡ଼ିଶା ମିଲେଟ ମିଶନର ଲକ୍ଷ୍ୟ, ଉଦ୍ଦେଶ୍ୟ, କାର୍ଯ୍ୟକ୍ରମ ସମ୍ପର୍କରେ ସଚେତନତା କରାଯିବା ସହ ଲଘୁ ଶସ୍ୟଜାତ ଖାଦ୍ୟରେ ଥିବା ପୃଷ୍ଟି ତତ୍ତ୍ୱ ସମ୍ପର୍କରେ ବୁଝାଇ ଥିଲେ।

ମାଣ୍ଡିଆ ଜାତ ଖାଦ୍ୟ ସାମଗ୍ରୀ ଓ ଆବଶ୍ୟକ ଉତ୍ପାଦିତ ଦ୍ରବ୍ୟର ବିକ୍ରି ପାଇଁ ନାବାର୍ଡ଼ ସହଯୋଗର ହାତ ବଢାଇବାକୁ ସୂଚନା ଦିଆଯାଇଥିଲା। ବେଲପଡାପାଟଣା ମାହେଶ୍ୱରୀ ସ୍ୱୟଂ ସହାୟକ ଗୋଷ୍ଠୀ ଓ ଗଣିଆ ମହିଳା ବିକାଶ ସମିତିର ସଭ୍ୟାମାନଙ୍କ ଦ୍ୱାରା ପ୍ରସ୍ତୁତ ମାଣ୍ଡିଆ ପୋଡପିଠା, କେକ୍, ସୁପ୍, ମିଶ୍ଚର, ସେଉ, ଆରିସା ଓ ଦାନ୍ତକୁଲୁ ପରି ସାମଗ୍ରୀକୁ ଉପସ୍ଥିତ ମହିଳା ଓ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ଛାତ୍ରୀଛାତ୍ରମାନଙ୍କୁ ଖାଇବାକୁ ଦିଆଯାଇଥିଲା। କାର୍ଯ୍ୟକ୍ରମକୁ ଜିୟୁସିର ସମ୍ପାଦକ ଆନନ୍ଦ ଚନ୍ଦ୍ର ବେହେରା ସଂଯୋଜନା କରିଥିଲେ।



ମାଣ୍ଡିଆରେ ପ୍ରସ୍ତୁତ ଖାଦ୍ୟକୁ ଶ୍ରୀଅରବିନ୍ଦ ସ୍କୁଲର ପିଲାଙ୍କୁ ଦିଆଯାଉଛି।

## ଏ ସପ୍ତାହର ପ୍ରଶ୍ନ

୧– ବକ୍ସ୍ୱାହା ଖଣି ........... ରାଜ୍ୟରେ ଅବସ୍ଥିତ ?
୨– ରୁରାଲ୍ ହେଲ୍‌ଥ ଷ୍ଟାଟିଷ୍ଟିକ୍ସ ରିପୋର୍ଟ ............. ପକ୍ଷରୁ ପ୍ରକାଶ ପାଇଥାଏ ?
୩– 'ସେୟାର୍ଡ ସ୍କୁଲ୍ ବସ୍ ସିଷ୍ଟମ୍' ........... ରାଜ୍ୟରେ ଆରମ୍ଭ କରାଯାଇଛି ?
୪– ଦି ଇଣ୍ଡିଆ ଷ୍ଟୋରି ପୁସ୍ତକର ଲେଖକ ............... ?
୫– ଭାରତର ପ୍ରଥମ ପୋଷ୍ଟ ଅଫିସ୍ ............ ଠାରେ ପ୍ରତିଷ୍ଠା ହୋଇଥିଲା ?

## ଗତ ଥରର ଉତ୍ତର

୧ ଫ୍ରାନ୍ସ
୨ ଆଫ୍ରିକା
୩ ଗ୍ରୀନ୍‌ଲାଣ୍ଡ
୪ ସୁଇଜରଲାଣ୍ଡ
୫ ଇରାକୀ ଦିନାର

## ଉତ୍ତରଦାତା


ଶେଖ୍ ୟାକୁବ୍
ଗୋପ


ଜ୍ୟୋତି ରଞ୍ଜନ ରାଉତ
କଳାହାଣ୍ଡି


ରଶ୍ମି ବଳବନ୍ତରା
ଖୋର୍ଦ୍ଧା

## ଟପ୍ ୧୦

### ପୃଥିବୀର ବୃହତ୍ତମ ଆଇସ୍‌ଲାଣ୍ଡ



୧– ଗ୍ରୀନ୍‌ଲାଣ୍ଡ ........ ୨,୧୬୬,୦୮୬ ବର୍ଗ କିମି.
୨– ନ୍ୟୁ ଗିନି........ ୮୨୧,୪୦୦ ବର୍ଗ କିମି.
୩– ବର୍ନିଓ........ ୭୪୮,୧୬୮ ବର୍ଗ କିମି.
୪– ମାଡାଗାସ୍କାର ........ ୫୮୭, ୨୯୫ ବର୍ଗ କିମି.
୫– ବଫିନ୍........ ୫୦୭,୪୫୧ ବର୍ଗ କିମି.
୬– ସୁମାତ୍ରା ........ ୪୪୩, ୦୬୬ ବର୍ଗ କିମି.
୭– ହୋନ୍‌ଶୁ........ ୨୨୭,୮୯୮ ବର୍ଗ କିମି.
୮– ଭିକ୍ଟୋରିଆ ........ ୨୧୭, ୨୯୧ ବର୍ଗ କିମି.
୯– ଗ୍ରେଟ୍ ବ୍ରିଟେନ୍ ........ ୨୦୯, ୩୩୧ ବର୍ଗ କିମି.
୧୦– ଏଲେସ୍ମିଅର୍........ ୧୯୬, ୨୩୬ ବର୍ଗ କିମି.

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି
ଇ–ମେଲ୍ ଠିକଣା: dharitriagamiasha @gmail.com

## ଯୁବ ପ୍ରତିଭା

# ପ୍ରତିଷ୍ଠିତ କଳାକାର ହେବା ଲକ୍ଷ୍ୟ



ବୟସ ମାତ୍ର ୨୧ । ହେଲେ ସେ ଏବେ ବ୍ରହ୍ମପୁର ସହରର ଜଣେ ଜଣାଶୁଣା ନାଁ । ସେ ଏକାଧାରରେ ଜଣେ ମଞ୍ଚ ଉପସ୍ଥାପକ, ଡ୍ୟାନ୍ସର, ସିଙ୍ଗର, ମଡେଲ, ଅଭିନେତା, ମିମିକ୍ରି ଆର୍ଟିଷ୍ଟ ଏବଂ ଚିତ୍ରଶିଳ୍ପୀ ମଧ୍ୟ । ଏହି ବହୁମୁଖୀ ଯୁବ ପ୍ରତିଭା ହେଉଛନ୍ତି ବ୍ରହ୍ମପୁର ଲାଞ୍ଜିପଲ୍ଲୀ ଉମାନଗର ନିବାସୀ ମାଆ ସାହିବାଣୀ ଏବଂ ବାପା ଈଶ୍ୱର ଲିମିଙ୍କ ପୁଅ ଶୁଭମ୍ । ଛୋଟ ବେଳୁ ହିଁ ସେ କେତେବେଳେ ଟିଭି ଦେଖି ନାଚ ଗୀତ କରୁଥିଲେ ତ ଆଉ କେତେବେଳେ ପେନ୍‌ସିଲ, ପେପର ଧରି ଆଙ୍କୁଥିଲେ ଭଳିକି ଭଳି ଚିତ୍ର । ନବମ ଓ ଦଶମ ଶ୍ରେଣୀରେ ପଢୁଥିବା ବେଳେ ସୁରଭି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ଜିଲାସ୍ତରରେ ଡ୍ରଇଂ ଓ ଡ୍ୟାନ୍ସରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ । ବର୍ତ୍ତମାନ ସୁଦ୍ଧା ବ୍ରହ୍ମପୁର ସହରରେ ପ୍ରାୟ ୧୧ରୁ ଊର୍ଦ୍ଧ୍ୱ ଷ୍ଟେଜ ଶୋ'ରେ ଭାଗନେଇ ପ୍ରଶଂସିତ ଓ ସମ୍ବର୍ଦ୍ଧିତ ହୋଇ ସାରିଛନ୍ତି । ଫ୍ୟାଶନ୍ ଓ ମଡେଲିଂ ପ୍ରତି ତାଙ୍କର ବିଶେଷ ରୁଚି ଥିବାରୁ ହାଇଦ୍ରାବାଦସ୍ଥିତ ସ୍କାଏ ମଡେଲିଂ ଇନ୍‌ଷ୍ଟିଚ୍ୟୁଟରୁ ତାଲିମ ଗ୍ରହଣ କରିଛନ୍ତି । ସେହିପରି ସ୍କେଚ ଆର୍ଟ ଓ ୱାଲ୍‌ପେଣ୍ଟିଂରେ ମଧ୍ୟ ସେ ସିଦ୍ଧହସ୍ତ । ବହୁବାର ଜିଲାସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରି ସମ୍ବର୍ଦ୍ଧିତ ହୋଇ ସାରିଛନ୍ତି । ସେହିପରି ପୂର୍ବରୁ ବହୁବାର ଗୋପାଳପୁର ବିଚ୍ ଫେଷ୍ଟିଭାଲରେ ମଧ୍ୟ ନିଜର ନୃତ୍ୟକଳା ପ୍ରଦର୍ଶନ କରି ଦର୍ଶକଙ୍କ ମନୋରଞ୍ଜନ କରିବା ସହ ଜିଲା ପ୍ରଶାସନ ପକ୍ଷରୁ ସମ୍ବର୍ଦ୍ଧିତ ହୋଇ ସାରିଛନ୍ତି । ବର୍ତ୍ତମାନ ସେ ଲାଞ୍ଜିପଲୀ, ରାମନଗରସ୍ଥିତ ଶ୍ୟାଡୋ ଷ୍ଟାର ଡ୍ୟାନ୍ସ ଏକାଡେମୀରେ ଜଣେ କୋରିଓଗ୍ରାଫର ଭାବେ ଉଭୟ କ୍ଲାସିକାଲ ଓ ୱେଷ୍ଟର୍ନ ଡ୍ୟାନ୍ସ ତାଲିମ ପ୍ରଦାନ କରୁଛନ୍ତି । ସେ କୁହନ୍ତି, ନିକଟରେ ଅନୁଷ୍ଠିତ ହୋଇ ଯାଇଥିବା ବ୍ରହ୍ମପୁର ସିଲ୍କ ସିଟି ଫେଷ୍ଟର ୪ର୍ଥ ସନ୍ଧ୍ୟାରେ ମୋ ଦ୍ୱାରା ତାଲିମପ୍ରାପ୍ତ ପିଲାମାନେ ଯେତେବେଳେ ଷ୍ଟେଜରେ ଡ୍ୟାନ୍ସ ପ୍ରଦର୍ଶନ କରି ପ୍ରଶଂସିତ ହେଉଥିଲେ, ମୋତେ ଯେଉଁ ଖୁସି ମିଳୁଥିଲା ତାହା ଅବର୍ଣ୍ଣନୀୟ । ତେବେ ଭବିଷ୍ୟତରେ ଜଣେ ସଫଳ ଅଭିନେତା ହୋଇ ଦର୍ଶକଙ୍କୁ ନିଜ ଅଭିନୟ, ନୃତ୍ୟ ଓ ସଙ୍ଗୀତ ଯାଦୁରେ ବାନ୍ଧି ରଖିବା ତାଙ୍କର ଲକ୍ଷ୍ୟ ବୋଲି ପ୍ରକାଶ କରନ୍ତି ଶୁଭମ୍ ।

**– ତନୁଶ୍ରୀ ନାହାକ**



# ବନ୍ଧୁମିଳନ

ସମୟ ସୁଅରେ ଏବେ ସମସ୍ତେ ବ୍ୟସ୍ତ। କିଏ କର୍ମମୟ ଜୀବନର ଚାପରେ ତ ଆଉ କିଏ ପାରିବାରିକ ଜଞ୍ଜାଳରେ ବନ୍ଧା। ଇଚ୍ଛା ଥିଲେ ବି ଯେମିତି କାହା ପାଇଁ କାହା ପାଖରେ ନାହିଁ ସମୟ। ଏମିତିରେ ଏବେ ଅନେକଙ୍କ ପାଇଁ ସ୍କୁଲ୍ ଆଉ କଲେଜ ବେଳର ଅପାସୋରା ସ୍ମୃତିକୁ ତାଜା କରିବାର ବଳିଷ୍ଠ ମାଧ୍ୟମ ସାଜିଛି ପୁରାତନ ବନ୍ଧୁମିଳନ ଉତ୍ସବ...



ସ୍କୁଲ ଆଉ କଲେଜ ସମୟ କାହାକୁ ବା ଭଲ ନ ଲାଗେ! ପାଠପଢ଼ାର ଯେତେ ଚାପ ଥିଲେ ବି ସାଙ୍ଗସାଥୀଙ୍କ ସହ ବିତାଉଥିବା ପ୍ରତିଟି ମୁହୂର୍ତ୍ତ ଥାଏ ଖୁବ୍ ଆନନ୍ଦଭରା। ଧୀରେ ଧୀରେ ବୟସ ବଢ଼ିବା ସହ ଏସବୁ ସମୟ ପାଲଟେ ଅତୀତର ସ୍ମୃତି। କର୍ମଜଞ୍ଜାଳ ଭିତରେ ଯେବେ ସାଙ୍ଗଟିଏର ଫୋନ୍ କଲ୍ ଆସିଯାଏ ଅବା ଫେସ୍‌ବୁକ୍‌ରେ କାହାର ଫଟୋ ଦେଖାଯାଏ, ମନେପଡ଼ିଯାଏ ସବୁ କିଛି ଏବଂ ଇଚ୍ଛା ହୁଏ ପୁଣି ଥରେ ସେହି ପୁରୁଣା ଦିନକୁ ଫେରିଯିବାକୁ। ବର୍ତ୍ତମାନ ସେହି ଅତୀତର ସ୍ମୃତିକୁ ତାଜା କରିବା ଲାଗି ଏବେ ଅନେକେ କରୁଛନ୍ତି ବ୍ୟାଚ୍‌ଫିଷ୍ଟ। ଏହାଦ୍ୱାରା ନା କେବଳ ଖୁସି ମିଳିଥାଏ ବରଂ ଲୋକ ସମ୍ପର୍କ ବୃଦ୍ଧି ହୋଇଥାଏ ; ଯାହାକି ସୁବିଧା ଅସୁବିଧା ସମୟରେ ବେଶ୍ କାମରେ ଆସିଥାଏ। ତେବେ ପୁରାତନ ଛାତ୍ରୀଛାତ୍ରଙ୍କୁ ନିଜ ଶିକ୍ଷାନୁଷ୍ଠାନ ସହ ଯୋଡ଼ି ହୋଇ ରହିବା ସହ ଏହାର ଉନ୍ନତି ପାଇଁ ସହଯୋଗ ଲକ୍ଷ୍ୟରେ ଓଡ଼ିଶା ସରକାରଙ୍କ ପକ୍ଷରୁ ଆରମ୍ଭ କରାଯାଇଛି ମୋ ସ୍କୁଲ ଏବଂ ମୋ କଲେଜ୍ ଅଭିଯାନ ନାମରେ ଏକ ଅଭିନବ ପ୍ରୟାସ। ଯାହାଦ୍ୱାରା ନିକଟ ଅତୀତରେ ହେଉ ଅବା ଦୀର୍ଘ ବର୍ଷରୁ ସ୍କୁଲ୍ କଲେଜପଢ଼ା ସାରିଥିବା ଛାତ୍ରୀଛାତ୍ରଙ୍କୁ ପୁଣି ଥରେ ବନ୍ଧୁମିଳନର ସୁଯୋଗ ମିଳିପାରୁଛି...









ବ୍ୟାଚ୍‌ଫିଷ୍ଟ କିମ୍ବା ପୁରାତନ ବନ୍ଧୁମିଳନ ଉତ୍ସବ ଆୟୋଜନ କରିବା ଏବଂ ଏହାକୁ ସୂଚାରୁ ରୂପେ ପରିଚାଳନା କରି ସଫଳ କରାଇବା ଲାଗି ଚାହୁଁଥିଲେ ଜାଣିରଖନ୍ତୁ କେତୋଟି ଟିପ୍ସ...

**କରନ୍ତୁ ଯୋଗାଯୋଗ:** ଏଭଳି ବନ୍ଧୁମିଳନ ଆୟୋଜନ କରୁଥିଲେ ସର୍ବପ୍ରଥମେ ବ୍ୟାଚ୍‌ମେଟ୍ ଅବା ଅନ୍ୟ ବ୍ୟାଚ୍‌ର ସମସ୍ତ ସଦସ୍ୟଙ୍କ ସହ ଯୋଗାଯୋଗ କରିବା ସବୁଠୁ ଗୁରୁତ୍ୱପୂର୍ଣ୍ଣ। ଏଥିପାଇଁ ପରସ୍ପର ସହ ଯୋଗାଯୋଗ କରି ଫୋନ୍ ନମ୍ବର ସଂଗ୍ରହ କରନ୍ତୁ। ଏହାକୁ ଅଧିକ ସହଜ କରିବା ଲାଗି ହ୍ୱାଟ୍‌ସଆପ୍, ଫେସ୍‌ବୁକ୍ ଭଳି ସୋସିଆଲ୍ ମିଡିଆ ଗ୍ରୁପ୍ ଆପଣଙ୍କୁ ବେଶ୍ ସାହାଯ୍ୟ କରିବ। ତେବେ ସାଙ୍ଗସାଥୀଙ୍କ ବ୍ୟତୀତ ନିଜର ଅଧ୍ୟାପିକା ଅଧ୍ୟାପକଙ୍କୁ ନିମନ୍ତ୍ରଣ କରିପାରିଲେ ଏହା ଅଧିକ ଆନନ୍ଦଦାୟକ ହୋଇପାରିବ।

**ଆବଶ୍ୟକ ପ୍ରି ପ୍ଲାନିଂ:** ଫିଷ୍ଟ ପାଇଁ ସମସ୍ତ ସଦସ୍ୟଙ୍କ ସହମତିକ୍ରମେ ଏକ ତାରିଖ ଠିକ୍ କରନ୍ତୁ, ଯେଉଁଦିନ ସମସ୍ତେ ଏକାଠି ହୋଇପାରିବେ। ନିଜ ସ୍କୁଲ୍ କିମ୍ବା କଲେଜ କ୍ୟାମ୍ପସ୍ ଅବା ବାହାରେ କେଉଁ ସ୍ଥାନରେ ଆୟୋଜନ କଲେ ସମସ୍ତଙ୍କୁ ସୁବିଧା ହେବ, ତାହା ମଧ୍ୟ ମିଳିତ ଭାବେ ନିଷ୍ପତ୍ତି ନିଅନ୍ତୁ। ସେହିପରି ସମସ୍ତଙ୍କ ପରାମର୍ଶ ନେଇ ଖାଦ୍ୟର ମେନୁ ସିଲେକ୍ଟ କରନ୍ତୁ। ଏହା ବ୍ୟତୀତ ବ୍ୟାନର, ଡେକୋରେଶନ୍ କିମ୍ବା ଅନ୍ୟାନ୍ୟ ବିଷୟରେ ପୂର୍ବରୁ ପ୍ଲାନିଂ କରନ୍ତୁ। ସର୍ବୋପରି କେତେଜଣ ଅଂଶଗ୍ରହଣ କରିବେ ଏବଂ ସମସ୍ତ ଫିଷ୍ଟ ପାଇଁ କେତେ ଟଙ୍କା ଖର୍ଚ୍ଚ ହେବ, ତାହାର ଏକ ବଜେଟ ପ୍ରସ୍ତୁତ କରି କିଛି ଦିନ ପୂର୍ବରୁ କଲେକ୍ଟ କରନ୍ତୁ । ଏହାଦ୍ୱାରା ଆପଣଙ୍କ କାର୍ଯ୍ୟକ୍ରମ ସୁରୁଖୁରୁରେ ହୋଇପାରିବ।

**ଶେୟାର କରନ୍ତୁ ଅନୁଭୂତି:** ଦୀର୍ଘଦିନ ପରେ ସାଙ୍ଗସାଥୀ ସହ ଏକାଠି ଦେଖାହେଲେ ସଭିଏଁ କଥାବାର୍ତ୍ତାରେ ଏତେ ମସ୍‌ଗୁଲ୍ ହୋଇଯାଆନ୍ତି ଯେ, ସମୟ କେତେବେଳେ ଚାଲିଯାଏ ଜଣାପଡ଼େନି। ତଥାପି ଏହା ମଧ୍ୟରେ ଏକରୁ ଦୁଇ ଘଣ୍ଟା ସମସ୍ତଙ୍କୁ ଅନୁଭୂତି କହିବାର ସୁଯୋଗ ଦିଅନ୍ତୁ, ଦେଖିବେ ଏହାଦ୍ୱାରା ଆପଣଙ୍କ କାର୍ଯ୍ୟକ୍ରମ ଆହୁରି ଆନନ୍ଦଦାୟକ ହୋଇପାରିବ।

**ଏଭଳି କରନ୍ତୁ ମଜା:** ବନ୍ଧୁମିଳନର ସୁଯୋଗ ସବୁବେଳେ ମିଳି ନ ଥାଏ। ତେଣୁ ଏହି ଅବସରକୁ ଅଧିକରୁ ଅଧିକ ମଜାଦାର ଏବଂ ଅଭୁଲା କରିବା ପାଇଁ ଆପଣ ଡ୍ରେସ୍‌କୋଡ୍ ବ୍ୟବସ୍ଥା କରିପାରିବେ। ସମସ୍ତେ ରାଜି ହେଲେ କିଛି ମେସେଜ୍ ଥିବା ଅବା ଟି–ଶାର୍ଟ କରି ପିନ୍ଧିପାରିବେ। ଅନ୍ତାକ୍ଷରୀ, ମ୍ୟୁଜିକ୍ ଚେୟାର କିମ୍ବା ଅନ୍ୟ କୌଣସି ଗେମ୍ ବ୍ୟବସ୍ଥା କରିପାରିଲେ ମଧ୍ୟ ଏହା ବେଶି ସ୍ମରଣୀୟ ହୋଇପାରିବ। ଏହା ସହ ନାଚଗୀତର ବ୍ୟବସ୍ଥା କଲେ ବେଶ୍ ମଜା ଲାଗିବ। ପୁରୁଣା ଦିନର ଫଟୋ ସଂଗ୍ରହ କରି ଏକ ଭିଡିଓ ଡିସ୍‌ପ୍ଲେ କରିପାରିବେ ଏବଂ ସେଥିରେ ଏଭଳି ଗୀତ ଦିଅନ୍ତୁ, ଯେପରି ପୁରୁଣା ଦିନର ସ୍ମୃତି ସତେଜ ହୋଇ ଉଠିବ।

**ଫଟୋ ଏବଂ ଭିଡିଓ:** ଯଦିଓ ବର୍ତ୍ତମାନ ସମସ୍ତଙ୍କ ପାଖରେ ମୋବାଇଲ୍ ଫୋନ୍ ଥିବାରୁ ଫଟୋ ଏବଂ ଭିଡିଓ କରିବା ସୁବିଧା ହୋଇଯାଇଛି ଏବଂ ସଭିଏଁ ସୋସିଆଲ୍ ମିଡିଆରେ ପୋଷ୍ଟ କରୁଛନ୍ତି, ତଥାପି କୌଣସି ଫଟୋଗ୍ରାଫରଙ୍କୁ ଡକାଇ ସାଙ୍ଗମାନଙ୍କ ସହ ବିତେଇଥିବା ପ୍ରତ୍ୟେକ ଖୁସି ମୁହୂର୍ତ୍ତର ଫଟୋ ଉଠାଇପାରିଲେ ସଭିଙ୍କ ପାଇଁ ସବୁ ଫଟୋ ପାଇବାରେ ସୁବିଧା ହେବ, ଯାହାକି ସବୁଦିନ ପାଇଁ ଅଭୁଲା ହୋଇ ରହିବ।

## ଏମାନେ କ'ଣ କୁହନ୍ତି

### ପୁରୁଣା ବନ୍ଧୁମାନଙ୍କୁ ଭେଟିବାର ଅନୁଭୂତି ନିଆରା



**ସୁକାନ୍ତି ସେନାପତି** (ଶିକ୍ଷୟିତ୍ରୀ, ଫୁଲନଖରା, କଟକ)– ଦୀର୍ଘ ୨୪ ବର୍ଷ ପରେ ପ୍ରଥମ ଥର ଲାଗି ଏକ ବ୍ୟାଚ୍‌ଫିଷ୍ଟର ଆୟୋଜନ କରିଥିଲୁ। ସ୍କୁଲ ପାଠପଢ଼ା ସାରିବା ପରେ ଆମ ବ୍ୟାଚ୍‌ର ସବୁ ସାଙ୍ଗ କେବେ ଏକାଠି ଭେଟି ପାରି ନ ଥିଲୁ। ଏଥିପାଇଁ ଯଥେଷ୍ଟ ପ୍ରିପ୍ଲାନିଂ କରିବା ସହ ପରସ୍ପରକୁ ଯୋଗାଯୋଗ କରି ଓଡ଼ିଶା ଭିତରେ ଏବଂ ବାହାରେ ରହୁଥିବା ସବୁ ସାଙ୍ଗ ଏକାଠି ହୋଇଥିଲୁ। ଏତେ ବର୍ଷ ପରେ ସମସ୍ତଙ୍କୁ ଭେଟିବା, କଥାବାର୍ତ୍ତା ହେବା ଏବଂ ଭୋଜି କରି ଖାଇବାର ଅନୁଭୂତି ଥିଲା ସମ୍ପୂର୍ଣ୍ଣ ନିଆରା। ସେହି ୩–୪ ଘଣ୍ଟା ସମୟରେ ଆମେ ଯେମିତି ପୁଣି ଫେରିଯାଇଥିଲୁ ସେହି ପୁରୁଣା ସ୍କୁଲ୍ ଦିନକୁ ଆଉ ମନରେ ଏକ ଅଦ୍ଭୁତ ଆନନ୍ଦ ଭରିଯାଇଥିଲା। ଶିକ୍ଷୟିତ୍ରୀ– ଶିକ୍ଷକମାନଙ୍କୁ ଭେଟି ମଧ୍ୟ ବେଶ୍ ଖୁସି ମିଳିଥିଲା।

### ସ୍ମୃତି ସାଉଁଟିବାର ବଳିଷ୍ଠ ମାଧ୍ୟମ



**ସିଦ୍ଧାନ୍ତ କୁମାର ମହାରଣା**(କର୍ମଜୀବୀ, ଭୁବନେଶ୍ୱର)– ସଫଳତା ପାଇବା ପାଇଁ ସମୟ ସୁଅରେ ଆଗେଇ ଯାଉ ଯାଉ କେବେ ପଛକୁ ଦେଖିଲେ ମନେ ପଡେ ଅନେକ ଅଭୁଲା ସ୍ମୃତି। ସ୍କୁଲ ଓ କଲେଜ ବେଳର ସାଙ୍ଗସାଥିଙ୍କ ମେଳରେ ବିତାଇ ଥିବା ପ୍ରତ୍ୟେକ ସମୟକୁ ପୁଣି ବଞ୍ଚିବାକୁ ଇଛା ହୁଏ। ସେହିସବୁ ଅନୁଭୂତିକୁ ସତେଜ କରିବା ଲାଗି ଗତ ଡିସେମ୍ବରରେ ପୁରାତନ ଛାତ୍ରୀଛାତ୍ରମାନଙ୍କୁ ନେଇ କଲେଜରେ ଏକ ଆଲୁମ୍ନି ମିଟ୍ ଆୟୋଜନ କରିଥିଲୁ। ଯଦିଓ ସମସ୍ତଙ୍କୁ ଯୋଗାଯୋଗ କରି ଏକାଠି କରାଇବା କଷ୍ଟକର ଥିଲା ହେଲେ ସମସ୍ତଙ୍କ ସହ ମିଶି ପୁରୁଣା ସ୍ମୃତି ସାଉଁଟିବାର ଆନନ୍ଦ ସେ କଷ୍ଟକୁ ଲାଘବ କରି ଦେଇଥିଲା। ନିଜ ବନ୍ଧୁଙ୍କ ସହ ଭେଟିବା ଓ ବଡ ଭଉଣୀଭାଇମାନଙ୍କ ସଫଳତାରେ ଅନୁପ୍ରାଣିତ ହେବା ଏହି ମିଟ୍‌ର ଉଦ୍ଦେଶ୍ୟ ଥିଲା। ସତ କହିବାକୁ ଗଲେ ନିଜ କର୍ମମୟ ଜୀବନରୁ କିଛି ସମୟ ବାହାର କରି ସଭିଙ୍କ ସହ ଏକାଠି ହେବା ଦ୍ୱାରା ମାନସିକ ସ୍ତରରେ ଏକ ସତେଜତା ଭରିଦେଇଥିଲା।

## ଜାଣନ୍ତୁ ଦୁନିଆ

# ଅଜବ ସାପ

ପୃଥିବୀରେ ସମୁଦାୟ ୩୦୦୦ରୁ ଊର୍ଦ୍ଧ୍ୱ ପ୍ରଜାତିର ସାପ ଦେଖାଯାଆନ୍ତି। କିଏ ବଡ଼ ତ କିଏ ଛୋଟ, କିଏ ଆଦୌ ବିଷାକ୍ତ ନୁହେଁ ତ କିଏ ଅତ୍ୟନ୍ତ ବିଷାକ୍ତ ଆଉ ପୁଣି କିଏ ରଙ୍ଗବେରଙ୍ଗ। ତେବେ ଜାଣିବା କେତେକ ଅଜବ ସାପ ସମ୍ପର୍କରେ...



**୧– ଟେଣ୍ଟାକିଲ୍ଡ ସ୍ନେକ୍:** ଦକ୍ଷିଣ–ପୂର୍ବ ଏସିଆରେ ଦେଖାଯାଉଥିବା ଏହି ଅଜବ ସାପଟିର ମୁଣ୍ଡରେ ଦୁଇଟି ଶିଙ୍ଗ ସଦୃଶ (ଟେଣ୍ଟାକିଲ୍) ଅଂଶ ରହିଛି। ସେଥିପାଇଁ ଏହାର ନାମ ଏପରି କରାଯାଇଛି। ଏହି ଟେଣ୍ଟାକିଲ୍ ତାକୁ ଏକ ଆଣ୍ଟିନା ଭଳି ଖାଦ୍ୟ ସଂଗ୍ରହରେ ବେଶ୍ ସାହାଯ୍ୟ କରିଥାଏ। ଏହି ସାପ ମୁଖ୍ୟତଃ ପାଣି ଭିତରେ ରହିବାକୁ ପସନ୍ଦ କରିଥାଏ। ଏହା ଏକା ସମୟରେ ୩୦ ମିନିଟ୍ ପର୍ଯ୍ୟନ୍ତ ନିଃଶ୍ୱାସ ରୋକିପାରେ। ଏହା ମାଟି ଉପରେ ଖୁବ୍ ଧୀରେ ଚାଲିପାରେ। ଏହି ସାପ ବିଷାକ୍ତ ହୋଇଥିଲେ ସୁଦ୍ଧା ମଣିଷ ପାଇଁ ବିପଦପୂର୍ଣ୍ଣ ନୁହେଁ।

**୨. ଫ୍ଲାଇଂ ସ୍ନେକ୍ :** ସାପ ପୁଣି ଉଡ଼ିପାରେ, ଏକଥା ଶୁଣିଲେ ଆଶ୍ଚର୍ଯ୍ୟ ଲାଗିପାରେ। ହେଲେ ଉଡ଼ନ୍ତା ସାପ ; ଏପରି ନାମକରଣ କରାଯିବା ପଛରେ ରହିଛି ଏକ କାରଣ। ଏହି ସାପ ଗଛଡାଳରୁ ଡାଳ ଏତେ କ୍ଷିପ୍ର ଗତିରେ ଖସି ଖସି ଯାଇଥାଏ ଏବଂ କେବେକେବେ ଖୁବ୍ ଜୋରରେ ଲମ୍ଫ ପ୍ରଦାନ କରିଥାଏ, ଯାହାକୁ ଦେଖିଲେ ତାହା ଉଡୁଥିବାର ଭ୍ରମ ସୃଷ୍ଟି କରେ। ଏହି ସାପ ପେଟର ମାଂସପେଶୀ ସାହାଯ୍ୟରେ ଖୁବ୍‌ଶୀଘ୍ର ଗଛ ଚଢ଼ିଥାଏ ଏବଂ ଅନ୍ୟ ଗଛକୁ ଡେଇଁଥାଏ। ଏହି ସାପ ଦକ୍ଷିଣ ଏସିଆ ଏବଂ ଇଣ୍ଡୋନେସିଆରେ ଦେଖାଯାଇଥା'ନ୍ତି।

**୩. ସ୍ପାଇନୀ ବୁଶ୍ ଭାଇପର:** ଏହି ସାପକୁ ଛୋଟ ଡ୍ରାଗନ ବୋଲି ମଧ୍ୟ କେହି କେହି କହିଥା'ନ୍ତି। କାରଣ ଏହା ପିଠିରେ ଥିବା କାତିଗୁଡ଼ିକ କଣ୍ଟା ପରି। ଏହି ସାପ ବିଷାକ୍ତ ହୋଇଥିବା ବେଳେ ଏହାର ବିଭିନ୍ନ ପ୍ରକାରର ରଙ୍ଗ ରହିଛି। ଏହା ସାଧାରଣତଃ ମଧ୍ୟ ଆଫ୍ରିକାରେ ଦେଖାଯାଆନ୍ତି।



# ଭାରତ ୨୪, ନ୍ୟୁଜିଲାଣ୍ଡ ୧୫, ଡ୍ର ୫

ଭୁବନେଶ୍ୱର, ୨୧।୧ (କ୍ରୀଡ଼ା ପ୍ରତିନିଧି)

ଚଳିତ ହକି ବିଶ୍ୱକପର ଲିଗ୍ ପର୍ଯ୍ୟାୟ ପରେ ଆସିଛି ଗୁରୁତ୍ୱପୂର୍ଣ୍ଣ ନକ୍ଆଉଟର ରୋମାଞ୍ଚ। ୪ଟି ଦଳ ସିଧାସଳଖ କ୍ୱାର୍ଟର ଫାଇନାଲ ଯୋଗ୍ୟତା ପାଇଥିବାବେଳେ କ୍ରସ୍ ଓଭର ମ୍ୟାଚ ମାଧ୍ୟମରେ ଅନ୍ୟ ୪ଟି ସ୍ଥାନ ପୂରଣ ହେବ। ତେଣୁ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିବା ଅଷ୍ଟ୍ରେଲିଆ, ବେଲ୍ଜିୟମ, ନେଦରଲାଣ୍ଡ୍ସ ଓ ଇଂଲଣ୍ଡକୁ କେଉଁ ଦଳ ଭେଟିବ ତାହା କ୍ରସ୍ ଓଭର ମ୍ୟାଚରୁ ଚୂଡ଼ାନ୍ତ ହେବ। ଭାରତ ସିଧାସଳଖ କ୍ୱାର୍ଟର ଫାଇନାଲ ଯୋଗ୍ୟତା ପାଇ ନ ଥିବାରୁ କ୍ରସ୍ ଓଭର ମଧ୍ୟ ଦେଇ ଆଗେଇବାକୁ ପଡ଼ିବ। ଏହି କ୍ରମ୍‌ରେ ପୁଲ୍ ଡି'ର ଦ୍ୱିତୀୟ ଦଳ ଭାରତର ପ୍ରତିଦ୍ୱନ୍ଦ୍ୱୀ ହେଉଛି ପୁଲ୍ ସି'ର ତୃତୀୟ ଦଳ ନ୍ୟୁଜିଲାଣ୍ଡ। ନ୍ୟୁଜିଲାଣ୍ଡକୁ ହରାଇ ପାରିଲେ ଭାରତ କ୍ୱାର୍ଟର ଫାଇନାଲରେ ଗତଥରର ଚାମ୍ପିୟନ ବେଲଜିୟମ ସହିତ ମୁକାବିଲା କରିବ। ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଏପର୍ଯ୍ୟନ୍ତ ମୋଟ ୪୪ଟି ମ୍ୟାଚ ଅନୁଷ୍ଠିତ ହୋଇଛି। ଏଥିରୁ ଭାରତ ୨୪ଟି ଜିତିଥିବାବେଳେ ନ୍ୟୁଜିଲାଣ୍ଡ ୧୫ଟିରେ ବିଜୟୀ ହୋଇଛି। ଅବଶିଷ୍ଟ ୫ଟି ମ୍ୟାଚ ଡ୍ର ରହିଛି। ତେଣୁ ରେକର୍ଡ ଅନୁସାରେ ନ୍ୟୁଜିଲାଣ୍ଡ ବିପକ୍ଷରେ ଭାରତର ପଲା ଭାରି ରହିଛି। ତେବେ ଆଗକୁ ବଢ଼ିବାକୁ ହେଲେ ଘରୋଇ ଦଳକୁ ନିର୍ଦ୍ଦିଷ୍ଟ ଦିବସରେ ଶ୍ରେଷ୍ଠ ପ୍ରଦର୍ଶନ ଦେବାକୁ ପଡ଼ିବ।

## ଭାରତ-ନ୍ୟୁଜିଲାଣ୍ଡ ହକି ଇତିହାସ

## ସମ୍ପର୍କ ବହୁ ପୁରୁଣା

ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ହକି ସମ୍ପର୍କ ବହୁ ପୁରୁଣା। ୧୯୬୦ରେ ଇଟାଲିର ରୋମରେ ଅନୁଷ୍ଠିତ ଅଲିମ୍ପିକ୍ସରେ ଦୁଇ ଦଳ ମଧ୍ୟରେ ପ୍ରଥମଥର ମୁକାବିଲା ହୋଇଥିଲା। ଏଥିରେ ଭାରତ ୩-୦ ଗୋଲରେ ବିଜୟୀ ହୋଇଥିଲା। ପରେ ୧୯୬୮ ଅଲିମ୍ପିକ୍ସରେ ହୋଇଥିବା ଦ୍ୱିତୀୟ ମୁକାବିଲାରେ କିନ୍ତୁ ନ୍ୟୁଜିଲାଣ୍ଡ ୨-୧ ଗୋଲରେ ବିଜୟୀ ହୋଇ ପରାଜୟର ପ୍ରତିଶୋଧ ନେଇଥିଲା। ୧୯୭୨ ଅଲିମ୍ପିକ୍ସରେ ପୁଣି ଭାରତ ୩-୨ ଗୋଲରେ ନ୍ୟୁଜିଲାଣ୍ଡକୁ ହରାଇ ଦେଇଥିଲା। ୩ଟି ଅଲିମ୍ପିକ୍ସରେ ଭେଟ ହେବାପରେ ଭାରତ ଓ ନ୍ୟୁଜିଲାଣ୍ଡ ଏକ ବିଶ୍ୱକପରେ ପରସ୍ପରର ମୁକାବିଲା କରିଥିଲେ। ୧୯୭୩ରେ ଏହି ଧାରା ଆରମ୍ଭ ହୋଇଥିଲା। ତେବେ ମ୍ୟାଚଟି ସଂଘର୍ଷପୂର୍ଣ୍ଣ ଭାବେ ୧-୧ ଗୋଲରେ ଡ୍ର ରହିଥିଲା। ୧୯୮୨ ବିଶ୍ୱକପରେ ରପବର୍ତ୍ତୀ ମୁକାବିଲାରେ କିନ୍ତୁ ଭାରତ ୩-୨ ଗୋଲରେ ବିଜୟୀ ହୋଇଥିଲା। କେବଳ ବିଶ୍ୱକପର ପ୍ରଦର୍ଶନକୁ ଦେଖିଲେ ୧୯୮୬ରେ ନ୍ୟୁଜିଲାଣ୍ଡ ୨-୧ରେ ବିଜୟୀ ହୋଇଥିବାବେଳେ ୧୯୯୮ରେ ୨ ଥର ଭେଟରେ ଭାରତ ୧-୦ ଲେଖାଏ ଗୋଲରେ ବିଜୟ ହାସଲ କରିଥିଲା। ଏହା ପୂର୍ବରୁ ୨୦୦୨ ବିଶ୍ୱକପରେ ହୋଇଥିବା ମୁକାବିଲାରେ ନ୍ୟୁଜିଲାଣ୍ଡ ୨-୧ରେ ବାଜି ମାରିଥିଲା। ନିକଟ ଅତୀତର ପ୍ରଦର୍ଶନକୁ ଯଦି ଦେଖାଯାଏ ତେବେ ଉଭୟ ଦଳ ୨୦୨୨ ଅକ୍ଟୋବର ୨୨ ଓ ନଭେମ୍ବର ୪ରେ ପ୍ରୋ-ଲିଗ୍ ମ୍ୟାଚରେ ପରସ୍ପରକୁ ଭେଟିଥିଲେ। ୨ଟି ଯାକ ମ୍ୟାଚରେ ଭାରତ ଯଥାକ୍ରମେ ୪-୩ ଓ ୭-୪ ଗୋଲରେ ବିଜୟୀ ହୋଇଥିଲା। ୨୦୨୧ରେ ଥରେ ଅଲିମ୍ପିକ୍ସରେ ପରସ୍ପର ଭେଟ ହୋଇଥିଲା। ଏଥିରେ ମଧ୍ୟ ଭାରତ ୩-୨ ଗୋଲରେ ବିଜୟୀ ହୋଇଥିଲା। ତେଣୁ ଆଗାମୀ ମ୍ୟାଚ ପାଇଁ ନ୍ୟୁଜିଲାଣ୍ଡ ବିପକ୍ଷରେ ଭାରତ ଫେଭରାଇଟ ରହିବ।



କଳିଙ୍ଗ ଷ୍ଟାଡିୟମରେ ଶନିବାର ଭାରତୀୟ ହକି ଦଳର ଅଭ୍ୟାସ।

# ଗୋଲ ସ୍କୋରିଂରେ ହୋଇପାରେ ରେକର୍ଡ

**୬ ଗୋଲ:** ଭିକ୍ଟର ଚାର୍ଲେଟ
**୫ ଗୋଲ:** ବ୍ଲେକ ଗୋଭର୍ସ, ଜେରେମି ହେୱାର୍ଡ, ଟମ୍ ବୁନ୍, ଥିଏରୀ ବ୍ରିଙ୍କମାନ, ଜିପ୍ ଜାନସେନ



ଭିକ୍ଟର ଚାର୍ଲେଟ

**ଭୁବନେଶ୍ୱର, ୨୧।୧ (କ୍ରୀଡ଼ା ପ୍ରତିନିଧି):** ଚଳିତ ହକି ବିଶ୍ୱକପରେ ଏପର୍ଯ୍ୟନ୍ତ ୨୪ଟି ପୁଲ୍ ମ୍ୟାଚ ଅନୁଷ୍ଠିତ ହୋଇ ଯାଇଛି। ଏହା ମଧ୍ୟରେ ୫.୪୨ ହାରରେ ୧୩୦ଟି ଗୋଲ ସ୍କୋର ହୋଇଛି। ଏହା ମଧ୍ୟରେ ଫିଲ୍ଡ ଗୋଲ ୮୦, ପେନାଲ୍ଟି କର୍ନର ଗୋଲ ୪୩ ଓ ପେନାଲ୍ଟି ଷ୍ଟ୍ରୋକ୍ ଗୋଲ ୭ ରହିଛି। ପ୍ରତିଯୋଗିତାରେ ଆହୁରି ୨୦ଟି ମ୍ୟାଚ ଖେଳାଯିବାକୁ ବାକିଅଛି। ଯଦି ଏପରି ଗୋଲ ସ୍କୋରିଂ ଧାରା ଜାରିରହେ ତେବେ ଏହା ସର୍ବାଧିକ ଗୋଲ ସ୍କୋରିଂ ବିଶିଷ୍ଟ ବିଶ୍ୱକପ ହେବାର ସମ୍ଭାବନା ରହିଛି। ଟାଇଟଲ ଦାବିଦାର ନେଦରଲାଣ୍ଡ୍ସ ଦଳ ୩ ମ୍ୟାଚରୁ ସର୍ବାଧିକ ୨୨, ଅଷ୍ଟ୍ରେଲିଆ ୨୦ ଓ ବେଲଜିୟମ ୧୪ ଗୋଲ ଦେଇ ଶୀର୍ଷ ୩ ସ୍ଥାନରେ ରହିଛନ୍ତି। ନେଦରଲାଣ୍ଡ୍ସ ଓ ଅଷ୍ଟ୍ରେଲିଆ ପେନାଲ୍ଟି କର୍ନରରୁ ସର୍ବାଧିକ ୭ଟି ଲେଖାଏ ଗୋଲ ଦେଇଛନ୍ତି। ଫ୍ରାନ୍ସର ଭିକ୍ଟର ଚାର୍ଲେଟ ୬ ଗୋଲ ଦେଇ ଟପ୍ ସ୍କୋରର ଅଛନ୍ତି। ଅଷ୍ଟ୍ରେଲିଆର ବ୍ଲେକ ଗୋଭର୍ସ, ଜେରେମି ହେୱାର୍ଡ, ବେଲଜିୟମର ଟମ୍ ବୁନ୍, ନେଦରଲାଣ୍ଡ୍ସର ଥିଏରୀ ବ୍ରିଙ୍କମାନ ଓ ଜିପ୍ ଜାନସେନ ୫ଟି ଲେଖାଏ ଗୋଲ ଦେଇ ମିଳିତଭାବେ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ୨୦୦୨ରେ ଜର୍ମାନୀରେ ଅନୁଷ୍ଠିତ ବିଶ୍ୱକପରେ ୭୨ ମ୍ୟାଚରୁ ୩୦୦ ଗୋଲ ସ୍କୋର ହୋଇଥିଲା। ମ୍ୟାଚପିଛା ଗୋଲ ଆଭରେଜଥିଲା ୪.୧୭। ତେବେ ଏହି ବିଶ୍ୱକପ ଭିନ୍ନ ଫର୍ମାଟରେ ଖେଳାଯାଇଥିଲା। ଭାଗ ନେଇଥିବା ୧୬ଟି ଦଳକୁ ୨ଟି ଗ୍ରୁପ୍‌ରେ ବିଭକ୍ତ କରାଯାଇଥିଲା। ପ୍ରତି ପୁଲ୍‌ର ଶୀର୍ଷ ୨ଟି ଲେଖାଏ ଦଳ ସେମିଫାଇନାଲରେ ପ୍ରବେଶ କରିଥିଲେ। ଭୁବନେଶ୍ୱରରେ ଅନୁଷ୍ଠିତ ୨୦୧୮ ବିଶ୍ୱକପରେ ମୋଟ ୩୬ଟି ମ୍ୟାଚ ଖେଳାଯାଇଥିଲା। ଏଥିରେ ୧୫୭ଟି ଗୋଲ ସ୍କୋର ହୋଇଥିଲା। ୧୯୮୨ରେ ମୁମ୍ବାଇରେ ଅନୁଷ୍ଠିତ ବିଶ୍ୱକପ ମଧ୍ୟ ହାଇସ୍କୋରିଂ ବିଶିଷ୍ଟ ଥିଲା। ୧୨ ଦଳ ବିଶିଷ୍ଟ ପ୍ରତିଯୋଗିତାରେ ମୋଟ ୪୨ଟି ମ୍ୟାଚ ଖେଳାଯାଇଥିଲା ଏବଂ ୨୧୬ଟି ଗୋଲ ହୋଇଥିଲା। ଆଭରେଜ ଥିଲା ୫.୧୪। ଚଳିତ ସଂସ୍କରଣରେ ଅନ୍ୟ ଦଳ ଗୁଡ଼ିକ ତୁଳନାରେ ଭାରତ ବହୁ ପଛରେ ପଡ଼ିଛି। ୩ ମ୍ୟାଚରୁ ଦଳ ମାତ୍ର ୬ଟି ଗୋଲ ସ୍କୋର କରିପାରିଛି। ଏହା ମଧ୍ୟରେ ୩ଟି ଲେଖାଏ ଫିଲ୍ଡ ଓ ପେନାଲ୍ଟି କର୍ନର ଗୋଲ ସାମିଲ। ଆକାଶଦୀପ ସିଂ ସର୍ବାଧିକ ୨ଟି ଗୋଲ ଦେଇଛନ୍ତି। ଅମିତ ରୋହିଦାସ, ହରମନପ୍ରୀତ ସିଂ, ହାର୍ଦ୍ଦିକ ସିଂ ଓ ଶମଶେର ସିଂ ଗୋଟିଏ ଲେଖାଏ ଗୋଲ ଦେବାରେ ସକ୍ଷମ ହୋଇଛନ୍ତି। ପ୍ରତିଯୋଗିତାରେ ଏପର୍ଯ୍ୟନ୍ତ ୪୪ ଖେଳାଳି ଗ୍ରୀନ୍ କାର୍ଡ ଏବଂ ୧୫ ଜଣ ୟେଲୋ କାର୍ଡ ପାଇଛନ୍ତି।

**ହକି ବିଶ୍ୱକପ୍**
(ଆଜିର ମ୍ୟାଚ)
**ମାଲେସିଆ ବନାମ ସ୍ପେନ୍**
ସମୟ: ଅପରାହ୍ନ ୪ଟା ୩୦
**ଭାରତ ବନାମ ନ୍ୟୁଜିଲାଣ୍ଡ**
ସମୟ: ରାତି ୭ଟା
ସ୍ଥାନ: କଳିଙ୍ଗ ଷ୍ଟାଡିୟମ

# ବିଶ୍ୱକପ୍‌ରୁ ବାଦ୍ ପଡ଼ିଲେ ହାର୍ଦ୍ଦିକ

**ଭୁବନେଶ୍ୱର, ୨୧।୧ (ସ୍ପୋର୍ଟ୍ସ ବ୍ୟୁରୋ)** ହକି ବିଶ୍ୱକପ୍‌ରେ ଭାରତକୁ ଲାଗିଛି ବଡ଼ ଝଟକା। ଶନିବାର ଭାରତର ଆଟାକିଂ ମିଡ୍‌ଫିଲ୍ଡର ହାର୍ଦ୍ଦିକ୍ ସିଂ ଆହତ ହୋଇ ବିଶ୍ୱକପ୍‌ରୁ ବାଦ୍ ପଡ଼ିଛନ୍ତି। ରବିବାର ଇଂଲଣ୍ଡ ବିପକ୍ଷ ଗୋଲଶୂନ୍ୟ ମ୍ୟାଚ୍‌ର ଚତୁର୍ଥ କ୍ୱାର୍ଟରରେ ହାର୍ଦ୍ଦିକଙ୍କ ମାଂସପେଶୀ ଟାଣି ହୋଇ ଯାଇଥିଲା। ପ୍ରଥମେ ସେ ୱେଲ୍ସ ବିପକ୍ଷ ମ୍ୟାଚ୍‌ରୁ ବାଦ୍ ପଡ଼ିଥିଲେ। ମାତ୍ର ସ୍କାନିଂ ପରେ ସେ ସମ୍ପୂର୍ଣ୍ଣ ଟୁର୍ନାମେଣ୍ଟରୁ ବାଦ୍ ପଡ଼ିଛନ୍ତି। ରବିବାର ନ୍ୟୁଜିଲାଣ୍ଡ ବିପକ୍ଷ ଗୁରୁତ୍ୱପୂର୍ଣ୍ଣ କ୍ରସ ଓଭର ମ୍ୟାଚ ରହିଛି। ଏହା ପୂର୍ବରୁ ହାର୍ଦ୍ଦିକ ବାଦ୍ ପଡିଥିବା ବେଳେ ରାଜକୁମାର ପାଲଙ୍କୁ ବଦଳ ଖେଳାଳି ଭାବରେ ସାମିଲ କରାଯାଇଛି। ଏଫ୍‌ଆଇଏଚ୍ ନିୟମ ଅନୁସାରେ ଯଦି ଜଣେ ଖେଳାଳିଙ୍କ ସ୍ଥାନରେ ଅନ୍ୟ ଖେଳାଳିଙ୍କୁ ସାମିଲ କରାଯାଉଛି ତେବେ ପରେ ସେ ସୁସ୍ଥ ହେଲେ ମଧ୍ୟ ମ୍ୟାଚ୍ ଖେଳିବାକୁ ଦଳରେ ସାମିଲ ହୋଇପାରିବେନାହିଁ। ଭାରତୀୟ ଦଳର ମୁଖ୍ୟ କୋଚ୍ ଗ୍ରାହାମ ରିଡ୍ ହାର୍ଦ୍ଦିକଙ୍କ ସମ୍ପର୍କରେ ସୂଚନା ଦେଇଛନ୍ତି। ଦଳ ରାତାରାତି ଏହି ପରିବର୍ତ୍ତନ ସହିତ ଖାପ ଖୁଆଇବାକୁ ପ୍ରୟାସ କରିବ। ଆଘାତ ସମସ୍ୟା ଏତେଟା ଜଟିଳ ହୋଇନଥିଲେ ମଧ୍ୟ ଦଳ ପାଖରେ ସମୟ ନାହିଁ ବୋଲି କହିଛନ୍ତି ରିଡ୍। କେବଳ ଦଳ ପାଇଁ ନୁହେଁ ଏହା ହାର୍ଦ୍ଦିକଙ୍କ ପାଇଁ ମଧ୍ୟ ନିରାଶାଜନକ ଖବର। ଉଭୟ ସ୍ପେନ୍ ଓ ଇଂଲଣ୍ଡ ବିପକ୍ଷ ମ୍ୟାଚ୍‌ରେ ହାର୍ଦ୍ଦିକଙ୍କ ପ୍ରଦର୍ଶନ ବେଶ୍ ଉଚ୍ଚକୋଟୀର ରହିଥିଲା। ସ୍ପେନ୍ ବିପକ୍ଷରେ ଭାରତର ୨-୦ ବିଜୟରେ ହାର୍ଦ୍ଦିକ ଚମତ୍କାର ପ୍ରଦର୍ଶନ ସହିତ ଗୋଟିଏ ଗୋଲ ସ୍କୋର କରିଥିଲେ। ତେବେ ରାଜକୁମାରଙ୍କ ପରି ଖେଳାଳି ଦଳ ସହିତ ଯୋଗ ଦେଇଥିବାରୁ ଏହା ଆମ ପାଇଁ ଖୁସିର ଖବର ବୋଲି କହିଛନ୍ତି ରିଡ୍। ପୁଲ୍ ଡିରେ ଭାରତ ପଏଣ୍ଟ ଟେବଲରେ ଦ୍ୱିତୀୟ ସ୍ଥାନରେ ରହିବା କାରଣରୁ ଭାରତ କ୍ରସ୍ ବେଳେ କ୍ରସ୍ ଓଭର ମ୍ୟାଚ ଖେଳିବ।



# ଆମ ଉପରେ ଚାପ ରହିବ: ରିଡ୍

ଭୁବନେଶ୍ୱର, ୨୧।୧ (କ୍ରୀଡ଼ା ପ୍ରତିନିଧି)

ହକି ବିଶ୍ୱକପର କ୍ରସ୍ ଓଭରରେ ଭାରତ ରବିବାର ନ୍ୟୁଜିଲାଣ୍ଡକୁ ଭେଟିବ। ବିଶ୍ୱ ର୍‍ୟାଙ୍କିଂରେ ଭାରତ ୬ ଓ ନ୍ୟୁଜିଲାଣ୍ଡ ୧୨ ନମ୍ବରରେ ରହିଛି। ଭାରତ ଘରୋଇ ପରିବେଶରେ ବିଶ୍ୱକପ ଖେଳୁଥିବାବେଳେ ନ୍ୟୁଜିଲାଣ୍ଡ ବାହାର ପରିବେଶରେ ଶ୍ରେଷ୍ଠ ପ୍ରଦର୍ଶନପାଇଁ ପ୍ରତିଶ୍ରୁତିବଦ୍ଧ। ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଯେଉଁ ଦଳ ବିଜୟୀ ହେବ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିବ। ତେଣୁ ଏହି ମ୍ୟାଚପାଇଁ ନ୍ୟୁଜିଲାଣ୍ଡ ଅପେକ୍ଷା ଭାରତ ଉପରେ ଚାପ ରହିବ। ଏହା ସ୍ୱୀକାର କରିଛନ୍ତି ଭାରତୀୟ ଦଳର ମୁଖ୍ୟ କୋଚ୍ ଗ୍ରାହାମ ରିଡ୍। "ନ୍ୟୁଜିଲାଣ୍ଡ ହାରିଲେ ବିଶେଷ କିଛି ହରାଇବାର ନାହିଁ, ମାତ୍ର ଭାରତ ହାରିଲେ ଘରୋଇ ପରିବେଶରେ ଅନେକ କିଛି ହରାଇବ। ତେଣୁ ଆମ ଉପରେ ଚାପ ରହିବ" ବୋଲି ଶନିବାର ଅନୁଷ୍ଠିତ ମ୍ୟାଚ ପୂର୍ବ ଖବରଦାତା ସମ୍ମିଳନୀରେ ରିଡ୍ ପ୍ରକାଶ କରିଛନ୍ତି। ୱେଲ୍ସ ବିପକ୍ଷ ଅନ୍ତିମ ଲିଗ୍ ମ୍ୟାଚରେ ଭାରତ ଦକ୍ଷତା ଅନୁରୂପ ପ୍ରଦର୍ଶନ କରିପାରି ନ ଥିଲା। ମାତ୍ର ଆଗାମୀ ମ୍ୟାଚରେ ଏହାର ପୁନରାବୃତ୍ତି ହେବନାହିଁ ବୋଲି ରିଡ୍ ଆଶା କରିଛନ୍ତି। "ଜଣେ ଅଷ୍ଟ୍ରେଲୀୟ ଭାବେ ମୁଁ ଜାଣିଛି ଯେ ନ୍ୟୁଜିଲାଣ୍ଡ ସବୁବେଳେ ଏକ କଷ୍ଟସାଧ୍ୟ ପ୍ରତିଦ୍ୱନ୍ଦ୍ୱୀ। ଆମେ ଏହି ଦଳକୁ ସମ୍ମାନ କରିବା ଉଚିତ। ମାତ୍ର ଆମେ ଯେଉଁଦିନ ଶ୍ରେଷ୍ଠ ପ୍ରଦର୍ଶନ କରିବୁ ବିଶ୍ୱର ଯେ କୌଣସି ଦଳକୁ ହରାଇ ପାରିବୁ" ବୋଲି ରିଡ୍ କହିଛନ୍ତି।

କିଛି ମାସ ପୂର୍ବରୁ କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ପ୍ରୋ-ଲିଗ୍ ମ୍ୟାଚରେ ଭାରତ ୨ ଥର ନ୍ୟୁଜିଲାଣ୍ଡକୁ ପରାସ୍ତ କରିଥିଲା। ତେଣୁ ଏହି ଅଭିଜ୍ଞତା ଭାରତୀୟ ଖେଳାଳିଙ୍କ କାମରେ ଆସିବ ବୋଲି ରିଡ୍ ଆଶା ରଖିଛନ୍ତି। ଅନ୍ୟପକ୍ଷରେ ପୂର୍ବ ମ୍ୟାଚ ଗୁଡ଼ିକରେ କରିଥିବା ତ୍ରୁଟିରୁ ଦଳ ଅନେକ କିଛି ଶିକ୍ଷା କରିଛି। ଏହାର ଯେପରି ପୁନରାବୃତ୍ତି ନ ହେବ ସେଥିପ୍ରତି ଦୃଷ୍ଟିଦେବୁ। ଏପରିକି ହାଫ୍ ଚାନ୍ସକୁ ଚାନ୍ସରେ ପରିଣତ କରି ଗୋଲ ସ୍କୋର କରିବାକୁ ଚେଷ୍ଟା କରିବୁ ବୋଲି ଅଧିନାୟକ ହରମନପ୍ରୀତ ସିଂ ପ୍ରକାଶ କରିଛନ୍ତି। "ଆମେ ଆରମ୍ଭରୁ ନ୍ୟୁଜିଲାଣ୍ଡ ଉପରେ ଚାପ ପକାଇବାକୁ ଚେଷ୍ଟା କରିବୁ। ଯଦି ଆମେ ତାହା କରିପାରିବୁ ତେବେ ଅଧିକରୁ ଅଧିକ ପେନାଲ୍ଟି କର୍ନର ସୁଯୋଗ ସୃଷ୍ଟି କରିପାରିବୁ। ଫଳରେ ଯଥାଶୀଘ୍ର ଗୋଲ ସ୍କୋର କରିପାରିବୁ" ବୋଲି ହରମନପ୍ରୀତ କହିଛନ୍ତି।




କଳିଙ୍ଗ ଷ୍ଟାଡିୟମ ପରିସରରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଭାରତୀୟ କୋଚ୍ ଗ୍ରାହାମ ରିଡ୍ ଓ ଅଧିନାୟକ ହରମନପ୍ରୀତ ସିଂ।

# ହକି ସୁନ୍ଦରଗଡ଼ର ସ୍ପନ୍ଦନ

ସମୃଦ୍ଧ ଜନଜାତି ପରମ୍ପରା, ନୈସର୍ଗିକ ପ୍ରାକୃତିକ ସୌନ୍ଦର୍ଯ୍ୟ, ଖଣିଜ ସମ୍ପଦରେ ରତ୍ନଗର୍ଭା, ଆଦିମାନବଙ୍କ ଐତିହ୍ୟର ସ୍ୱାକ୍ଷର ବହନ କରୁଥିବା ଓଡ଼ିଶାର ଉପାନ୍ତରେ ଅବସ୍ଥିତ ସୁନ୍ଦରଗଡ଼ ଜିଲା। ଜନଜାତିଙ୍କ ଜିଲା ଭାବେ ସ୍ୱୀକୃତ ସୁନ୍ଦରଗଡ଼ ସମ୍ପ୍ରତି ବିଶ୍ୱ କ୍ରୀଡା ମାନଚିତ୍ରରେ ଏକ ସ୍ୱତନ୍ତ୍ର ଗୌରବର ଅଧିକାରୀ। ପ୍ରାକୃତିକ ପରିବେଶ ମଧ୍ୟରେ ବସବାସ କରୁଥିବା ପ୍ରକୃତିର ଉପାସକ ଜନଜାତି ଗୋଷ୍ଠୀଙ୍କ ସାଂସ୍କୃତିକ ଭାବଧାରା ବେଶ୍ ସମୃଦ୍ଧ। ସରଳ, କର୍ମଠ ଏହି ଜିଲାର ଜନଜାତିଙ୍କ ଜୀବନଶୈଳୀକୁ ଅନୁଧ୍ୟାନ କଲେ ଜଣାଯାଏ ଯେ କ୍ରୀଡ଼ା କ୍ଷେତ୍ରରେ ଏମାନେ ବେଶ୍ ସକ୍ରିୟ। ବିଶେଷତଃ ହକି ଖେଳରେ ଏମାନଙ୍କର ପାରଦର୍ଶିତା ଓ ଦକ୍ଷତା କେବଳ ଜିଲା ମଧ୍ୟରେ ସୀମିତ ନ ରହି ରାଜ୍ୟ, ଦେଶ ଏବଂ ଅନ୍ତର୍ଜାତୀୟ ସ୍ତରରେ ଜିଲାର ମର୍ଯ୍ୟାଦାକୁ ବୃଦ୍ଧି କରିବାରେ ସହାୟକ ହୋଇଛି।

ଭାରତରେ ବ୍ରିଟିଶ ଶାସନ ସହିତ ହକି ଖେଳ ଆରମ୍ଭ ହୋଇଥିବା କୁହାଯାଏ। ଏହା ଏକ ପ୍ରାଚୀନ କ୍ରୀଡ଼ା। ୧୮୫୦ରେ ଭାରତୀୟ ସେନାରେ ଏହି ଖେଳ ପ୍ରଥମେ ପ୍ରବେଶ କରିଥିଲା। ୧୯୨୫ରେ ହକି ଫେଡେରେଶନ ଭାରତରେ ଗଠିତ ହୋଇଥିଲା। ଏହାପରେ ଭାରତ ଅନ୍ତର୍ଜାତୀୟ ହକି ଫେଡେରେଶନର ସଦସ୍ୟତା ପାଇଁ ଆବେଦନ କରିଥିଲା। ସୁନ୍ଦରଗଡ଼ ଜିଲାରେ ବ୍ରିଟିଶ ଶାସନ ସମୟରେ ଖ୍ରୀଷ୍ଟିଆନ ମିଶନାରିଙ୍କ ଆଗମନ ସହିତ ଏହି ଖେଳ ଆରମ୍ଭ ହୋଇଥିବା ଜଣାଯାଏ। ଏହି ଜିଲାର ଅପହଞ୍ଚ ଅଞ୍ଚଳରେ ଖ୍ରୀଷ୍ଟିଆନ ମିଶନାରିମାନେ ପ୍ରବେଶ କରି ଜନଜାତି ସମ୍ପ୍ରଦାୟର ଶୈକ୍ଷିକ ବିକାଶ ସହିତ ସାଂସ୍କୃତିକ ବିକାଶର ପ୍ରଚେଷ୍ଟାର ଫଳସ୍ୱରୂପ ଜନଜାତି ପରମ୍ପରାରେ ପ୍ରବେଶ କରିଥିଲା ହକିଖେଳ। ୧୯୨୫ରୁ ୨୦୨୩ ଏକ ଶତାବ୍ଦୀର ସ୍ୱର୍ଣ୍ଣିମ ଯାତ୍ରା ଅବସରରେ ହକି ଖେଳ ଅନ୍ତର୍ଜାତୀୟ କ୍ରୀଡ଼ା କ୍ଷେତ୍ରରେ, ବିଶ୍ୱ କ୍ରୀଡ଼ା ମହାକୁମ୍ଭ ଅଲିମ୍ପିକ୍ସରେ ବିଜୟର ଉଜ୍ଜ୍ୱଳ କୀର୍ତ୍ତିସ୍ତମ୍ଭ ସ୍ଥାପନ କରି ସ୍ୱାଧୀନ ଭାରତବର୍ଷର ଜାତୀୟ କ୍ରୀଡ଼ା ମର୍ଯ୍ୟାଦାର ଅଧିକାରୀ ହୋଇପାରିଛି।

ଭାରତରେ ହକି ଖେଳର ସ୍ୱର୍ଣ୍ଣିମ ଐତିହ୍ୟକୁ ଅନୁଧ୍ୟାନ କଲେ ଜଣାଯାଏ ଯେ, ୧୯୨୭ରେ ଭାରତ ଅନ୍ତର୍ଜାତୀୟ ହକି ଫେଡେରେଶନର ସଦସ୍ୟତା ଯୋଗ୍ୟତା ହାସଲ ପରେ ପ୍ରଥମ ଅଣୟୁରୋପୀୟ ହକି ଟିମ୍ ଭାବେ ୧୯୨୮ରେ ବିଶ୍ୱକ୍ରୀଡ଼ା ମହାକୁମ୍ଭ ଅଲିମ୍ପିକ କ୍ରୀଡ଼ାରେ ଅଂଶଗ୍ରହଣ କରି ସ୍ୱର୍ଣ୍ଣପଦକ ଜିତି ସମଗ୍ର ବିଶ୍ୱକୁ ଚମତ୍କୃତ କରିପାରିଥିଲା। ୧୯୨୮ରେ ବ୍ରିଟିଶ ଶାସନ ଅଧୀନ ଭାରତବର୍ଷର ଏହି ହକି ଟିମ୍ ବ୍ରିଟିଶ ଇଣ୍ଡିଆ ଟିମ୍ ଭାବେ ନାମିତ ହୋଇଥିଲେ ମଧ୍ୟ ଏହାର ଅଧିନାୟକ ଭାବେ ଏହି ସ୍ୱର୍ଣ୍ଣିମ ଗୌରବର ପ୍ରତିଷ୍ଠାତା ଥିଲେ କୃତବିଦ୍ୟ ଜନଜାତି କ୍ରୀଡ଼ାବିତ୍ ଜୟପାଲ ସିଂ ମୁଣ୍ଡା। ୧୯୦୩ ଜାନୁୟାରୀ ୩ରେ ଝାଡଖଣ୍ଡର ରାଞ୍ଚି ନିକଟବର୍ତ୍ତୀ ଖୁଣ୍ଟି ସବ୍‌ଡିଭିଜନର ପାହାଣଟୋଲି ଗ୍ରାମରେ ସେ ଜନ୍ମଗ୍ରହଣ କରିଥିଲେ। ଅକ୍ସଫୋର୍ଡ ୟୁନିଭର୍ସିଟିରେ ଅଧ୍ୟୟନ କରୁଥିବା ବେଳେ ସେ ଭାରତୀୟ ହକି ଟିମ୍‌ର ସଦସ୍ୟତା ଗ୍ରହଣ କରିଥିଲେ। ୧୯୨୮ରେ ଇଂଲଣ୍ଡରେ ହିଁ ସେ ଭାରତୀୟ ହକି ଟିମ୍‌ର ଅଧିନାୟକ ଭାବେ ମନୋନୀତ ହୋଇଥିଲେ। ଆମଷ୍ଟରଡାମ୍‌ରେ ଅନୁଷ୍ଠିତ ହୋଇଥିଲା ଗ୍ରୀଷ୍ମକାଳୀନ ଅଲିମ୍ପିକ କ୍ରୀଡ଼ା। ଏହି କ୍ରୀଡ଼ାରେ ହଲାଣ୍ଡକୁ ପରାସ୍ତ କରି ଭାରତ ସ୍ୱର୍ଣ୍ଣପଦକ ବିଜୟୀ ହୋଇଥିଲା। ୧୯୩୨ରେ ଲସ୍‌ଏଞ୍ଜେଲ୍ସରେ ଅନୁଷ୍ଠିତ ଅଲିମ୍ପିକ୍ସରେ ଜାପାନକୁ ହରାଇ ସୟେଦ ଲାଲଶାହା ବୁଖାରୀଙ୍କ ଅଧିନାୟକତ୍ୱରେ ଭାରତ ଦ୍ୱିତୀୟ ସ୍ୱର୍ଣ୍ଣପଦକ ବିଜୟୀ ହୋଇଥିଲା। ୧୯୩୬ରେ ବର୍ଲିନ୍‌ରେ ଅନୁଷ୍ଠିତ ଅଲିମ୍ପିକ କ୍ରୀଡ଼ାରେ ଭାରତ ହକି କିମ୍ବଦନ୍ତୀ ମେଜର ଧ୍ୟାନଚାନ୍ଦଙ୍କ ନେତୃତ୍ୱରେ ଜର୍ମାନୀକୁ ପରାସ୍ତ କରି ସ୍ୱର୍ଣ୍ଣପଦକ ହାସଲ କରିଥିଲା। ୧୯୪୮ ଅଲିମ୍ପିକ ଥିଲା ଭାରତ ପାଇଁ ଅବିସ୍ମରଣୀୟ ଓ ଗୌରବମୟ। କାରଣ ସ୍ୱାଧୀନ ଭାରତର ପ୍ରତିନିଧିତ୍ୱ କରିଥିଲା ଭାରତୀୟ ହକି ଟିମ୍। ଲଣ୍ଡନଠାରେ ନିଜ ମାଟିରେ ଇଂଲଣ୍ଡ ପରାଜୟ ବରଣ କରିଥିବା ବେଳେ କିଶନଲାଲଙ୍କ ଅଧିନାୟକତ୍ୱରେ ଭାରତର ଗୌରବପୂର୍ଣ୍ଣ ବିଜୟ ସମଗ୍ର ଦେଶବାସୀଙ୍କ ସ୍ୱାଧୀନତା ପ୍ରାପ୍ତିର ଆନନ୍ଦକୁ ଦ୍ୱିଗୁଣିତ କରିପାରିଥିଲା। ୧୯୫୨ରେ କୁଅଁର ଦିଗ୍‌ବିଜୟସିଂଙ୍କ ଅଧିନାୟକତ୍ୱରେ ହେଲସିଙ୍କିଠାରେ ସ୍ୱର୍ଣ୍ଣପଦକ ବିଜୟୀ ହୋଇଥିଲା। ୧୯୫୬ ଅଲିମ୍ପିକ୍ସରେ ବଲବୀର ସିଂଙ୍କ ନେତୃତ୍ୱରେ ପାକିସ୍ତାନକୁ ହରାଇ ଭାରତ ସ୍ୱର୍ଣ୍ଣପଦକ ବିଜୟୀ ହୋଇଥିଲା। ସ୍ୱାଧୀନ ଭାରତର ଏହା ଥିଲା ହ୍ୟାଟ୍ରିକ ବିଜୟ।

ଅଲିମ୍ପିକ୍ସରେ ସଫଳତା ପରେ ସୁନ୍ଦରଗଡ଼ ଜିଲାର ଜନଜାତି ସମ୍ପ୍ରଦାୟ ମଧ୍ୟରେ ଏହି କ୍ରୀଡା କ୍ରମଶଃ ଲୋକପ୍ରିୟତା ହାସଲ କରିବାକୁ ଲାଗିଲା। ଜନଜାତି ଗ୍ରାମଗୁଡିକରେ ଏହି ଖେଳର ଆଦର ବଢ଼ିଲା। ଫଳରେ ଗ୍ରାମ-ଗ୍ରାମ ମଧ୍ୟରେ ବନ୍ଧୁତ୍ୱପୂର୍ଣ୍ଣ ହକି ପ୍ରତିଯୋଗିତା ମାଧ୍ୟମରେ ମୂଳଦୁଆ ପଡ଼ିଲା। କ୍ରମଶଃ ସୁନ୍ଦରଗଡ ଜନଜାତିଙ୍କ ମଧ୍ୟରେ ଏହାର ଲୋକପ୍ରିୟତା ବୃଦ୍ଧି ପାଇ ଏହି ମାଟିର ହକି ପ୍ରତିଭା ଅନ୍ତର୍ଜାତୀୟ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲା। ସୁନ୍ଦରଗଡ ଜିଲା ସଉନାମୁରା ଗ୍ରାମର ବିଶିଷ୍ଟ ହକି ତାରକା ପଦ୍ମଶ୍ରୀ ଦିଲୀପ ତିର୍କୀ ୨୦୦୪ରେ ଏଥେନ୍ସ ଅଲିମ୍ପିକ୍ସରେ ଭାରତୀୟ ଦଳର ନେତୃତ୍ୱ ନେଇଥିଲେ। ୧୯୯୮ରେ ପୁରୁଷ ବିଶ୍ୱକପ୍ ହକିରେ ଓଡ଼ିଆଙ୍କ ଅଂଶଗ୍ରହଣ ଆରମ୍ଭ ହୋଇଥିଲା। ଓଡ଼ିଶାର ସୁନ୍ଦରଗଡ ଜିଲା ହକି ଖେଳର ଅନ୍ତୁଡ଼ିଶାଳ ଯଥାର୍ଥତାକୁ ପ୍ରତିପାଦିତ କରିପାରିଛି। ହକି ହବ୍ ଭାବେ ବିଶ୍ୱ ଦରବାରରେ ପ୍ରସିଦ୍ଧି ହାସଲ କରିଥିବା ଏହି ଜିଲାର ହକି ଖେଳାଳି ଦିଲୀପ ତିର୍କୀ, ଲାଜରୁସ ବାର୍ଲା ଏବଂ ପରେ ଇଗ୍ନେସ ତିର୍କୀ, ପ୍ରବୋଧ ତିର୍କୀ ମଧ୍ୟ ବିଶ୍ୱକପ୍ ମ୍ୟାଚ ଖେଳିଛନ୍ତି। ହକିର ଏକ ଶତାବ୍ଦୀର ସ୍ୱର୍ଣ୍ଣିମ ଐତିହ୍ୟକୁ ଅନୁଧ୍ୟାନ କଲେ ଜଣାଯାଏ ଓଡ଼ିଶାର ଏକମାତ୍ର ଜିଲା ସୁନ୍ଦରଗଡରୁ ପ୍ରାୟତଃ ୮୫ ଖେଳାଳି ଅଲିମ୍ପିକ, ବିଶ୍ୱକପ୍ ଏବଂ ଅନ୍ତର୍ଜାତୀୟ ଟୁର୍ନାମେଣ୍ଟଗୁଡ଼ିକରେ ଅଂଶଗ୍ରହଣ କରିଛନ୍ତି।

ଓଡ଼ିଶାରେ ଆୟୋଜିତ ୨୦୧୮ ବିଶ୍ୱକପ୍ ହକିରେ ସୁନ୍ଦରଗଡ ଜିଲାର ବୀରେନ୍ଦ୍ର ଲାକ୍ରା ଓ ଅମିତ ରୋହିଦାସ ଅଂଶଗ୍ରହଣ କରିବା ସହିତ ୨୦୨୦ ଟୋକିଓ ଅଲିମ୍ପିକ୍ସରେ ଭାରତୀୟ ହକି ଦଳର ସଦସ୍ୟ ରହି ବ୍ରୋଞ୍ଜ ପଦକ ହାସଲ କରିଛନ୍ତି । ଏହି ଜିଲାର କେବଳ ଯେ ପୁରୁଷ ଖେଳାଳି ହକି ଖେଳି ଅନ୍ତର୍ଜାତୀୟ ସ୍ତରରେ ଜିଲାର ଗରିମାକୁ ବୃଦ୍ଧି କରିଛନ୍ତି ତାହା ନୁହେଁ, ମହିଳା ଖେଳାଳିମାନେ ମଧ୍ୟ ହକିରେ ଦେଶର ପ୍ରତିନିଧିତ୍ୱ କରି ଜିଲା ପାଇଁ ଗୌରବ ଆଣିଛନ୍ତି। ଏହି ଜିଲାର ମହିଳା ଖେଳାଳି ସୁଭଦ୍ରା ପ୍ରଧାନ, ଜ୍ୟୋତି ସୁନୀଲା କୁଲୁ, ବିନିତା ଟପ୍ପୋ, ମୁକ୍ତାପ୍ରଭା ବାର୍ଲା, ଦୀପଗ୍ରେସ୍ ଏକ୍କା, ନମିତା ଟପ୍ପୋ, ସୁନିତା ଲାକ୍ରା, ଲିଲିମା ମିଞ୍ଜ ପ୍ରମୁଖ ନିଜର ପ୍ରଦର୍ଶନ ଜରିଆରେ ଦେଶକୁ ଗୌରବାନ୍ୱିତ କରିଛନ୍ତି। ଏହା ଜିଲାର ହକି ଖେଳ ପ୍ରତି ସମର୍ପିତ ଭାବନାର ଚରମ ନିଦର୍ଶନ। ୨୦୧୮ରେ ବିଶ୍ୱକପ୍‌ର ସଫଳ ଆୟୋଜକ ଓଡ଼ିଶା ଏବେ ୨୦୨୩ର ପୁରୁଷ ହକି ବିଶ୍ୱକପ୍ ଆୟୋଜନ କରିଛି। ସୁନ୍ଦରଗଡ଼ ଜିଲାର ହକି ଖେଳାଳିଙ୍କ ଖେଳ ପ୍ରତି ଅବଦାନର ଫଳଶ୍ରୁତି ସ୍ୱରୂପ ଓଡ଼ିଶା ସରକାରଙ୍କ ପକ୍ଷରୁ ରାଉରକେଲାରେ ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ହୋଇଛି ବୀର ବିର୍ସା ମୁଣ୍ଡା ଷ୍ଟାଡିୟମ। ହକି ଖେଳ ପ୍ରତି ସମସ୍ତଙ୍କ ଉତ୍ସାହ ଓ ଉଦ୍ଦୀପନା ଏହି କ୍ରୀଡ଼ାର ହୃତଗୌରବ ଫେରାଇ ଆଣିବ ବୋଲି ଆତ୍ମପ୍ରତ୍ୟୟ ଜାଗ୍ରତ ହୋଇଛି। ଏହି ଜିଲାର ୨ ଉଦୀୟମାନ ଖେଳାଳି ଅମିତ ରୋହିଦାସ ଓ ନୀଲମ ସଞ୍ଜୀପ ଖେସ ସମ୍ପ୍ରତି ବିଶ୍ୱକପ୍‌ରେ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରୁଛନ୍ତି। ସୁନ୍ଦରଗଡର ହକି କ୍ରୀଡ଼ାର ଗରିମାକୁ ବୃଦ୍ଧିମନ୍ତ କରି ପୁରୁଷ ହକି ଟିମ୍‌ରେ ଅମିତ ରୋହିଦାସ ଉପ-ଅଧିନାୟକ ଓ ମହିଳା ଦଳରେ ଦୀପ୍‌ଗ୍ରେସ ଏକ୍କା ଉପ-ଅଧିନାୟିକା ରହିଛନ୍ତି। ୧୯୭୫ରେ ଭାରତ ବିଶ୍ୱକପ୍ ହକିର ବିଜେତା ହୋଇଥିବା ବେଳେ ୪୭ ବର୍ଷ ହେବ ପଦକ ଲାଭରୁ ବଞ୍ଚିତ ହୋଇଛି। ଚଳିତ ବିଶ୍ୱକପ୍ ହକିରେ ଭାରତ ବିଜୟ ହାସଲ କରୁ ଏହା ପ୍ରତ୍ୟେକ ଭାରତୀୟଙ୍କ କାମନା।

**ଉପସ୍ଥାପନା: ଜୟନାରାୟଣ ମେଣ୍ଡୁଲି**

# ସିରିଜ ଜିତିଲା ଭାରତ



ଉଇକେଟ ନେବା ପରେ ଉଲ୍ଲସିତ ମହମ୍ମଦ ଶାମି।

**ରାୟପୁର,୨୧।୧(ପି.ଟି.)**

ନ୍ୟୁଜିଲାଣ୍ଡ ବିପକ୍ଷ ଦ୍ୱିତୀୟ ଦିନିକିଆ କ୍ରିକେଟ ମ୍ୟାଚକୁ ୮ ଉଇକେଟରେ ଜିତିନେଇଛି ଭାରତ। ଲଗାତର ଦ୍ୱିତୀୟ ମ୍ୟାଚ ଜିତିବା ସହିତ ୩ ମ୍ୟାଚ ବିଶିଷ୍ଟ ସିରିଜକୁ ଆଗୁଆ ଜିତିନେଇଛି ଭାରତ। ଫଳରେ ଇନ୍ଦୋରରେ ଖେଳାଯିବାକୁ ଥିବା ତୃତୀୟ ମ୍ୟାଚଟି ଗୁରୁତ୍ୱହୀନ ହୋଇପଡିଛି। ପ୍ରଥମେ ବ୍ୟାଟିଂ କରିଥିବା ନ୍ୟୁଜିଲାଣ୍ଡ ମାତ୍ର ୧୦୮ ରନ୍‌ରେ ସୀମିତ ରହିଥିବା ବେଳେ ଭାରତ ୨୦.୧ ଓଭରରେ ୨ ଉଇକେଟ ହରାଇ ଆବଶ୍ୟକ ରନ୍ ସଂଗ୍ରହ କରି ନେଇଥିଲା। ଭାରତ ପକ୍ଷରୁ ମହମ୍ମଦ ଶାମି ଘାତକ ବୋଲିଂ କରି ୩ ଉଇକେଟ ନେଇଥିବା ବେଳେ ଅଧିନାୟକ ରୋହିତ ଶର୍ମା ୫୧ ରନ୍ କରିଥିଲେ।

ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ନ୍ୟୁଜିଲାଣ୍ଡ ଭାରତୀୟ ବୋଲରଙ୍କ ମୁକାବିଲା କରିବାରେ ବିଫଳ ହୋଇଥିଲା। ପ୍ରଥମ ଘଣ୍ଟାରେ ରାୟପୁର ପିଚ୍ ବୋଲିଂ ସହାୟକ ରହିଥିଲା। ମହମ୍ମଦ ଶାମିଙ୍କ ନେତୃତ୍ୱରେ ଭାରତୀୟ ବୋଲର ଅଗ୍ନିବର୍ଷୀ ବୋଲିଂ କରିଥିବା ବେଳେ କିୱି ଦଳ ୧୫ ରନରେ ୫ ଜଣ ଟପ୍ ଅର୍ଡର ବ୍ୟାଟରଙ୍କୁ ହରାଇଥିଲା। ଟପ୍-୫ ମଧ୍ୟରେ ଜଣେ ବି ଖେଳାଳି ଦୁଇ ଅଙ୍କ ଛୁଇଁବାରେ ଅସମର୍ଥ ରହିଥିଲେ। ଉଇକେଟକିପର ଗ୍ଲେନ୍ ଫିଲିପ୍ସ ଦଳ ପକ୍ଷରୁ ସର୍ବାଧିକ ୩୬ ରନ୍ କରିଥିଲେ। ଫିଲିପ୍ସ ଓ ଗତ ମ୍ୟାଚର ଶତକ ହାସଲକାରୀ ମାଇକେଲ ବ୍ରେସ୍‌ୱେଲ(୨୨)ଙ୍କ ମଧ୍ୟରେ ଷଷ୍ଠ ଉଇକେଟରେ ୪୧ ରନର ପାର୍ଟନରଶିପ୍ ହୋଇଥିଲା। ପ୍ରଥମ ସ୍ପେଲ୍‌ରେ ଦୁଇ ଉଇକେଟ ନେଇଥିବା ଶାମି ଦ୍ୱିତୀୟ ସ୍ପେଲ୍‌ରେ ଏକ ଶର୍ଟ ବଲରେ ବ୍ରେସ୍‌ୱେଲଙ୍କୁ ଆଉଟ କରିଥିଲେ। ଏହାପରେ ସପ୍ତମ ଉଇକେଟରେ ମିଚେଲ

## ଦ୍ୱିତୀୟ ଦିନିକିଆ

ସାଣ୍ଟନର(୨୭) ଓ ଗ୍ଲେନ ଫିଲିପ୍ସ ଯୋଡିଥିଲେ ୪୭ ରନ୍। ଏହି ୩ ଖେଳାଳିଙ୍କ ବ୍ୟତୀତ କେହି ବି ଦୁଇ ଅଙ୍କ ଛୁଇଁପାରି ନ ଥିଲେ। ସାଣ୍ଟନରଙ୍କୁ ଆଉଟ କରି ହାର୍ଦ୍ଦିକ ପାଣ୍ଡ୍ୟା ଏହି ଭାଗୀଦାରି ଶେଷ କରିଥିଲେ। ପରବର୍ତ୍ତୀ ଓଭରରେ ବଡ ଶଟ୍ ଖେଳିବାକୁ ଯାଇ ସୁନ୍ଦରଙ୍କ ବଲରେ ଫିଲିପ୍ସ ଆଉଟ ହେବା ସହିତ ଅନ୍ତିମ ୫ ଉଇକେଟ ୫ ରନରେ ହରାଇଥିଲା ନ୍ୟୁଜିଲାଣ୍ଡ। ଭାରତ ପକ୍ଷରୁ ମହମ୍ମଦ ଶାମି ୧୮ ରନରେ ୩ ଉଇକେଟ ନେଇଥିବା ବେଳେ ହାର୍ଦ୍ଦିକ୍ ପାଣ୍ଡ୍ୟା ଓ ୱାଶିଂଟନ୍ ସୁନ୍ଦର ଦୁଇଟି ଲେଖାଏ ଉଇକେଟ ନେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶାର୍ଦ୍ଦୂଳ ଠାକୁର, ମହମ୍ମଦ ସିରାଜ ଓ କୁଲଦୀପ ଯାଦବ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ୧୦୯ ରନ୍ ଜବାବରେ ଦୁଇ ଭାରତୀୟ ଓପନର ପ୍ରଥମ ଉଇକେଟରେ ଯୋଡିଥିଲେ ୭୨ ରନ୍। ଅଧିନାୟକ ରୋହିତ ଶର୍ମା ୫୦ ବଲରୁ ୫୧ ରନ୍ କରି ଶିପ୍‌ଲିଙ୍କ ବଲରେ ଲେଗ୍ ବିଫୋର ହୋଇଥିଲେ। ଏହି ଇନିଂସରେ ୭ ଚୌକା ଓ ୨ ଛକା ସାମିଲ ଥିଲା। ବିରାଟ କୋହଲି ୧୧ ରନ୍ କରି ଷ୍ଟମ୍ପ ଆଉଟ ହୋଇଥିବା ବେଳେ ଶୁବମନ ଗିଲ୍(୪୦) ଓ ଇଶାନ କିଶନ(୯) ଦଳକୁ ବିଜୟୀ କରିଥିଲେ। ଗତ ମ୍ୟାଚର ଦ୍ୱିଶତକ ହାସଲକାରୀ ଗିଲ୍ ୫୩ ବଲ୍ ଖେଳି ୬ ଚୌକା ମାରିଥିଲେ। ଘାତକ ବୋଲିଂ ପାଇଁ ଶାମିଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ ଘୋଷଣା କରାଯାଇଥିଲା।

### ସଂକ୍ଷିପ୍ତ ସ୍କୋର

**ନ୍ୟୁଜିଲାଣ୍ଡ:** ନ୍ୟୁଜିଲାଣ୍ଡ ୩୪.୩ ଓଭରରେ ୧୦୮/୧୦ (ଗ୍ଲେନ୍ ଫିଲିପ୍ସ-୩୬, ମିଚେଲ ସାଣ୍ଟନର-୨୭, ମାଇକେଲ ବ୍ରେସ୍‌ୱେଲ-୨୨, ମହମ୍ମଦ ଶାମି-୩/୧୮, ୱାଶିଂଟନ୍ ସୁନ୍ଦର-୨/୭, ହାର୍ଦ୍ଦିକ୍ ପାଣ୍ଡ୍ୟା-୨/୧୬)।

**ଭାରତ:** ୨୦.୧ ଓଭରରେ ୧୧୧/୨ (ରୋହିତ ଶର୍ମା-୫୧, ଶୁବମନ ଗିଲ୍-୪୦*, ବିରାଟ କୋହଲି-୧୧, ହେନ୍‌ରୀ ଶିପ୍‌ଲୀ-୧/୨୯, ମିଚେଲ ସାଣ୍ଟନର-୧/୨୮)।







24x7 Helpline: 77106 44444 | www.sachisaheli.in | Available at all medical & general stores

Orissa S.S. : Orissa Drug Distributor (Cuttack) : 2308926, 2308090, Mahendra Pharma : 06712308204, Angul : 9861121114, 9439138737, Aska : 9437424001, 272476, Balasore : 9040605196, 266871, 9437754792, 9437296785, 260025, 263459, Bamra : 229249, 229266, Barbil : 277283, 9437141103, Bargarh : 9437344300, 9777189794, 233089, Baripada : 9861138256, 9437188717, 9437320602, Begunia (Khurda) : 9437429268, Berhampur : 9437438256, 9438430070, 2250508, 2250732, 2250789, 9437114236, 2250815, 2250741, Bhadrak : 9437215761,Bhawanipatna : 233203, Bhubaneswar : 2530442, 9437353502, 9437359374, 9040057896, 9437307031, 2507586, Bolangir : 9437093264, 235303, Boudh : 9437154867, Cuttack : 9437247237, 6548643, 2530531, 9438480599, Dhenkanal : 223261, 224856, Jagatsingpur : 9437541060, Jajpur Town : 224690, Jaraka : 273230, 9437073032, Jatni : 9437162097, Jeypore : 9437215425, 231405, 232864, 241824, Jharsuguda : 9040747137, 8763776324, 9438641888, 9437050322, 9437250042, Kendrapada : 9668286960, Keonjhar : 256465, 9437136317, 253202, Keshinga : 222059, 9583251313, 9437327273, Khandapada : 7873439046, Khelar : 9437884540, Khurda : 9437230385, Malkangiri : 9437435213, 230906, Nayagarh : 9853101011, Padampur : 9938550551, Panikoili : 9437086941, Paralakhemundi : 222746, Phulbani : 9853525181, Puri : 9937071720, 225819, Rayagada : 9437643418, 222791, 9937060531, Rourkela : 2522187, 9438143234, 2511093, 2501092, 6532369, 2510913, 2509104, Sambalpur : 2540227, 2522075, 2521445, 9937065848, 9437256336, Talcher : 9937060364, Tirtol : 9776355057, Titlagarh : 9437151725, 222385




Exchange any make, any model:

- Free doorstep evaluation
- Best price for your existing car
- Attractive exchange benefits
- Availability of finance options

HYUNDAI

FOR INFORMATION CONTACT: TOLL FREE: 1800114645; BALANGIR: BINOD HYUNDAI, PH: 8117067272; BHUBANESWAR: UTKAL HYUNDAI, PAHAL, PH: 6371750223; RASULGARH, PH: 8093066006; PATIA, PH: 9861455661; ADITYA HYUNDAI, TAMANDO, PH: 7873999645, NAYAGARH, PH: 7873999331; SACHIVALAYA MARG, UNIT IV, PH: 7873999988, LEWIS ROAD, PH: 7873999523; BERHAMPUR: UTKAL HYUNDAI, PH: 9437964843; BALASORE: PREMIER HYUNDAI, PH: 9938449803; BHADRAK, PH: 9938449812; BARIPADA: PREMIER HYUNDAI, PH: 9938449811; CUTTACK: OSL HYUNDAI, PH: 9338104597; PARADEEP, PH: 7077736600; JAGATSINGHPUR, PH: 7077736590; UTKAL HYUNDAI, PH: 9437063221; KEONJHAR, PH: 9937117471, JAJPUR, PH: 7077719045; ROURKELA: KOSHALA HYUNDAI, PH: 7440022333; RAJGANGPUR, PH: 8093598037; BARGARH: SAKAMBARI HYUNDAI, PH: 6370101797; JHARSUGUDA: INFINITY HYUNDAI, PH: 7077011114; SUNDERGARH, PH: 7606003303; JEYPORE: HSPL HYUNDAI, PH: 8480330001; SIMILIGUDA, PH: 8480330001; RAYAGADA, PH: 8480330001; BHAWANIPATNA, PH: 8480330040; UTTARA: ADITYA HYUNDAI, PH: 7873999545, PURI, PH: 7873999980;

Hyundai Promise Certified Pre-Owned Car

To know more, WhatsApp us on 8447228019

*Terms and conditions apply. Visit your nearest Hyundai dealership for more details. Features and specifications as shown may not be part of fitment and are subject to change without prior notice. Car shown here is for representation purpose only. Hyundai urges you to follow traffic rules – these are meant to keep you safe on roads.

1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ